R.N.I. REGN. No. 65000/96 POSTAL REGN. No. OR/BN-32/12-14

ଅଷ୍ଟବିଂଶ ବର୍ଷ
ସଂଖ୍ୟା : ୨୧୪
ତିଥି : ତୃତୀୟା
୧୦ ମେ' ୨୦୨୪, ଶୁକ୍ରବାର
ସମ୍ବଲପୁର
ପୃଷ୍ଠା-୧୨, ମୂଲ୍ୟ- ଟ.୫.୦୦

# ସମୟ


ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXVI, No. 214
10 May 2024, Friday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore

### ବିଜେଡିର ଘୋଷଣାପତ୍ର

# ୨୦୩୪ ସୁଦ୍ଧା ଓଡ଼ିଶା ୧ନଂ ରାଜ୍ୟ



ଭୁବନେଶ୍ୱର, ୯।୫ (ସବ୍ୟୁ) : ଆଗାମୀ ସାଧାରଣ ନିର୍ବାଚନ ଓ ବିଧାନସଭା ନିର୍ବାଚନ ପରିପ୍ରେକ୍ଷୀରେ ବିଜେଡି ତା'ର ଘୋଷଣାପତ୍ର ବା ଇସ୍ତାହାର ପ୍ରକାଶ କରିଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ ବାର୍ତ୍ତା ଜରିଆରେ ଏହି ଇସ୍ତାହାରକୁ ପ୍ରକାଶ କରିଛନ୍ତି । ୨୦୩୪ ସୁଦ୍ଧା ଓଡ଼ିଶା ଦେଶର ୧ନଂ ରାଜ୍ୟ ହେବ ବୋଲି ଉଲ୍ଲେଖ କରାଯିବା ସହ ୧୦୦ ୟୁନିଟ୍ ଯାଏ ବିଜୁଳି ବିଲ୍ ଆସୁଥିବା ପରିବାରକୁ ମାଗଣା ଏବଂ ୧୦୦ରୁ ୧୫୦ ୟୁନିଟ୍ ବ୍ୟବହାର କରୁଥିବା ପରିବାରବର୍ଗଙ୍କ ପାଇଁ ୫୦ ୟୁନିଟ୍ ରିହାତି ମିଳିବ । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ଇସ୍ତାହାର ଓଡ଼ିଶାରେ ଇତିହାସ ଲିପିବଦ୍ଧ କରିବ ।

**୧୦୦ ୟୁନିଟ୍ ପର୍ଯ୍ୟନ୍ତ ବିଦ୍ୟୁତ୍ ମାଗଣା**

**ବିଏସ୍‌କେୱାଇରେ ସାମିଲ ହେବେ ମଧ୍ୟବିତ୍ତ**

**୨୦ ଲକ୍ଷ ପର୍ଯ୍ୟନ୍ତ ଗୃହ ଋଣ ଉପରେ ସୁଧ ରିହାତି**

**ନୂଆଓ ବୃତ୍ତିରେ ଝିଅଙ୍କୁ ୧୪ ହଜାର, ପୁଅଙ୍କୁ ୧୨ ହଜାର**

**ଯୁବକଙ୍କ ପାଇଁ ୧୦ ବର୍ଷରେ ୧ ଲକ୍ଷ କୋଟିର ପୃଥକ୍ ବଜେଟ୍**

ଗତ ୨୪ ବର୍ଷ ମଧ୍ୟରେ, ବିଜେଡି ସରକାର ଓଡିଶାକୁ ଏକ ଗରିବ, କ୍ଷୁଧା ପ୍ରବଣ, ପ୍ରାକୃତିକ ବିପର୍ଯ୍ୟୟ ଦ୍ୱାରା କବଳିତ । ପଛୁଆ ରାଜ୍ୟରୁ ଆଧୁନିକ ଅଭିବୃଦ୍ଧି ଭିତ୍ତିକ, ସଂସ୍କୃତି ଏବଂ ଅସ୍ମିତାର ପରିଚୟ ଭିତ୍ତିକ ରାଜ୍ୟରେ ପରିଣତ କରିପାରିଛି । ପ୍ରଭୁ ଜଗନ୍ନାଥଙ୍କ କୃପା ଏବଂ ଜନସାଧାରଣଙ୍କ ଆଶୀର୍ବାଦ ସହିତ, ଏହି ଲୋକାଭିମୁଖୀ ମନିଫେଷ୍ଟୋରେ ଉପସ୍ଥାପିତ ହୋଇଥିବା ଗ୍ୟାରେଣ୍ଟିଗୁଡିକ ୫ଟି ଗଭର୍ନାନ୍ସ ମାଧ୍ୟମରେ କାର୍ଯ୍ୟକାରୀ ହେବ ଏବଂ ଓଡିଶା ଗଠନର ଶହେ ବର୍ଷ ପାଳନ କରିବାର ୨ ବର୍ଷ ପୂର୍ବରୁ ୨୦୩୪ ସୁଦ୍ଧା ଓଡିଶାକୁ ସମସ୍ତଙ୍କ ସହଯୋଗ ଓ ଦୃଢ ନେତୃତ୍ୱ ବଳରେ ସମସ୍ତ କ୍ଷେତ୍ରରେ ଅଭିବୃଦ୍ଧି ଏବଂ ବିକାଶରେ ଏକ ନମ୍ବରରାଜ୍ୟର ମାନ୍ୟତା ପ୍ରଦାନ କରିବ ।

ଆମର ଯୁବକ ହିଁ ଓଡିଶାର ସଫଳତାର କାହାଣୀ ଲେଖିବେ ଏକନମ୍ବର ରାଜ୍ୟର ଭବିଷ୍ୟତ ଲେଖିବା ପାଇଁ ସେମାନଙ୍କୁ ସଶକ୍ତ ଓ ସମୃଦ୍ଧ କରାଯିବ । ଓଡିଶାର ଯୁବକମାନଙ୍କ (୯ ପୃଷ୍ଠାରେ)

## ଆଜି ଭୁବନେଶ୍ୱରରେ ମୋଦିଙ୍କ ରୋଡ୍ ଶୋ'

ଭୁବନେଶ୍ୱର, ୯।୫ (ସବ୍ୟୁ) : ଆସନ୍ତାକାଲି ପ୍ରଚାର ପାଇଁ ଓଡ଼ିଶା ଆସୁଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ତାଙ୍କର ଏହି ଦୁଇଦିନିଆ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମରେ ଭୁବନେଶ୍ୱରରେ ରୋଡ୍ ଶୋ ରହିଛି । ପ୍ରଧାନମନ୍ତ୍ରୀ ଆସନ୍ତାକାଲି ସନ୍ଧ୍ୟାରେ ଭୁବନେଶ୍ୱରରେ ପହଞ୍ଚିବା ପରେ ଏକ ରୋଡ୍ ଶୋରେ ଯୋଗଦେବେ । ସନ୍ଧ୍ୟା ୬.୩୦ରୁ ବିଜେପି ରାଜ୍ୟ କାର୍ଯ୍ୟାଳୟରୁ ଏହି ରୋଡ୍ ଶୋ ବାହାରି ବାଣୀବିହାରରେ ପହଞ୍ଚିବ । ଏଥିପାଇଁ ଦଳ ପକ୍ଷରୁ ସମ୍ପୂର୍ଣ୍ଣ ପ୍ରସ୍ତୁତି ଶେଷ ହୋଇଛି ।

ଆସନ୍ତା ୧୧ ତାରିଖ ସକାଳ ୯.୩୦ରେ କନ୍ଧମାଳ (୯ ପୃଷ୍ଠାରେ)

## ସାଧାରଣରେ ଖୋଲା ବିତର୍କ କରନ୍ତୁ ମୋଦି-ରାହୁଲ

ନୂଆଦିଲ୍ଲୀ, ୯।୫ : ୨୦୨୪ ଲୋକସଭା ନିର୍ବାଚନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ରାହୁଲ ଗାନ୍ଧିଙ୍କ ମଧ୍ୟରେ ସର୍ବସାଧାରଣରେ ବିତର୍କ ହେଉ । ଉଭୟେ ସେମାନଙ୍କ ଆଭିମୁଖ୍ୟ ରଖନ୍ତୁ । ଏନେଇ କେତେକ ଅବସରପ୍ରାପ୍ତ ବିଚାରପତି ଓ ବରିଷ୍ଠ ସାମ୍ବାଦିକମାନେ ଉଭୟଙ୍କୁ ନିମନ୍ତ୍ରଣ କରିଛନ୍ତି । ଜଷ୍ଟିସ୍ ମଦନ ବି ଲୋକୁର, ଏପି ଶାହା ଓ ସାମ୍ବାଦିକ ଏନ୍ ରାମ୍ ଏହି ପ୍ରସ୍ତାବ ଦେଇଛନ୍ତି ।

ସେମାନେ ଉଲ୍ଲେଖ କରିଛନ୍ତି ଯେ ଲୋକ ଏବେ କେବଳ ଅଭିଯୋଗ ଓ ଆହ୍ୱାନ ଉଭୟ ପକ୍ଷର ଶୁଣୁଛନ୍ତି । (୯ ପୃଷ୍ଠାରେ)








## ସୋସିଆଲ କୋଟ୍ସ



ଜନ୍ ଆବ୍ରାହମ୍ କେବେ ବି ମୋ ଗର୍ଲଫ୍ରେଣ୍ଡ ଛଡାଇ ନେଇ ନାହାନ୍ତି । ବ୍ରେକଅପ ପରେ ବିପାଶା ବସୁ ବର୍ଷେ ପର୍ଯ୍ୟନ୍ତ ସିଙ୍ଗଲ୍ ଥିଲେ । ଯାହାପରେ ସେ ଜନ୍‌ଙ୍କୁ ଡେଟ୍ କରିଥିଲେ ।

**ଡିନୋ ମାରିଆ, ଅଭିନେତା**



ପ୍ରିୟ ସଙ୍ଗୀତ ଶିବନ ଆପଣ ଫିଲ୍ମ ନିର୍ଦ୍ଦେଶନା କ୍ଷେତ୍ରରେ ନିଜର ଏକ ଗଭୀର ଛାପ ଛାଡିଛନ୍ତି । ଆପଣ ମୋ ପାଇଁ କେବଳ ଜଣେ ସାଙ୍ଗ ନୁହେଁ ଭାଇ ମଧ୍ୟ ।

**ମୋହନ ଲାଲ, ସୁପରଷ୍ଟାର**



ଯେତେବେଳେ ମୋ ରୋଗ ବିଷୟରେ ଜଣାପଡିଲା ସେତେବେଳେ ଗୋଲ୍ଡିଙ୍କୁ ଖୁବ କଷ୍ଟ ହୋଇଥିଲା । ମୁଁ ମଧ୍ୟ ସକ୍‌ରେ ଥିଲି । ଏହି ରୋଗ ଖୁବ ଡରାଇଥିଲା ।

**ସୋନାଲୀ ବେନ୍ଦ୍ରେ, ଅଭିନେତ୍ରୀ**

## ଇତିହାସ

୧୫୦୩ – ଇଟାଲୀର ଆବିଷ୍କାରକ ଏବଂ ନାବିକ କଲମ୍ବସ କାୟମାନ ଦ୍ୱୀପର ଆବିଷ୍କାର କରିଥିଲେ ।

୧୬୫୫– ବ୍ରିଟିଶ ସେନା ଜମୈକା ଉପରେ କବ୍ଜା କରିଥିଲେ ।

୧୭୪୪ – ଲୁଇ ୧୬ତମ ଫ୍ରାନ୍ସର ରାଜା ଭାବେ ଦାୟିତ୍ୱ ନେଇଥିଲେ ।

୧୭୯୬ – ନେପୋଲିୟନଙ୍କ ଦ୍ୱାରା ଅଷ୍ଟ୍ରିଆ ପରାସ୍ତ ।

୧୮୫୭ – ଇଷ୍ଟଇଣ୍ଡିଆ କମ୍ପାନୀ ବିରୋଧରେ ସିପାହୀ ବିଦ୍ରୋହର ଆରମ୍ଭ ହୋଇଥିଲା ।

୧୮୯୩ – ଲଣ୍ଡନରେ ଇମ୍ପିରିଆଲ ଅର୍ଗାନାଇଜେସନ୍‌ର ଆରମ୍ଭ ।

## ଅକ୍ଷୟ ତୃତୀୟା



ସବୁ ଅନୁକୂଳର ପର୍ବ ଅକ୍ଷୟ ତୃତୀୟା । ବୈଶାଖ ମାସ ଶୁକ୍ଲପକ୍ଷ ତୃତୀୟା ଦିନଟି ଅକ୍ଷୟ ତୃତୀୟା ଭାବେ ପରିଚିତ । କୃଷକମାନେ ଏହାକୁ ବଡ଼ ଶୁଦ୍ଧି ଓ ସିଦ୍ଧିର ଦିବସ ଭାବେ ପାଳନ କରିଥାନ୍ତି । କୃଷକ ଏହି ଦିନ ଅମୃତ ବେଳାରେ ଅକ୍ଷିମୁଠି (ଅକ୍ଷୟମୁଠି) ଅନୁକୂଳ କରି କୃଷିକାର୍ଯ୍ୟର ଶୁଭାରମ୍ଭ କରିଥାଏ ।


ଶୁଭଦିନ ଭାବେ ମନେକରି ଏହିଦିନ ଗୃହନିର୍ମାଣ, ନିର୍ବନ୍ଧ, ବିବାହ, ଉପନୟନ ପ୍ରଭୃତି ଶୁଭକର୍ମ ଅନୁଷ୍ଠିତ ହୁଏ । ଚାଷୀ ନିଜ ସ୍ତ୍ରୀଠାରୁ ହଳଦୀ, ଚନ୍ଦନ, ସିନ୍ଦୂରବୋଳା ଧାନ ବିହନପୂର୍ଣ୍ଣ ନୂଆ ଗଉଣିକୁ ଶଙ୍ଖ ହୁଳହୁଳି ମଧ୍ୟରେ ମୁଣ୍ଡରେ ଥୋଇ ଏବଂ ଅନ୍ୟ ଏକ ନୂତନ ଟୋକେଇରେ ପିଠା ନେଇ ହଳଲଙ୍ଗଳ ଧରି କ୍ଷେତକୁ ଯାଏ । ସେଠାରେ ଲକ୍ଷ୍ମୀ ଠାକୁରାଣୀଙ୍କୁ ଭୋଗଦେଇ ଉକ୍ତ ନୈବେଦ୍ୟ କିଆରୀର ଈଶାଣ କୋଣରେ ପୋତି ହଳ ବୁଲାଏ ଓ ମୁଠାମୁଠା ବିହନ କିଆରୀରେ ବୁଣେ । ଏହାକୁ ଅକ୍ଷିମୁଠି କହନ୍ତି । ସେହିପରି ଏହି ଦିନ ଓଡିଆଙ୍କ ଇଷ୍ଟଦେବ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ୪୨ ଦିନ ବ୍ୟାପି ଚାଲିବାକୁ ଥିବା ଚନ୍ଦନ ଯାତ୍ରାର ଶୁଭାରମ୍ଭ ହୋଇଥାଏ । ପ୍ରଭୁଙ୍କୁ ପ୍ରଚଣ୍ଡ ଖରାରୁ ଉପଶମ ଦେବା ଲାଗି ନରେନ୍ଦ୍ର ପୁଷ୍କରିଣୀରେ ଚାପ ଖେଳନ୍ତି ମହାପ୍ରଭୁ । କୁହାଯାଏ ଆଜିର ଦିନରେ ସତ୍ୟଯୁଗର ଆରମ୍ଭ ହୋଇଥିଲା । ବେଦବ୍ୟାସ ଏବଂ ପ୍ରଭୁ ଶ୍ରୀ ଗଣେଶ ଆଜିର ଦିନରେ ମହାଭାରତ ଲେଖିବା ଆରମ୍ଭ କରିଥିଲେ । ନୂଆ ଗହଣା କିଣିବା, ନୂଆ କରି ବ୍ୟବସାୟ ଆରମ୍ଭ କରିବା ଆଦି ଏହି ଦିନରେ ଆରମ୍ଭ କରିବା ଦ୍ୱାରା ଏହା ଶୁଭ ହୋଇଥାଏ ବୋଲି ବିଶ୍ୱାସ ରହିଛି । ଏହା ସହ ଘରକୁ ସୁଖ-ସମୃଦ୍ଧି ଆସିଥାଏ । ଏହି ତିଥିରେ ଶ୍ରୀଜୀଉମାନଙ୍କର ରଥନିର୍ମାଣ ପାଇଁ ଅନୁକୂଳ କରାଯାଏ । ତନ୍ତ୍ରବିଧି ଅନୁସାରେ ମହାକାଳୀ ମନ୍ତ୍ରରେ ପୂଜିତ କୁରାଢି ଲଗାଇ ବନଯୋଗହୋମର ଆଚାର୍ଯ୍ୟ ତଥା ଦେଉଳ ପୁରୋହିତ ରଥନିର୍ମାଣର ଶୁଭାରମ୍ଭ କରିଥାନ୍ତି । ତାଳଧ୍ୱଜ, ଦେବଦଳନ ଓ ନନ୍ଦିଘୋଷ ରଥ ପାଇଁ ଉଦ୍ଦିଷ୍ଟ ଗୋଟିଏ ଧଉରା କାଠ ଗଣ୍ଡିରେ କୁରାଢି ସ୍ପର୍ଶ କରାଯାଇଥାଏ ଛଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପରେ ଶ୍ରୀଜୀଉଙ୍କ ଆଜ୍ଞାମାଳ ଚନ୍ଦନ ଠାକୁରଙ୍କ ସହ ପଟୁଆରରେ ରଥଖଳାକୁ ଆସିଥାଏ । ଏହାକୁ ତିନିଜଣ ପୂଜାପଣ୍ଡା ଆଣିଥାନ୍ତି । ଶ୍ରୀଜଗନ୍ନାଥ ମନ୍ଦିର ସମ୍ମୁଖସ୍ଥ ରଥଖଳାରେ ଶ୍ରୀମନ୍ଦିର ପୁରୋହିତ, ରାଜଗୁରୁ ଓ ଶ୍ରୋତ୍ରୀୟ ବ୍ରାହ୍ମଣମାନେ ବନଯୋଗ ପୂଜା ସମ୍ପାଦନା କରିବାର ବିଧି ରହିଛି । ରୂପକାର, କମାର, ଚିତ୍ରକର, ଭୋଇ, ଅମୀନସେବକମାନଙ୍କ ଉପସ୍ଥିତିରେ ବିଶ୍ୱକର୍ମାଙ୍କ ଶାଢୀବନ୍ଧା ନୀତି ପାଳିତ ହୁଏ । ରଥ ସଂହିତା ଓ ଶିଳ୍ପଶାସ୍ତ୍ର ଅବଲମ୍ବନରେ ରଥନିର୍ମାଣ କରାଯାଏ । ଏଥିରେ ୧୧୩୯ ଖଣ୍ଡ କାଠଲାଗିଥାଏ । ସେହି କାଠଗୁଡିକ ହେଲା ଫାସି, ଅସନ, ଧଉରା, ଶିମିଳି, ପାଳଧୂଆ, ମହାନିମ୍ବ, ଗମ୍ଭାରୀ, ମଇ, କଦମ୍ବ, ଦେବଦାରୁ ଇତ୍ୟାଦି । ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନର କର୍ମଚାରୀ ରଥଖଳାରେ ଉପସ୍ଥିତ ରହି ଏହି କାର୍ଯ୍ୟ ସୁରୁଖୁରରେ ହେବାରେ ସାହାଯ୍ୟ କରିଥାନ୍ତି । ବାହାର ଚନ୍ଦନ ଯାତ୍ରାର ଶେଷଦିନ ରଥ ଅଖରେ ଚକ ଲାଗେ ।


**ବିଶ୍ୱବିଜୟୀ ଦାଶ**
ଫୋନ ନଂ– ୬୩୭୦୨୦୮୪୨୮




## ମୃତ୍ୟୁପରେ ରହିବେ ଡିଜିଟାଲି ଜୀବନ୍ତ

ବର୍ତ୍ତମାନ ଏଆଇ ଓ ବିଜ୍ଞାନକୁ ବ୍ୟବହାର କରି ବିଭିନ୍ନ ନୂତନ କଥାର ଉଦ୍ଭାବନ ହେଉଛି । ଏହି ତାଲିକା ଢେର ଲମ୍ବା । ତେବେ ଏଥିରେ ଜଣେ ଭାରତୀୟ ବୈଜ୍ଞାନିକ କିଛି ନୂଆ ଯୋଡିଛନ୍ତି । ଆମେରିକାରେ ରହୁଥିବା ଭାରତୀୟ କମ୍ପ୍ୟୁଟର ବୈଜ୍ଞାନିକଙ୍କ ଦାବି ଅନୁସାରେ ଖୁବ ଶୀଘ୍ର ମାନବମାନଙ୍କର ଚେତନା ଶକ୍ତିକୁ କମ୍ପ୍ୟୁଟରରେ ଅପଲୋଡ କରାଯାଇ ପାରିବ । ଏଥିପାଇଁ ଲୋକଙ୍କୁ ନିଜ ପ୍ରିୟ ବ୍ୟକ୍ତିଙ୍କର କଥା ଓ ଭିଡିଏ ରେକର୍ଡିଂ କରିବାକୁ ସେ ପରାମର୍ଶ ଦେଇଛନ୍ତି । ଡାକ୍ତର ପ୍ରତୀକ ଦେଶାଇଙ୍କ ମତରେ ୨ଡି, ୩ଡି ହୋଲଗ୍ରାମ ଓ ଏଆଇର ସାହାଯ୍ୟରେ ଲୋକଙ୍କୁ ପୁଣିଥରେ ଡିଜିଟାଲି ଜୀବନ୍ତ କରାଯାଇପାରିବ । ସେ ଏହାର ଉଦାହରଣ ହଲିଉଡ ଫିଲ୍ମରେ ଦର୍ଶାଯାଇଛି ବୋଲି ମତ ଦେଇଛନ୍ତି । ଏହି ପ୍ରକ୍ରିୟା କରିବା ପାଇଁ ପ୍ରଥମେ ଆମକୁ ଆମ ପ୍ରିୟ ବ୍ୟକ୍ତିଙ୍କ ସମ୍ପର୍କିତ ସମସ୍ତ ତଥ୍ୟ ଏଆଇ ସିଷ୍ଟମରେ ଫିଡ୍ କରିବାକୁ ହେବ । ମରିଥିବା ବ୍ୟକ୍ତିଙ୍କର ଏକ ଅବତାର ଡିଜାଇନ କରାଯିବ । ଏହାପରେ ଏହି ଅବତାର ସହ ଏଆଇର ସାହାଯ୍ୟରେ କଥା ହେଇହେବ । ଏହି କମ୍ପ୍ୟୁଟର ବୈଜ୍ଞାନିକଙ୍କର ଦାବି ବର୍ତ୍ତମାନ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି ।



## ହୀରାମଣ୍ଡି ବେଷ୍ଟ ଚଏସ୍

ନିକଟରେ ରିଲିଜ୍ ହୋଇଛି ସଞ୍ଜୟ ଲିଲା ଭଂସାଲୀଙ୍କ ୱେବ୍ ସିରିଜ୍ ହୀରାମଣ୍ଡି । ଏହାର ଷ୍ଟାର କାଷ୍ଟଙ୍କୁ ନେଇ ଖୁବ ଚର୍ଚ୍ଚା ହେଉଛି । ସେହିଭଳି ଦର୍ଶକଙ୍କ ରିଆକସନ୍ ମିଳିବା ପରେ ଏଥିରେ ଅଭିନୟ କରିଥିବା ହିରୋଇନ୍‌ମାନେ ମଧ୍ୟ ଏହାକୁ ବେଷ୍ଟ ଚଏସ କହିବାରେ ଲାଗିଛନ୍ତି । ନିକଟରେ ସୋନାକ୍ଷୀ ସିହ୍ନା ନିଜ କ୍ୟାରିୟରର ବେଷ୍ଟ ଚଏସ୍ ବୋଲି ହୀରାମଣ୍ଡିକୁ କହିଛନ୍ତି । ଏଥିରେ ତାଙ୍କର ଚରିତ୍ର ଫରିଦନ ଓ ରିହାନା ବେଶ୍ ହଟକେ ଥିଲା । ଯାହା କରିବାରେ ତାଙ୍କୁ ଖୁବ ମଜା ଲାଗିଥିବା ସେ ପ୍ରକାଶ କରିଛନ୍ତି । ଏଥିରେ ସୋନାକ୍ଷୀଙ୍କୁ ଡବଲ ରୋଲରେ ଦେଖିବାକୁ ମିଳିଛି । ସଞ୍ଜୟ ଲିଲା ଭଂସାଲୀଙ୍କ ନିର୍ଦ୍ଦେଶନାକୁ ମଧ୍ୟ ସୋନାକ୍ଷୀ ଖୁବ ପ୍ରଶଂସା କରିଛନ୍ତି । ତାଙ୍କ ନିର୍ଦ୍ଦେଶନାରେ କାମ କରି ଅଭିନୟ ବିଷୟରେ ଅନେକ କିଛି ଶିଖିଛନ୍ତି ବୋଲି ସୋନାକ୍ଷୀ ମତ ଦେଇଛନ୍ତି ।

## ଟ୍ରେଣ୍ଡି ଫ୍ୟାଶନ

**ବର୍ତ୍ତମାନ ଫ୍ୟାଶନ କହିଲେ କେବଳ ଟ୍ରେଣ୍ଡକୁ ହିଁ ବୁଝାଉଛି । ଏବେ ଖରାଦିନ ଚାଲୁଥିବାରୁ ଫ୍ୟାଶନର ମଧ୍ୟ ନୂଆ ଟ୍ରେଣ୍ଡ୍ ଦେଖିବାକୁ ମିଳିଛି । ଯେଉଁଥିରେ ବିଭିନ୍ନ ପ୍ରକାର ଡ୍ରେସ ସହ କଲର ମଧ୍ୟ ଟ୍ରେଣ୍ଡରେ ରହୁଛି । ତେବେ ଆସନ୍ତୁ ଜାଣିବା ୨୦୨୪ର ଫ୍ୟାଶନ ଟ୍ରେଣ୍ଡ୍ ବିଷୟରେ ।**




**ଲୋୟର ରାଇଜ୍ ୱେଷ୍ଟ–** ନାଇଣ୍ଟିଜର ଫେବରିଟ୍ ଲୋ– ସ୍ଲଙ୍ଗ ୱେଷ୍ଟ ପୁଣିଥରେ ଟ୍ରେଣ୍ଡ୍‌କୁ ଆସିଛି । ଏହା ବର୍ତ୍ତମାନ ଜିନ୍ସ ଠାରୁ ଆରମ୍ଭ କରି ସମସ୍ତ ପ୍ୟାଣ୍ଟରେ ଏହି ଷ୍ଟାଇଲ ଟ୍ରେଣ୍ଡ୍ ହେଉଥିବାର ଦେଖିବାକୁ ମିଳିଛି । ତେଣୁ ଏବେ ନିଜର ସମର ଲୁକକୁ ଏକ ହାଇୱେଷ୍ଟ ପ୍ୟାଣ୍ଟ୍ ଓ କ୍ରପ ଟପ ସହିତ ପେୟାର କରନ୍ତୁ । ଏହା ଆପଣଙ୍କୁ ଏକ ଗ୍ଲାମର ଲୁକ୍ ଦେବ ।

**ଫ୍ଲାୱାର ପାୱାର–** ଫ୍ଲାୱାର ପ୍ରିଣ୍ଟ ସବୁବେଳେ ଟ୍ରେଣ୍ଡରେ ରହିଥାଏ । ଏହା ଉଭୟ ପୁରୁଷ ଓ ମହିଳାଙ୍କ ପାଇଁ ମଧ୍ୟ ହୋଇଥାଏ । ତେଣୁ ବର୍ତ୍ତମାନ ଏହାର ଟ୍ରେଣ୍ଡ୍ ପୁଣି ଫେରିଛି । ସାର୍ଟ ଠାରୁ ଆରମ୍ଭ କରି ଟପ୍ସ ଓ ଅନେକ କିଛି କାଟାଗୋରୀରେ ଆପଣ ଫ୍ଲୋରାଲ ଡିଜାଇନକୁ ଟ୍ରାଏ କରିପାରିବେ । ଡିନର ଅକେଜନ୍ ହେଉ କିମ୍ବା କୌଣସି ବିଚ୍ ପାର୍ଟି ସବୁ ସ୍ଥାନରେ ଏହା ଆପଣଙ୍କୁ ଏକ ନୂଆ ଲୁକ ଦେବ । ଏହାକୁ ବର୍ତ୍ତମାନ ଅନେକ ସେଲିବ୍ରିଟି କ୍ୟାରୀ କରୁଥିବାର ଦେଖିବାକୁ ମିଳୁଛି ।

**ସିର୍‌ଜଏ–** ସିର୍‌ଜଏ ଫାବ୍ରିକ୍ ଅନେକ ଦିନରୁ ସମସ୍ତଙ୍କର ଫେବରିଟ୍ । ଏହି ଆଉଟଫିଟକୁ ଆପଣ ଯେକୌଣସି ବି ଫଙ୍କସନ, ପାର୍ଟିରେ ପିନ୍ଧିପାରିବେ । ଏଥିରେ ହେମିଲାଇନ୍ସ ଓ ପ୍ଲଙ୍ଗି ନେକର ଚାହିଦା ବହୁତ ଅଧିକ । ବର୍ତ୍ତମାନ ଏହା ଅନେକ ପାର୍ଟି ପଙ୍କସନରେ ଟ୍ରେଣ୍ଡ୍‌ରେ ରହିଛି ।

**ପାର୍ଟି ବ୍ୟାଗ୍–** ପାର୍ଟିରେ ଡ୍ରେସ ସହ ବ୍ୟାଗର ମଧ୍ୟ ଅଧିକ ଚାହିଦା ରହିଥାଏ । ନିଜକୁ ଏକ ଟ୍ରେଣ୍ଡି ଲୁକ୍ ଦେବା ପାଇଁ ଚାହୁଁଥିଲେ ଏହି ବ୍ୟାଗ ଏକ ଭଲ ଅପସନ୍ । ଏହାର ଡିଜାଇନ୍ ଓ ଲୁକ ବେଶ ଆଟ୍ରାକ୍ଟିଭ୍ ହୋଇଥାଏ । ଏହାକୁ ପ୍ଲାଷ୍ଟିକ ପାର୍ଟି ବ୍ୟାଗ ମଧ୍ୟ କହିଥାଆନ୍ତି । ଏହା ବିଭିନ୍ନ ରଙ୍ଗରେ ମିଳିଥାଏ, ଯାହାକୁ ଆପଣ ନିଜର କୌଣସି ଡ୍ରେସ ସହ ମ୍ୟାଚ କରି କ୍ୟାରୀ କରିପାରିବେ ।



**କୋବାଲ୍ଟ ବ୍ଲୁ–** କେବଳ ଡ୍ରେସ କି ବ୍ୟାଗ ନୁହେଁ ଏଥରର ଫ୍ୟାଶନରେ ଟ୍ରେଣ୍ଡରେ ରହିଛି କୋବାଲ୍ଟ ବ୍ଲୁଅଲ୍ସ କଟାକଲର । ଏହାକୁ ୟୁଥମାନେ ବେଶି ଚୁଜ୍ କରୁଥିବାର ଦେଖିବାକୁ ମିଳୁଛି । ଅନେକ ଦିନ ଧରି ଏହା ଫ୍ୟାଶନର ଫ୍ରଣ୍ଟରୋରେ ରହିଛି । ଏହି ରଙ୍ଗରେ ଜାକେଟ୍, ସ୍କର୍ଟ ଏପରିକି ବୁଟ ମଧ୍ୟ ରହିଛି । ଏହା ସମସ୍ତଙ୍କୁ ବେଶ ପସନ୍ଦ ଆସିବା ସହିତ ଟ୍ରେଣ୍ଡରେ ମଧ୍ୟ ରହୁଛି ।

**ସମର ବ୍ଲାକ–** ସବୁଠାରୁ ଅଧିକ ଟ୍ରେଣ୍ଡରେ ରହିଛି ସମର ବ୍ଲାକ୍ । ସାଧାରଣତଃ କଳା ରଙ୍ଗ ଖରାଦିନେ ପିନ୍ଧନ୍ତି ନାହିଁ । ହେଲେ ବର୍ତ୍ତମାନ ସମର ବ୍ଲାକ ଟ୍ରେଣ୍ଡରେ ରହିଛି । ତେବେ ଏହି ସମର ବ୍ଲାକ ସାଧାରଣତଃ କଳା ରଙ୍ଗଠାରୁ ଟିକେ ଫିକା ହେଲେ ଏହା ବର୍ତ୍ତମାନ ୨୦୨୪ରେ ଫ୍ୟାଶନର ଟ୍ରେଣ୍ଡ ପାଲଟିଛି ।

## ଫୁଡ୍ ଫ୍ରିଡମ୍

**ଆଜିକାଲିର ଫିଟନେସ୍ ଫ୍ରିକ୍ ଦୁନିଆରେ ଡାଏଟିଂର ଚାହିଦା ଢେର ଅଧିକା ରହିଛି । ତେବେ ଏହି ଡାଏଟିଂ କ୍ରେଜ ଭିତରେ ବର୍ତ୍ତମାନ ଫୁଡ ଫ୍ରିଡମ ଟ୍ରେଣ୍ଡ କରିବାରେ ଲାଗିଛି । ଆସନ୍ତୁ ଜାଣିବା କ'ଣ ଏହି ଫୁଡ୍ ଫ୍ରିଡମ୍ ।**

**ଖାଦ୍ୟ ସ୍ୱାଧୀନତାର ଅର୍ଥ–** ଫୁଡ୍ ଫ୍ରିଡମ ବା ଖାଦ୍ୟ ଖାଇବାର ସ୍ୱାଧୀନତା । ଏହାର ଅର୍ଥ ନିଜକୁ ପସନ୍ଦ ଥିବା ଯେକୌଣସି ଖାଦ୍ୟ ଖାଇବା । ଏହାର ଅର୍ଥ ଅନେକ ଦିନରୁ ଚାଲିଆସିଥିବା ଡାଏଟିଂ କଲଚରକୁ ଏକ ଭିନ୍ନ ଦିଗରେ ନେବା । ଏହି ପ୍ରୋସେସରେ ଖାଦ୍ୟ ସହ ଏକ ଜଜମେଣ୍ଟ୍ ଫ୍ରି ରିଲେସନସିପ୍ ତିଆରି କରିବା । ଏହି ପ୍ରୋସେସରେ ଦୁଇଟି ଫିଲୋସଫି କାମ କରିଥାଏ ଯଥା ଇନଟୁଏଟିଭ୍ ଇଣ୍ଟିଙ୍ଗ୍ ଓ ମାଇଣ୍ଡଫୁଲ୍ ଇଟିଙ୍ଗ୍ । ଏହି ଦୁଇଟି ପ୍ରକ୍ରିୟା ଦ୍ୱାରା ଆମେ ଯେକୌଣସି ଖାଦ୍ୟକୁ ଯେ କୌଣସି ପରିମାଣରେ ଖାଇପାରିଥାଉ । ଏହାଦ୍ୱାରା ଆମେମାନଙ୍କୁ ମାନସିକ, ଶାରୀରିକ ସ୍ତରରେ ଖୁସି ମିଳିଥାଏ । ତେବେ ଏହାର ଅର୍ଥ ନୁହେଁ ଅନହେଲ୍‌ଦି ଇଟିଙ୍ଗକୁ ପ୍ରୋତ୍ସାହିତ କରିବା । ଏହି ପ୍ରକ୍ରିୟାକୁ ଭଲଭାବେ ବୁଝି ଫଲୋ କରିବା ଦ୍ୱାରା ଏହାର ଫାଇଦା ମିଳିଥାଏ ।

**ପ୍ରଭାବ–** ବର୍ତ୍ତମାନ ଡାଏଟ କଲ୍ଚର ଆମ ସୋସାଇଟିରେ ସବୁସ୍ଥାନରେ ଦେଖିବାକୁ ମିଳୁଛି । ଅନେକ ସମୟରେ ଲୋକମାନେ ଖାଇବା ପୂର୍ବରୁ ଓ ପରେ କ୍ୟାଲୋରୀ କାଉଣ୍ଟ କରୁଥିବାର ଦେଖିବାକୁ ମିଳିଥାଏ । ସେହିଭଳି ଓଜନ ହ୍ରାସ କରିବା ଯେପରି ଆଜିକାଲି ଏକ ଟ୍ରେଣ୍ଡରେ ପରିଣତ ହୋଇଛି । ୱେଟ ଲସ୍ ପାଇଁ ଡାଏଟିଂକୁ ଅନେକ ଦିନରୁ ବ୍ୟବହାର କରାଯାଉଛି । ତେବେ ଏଭଳି କେତେକ ଡାଏଟିଂ ରହିଛି, ଯାହା ଦ୍ୱାରା ଆମେ ଅନେକ ସମସ୍ୟାରେ ମଧ୍ୟ ପଡିଥାଉ । ଯେପରି କ୍ରୋନିକ ଡାଏଟିଂ କାରଣରୁ ଆମକୁ ମାନସିକ ସ୍ତରରେ ବିଭିନ୍ନ ସମସ୍ୟା ହୋଇଥାଏ । ଏହା କାରଣରୁ ଇଟିଂ ଡିସ ଅର୍ଡର, ଡ୍ରିପେସନ୍ ଆଦି ଦେଖିବାକୁ ମିଳିଥାଏ । ଡାଏଟିଂ କାରଣରୁ ଆମ ଶରୀରରେ କେତେକ ପ୍ରୋଟିନର ଅଭାବ ମଧ୍ୟ ଦେଖିବାକୁ ମିଳିଥାଏ । ସେହିଭଳି ଜଣେ ଷ୍ଟ୍ରିଟ ଡାଏଟରେ ଥିବା ଲୋକର ମେଟବଲିଜିମ୍ ବା ପାଚନତନ୍ତ୍ରରେ ମଧ୍ୟ ଅନେକ ସମସ୍ୟା ଦେଖିବାକୁ ମିଳିଥାଏ । ଡାଏଟିଂ କାରଣରୁ ଜଣେ ବ୍ୟକ୍ତିଙ୍କର କ୍ରେଭିଂ ବଢିଥାଏ । ଯାହା କିଛି ନିର୍ଦ୍ଦିଷ୍ଟ ସମୟରେ ପରେ ସେମାନଙ୍କୁ ସମସ୍ୟାରେ ପକାଇଥାଏ । ଆମେ ଉଦାହରଣ ଭାବେ ନେଇପାରିବା ଯେପରି ଯଦି ଜଣେ ବ୍ୟକ୍ତି ୫ମାସ ଡାଏଟିଂ କରି ନିଜର ଓଜନ ୧୦ କିଗ୍ରା ହ୍ରାସ କରୁଛନ୍ତି । ହେଲେ ଡାଏଟିଂ କାରଣରୁ ତାଙ୍କର କ୍ରେଭିଂ ବଢିବାର ସମ୍ଭାବନା ରହିଛି । ତେଣୁ ଡାଏଟିଂ ସରିବା ପରେ ସେ କ୍ରେଭିଂ କାରଣରୁ ଅଧିକ ଖାଇ ନିଜ ଓଜନ ବଢାଇବାର ଆଶଙ୍କା ବେଶି ରହିଛି । ତେଣୁ ସବୁବେଳେ ଚେଷ୍ଟା କରନ୍ତୁ ନିଜ ଲାଇଫ୍ ଷ୍ଟାଇଲ ଅନୁଯାୟୀ ଡାଏଟିଂ କରିବାକୁ । ଯାହାକିଛି ଖାଉଛନ୍ତି, ସେଥିରେ କିଛି ହେଲ୍‌ଦି ସାମଗ୍ରୀ ଆଡ କରନ୍ତୁ । ଖାଦ୍ୟର ପରିମାଣ ଉପରେ ଧ୍ୟାନ ଦିଅନ୍ତୁ । ସେହିପରି କିଛି ଖାଦ୍ୟକୁ ନିଜ ତାଲିକାରୁ ଧୀରେ ଧୀରେ କାଟନ୍ତୁ । ଏପରି ଭାବରେ ନିଜ ଲାଇଫ ଷ୍ଟାଇଲ ଉପରେ ନିୟନ୍ତ୍ରଣ ଆଣି ଆପଣ ଫୁଡ ଫ୍ରିଡମକୁ ଉପଭୋଗ କରିପାରିବେ ।



### ଭାପୁରରେ ସଂତୃପ୍ତ ଓ ସାବିତ୍ରୀଙ୍କ ନିର୍ବାଚନ ସଭା

## ଯୋଡି ଶଙ୍ଖରେ ମୋହର ମାରି ନବୀନଙ୍କ ହାତମୁଠା ଟାଣ କରିବାକୁ ଆହ୍ୱାନ

ଭୁବନେଶ୍ୱର (ସବ୍ୟୁ): ନୟାଗଡ ଜିଲ୍ଲା ଖଣ୍ଡପଡା ର୍ନିବାଚନ ମଣ୍ଡଳୀର ଭାପୁର ଠାରେ ଆଜି ବିଜୁ ଜନତା ଦଳ ପକ୍ଷରୁ ବିଶାଳ ରୋଡ ଶୋ ଓ ନିର୍ବାଚନସଭା ଅନୁଷ୍ଠିତ ହୋଇଯାଇଛି । କଟକ ଲୋକସଭା ର୍ନିବାଚନ ମଣ୍ଡଳୀର ବିଜେଡି ସାଂସଦ ପ୍ରାର୍ଥୀ ଡଃ ସଂତୃପ୍ତ ମିଶ୍ର ଓ ଖଣ୍ଡପଡା ବିଧାନସଭା କ୍ଷେତ୍ରର ବିଧାୟିକା ପ୍ରାର୍ଥିନୀ ସାବିତ୍ରୀ ପ୍ରଧାନଙ୍କୁ ବିପୁଳ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ନବୀନ ପଟ୍ଟନାୟକଙ୍କ



ହାତମୁଠାକୁ ଟାଣ କରିବା ସହ ତାଙ୍କୁ ୬ଷ୍ଠ ଥର ମୁଖ୍ୟମନ୍ତ୍ରୀ କରିବାକୁ ଆୟୋଜିତ ସଭାରେ ଆହ୍ୱାନ ଦିଆଯାଇଛି । ଭାପୁର ବାଇପାସ ହନୁମାନ ମନ୍ଦିର ଠାରୁ ଏକ ଶୋଭାଯାତ୍ରା ବାହାରି ଦମକଳ କେନ୍ଦ୍ର ନିକଟରେ ର୍ନିମିତ ପାର୍ଟି କାର୍ଯ୍ୟାଳୟ ପଡିଆରେ ପହଞ୍ଚିଥିଲା । କଟକ ସାଂସଦ ପ୍ରାର୍ଥୀ ସଂତୃପ୍ତ ମିଶ୍ର, ଖଣ୍ଡପଡା ବିଧାୟିକା ପ୍ରାର୍ଥିନୀ ସାବିତ୍ରୀ ପ୍ରଧାନ, ଖଣ୍ଡପଡା ବିଜେଡି ପର୍ଯ୍ୟବେକ୍ଷକ ଅମିତ କୁମାର ମଲ୍ଲିକ ପ୍ରମୁଖ ଶୋଭାଯାତ୍ରା ତଥା ରୋଡ ସୋରେ ସାମିଲ ହୋଇଥିଲେ । ଏହି ସଭାରେ ପନ୍ଦର ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିଲା । ବିଜେଡି ବ୍ଲକ ସଭାପତି ଶିବପ୍ରସାଦ ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଖଣ୍ଡପଡା ବ୍ଲକ ଉପାଧ୍ୟକ୍ଷ ଶିଶିର କୁମାର ସାହୁ, ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର କୁମାର ଧଳ, ଜିଲ୍ଲା ସାଧାରଣ ସମ୍ପାଦକ ବିଜୟ କୁମାର ତ୍ରିପାଠୀ, ଦଳର ଉପଦେଷ୍ଟା ତଥା ବ୍ଲକ ପୂର୍ବତନ ଅଧ୍ୟକ୍ଷା ଶାନ୍ତିଲତା ବେହେରା, ଉପଦେଷ୍ଟା ମଧୁସୂଦନ ରଥ, ସନ୍ତୋଷ କୁମାର ତ୍ରିପାଠୀ, ଭାପୁର ବ୍ଲକ ଯୁବ ସଭାପତି ସନ୍ତୋଷ କୁମାର ପାଲଟାସିଂହ, ଛାତ୍ର ସଭାପତି ସତ୍ୟବ୍ରତ ମହାରଣା, ବିକ୍ରମ ପ୍ରଧାନ ଯୋଗ ଦେଇଥିଲେ । ସେହିଭଳି ଅପରାହ୍ନରେ ଖଣ୍ଡପଡା ବ୍ଲକ ଖଲିସାହି ତୋଟା ହନୁମାନ ମନ୍ଦିର ନିକଟରୁ ଆଉ ଏକ ଶୋଭାଯାତ୍ରା ବାହାରି ଦଶଦୋଳ ପଡ଼ିଆ ଠାରେ ଏକ ପ୍ରଚାର ସଭା ଆୟୋଜନ କରାଯାଇଥିଲା ।

### ବ୍ରହ୍ମପୁର, ଆସ୍କା ଓ କନ୍ଧମାଳ ନିର୍ବାଚନମଣ୍ଡଳୀରେ ମୁଖ୍ୟମନ୍ତ୍ରୀଙ୍କ ମାରାଥନ୍ ପ୍ରଚାର

# ଯେଉଁ ଚୋରମାନେ ପ୍ରାର୍ଥୀ ହୋଇଛନ୍ତି ସେମାନଙ୍କୁ ମୁହଁତୋଡ଼ ଜବାବ ଦିଆଯିବ

ଭୁବନେଶ୍ୱର,(ସବ୍ୟୁ) : ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକ ଆଜି ବ୍ରହ୍ମପୁର, ଆସ୍କା ଓ କନ୍ଧମାଳ ଲୋକସଭା ନିର୍ବାଚନମଣ୍ଡଳୀରେ ମାରାଥନ୍ ପ୍ରଚାର କରି ଦଳୀୟ ପ୍ରାର୍ଥୀଙ୍କ ପାଇଁ ଭୋଟ ମାଗିଛନ୍ତି । ଏହି ତିନୋଟି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଗୋପାଳପୁର, ଆସ୍କା ଓ ଫୁଲବାଣୀ ବିଧାନସଭା କ୍ଷେତ୍ରରେ ଅନୁଷ୍ଠିତ ରାଲିରେ ସେ ଦଳୀୟ ଲୋକସଭା ଓ ବିଧାନସଭା ପ୍ରାର୍ଥୀଙ୍କୁ ଯୋଡ଼ି ଶଙ୍ଖରେ ଭୋଟ ଦେବାକୁ ଅନୁରୋଧ କରିଥିଲେ । ନିର୍ବାଚନ ପ୍ରଚାରର କୋଳାହଳ ମଧ୍ୟରେ ମୁଖ୍ୟମନ୍ତ୍ରୀଙ୍କ ସରଳ ଓ ନିରାଡ଼ମ୍ବର ଶୈଳୀର ପ୍ରଚାର ଲୋକଙ୍କ ହୃଦୟକୁ ଛୁଇଁଥିଲା । ଉଚ୍ଛ୍ୱସିତ ଜନତା ମୁଖ୍ୟମନ୍ତ୍ରୀଙ୍କ ସବୁ ପ୍ରଶ୍ନର ଉତ୍ତରରେ ସେମାନେ 'ହଁ' ଧ୍ୱନିରେ ସଭାସ୍ଥଳ ପ୍ରକମ୍ପିତ କରିଥିଲେ । ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ମିଶନ ଶକ୍ତି, ଲକ୍ଷ୍ମୀ ବସ୍, କାଳିଆ ଯୋଜନା, ନୂଆ-ଓ ଛାତ୍ରବୃତ୍ତି ଯୋଜନା ଆଦି ସବୁ ଯୋଜନା ବିଷୟରେ ଲୋକ ଦେଇଥିଲେ ବିଶାଳ ସମ୍ମତି ।

ଶେଷରେ ମୁଖ୍ୟମନ୍ତ୍ରୀ ପଚାରିଥିଲେ ନବୀନ ପଟ୍ଟନାୟକ ଭଲ ତ ? ଏଥିରେ ଉପସ୍ଥିତ ସବୁ ଲୋକ ଠିଆ ହୋଇ କରତାଳି ଦେଇ ବହୁତ ଜୋରରେ 'ହଁ' ମାରି ମୁଖ୍ୟମନ୍ତ୍ରୀଙ୍କୁ ସମର୍ଥନ ଜଣାଇଥିଲେ । ଏହାପରେ



ମୁଖ୍ୟମନ୍ତ୍ରୀ କହିଥିଲେ ବିରୋଧୀ ଦଳ ମିଛ କହୁଛନ୍ତି ଓ ତାଙ୍କ ନେତାମାନେ ମଧ୍ୟ ଖାଲି କୁମ୍ଭୀରକାନ୍ଦଣା କାନ୍ଦୁଛନ୍ତି । ନିର୍ବାଚନରେ ଭଲ ପ୍ରାର୍ଥୀଙ୍କୁ ବାଛନ୍ତୁ, ଅପରାଧୀ ପ୍ରାର୍ଥୀଙ୍କୁ ବାଛନ୍ତୁ ନାହିଁ, ବିଜୁ ଜନତା ଦଳର ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କୁ ଆଶୀର୍ବାଦ କରନ୍ତୁ, ଶଙ୍ଖଚିହ୍ନରେ ଭୋଟ ଦିଅନ୍ତୁ ବୋଲି ସେ ନିବେଦନ କରିଥିଲେ । ସଭାରେ ଯୋଗ ଦେଇ ବରିଷ୍ଠ ବିଜୁ ଜନତା ଦଳ ନେତା କହିଥିଲେ ଯେ ଆଜି ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ଆମ ନିର୍ବାଚନ ଇସ୍ତାହାର ଘୋଷଣା କରିବେ । ସବୁବର୍ଗ ପାଇଁ, ବିଶେଷ କରି ଯୁବବର୍ଗ ପାଇଁ ଏହି ଇସ୍ତାହାର ଆଣିବ ଖୁସି ଖବର । ସାରା ଓଡ଼ିଶା ପାଇଁ ଖୁସି ଆଣିଦେବ ।

ସେ ଦଳୀୟ କର୍ମୀମାନଙ୍କୁ ଅନୁରୋଧ କରି କହିଥିଲେ ନିର୍ବାଚନ ଇସ୍ତାହାରରେ ସ୍ଥାନ ପାଇଥିବା ସମସ୍ତ ପ୍ରତିଶ୍ରୁତି ଓ ବିକାଶବାର୍ତ୍ତାକୁ ଘରେ ଘରେ ପହଞ୍ଚାଅ । ସମସ୍ତଙ୍କୁ ସଚେତନ କର ଓ ବିରୋଧୀ ଦଳର ମିଛକୁ, ସେମାନଙ୍କ ଅପପ୍ରଚାରକୁ ପ୍ରତିହତ କର । ସେ କହିଥିଲେ ଯେ ଆସ୍କା ଲୋକସଭା ନିର୍ବାଚନ ମଣ୍ଡଳୀର ୭ଟି ବିଧାନସଭା ମଧ୍ୟରୁ ଆମର ୫ଜଣ ପ୍ରାର୍ଥୀ ହେଉଛନ୍ତି ମହିଳା । ଲୋକସଭା ପ୍ରାର୍ଥୀ ମଧ୍ୟ ଜଣେ ଯୁବ ମହିଳା । ଏଥିରୁ ଆପଣମାନେ ଜାଣନ୍ତୁ ମହିଳା ସଶକ୍ତିକରଣ ଉପରେ ମୁଖ୍ୟମନ୍ତ୍ରୀ ଯାହା କହନ୍ତି ତାହା କରନ୍ତି । କଂଗ୍ରେସ, ବିଜେପି କେବଳ କଥା କହନ୍ତି, ସେମାନେ କେବଳ ବଡ଼ ବଡ଼ କଥା କହନ୍ତି କିଛି କରନ୍ତି ନାହିଁ ।

ବିଜେପି ଇସ୍ତାହାର କେବଳ ମିଛର ଗନ୍ତାଘର ବୋଲି ସେ କହିଥିଲେ । ୨୦୧୪ ଓ ୨୦୧୯ରେ ମଧ୍ୟ ସେମାନେ ମିଛ କହିଥିଲେ । ୨୦୨୪ ଇସ୍ତାହାରରେ ମଧ୍ୟ ସେମାନେ ପ୍ରବଳ ମିଛ ପ୍ରତିଶ୍ରୁତି ଦେଇଛନ୍ତି, ସେମାନଙ୍କୁ ବିଶ୍ୱାସ କରନ୍ତୁ ନାହିଁ । ବିଜେପି ଦଳ ଉପରେ ଆକ୍ରମଣ କରି ସେ କହିଲେ ଯେ ବିଜେପି ଗତ ୨୪ ବର୍ଷ ମଧ୍ୟରେ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ମଧ୍ୟ ଠିକ୍ କରିପାରୁନାହାନ୍ତି । କାରଣ ସେମାନେ ଜାଣିଛନ୍ତି ଯେଉଁଦିନ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣା କରିବେ ସେହିଦିନ ତାଙ୍କର ଆସନ ସଂଖ୍ୟା ୧୦ରୁ ବି କମିଯିବ । ପ୍ରଥମ ପର୍ଯ୍ୟାୟରେ ୪ଟି ଲୋକସଭା ଓ ୨୮ଟି ବିଧାନସଭା ପାଇଁ ନିର୍ବାଚନ ହେବାକୁ ଯାଉଛି, ଏଥିରେ ବିଜେଡ଼ିର ୯୦ ପ୍ରତିଶତ ଷ୍ଟ୍ରାଇକ୍ ରେଟ୍ ରହିଛି, ଏହାକୁ ଶତ ପ୍ରତିଶତ କରିବା ପାଇଁ ଆହ୍ୱାନ ଦେଇଥିଲେ ।

ଗୋପାଳପୁରରେ ସେ କହିଲେ ବିରୋଧୀ ଦଳରୁ ଚୋରମାନେ ଯିଏ ବି ପ୍ରାର୍ଥୀ ହୋଇଛନ୍ତି ସେମାନଙ୍କୁ ମୁହଁତୋଡ଼ ଜବାବ ଦିଆଯିବ । ସେ କହିଲେ ଯେ କିଛିଦିନ ତଳେ ବିରୋଧୀ ଦଳ ଏଠାରେ ପ୍ରୋଗ୍ରାମ କରିଥିଲେ, ସେ ପ୍ରୋଗ୍ରାମ ଏବଂ ଏଇ ପ୍ରୋଗ୍ରାମ ମଧ୍ୟରେ ଫରକ୍ ଅଛି, ମୁଖ୍ୟମନ୍ତ୍ରୀଙ୍କୁ ଏତେସଂଖ୍ୟାରେ ଆପଣଙ୍କ ଭଲପାଇବା ଏକ ଭଲ ବାର୍ତ୍ତା ଦଉଛି । କନ୍ଧମାଳ ଲୋକସଭା ଆସନରେ ଅଭିଭାଷଣ ସମୟରେ ପାଣ୍ଡିଆନ କହିଥିଲେ ଯେ ମୁଖ୍ୟମନ୍ତ୍ରୀ ଆଦିବାସୀ ଭାଇଭଉଣୀମାନଙ୍କୁ ବହୁତ ଭଲ ପାଆନ୍ତି । ଆପଣଙ୍କ ସୁଖଦୁଖର ସାଥି ହୋଇଅଛନ୍ତି । ଜନଜାତିଙ୍କ ସଂସ୍କୃତି ଓ ପରମ୍ପରାର ସୁରକ୍ଷା ପାଇଁ ସ୍ୱତନ୍ତ୍ର ଜନଜାତି ଉନ୍ନୟନ ପରିଷଦ ଗଠନ କରିଛନ୍ତି । ବିଭିନ୍ନ ଛୋଟ ବଡ଼ ଜଙ୍ଗଲ. ଅବକାରୀ ତଥା ପୋଲିସ କେସ୍‌ରେ ଛନ୍ଦି ହୋଇ ସେମାନେ ବହୁତ ସମସ୍ୟାର ସମ୍ମୁଖୀନ ହେଉଥିଲେ । ମୁଖ୍ୟମନ୍ତ୍ରୀ ତାକୁ ସହୃଦୟତାର ସହିତ ନେଇ ସେମାନଙ୍କ ଉପରୁ ୫୦,୦୦୦ ପୋଲିସ କେସ ରଦ୍ଦ କରିଛନ୍ତି । ଏହି ସଭାଗୁଡ଼ିକରେ ବ୍ରହ୍ମପୁର ଲୋକସଭା ପ୍ରାର୍ଥୀ ଭୃଗୁ ବକ୍ସିପାତ୍ର, ଆସ୍କା ଲୋକସଭା ପ୍ରାର୍ଥୀ ରଞ୍ଜିତା ସାହୁ ଓ କନ୍ଧମାଳ ଲୋକସଭା ପ୍ରାର୍ଥୀ ଡଃ ଅଚ୍ୟୁତ ସାମନ୍ତଙ୍କ ସହିତ ସବୁ ବିଧାନସଭା ମଣ୍ଡଳୀର ପ୍ରାର୍ଥୀମାନେ ନିଜର ଅଭିଭାଷଣ ରଖି ଯୋଡ଼ିଶଙ୍ଖରେ ଭୋଟ ଦେଇ ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରିବାକୁ ନିବେଦନ କରିଥିଲେ ।

**ସରଳ ଓ ନିରାଡମ୍ବର ପ୍ରଚାର ଶୈଳି ଲୋକଙ୍କ ହୃଦୟକୁ ଛୁଇଁଲା**

**ବିକାଶବାର୍ତ୍ତାକୁ ଘରେ ଘରେ ପହଞ୍ଚାଅ : ପାଣ୍ଡିଆନ**

**ବିଜେପି ଦଳ ୨୪ ବର୍ଷ ମଧ୍ୟରେ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ମଧ୍ୟ ଠିକ୍ କରିପାରୁନାହାନ୍ତି**

## ବିଜେଡ଼ିର ଘୋଷଣା ପତ୍ରରେ ଐତିହ୍ୟ, ସଂସ୍କୃତ, ଓଡ଼ିଆ ଭାଷାକୁ ଗୁରୁତ୍ୱ

ଭୁବନେଶ୍ୱର (ସବ୍ୟୁ): ବିଜେଡ଼ି ଘୋଷଣା ପତ୍ରରେ ଐତିହ୍ୟ, ସଂସ୍କୃତି, ଭାଷାକୁ ଗୁରୁତ୍ୱ ଦିଆଯାଇଛି । ଏଥିପାଇଁ ବିଜେଡ଼ି ସ୍ୱତନ୍ତ୍ର ବଜେଟ୍ ରଖିଛି । ଓଡ଼ିଆ ଭାଷାର ବିକାଶ ଲାଗି ଅର୍ଥ ଖର୍ଚ୍ଚ କରାଯିବ । ଭାଗବତ ଟୁଙ୍ଗିର ପୁନଃରୁଦ୍ଧାର କରାଯିବ । ପଦ୍ମଶ୍ରୀ ଓ ପଦ୍ମଭୂଷଣ ଭଳି ପ୍ରତିବର୍ଷ କଳିଙ୍ଗଶ୍ରୀ ଓ କଳିଙ୍ଗ ଭୂଷଣ ପୁରସ୍କାର ଦିଆଯିବ । ଏହିଭଳି ଘୋଷଣାପତ୍ର ଜାରୀ କରିଛି ବିଜୁ ଜନତା ଦଳ ।

ଆମର ସମୃଦ୍ଧ ସଂସ୍କୃତି, ଭାଷାର ପ୍ରୋତ୍ସାହନ ଏବଂ ସଂରକ୍ଷଣ ଅର୍ଥନୈତିକ ଅଭିବୃଦ୍ଧି ସହିତ ହାତ ମିଳାଇଥାଏ । ଆମର ଉପାସନା ସ୍ଥାନ, ଐତିହ୍ୟସ୍ଥଳ ଓ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିତ୍ୱ ସହିତ ଜଡିତ ସ୍ଥାନଗୁଡିକ ସଂରକ୍ଷଣ କରିବା ପାଇଁ ଏକ ହେରିଟେଜ୍ ବିକାଶ ପାଣ୍ଠି ଭାବରେ ୧୦୦୦ କୋଟିର ଏକ କର୍ପସକୁ ପୃଥକ କରାଯିବ । ଶାସ୍ତ୍ରୀୟ ଭାଷା ଭାବରେ ଓଡିଆର ବିକାଶ ଏବଂ ପ୍ରୋତ୍ସାହନ ପାଇଁ ୧୦୦ କୋଟି ରଖାଯାଇଛି । ଗତ ୧୦ ବର୍ଷ ମଧ୍ୟରେ କେନ୍ଦ୍ର ସରକାରଙ୍କ ଠାରୁ ଶାସ୍ତ୍ରୀୟ ଭାଷା ଭାବରେ ଓଡିଆର ପ୍ରଚାର ,ପ୍ରସାର ଓ ଗବେଷଣା ପାଇଁ ଜିରୋ ପାଣ୍ଠି ଗ୍ରହଣ କରାଯାଇଛି । ଆମେ ପୁଣିଥରେ କେନ୍ଦ୍ରକୁ ଅନୁରୋଧ କରିବୁ ଯେ ଓଡ଼ିଶୀ ସଙ୍ଗୀତକୁ ଶାସ୍ତ୍ରୀୟ ସଙ୍ଗୀତ ମାନ୍ୟତା ଏବଂ ହୋ, ମୁଣ୍ଡାରି ଏବଂ ଭୁମିଜଙ୍କୁ ଅଷ୍ଟମ କାର୍ଯ୍ୟସୂଚୀରେ ଅନ୍ତର୍ଭୁକ୍ତ କରାଯାଉ । ପଶ୍ଚିମ ଓଡିଶାର ଭାଷାର ବିକାଶ ତଥା ଗବେଷଣା , ଅଧ୍ୟୟନ ଏବଂ ଅନୁସନ୍ଧାନ ପାଇଁ ୨୫ କୋଟି ଟଙ୍କାର କର୍ପସ୍ ଫଣ୍ଡ ସହିତ ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ଏକ ଉତ୍କର୍ଷ କେନ୍ଦ୍ର ସ୍ଥାପନ କରିବୁ । ଓଡିଶାର ପ୍ରସିଦ୍ଧ ବ୍ୟକ୍ତିତ୍ୱ ସହିତ ସଂଯୁକ୍ତ ୧୦୦ଟି ବିଦ୍ୟାଳୟକୁ ଐତିହ୍ୟ ବିଦ୍ୟାଳୟ ଭାବରେ ବିକଶିତ କରାଯିବ । ପଦ୍ମଶ୍ରୀ ଏବଂ ପଦ୍ମ ଭୂଷଣ ଭଳି ପ୍ରତିବର୍ଷ କଳିଙ୍ଗଶ୍ରୀ ଏବଂ କଳିଙ୍ଗଭୂଷଣ ପୁରସ୍କାର ପ୍ରଦାନ କରାଯିବ । ସମଗ୍ର ରାଜ୍ୟରେ ଭଗବଦ୍ ଟୁଙ୍ଗିର ସଂରକ୍ଷଣ ପାଇଁ ଅର୍ଥ ଯୋଗାଇଦିଆଯିବ । ଏହା ଆମ ଯୁବକମାନଙ୍କୁ ସେମାନଙ୍କର ସଂସ୍କୃତି, ଐତିହ୍ୟ ଏବଂ ଭାଷାରେ ଗର୍ବ ଅନୁଭବ କରିବାକୁ ସଶକ୍ତ କରିବ ଏବଂ ଆତ୍ମବିଶ୍ୱାସ ସହିତ ଭବିଷ୍ୟତକୁ ଆଗକୁ ବଢାଇବାକୁ ସକ୍ଷମ କରିବ ।

**ପ୍ରତିବର୍ଷ କଳିଙ୍ଗଶ୍ରୀ, କଳିଙ୍ଗ ଭୂଷଣ ପୁରସ୍କାର ଦିଆଯିବ**

**ଓଡ଼ିଆ ଭାଷାର ବିକାଶ ପ୍ରୋତ୍ସାହନ ଲାଗି ୧୦୦ କୋଟି**

**ଓଡ଼ିଆ ଭାଷା ପ୍ରଚାର, ପ୍ରସାର ପାଇଁ କେନ୍ଦ୍ର ଦେଇଛି ଶୂନ ପାଣ୍ଠି**

### ୧କିଲୋ ଗଞ୍ଜେଇ ଜବତ, ବେପାରୀ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ମୈତ୍ରୀ ବିହାର ଥାନା ପୋଲିସ ହାତିଆଶୁଣି ଅଞ୍ଚଳରେ ଚଢ଼ାଉ କରି ଜଣେ ଗଞ୍ଜେଇ ବ୍ୟବସାୟୀକୁ ଗିରଫ କରିବା ସହ ତା' ନିକଟରୁ ୧କିଲୋ ୨୦୦ ଗ୍ରାମ ଗଞ୍ଜେଇ ଜବତ କରିଛି । ଗଞ୍ଜେଇକୁ ବସ୍ତାରେ ଧରି ଗ୍ରାହାକକୁ ଅପେକ୍ଷା କରିଥିବାବେଳେ ପୋଲିସ ଚାଢ଼ାଉ କରିଥିଲା । କନ୍ଧମାଳରୁ ସେ ଗଞ୍ଜେଇ ଆଣି ସାଲିଆ ସାହି ଅଞ୍ଚଳର ଖୁଚୁରା ବ୍ୟବସାୟୀଙ୍କୁ ଦିଏ ବୋଲି ପୋଲିସ କହିଛି । ଗିରଫ ଅଭିଯୁକ୍ତ ବାବୁଲି ବେହେରା (୫୬) ଘର ଯାଜପୁର ଜିଲ୍ଲାରେ ହୋଇଥିବାବେଳେ ସେ ଭୁବନେଶ୍ୱର ସାଲିଆସାହି ଶ୍ରୀରାମନଗର ବସ୍ତିରେ ରୁହେଁ ବୋଲି ପୋଲିସ କହିଛି । ଗୁରୁବାର ଦିନ ବାବୁଲିକୁ କୋର୍ଟ ଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ ହାଜତ ପଠାଇ ଦିଆଯାଇଛି ।

## ସ୍ୱଚ୍ଛ, ଶାନ୍ତିପୂର୍ଣ୍ଣ ନିର୍ବାଚନ ଲାଗି ସିଇଓଙ୍କୁ ବିଜେଡିର ଫେରାଦ




ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶାରେ ସ୍ୱଚ୍ଛ ଓ ଶାନ୍ତିପୂର୍ଣ୍ଣ ନିର୍ବାଚନ ଲାଗି ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ଙ୍କୁ ଫେରାଦ ହୋଇଛି ବିଜେଡି । ୨୦୨୪ ସାଧାରଣ ନିର୍ବାଚନରେ ବିଜେପି ଆଇନ୍ ଶୃଙ୍ଖଳା ଭଙ୍ଗ ସହିତ ବିଶୃଙ୍ଖଳା କରୁଥିବା ବିଜେଡି ଅଭିଯୋଗ କରିଛି । ବିଜେପି ନେତାମାନେ ସରକାରୀ ଅଧିକାରୀ, ବିଡ଼ିଓ, ତହସିଲଦାର, ଆଇଆଇସି ଏବଂ ଡିଏସ୍‌ପିଙ୍କୁ ଧମକ ଦେଉଛନ୍ତି । ଯଦି ସେମାନେ ବିଜେପି କଥା ନମାନନ୍ତି ତା'ହେଲେ ତାଙ୍କୁ ଅନ୍ୟ ଜାଗାକୁ ବଦଳି କରିବାକୁ ଧମକ ଦେଉଛନ୍ତି । ଫଳରେ ନିର୍ବାଚନରେ କାର୍ଯ୍ୟରତ ସରକାରୀ କର୍ମଚାରୀଙ୍କ ସ୍ୱାଧୀନ କ୍ଷୁର୍ଣ୍ଣ ହୋଇଛି । ତେଣୁ ଉଭୟ ଲୋକସଭା ଏବଂ ବିଧାନସଭା ନିର୍ବାଚନକୁ ସ୍ୱଚ୍ଛ ଓ ଶାନ୍ତିପୂର୍ଣ୍ଣ ନିର୍ବାହ ଲାଗି ସିଇଓଙ୍କୁ ଦାବିପତ୍ର ଦେଇଛି ବିଜେଡି । ବିଜେଡି ପ୍ରତିନିଧି ଦଳରେ ସାଂସଦ ସସ୍ମିତ୍ ପାତ୍ର, ସୁଲତା ଦେଓଙ୍କ ସମେତ ବହୁ ନେତୃବୃନ୍ଦ ସାମିଲ ଥିଲେ ।

### କଂଗ୍ରେସ ବିଧାୟକ ପ୍ରାର୍ଥୀ ସୋଫିଆ ଫିର୍ଦୋଷଙ୍କ

## ୱାର୍ଡ-୧୩ ଓ ୦୯ ରେ ନିର୍ବାଚନୀ ପ୍ରଚାର

କଟକ (ସବ୍ୟୁ) ବାରବାଟୀ - କଟକ ବିଧାନସଭା ପାଇଁ ଭାରତୀୟ ଜାତୀୟ କଂଗ୍ରେସ ପକ୍ଷରୁ ସୋଫିଆ ଫିର୍ଦୋଷ ଆଜି ପୂର୍ବାହ୍ନରେ ବିଧାୟକ ତଥା ତାଙ୍କର ପିତା ମହମ୍ମଦ ମୋକିମଙ୍କ ସହିତ କଟକ ସହରର ୱାର୍ଡ ନଂ-୧୩ ର ମେହେନ୍ଦିପୁର ଅଞ୍ଚଳରୁ ପଦଯାତ୍ରା ଆରମ୍ଭ କରି ୱାର୍ଡର ବିଭିନ୍ନ ଅଞ୍ଚଳ ବୁଲିଥିଲେ । ସେହିପରି ସନ୍ଧ୍ୟାରେ ୱାର୍ଡ ନଂ-୦୯ ଅଞ୍ଚଳରେ ପଦଯାତ୍ରା କରିଥିଲେ । ୱାର୍ଡ ଅଞ୍ଚଳର ବିଭିନ୍ନ ପୂଜା କମିଟି ଓ ସାହି ମୁରବିମାନେ ବିଧାୟକ ମୋକିମଙ୍କୁ ସ୍ୱାଗତ ଜଣାଇବା ସହ ସୋଫିଆ ଫିର୍ଦୋଷଙ୍କୁ ଆଶୀର୍ବାଦ ଦେଇଥିଲେ । ବିଧାୟକ ମହମ୍ମଦ ମୋକିମ ଦ୍ୱାରା ଆରମ୍ଭ ହୋଇଥିବା ର୍ନିମାଣ କାର୍ଯ୍ୟମାନକୁ ଉପସ୍ଥିତ ସାହି ମୁରବିମାନେ ଦେଖାଇଥିଲେ ଏବଂ ଆଗାମୀ ଦିନରେ ସେ ର୍ନିବାଚିତ ହେଲେ ଅଧା ରହିଥିବା କାର୍ଯ୍ୟ ଗୁଡିକ ସଂପୂର୍ଣ୍ଣ କରାଯିବ ବୋଲି ସୋଫିଆ ଫିର୍ଦୋଷ କହିଥିଲେ ଛ ଜନସାଧାରଣଙ୍କ ପ୍ରବଳ ସ୍ନେହା ଶ୍ରଦ୍ଧା ଓ ସମର୍ଥନ ପାଇଁ ସେ ଅଭିଭୁତ ହୋଇଯାଇଥିଲେ ଛ ଯୁବ ନେତୃତ୍ୱକୁ ଦଳ ଗୁରୁତ୍ୱ ଦେଇ ତାଙ୍କୁ କଟକ ସହରର ପ୍ରାର୍ଥିନୀ କରି ଥିବାରୁ ସେ କଟକ ସହରର ମୌଳିକ ସମସ୍ୟା ପ୍ରତି ଯତ୍ନବାନ ହେବା ସହିତ ଯୁବକ, ମହିଳାଙ୍କର ବିକାଶ ପାଇଁ ଗୁରୁ ଦେବେ ବୋଲି ଭୋଟରଙ୍କୁ ପ୍ରତିଶୃତି ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଚାରୁଲତା ସାହୁ, ବିକି ଚକ୍ରବର୍ତ୍ତୀ, ଶୟଦ ରମଜାନ ଅଲ୍ଲୀ, ବିଷ୍ଣୁ ସିଂ, ସୁମିତା ରାୟ, ସୁଧାଂଶୁ ଆଚାର୍ଯ୍ୟ, ଜନ ଆଶୁତୋଷ ଦାସ, ସଞ୍ଜୟ ସେନାପତି, କୁନା ପୁଲରା, ସୁରଜିତ ସାହୁ, ଟିକି ବାବୁ, ବାବୁ ଶେଠୀ ପ୍ରମୁଖ ଉପସ୍ଥିତ ଥିଲେ ।

## ହିମନ୍ତଙ୍କୁ ବିଜେଡିର କଟାକ୍ଷ

ଭୁବନେଶ୍ୱର (ସବ୍ୟୁ) : ଓଡ଼ିଶା ଆସି ମାଲକାନଗିରି ଜିଲ୍ଲାର ବାଲିମେଳାରେ ସାଧାରଣ ସଭାରେ ଆସାମ ମୁଖ୍ୟମନ୍ତ୍ରୀ ତଥା ବିଜେପି ନେତା ହିମନ୍ତ ବିଶ୍ୱଶର୍ମା ଯେଉଁ ମନ୍ତବ୍ୟ ଦେଇଛନ୍ତି ତାହାକୁ ବିଜେଡି ପକ୍ଷରୁ ତୀବ୍ର ସମାଲୋଚନା କରିଛନ୍ତି । ବିଜେଡି ମୁଖପାତ୍ର ତଥା ସାଂସଦ ସସ୍ମିତ୍ ପାତ୍ର ଉଲ୍ଲେଖ କରିଛନ୍ତି ଯେ ନିଜ ରାଜ୍ୟ ଆସାମକୁ ସଠିକ୍ ଢ଼ଙ୍ଗରେ ପରିଚାଳନା କରିବାରେ ବିଫଳ ହୋଇଥିବା ହିମନ୍ତ ବିଶ୍ୱଶର୍ମା ଓଡ଼ିଶା ଆସି ବିକାଶର ଜ୍ଞାନ ବାଣ୍ଟିବା ଅତ୍ୟନ୍ତ ହାସ୍ୟାସ୍ପଦ । ଶ୍ରୀ ପାତ୍ର ଅନ୍ୟ ଏକ ଟ୍ୱିଟ୍‌ରେ ଉଲ୍ଲେଖ କରିଛନ୍ତି ଯେ ହିମନ୍ତ ଭଲଭାବେ ଜାଣିଛନ୍ତି ଆସାମ ସ୍ଥିତି କେଉଁଭଳି ରହିଛି । ଋଣ ନେଇ ରାଜ୍ୟର ବିତ୍ତୀୟ ନିଅଣ୍ଟକୁ ଭରଣା କରୁଛନ୍ତି । ହେଲେ ସେ କିନ୍ତୁ ଦେଶରେ ବିତ୍ତୀୟ ପରିଚାଳନାରେ ୧ ନମ୍ବର ରାଜ୍ୟ ଓଡ଼ିଶାକୁ ଆସି ଆର୍ଥିକ ପରିଚାଳନା ନେଇ ଭାଷଣ ମାରୁଛନ୍ତି । ଯାହା ଶୁଣି ଲୋକ ହସିବା ଆରମ୍ଭ କଲେଣି । ବିକାଶର ଗୋଟିଏ କ୍ଷେତ୍ର ଏଭଳି ସେ ଆସାମରେ ଦେଖାଇପାରିବେ କି, ଯେଉଁଥିରେ ଓଡ଼ିଶା ତୁଳନାରେ ତାହା ଭଲ ପ୍ରଦର୍ଶନ ହୋଇଥିବ । ଏଭଳି ଶସ୍ତା ମନ୍ତବ୍ୟ ଦେଇ ଗାରିମା ହରାଇବାରୁ ସେ ନିବୃତ୍ତ ରୁହନ୍ତୁ ।

### ନିଶା ଖାଇବାକୁ ବିରୋଧ କରିବାରୁ ଯୁବତୀଙ୍କୁ ଦୁର୍ବ୍ୟବହାର

## ଘରେ ପଶି ଆକ୍ରମଣ, ଭଙ୍ଗାରୁଜା

ଭୁବନେଶ୍ୱର, (ସବ୍ୟୁ) : ମୈତ୍ରୀ ବିହାର ଥାନା ଅଞ୍ଚଳରେ ନିଶା ଖାଇବାକୁ ବିରୋଧ କରିବାରୁ ନିଶାଡ଼ି ଯୁବକମାନେ ଜଣେ ଯୁବତୀଙ୍କୁ ଦୁର୍ବ୍ୟବହାର କରିବା ସହ ତାଙ୍କ ଘରେ ପଶି ପରିବାର ଲୋକଙ୍କୁ ଆକ୍ରମଣ କରିଛନ୍ତି । ଏଥିସହ ତାଙ୍କ ଘର ସାମ୍ନାର ରହିଥିବା ବୁଲେଟ ଆଦିକୁ ପଥରରେ ଛେଚି ଭାଙ୍ଗି ଦେଇଥିଲେ । ଜଣେ ଯୁବତୀ ଅଫିସ କାମ ସାରି ମୈତ୍ରୀବିହାର ଥାନା ଅଞ୍ଚଳ ସାଲିଆ ସାହିରେ ଥିବା ତାଙ୍କ ଘରକୁ ଫେରୁଥିଲେ । ହଠାତ ତାଙ୍କ ନଜରରେ ପଡ଼ିଲା, ଘର ପାଖରେ ଥିବା ଏକ ଘରେ ୬/୭ ଜଣ ଅସାମାଜିକ ଯୁବକ ବ୍ରାଉନସୁଗର ଖାଉଛନ୍ତି । ଘର ପାଖରେ ନିଶା ଖାଇବାକୁ ବାରଣ କରିବାରୁ ସେମାନେ ଉତ୍କ୍ଷିପ୍ତ ହୋଇ ଯୁବତୀଙ୍କୁ ଦୁର୍ବ୍ୟବହାର କରିବା ସହ ତାଙ୍କ ଘରେ ପସି ପରିବାର ଲୋକଙ୍କୁ ଆକ୍ରମଣ କରିଥିଲେ । ଘର ସାମ୍ନାରେ ରହିଥିବା ବୁଲେଟ ବାଇକ୍‌କୁ ପଥରରେ ଛେଚି ଭାଙ୍ଗିରୁଜି ଦେଇଛନ୍ତି । ମୈତ୍ରୀ ବିହାର ଥାନାରେ ଅଭିଯୋଗ ହେବାରୁ ପୋଲିସ ଘଟଣା ସ୍ଥଳକୁ ଯାଇ ତଦନ୍ତ କରିବା ସହ କେତେକ ଅଭିଯୁକ୍ତଙ୍କୁ ଥାନାକୁ ଆଣି ପଚରା ଉଚରା କରୁଛି । ଅଭିଯୁକ୍ତମାନେ ଏଭଳି ଘଟଣା ଘଟାଇଥିଲେ ଯେ, ସେ ଅଞ୍ଚଳର ଲୋକମାନେ ଭୟଭୀତ ହୋଇପଡ଼ିଛନ୍ତି ।

### ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ୧୦ବର୍ଷର ଶାସନକୁ ନେଇ ପ୍ରଶ୍ନ ଉଠାଇଲା କଂଗ୍ରେସ

## ବେଟି ବଚାଓ ନାରା ବଳାତ୍କାରୀ ବଚାଓରେ ପରିଣତ ହୋଇଛି

ଭୁବନେଶ୍ୱର (ସବ୍ୟୁ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗତ ୧୦ବର୍ଷର ଶାସନରେ ସମଗ୍ର ଭାରତବର୍ଷରେ ମହିଳାଙ୍କ ପ୍ରତି ବଳାତ୍କାର, ହତ୍ୟା, ଅପହରଣ ଓ ନିର୍ଯାତନା ବହୁ ମାତ୍ରାରେ ବୃଦ୍ଧି ପାଇଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ମୋଦି ସରକାରଙ୍କ ଘନିଷ୍ଠ ରାଜନୈତିକ ସହଯୋଗୀ, ନେତା ଓ ମନ୍ତ୍ରୀମାନେ ଏସବୁ କାର୍ଯ୍ୟରେ ସଂପୃକ୍ତ । ଅଭିଯୁକ୍ତଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପରିବର୍ତ୍ତେ ସରକାର ସେମାନଙ୍କୁ ଘଂଟ ଘୋଡ଼ାଉଛନ୍ତି । ଏପରିକି ବଳାତ୍କାର ଓ ହତ୍ୟା ମାମଲାରେ ସମ୍ପୃକ୍ତ ନେତାଙ୍କୁ ନିର୍ବାଚନ ଲଢ଼ିବା ପାଇଁ ଦଳୀୟ ଟିକଟ ମଧ୍ୟ ଦିଆଯାଉଛି। ଫଳରେ ସମଗ୍ର ଦେଶରେ ମହିଳାମାନେ ଅସୁରକ୍ଷିତ ହୋଇପଡ଼ିଛନ୍ତି । ମୋଦି ସରକାରଙ୍କ 'ବେଟି ବଚାଓ'ର ନାରା ଆଜି 'ବଳାତ୍କାରୀ ବଚାଓ'ରେ ପରିଣତ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଓଡ଼ିଶା ଗସ୍ତ ପୂର୍ବରୁ ଗତ ୧୦ବର୍ଷର ଶାସନକୁ ନେଇ ତାଙ୍କୁ ଏପରି ସମାଲୋଚନା କରିଛନ୍ତି ଅଖିଳ ଭାରତ କଂଗ୍ରେସ କମିଟି ପ୍ରବକ୍ତା ଡ. ଶ୍ୟାମା ମହମ୍ମଦ । ଗୁରୁବାର କଂଗ୍ରେସ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଡ. ଶ୍ୟାମା ମହମ୍ମଦ



କହିଲେ ଯେ ଉନାଓ ବଳାତ୍କାର ଓ ହତ୍ୟା ମାମଲା ସାରା ଦେଶରେ ଆଲୋଡ଼ନ ସୃଷ୍ଟି କରିଥିଲା। ଜଣେ ନାବାଳିକାଙ୍କୁ ବଳାତ୍କାର ଓ ହତ୍ୟା କରାଗଲା । ପରେ ତାଙ୍କ ବାପାଙ୍କୁ ପୋଲିସ କଷ୍ଟୋଡିରେ ହତ୍ୟା କରାଯିବା ସହ ଦାଦାଙ୍କୁ ଟ୍ରକ୍ ଚଢ଼ାଇ ହତ୍ୟା କରାଗଲା । ଘଟଣାରେ ସମ୍ପୃକ୍ତ ପୂର୍ବତନ ବିଜେପି ବିଧାୟକ କୁଲଦୀପ ସିଂହ ସେନଗରଙ୍କୁ ସେତେବେଳେ ଘଣ୍ଟ ଘୋଡ଼ାଇବାକୁ ଉଦ୍ୟମ କରାଯାଇଥିଲା । ମାତ୍ର କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ ପ୍ରିୟଙ୍କା ଗାନ୍ଧୀ ଘଟଣାସ୍ଥଳକୁ ଯାଇ ତୀବ୍ର ବିରୋଧ କରିବା ପରେ ଏହାର ସିବିଆଇ ତଦନ୍ତ ହୋଇଥିଲା। ସେହିପରି ମହିଳା କୁସ୍ତି କ୍ରୀଡ଼ାବିତ୍ ଯେଉଁମାନେ ଅଲିମ୍ପିକରେ ସ୍ୱର୍ଣ୍ଣ ପଦକ ଆଣି ଆମ ଦେଶକୁ ଗୌରବାନ୍ୱିତ କରିଛନ୍ତି ସେମାନଙ୍କୁ ବିଜେପି ନେତା ବ୍ରିଜ ଭୁଷଣ ଶରଣ ସିଂ ଯୌନ ଶୋଷଣ କରିବା ଘଟଣା ଅନ୍ତର୍ଜାତୀୟ ସ୍ତରରେ ଭାରତକୁ ନିନ୍ଦିତ କରିଛି। ମହିଳା କ୍ରୀଡ଼ାବିତ୍‌ମାନେ ବ୍ରିଜ ଭୁଷଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ଧାରଣା ଦେବାବେଳେ ପୁଲିସ ସେମାନଙ୍କୁ ଆକ୍ରମଣ କଲା । ଆଶ୍ଚର୍ଯ୍ୟର କଥା ଏସବୁ ଘଟଣାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମୌନ ବ୍ରତ ଧାରଣ କରିଥିଲେ। ସେହିପରି ମଣିପୁର ମହିଳା ହିଂସା ଘଟଣାରେ ମଧ୍ୟ ପ୍ରଧାନମନ୍ତ୍ରୀ ନୀରବ ରହିଲେ ଓ ଘଟଣାସ୍ଥଳକୁ ଥରଟିଏ ମଧ୍ୟ ଗଲେନି । ମାତ୍ର ରାହୁଲ ଗାନ୍ଧି ମହିଳାମାନଙ୍କୁ ନ୍ୟାୟ ଦେବା ପାଇଁ ଘଟଣାସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିବା ସହ ସେହିଠାରୁ ହିଁ ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା ଆରମ୍ଭ କଲେ । ସେହିପରି ଓଡ଼ିଶାରେ ମଧ୍ୟ ସମାନ ଘଟଣା ଦେଖିବାକୁ ମିଳୁଛି ବୋଲି ଡ. ଶ୍ୟାମା ମହମ୍ମଦ କହିଛନ୍ତି । ସେ କହିଛନ୍ତି ଯେ ମମିତା ମେହେର ବଳାତ୍କାର ଓ ହତ୍ୟା ମାମଲାରେ ବିଜେଡି ନେତା କ୍ୟାପ୍ଟେନ୍ ଦିବ୍ୟ ଶଙ୍କର ମିଶ୍ର ଅଭିଯୁକ୍ତ ଥିଲେ ମଧ୍ୟ ପୁଲିସ ତାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲା ନାହିଁ।


ମାତ୍ର କଂଗ୍ରେସ ସବୁବେଳେ ମହିଳାମାନଙ୍କ ସୁରକ୍ଷା ଓ ସମ୍ମାନକୁ ଗୁରୁତ୍ୱ ଦେଇଆସିଛି। ନିର୍ବାଚନୀ ଇସ୍ତାହାରରେ ମଧ୍ୟ କଂଗ୍ରେସ ମହିଳା ସଶକ୍ତିକରଣ ନିମନ୍ତେ ଧ୍ୟାନ ଦେଇଛି। ମହାଲକ୍ଷ୍ମୀ ଯୋଜନାରେ ପ୍ରତି ଗରିବ ପରିବାରର ଜଣେ ମହିଳାଙ୍କୁ ବାର୍ଷିକ ୧ଲକ୍ଷ ଟଙ୍କା ସହାୟତା ପ୍ରଦାନ, କେନ୍ଦ୍ର ସରକାରଙ୍କ ବିଭିନ୍ନ ଚାକିରିରେ ମହିଳାଙ୍କ ପାଇଁ ୫୦ ପ୍ରତିଶତ ସଂରକ୍ଷଣ, ଆଶା, ଅଙ୍ଗନବାଡ଼ି କର୍ମୀ ଓ ମଧ୍ୟାହ୍ନଭୋଜନ କର୍ମଚାରୀଙ୍କ ଦରମା ଦୁଇଗଣ କରିବା ପାଇଁ କଂଗ୍ରେସ ଇସ୍ତାହାରରେ ଘୋଷଣା କରିଛି ବୋଲି ଡ. ଶ୍ୟାମା ମହମ୍ମଦ କହିଛନ୍ତି । ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପିସିସି ମୁଖପାତ୍ର ପ୍ରଶାନ୍ତ ଶତପଥୀ, ମନିଷା ଦାସ ପଟ୍ଟନାୟକ ଉପସ୍ଥିତ ଥିଲେ ।

**କଂଗ୍ରେସ ଇସ୍ତାହାରରେ ମହିଳାଙ୍କୁ ଦିଆଯାଇଛି ବିଶେଷ ଗୁରୁତ୍ୱ**

### ବିଭିନ୍ନ ବାରର ଆଇନଜୀବିଙ୍କୁ ଭେଟିଲେ ବିଜେଡ଼ି ପ୍ରାର୍ଥୀ ପ୍ରକାଶ

## କଟକରେ ହେବ ଆଡଭୋକେଟ ଏକାଡେମୀ, ଦେଲେ ପ୍ରତିଶ୍ରୁତି

କଟକ (ସବ୍ୟୁ): ନୂତନ ଭାବେ ନିଯୁକ୍ତି ପାଉଥିବା ବିଚାରବିଭାଗୀୟ ଅଧିକାରୀ ମାନଙ୍କୁ ପ୍ରଶିକ୍ଷଣ ଦେବା ପାଇଁ ରାଜ୍ୟ ସରକାର ଜୁଡ଼ିସିଆଲ ଏକାଡେମୀ ଗଠନ କରିଥିବା ବେଳେ ସମାନ ଢାଞ୍ଚାରେ ଆଇନଜୀବି ମାନଙ୍କ ଲାଗି କଟକ ରେ ହେବ ଆଡଭୋକେଟ ଏକାଡେମୀ ର ଆବଶ୍ୟକତା ରହିଛି । ଏହା ଦ୍ୱାରା ନୂତନ କରି କ୍ୟାରିୟର ଆରମ୍ଭ କରୁଥିବା ଆଇନଜୀବିଙ୍କୁ ସ୍ୱତନ୍ତ୍ର ଟ୍ରେନିଂ ନେବା ପାଇଁ ସୁବିଧା ହୋଇପାରିବ । ତା ସହିତ ଆଇନ୍ କ୍ଷେତ୍ର ହେଉଥିବା ଅପଡେଟ ବିଷୟରେ ଆଇନଜିବୀ ମାନେ ଅବଗତ ହେବା ସହଜ ହୋଇପାରିବେ ବୋଲି ବିଭିନ୍ନ ବାର୍ ଛାମୁଆ ଆଇନଜୀବୀ ମାନଙ୍କ ସହ ବଜେଡି ପ୍ରାର୍ଥୀ ପ୍ରକାଶ ବେହେରା ନିବାଚନ ପ୍ରଚାର କରିବାକୁ ଆସି ଜାଣିବାକୁ ପାଇଛନ୍ତି ଏବଂ ଏ ଦିଗରେ ସବୁ ଚେଷ୍ଟା କରିବାକୁ ପ୍ରତିଶ୍ରୁତ ଦେଇ କ୍ୟାମ୍ପେନିଂ ଆରମ୍ଭ କରିଥିଲେ । ବାର୍ ପରିସର ରେ ରହିଥିବା ସମସ୍ତ ଆଇନଜିବୀଙ୍କ ସହିତ ୱାନ ଟୁ ୱାନ ଆଲୋଚନା କରିଥିଲେ । ଏହାପରେ କଟକ ବାର ଆସୋସିଏସନ୍, ସିଭିଲ ବାର ଆସୋସଏସନ , କଟକ ରେଭେନ୍ୟୁ ବାର୍ ଆସୋସିଏସନ ଗ୍ରସ୍ତ କରିଥିଲେ ବିଜେଡି ବିଧାୟକ ପ୍ରାର୍ଥୀ ପ୍ରକାଶ ବେହେରା । ଏଥସହ ହାଇକୋର୍ଟ ବାର ଆସସିଏସନରେ ମଧ୍ୟ ନିର୍ବାଚନ ପ୍ରଚାର କରିଥିଲେ । ବାର ଆସୋସିଏସନରେ ନିର୍ବାଚନ ପ୍ରଚାର ସମୟରେ ବିଜେଡି ପ୍ରାର୍ଥୀ ପ୍ରକାଶ ବେହେରାଙ୍କୁ ସ୍ୱାଗତ କରିବା ସହିତ ବିପୁଳ ପରିମାଣରେ ଆଇନଜୀବୀ ମାନେ ସମର୍ଥନ ଜଣାଇଥିବା ଦେଖିବାକୁ ମିଳିଥିଲା । ଏଥିସହ ହାଇକୋର୍ଟ ବାର ଆସୋସିଏସନ୍ ପରିସରରେ ଆସୋସିଏସନର ସଭାପତି ବିଜୟ କୁମାର ସାହୁ, ଉପସଭାପତି କରୁଣା କର ରଥ, ସଂପାଦକ ରଞ୍ଜନ କୁମାର ନାୟକଙ୍କ ସମେତ ହାଇକୋର୍ଟ ବାରର ସମସ୍ତ ନିର୍ବାଚନ ପଦାଧିକାରୀଙ୍କ ସହିତ ମଧ୍ୟ ସାକ୍ଷାତ କରି ଆଲୋଚନା କରିଥିଲେ । କଟକର ସମସ୍ତ ବାର୍ ଆସୋସିଏସନ୍ ନିର୍ବାଚନ ପ୍ରଚାର୍ ରେ ବିଧାୟକ ପ୍ରାର୍ଥୀ ଙ୍କ ସହିତ ଆଇନଜିବୀ ମିଳନ କାନୁନଗୋ, ଶୁଭ୍ରାଂଶୁ ମହାନ୍ତି, ଶଶି ଭୂଷଣ ଦାସ, କ୍ରିମିନାଲ କୋର୍ଟ ବାର ଆସୋସିସନର ସଭାପତି



ଶରତ ଚନ୍ଦ୍ର ପ୍ରଧାନ, ସଂପାଦକ ତାପସ କୁମାର ନାୟକ, ସୁଭାଷ ଚନ୍ଦ୍ର ମହାନ୍ତି, ସୁନିଲ କୁମାର ପ୍ରଧାନ, ନରେଶ ଜେନା , ଶିଶିର କୁମାର ନାୟକ, ଧ୍ରୁସଣ ଚନ୍ଦ୍ର ରାଉତ ପ୍ରମୁଖ ଉପସ୍ଥିତି ରହିଥିଲେ ।

### ବିଜେଡିକୁ ବିଜେପି ଭାଙ୍ଗି ଦେବା ଅଭିଯୋଗ ଉପରେ ଧର୍ମେନ୍ଦ୍ରଙ୍କ ପ୍ରତିକ୍ରିୟା

# ପ୍ରଜାତନ୍ତ୍ରରେ କେହି କାହାକୁ ଭାଙ୍ଗେ ନାହିଁ, ଲୋକଙ୍କୁ ଠକିଲେ ଲୋକମାନେ ହିଁ ଭାଙ୍ଗି ଦିଅନ୍ତି

ଭୁବନେଶ୍ୱର (ସବ୍ୟୁ): ଶାସକ ଦଳ ବିଜେଡି ମଧ୍ୟରେ ଡର ପଶିଗଲାଣି । ପ୍ରଜାତନ୍ତ୍ରରେ କେହି କାହାକୁ ଭାଙ୍ଗେ ନାହିଁ । ଲୋକଙ୍କୁ ଠକିଲେ ହିଁ ଲୋକମାନେ ତାକୁ ହିଁ ଭାଙ୍ଗି ଦିଅନ୍ତି । ଓଡ଼ିଆ ଲୋକମାନେ ଏଥର ବିଜେଡିକୁ ହରାଇ ଦଳକୁ ଭଙ୍ଗେଇ ଦେବେ ବୋଲି ବିଜେଡିକୁ ବିଜେପି ଭାଙ୍ଗି ଦେବା ଅଭିଯୋଗ ଉପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ଓଡ଼ିଶାବାସୀଙ୍କର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରତି ବିଶ୍ୱସନୀୟତା ଏଥର ରାଜ୍ୟର ବିଧାନସଭା ଓ ଲୋକସଭା ଭୋଟରେ ପ୍ରତିଫଳିତ ହେବ । ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ନରେନ୍ଦ୍ର ମୋଦୀ । ବିଜୁ ଜନତା ଦଳର ପ୍ରଧାନମନ୍ତ୍ରୀ ଚେହେରା କିଏ, ଏହା ସେମାନେ ସ୍ପଷ୍ଟ କରିବେ କି ? ଏଥର ଓଡ଼ିଶାବାସୀ ୨୧ରୁ ୨୧ ଲୋକସଭା ପାଇଁ ଆଶୀର୍ବାଦ କରିବେ । କାରଣ



ମୋଦୀ ଓଡ଼ିଶାର ଅନେକ ବିକାଶ ମୂଳକ ଯୋଜନା କରିଥିବାରୁ ଲୋକଙ୍କ ଭରସା ବଢ଼ିଛି । ଗତ ୧୦ ବର୍ଷରେ ଓଡ଼ିଶାକୁ ୧୮ ଲକ୍ଷ କୋଟି ଟଙ୍କାର ଅନୁଦାନ ଆସିଛି । ୩୪ ଲକ୍ଷ ଲୋକଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ମିଳିଛି । ୫୦ ଲକ୍ଷ ଚାଷୀ କୃଷକ ସମ୍ମାନ ନିଧିରେ ଟଙ୍କା ପାଇଛନ୍ତି । ମନରେଗାରେ ରେକର୍ଡ ପରିମାଣର ଅନୁଦାନ ଆସିଛି । ଶ୍ରୀ ପ୍ରଧାନ କହିଛନ୍ତି ଯେ ବିଜେଡିକୁ ୨୪ ବର୍ଷ ଧରି ଅବସର ମିଳିଲା । ଓଡ଼ିଶାରେ ସମ୍ଭାବନା ଥିବା ସତ୍ତ୍ୱେ ଗରିବ କାହିଁକି ? ଯୁବକ କାମ ଧନ୍ଦା ନ ପାଇ ଦାଦନ କାହିଁକି ଯାଉଛନ୍ତି ? ବିଦ୍ୟାଳୟରେ ଶିକ୍ଷକ, ଡାକ୍ତରଖାନାରେ ଡାକ୍ତର ନାହାନ୍ତି । ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳୀ ହିଞ୍ଜିଳିରେ ଶୀତଳ ଭଣ୍ଡାର ନାହିଁ । ଆଦିବାସୀ ଜମି ବିକ୍ରି କରିବାର ଷଡ଼ଯନ୍ତ୍ର ସରକାର କରିଥିଲେ । ବିଜେପିକୁ ସୁଯୋଗ ଦିଆଗଲେ ଓଡ଼ିଶାକୁ ଏକ ନମ୍ବର କରାଯିବ ବୋଲି ମୋଦୀ ଗ୍ୟାରେଣ୍ଟି ଦେଇଛନ୍ତି । ଓଡ଼ିଶା ମୋଦୀଙ୍କ ନେତୃତ୍ୱରେ ବିକାଶ ହେବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି ।

## କମ୍ପାନୀର ୨.୬୩ କୋଟି ହଡ଼ପ, ଆକାଉଣ୍ଟାଣ୍ଟ ଗିରଫ

ଭୁବନେଶ୍ୱର, (ସବ୍ୟୁ) : କମ୍ପାନୀ ଆକାଉଣ୍ଟରୁ ୨.୬୩ କୋଟି ହଡ଼ପ କରିଥିବା କ୍ୟାସିୟର ସରୋଜ କୁମାର ମହାନ୍ତିଙ୍କୁ ଗିରଫ କରିଛି କ୍ରାଇମବ୍ରାଞ୍ଚ ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) । ସରୋଜ ଘର ଜଗତସିଂହପୁର କାଳିଆବୋରାରେ ହୋଇଥିବାବେଳେ ସେ ବିଶ୍ୱଜିତ ଭୂୟାଁଙ୍କ ସିଲ୍‌କୋଟ୍ ଷ୍ଟ୍ରକ୍ଚରାଲ ୱାର୍କ ପିଭିଟି ଏଲଟିଡିରେ ଆକାଉଣ୍ଟାଣ୍ଟ ଭାବେ କାମ କରୁଥିଲା । ବିଶ୍ୱଜିତଙ୍କ ଏତଲା ଆଧାରରେ ଇଓଡବ୍ଲ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଥିଲାବେଳେ ସରୋଜକୁ ଗିରଫ କରିବାରେ ସମର୍ଥ ହୋଇଛି । ସରୋଜ ୨୦୧୫-୧୬ରୁ ୧୭-୧୮ ମଧ୍ୟରେ ଜାଲ କାଗଜପତ୍ର ଓ ମାଲିକଙ୍କ ଦସ୍ତଖତକୁ ଜାଲ କରି କମ୍ପାନୀ ଟଙ୍କାକୁ ବିଭିନ୍ନ ପର୍ଯ୍ୟାୟରେ ନିଜ ଆକାଉଣ୍ଟ ଓ ସମ୍ପର୍କୀୟଙ୍କ ଆକାଉଣ୍ଟକୁ ପଠାଇଥିବା ଜାଣିବା ପରେ ମାଲିକ ବିଶ୍ୱଜିତ ଏତଲା କରିଥିଲେ । ଏତଲାକୁ ଆଧାର କରି ସରୋଜକୁ ଇଓଡବ୍ଲ୍ୟୁ ଗିରଫ କରିବା ସହ ତା' ନିକଟରୁ ବହୁ ଜାଲ କାଗଜପତ୍ର ଜବତ କରିଛି ।

## ବିଜେଡ଼ିରେ ଯୋଗଦେଲେ କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀର କଂଗ୍ରେସ ନେତା ଉପେନ୍ଦ୍ର ମେହେର



ଭୁବନେଶ୍ୱର (ସବ୍ୟୁ): ବଲାଙ୍ଗିର ଜିଲ୍ଲା ଅନ୍ତର୍ଗତ କଣ୍ଟାବାଞ୍ଜିନିର୍ବାଚନ ମଣ୍ଡଳୀର କଂଗ୍ରେସ ନେତା ଉପେନ୍ଦ୍ର ମେହେରଙ୍କ ସହ ଶତାଧିକ କଂଗ୍ରେସ କର୍ମୀ ଗୁରୁବାର ଶଙ୍ଖଭବନ ଠାରେ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ରଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି । ଦଳରେ ସାମିଲ୍ ହୋଇଥିବା ଉପେନ୍ଦ୍ର ମେହେର ଓ ଶତାଧିକକଂଗ୍ରେସକର୍ମୀଙ୍କୁଡକ୍ଟର ପାତ୍ର ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ । କଂଗ୍ରେସ କର୍ମୀଙ୍କ ଯୋଗଦାନ ଫଳରେ ବିଶେଷ କରି କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀରେ ଦଳୀୟ ସଂଗଠନ ଆହୁରି ମଜଭୂତ ହେବ ବୋଲି ଡକ୍ଟର ପାତ୍ର କହିଥିଲେ।

ଏହି ମିଶ୍ରଣ ପର୍ବରେ ପୂର୍ବତନ ଜିଲ୍ଲାପରିଷଦ ଦେବଦତ୍ତ ସରାଫ, ସମାଜସେବୀ ଯୋଗେନ୍ଦ୍ର ମିଶ୍ର, ପରମେଶ୍ୱର ମେହେର, ଯଯାତି କେଶରୀ ମେହେର, କୃଷକସାଥୀ ରଘୁନାଥ ବେହେରା, ମାଳିସ ମାଜର ସଦସ୍ୟ ସୁବାସ ପଟେଲ, ଗୁପ୍ତେଶ୍ୱର ପଟେଲଙ୍କ ସହ ଶତାଧିକ କଂଗ୍ରେସ କର୍ମୀ ବିଜେଡ଼ିରେ ସାମିଲ ହୋଇଥିଲେ। ଶେଷରେ ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଜୁଆ ଆଡ୍ଡାରେ ଚଢ଼ାଉ
## ୯ ଗିରଫ, ୨୯ହଜାର ଟଙ୍କା ଜବତ

ଭୁବନେଶ୍ୱର, (ସବ୍ୟୁ) : ମଞ୍ଚେଶ୍ୱର ଥାନା ପୋଲିସ ପାଣ୍ଡରା କାଳିଆନଗର ଅଞ୍ଚଳ ଜୁଆ ଆଡ୍ଡାରେ ଚଢ଼ାଉ କରି ୯ ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ଶିବୁ ଓରଫ ରଞ୍ଜନ ବେହେରା (୩୨), ଜୁବୁଲି ଓରଫ ଅକ୍ଷୟ କୁମାର ଗୋଛି (୩୬), ମନୋଜ କୁମାର ପରିଡ଼ା (୩୬), ପିଣ୍ଟୁ ଓରଫ ଏସ୍ ଜୟଦେବ ରାଓ (୪୧), ଗଣେଶ ନାୟକ (୩୧), ନିଲୁ ଓରଫ ନିରଞ୍ଜନ ପାତ୍ର (୪୪), ଦିଲୁ ନାହାକ (୪୦), ବାଗ୍‌ଲି ଓରଫ ଆଶ୍ରୟ ରେଡ୍ଡି (୨୮) ଓ ଜଗୁ ଓରଫ ରିତେଶ ସାହୁ (୨୦) । ଏମାନେ ବସି ଖେଳୁଥିବା ଲମ୍ବା ପଲିଥିନ, ୧୧୦ଟି ତାସ ମୁଠା, ୨୯ହଜାର ୯୦୦ ଟଙ୍କା, ୪ ବାଇକ ଓ ୧୧ଟି ଫୋନ ଜବତ କରିଛି ପୋଲିସ । ଗିରଫ ୯ ଅଭିଯୁକ୍ତଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ସମସ୍ତଙ୍କୁ ଜେଲ ହାଜତ ପଠାଇ ଦିଆଯାଇଛି ।

## 'ରୋଜା ଲେଟ୍ସ ରାଇଜ୍ ଇନ୍ ଲଭ୍' ପୁସ୍ତକ ଉନ୍ମୋଚିତ

ଭୁବନେଶ୍ୱର, (ସବ୍ୟୁ): ଡାକ୍ତର ଶୁବ୍ରହ୍ମ ପାଣିଙ୍କ ଦ୍ୱାରା ଲିଖିତ 'ରୋଜା ଲେଟ୍ସ ରାଇଜ୍ ଇନ୍ ଲଭ୍' ପୁସ୍ତକ ଉନ୍ମୋଚନ ହୋଇଛି । ଏହା ଏକ ପ୍ରେମ, ମାନବିକତା, ଉତ୍ସାହ, ଦୁଃଖ ଓ ବ୍ୟକ୍ତିଗତ ବିକାଶର କାହାଣୀ । ଯାହା ପାଠକମାନଙ୍କୁ ଜୀବନର ସଞ୍ଜା ଏବଂ ପ୍ରେମର ଗଭୀରତା ମଧ୍ୟରେ ନିବିଡ଼ ଭାବେ ନିମଗ୍ନ କରିଥାଏ । ଏହି ପୁସ୍ତକରେ ପ୍ରେମର ପରିବର୍ତ୍ତନଶୀଳ ଧାରାକୁ ସ୍ପଷ୍ଟ ଭାବରେ ବର୍ଣ୍ଣନା କରାଯାଇଛି । ଡାକ୍ତର ପାଣି କାହାଣୀର ମୁଖ୍ୟ ରୋଜା ଚରିତ୍ରକୁ ଅତି ନିଖୁଣ ଭାବେ ବର୍ଣ୍ଣନା କରି ଗଳ୍ପଟିକୁ ରୂପ ଦେବା ସହ ଏକ ଚେତନାଧର୍ମୀ ବାର୍ତ୍ତା ଦେବାକୁ ପ୍ରୟାସ କରିଛନ୍ତି ।



ପୁସ୍ତକଟିର ସମସ୍ତ କୋଣ ଅନୁକୋଣକୁ ଦୃଷ୍ଟି ପକାଇଲେ ହୃଦୟଙ୍ଗମ ହୁଏ ଯେ ଗାଳ୍ପିକ ଡାକ୍ତର ପାଣି ଏଥିରେ ପ୍ରେମ ଏବଂ ମାନବିକତାକୁ ସମାନ୍ତରାଳ ଭାବେ ସମ୍ମାନ ଦେଇଛନ୍ତି । ଯାହାକି ଖୁବ୍ ହୃଦୟସ୍ପର୍ଶୀ ମନେହୁଏ । ଏହି ପୁସ୍ତକର ଲାଭାଂଶ କର୍କଟ ରୋଗୀଙ୍କ ଉପରେ ଖର୍ଚ୍ଚ କରାଯିବ । ପୁସ୍ତକଟି ଅନ୍‌ଲାଇନ୍ ପ୍ଲାଟଫର୍ମ ଆମାଜନ, ଫ୍ଲିପ୍‌କାର୍ଟରେ ଉପଲବ୍ଧ ହେଉଥିବାବେଳେ ଅଫ୍‌ଲାଇନ୍‌ରେ ଖୁବ୍‌ଶୀଘ୍ର ବଜାରରେ ମିଳିବ । ଡାକ୍ତର ଶୁବ୍ରହ୍ମ ସର୍ବଦା ତାଙ୍କ ଲେଖାରେ ଏକ ଉଚ୍ଚକୋଟୀର ସାହିତ୍ୟ ଛିଟା ଛାଡ଼ିଯିବାକୁ ପ୍ରୟାସ କରିଥାନ୍ତି । ଯାହାକି ତାଙ୍କର ଆଗାମୀ ପୁସ୍ତକ 'ଟର୍ଣ୍ଣିଙ୍ଗ୍ ଦ ଟାଇଡ'ରେ ମଧ୍ୟ ପରିଲକ୍ଷିତ ହେବ । ଏକ ହସ୍ପିଟାଲ କିପରି ତା'ର ଖରାପ ସମୟ ଉପରେ ନିଜର ପ୍ରାଣମୂର୍ଚ୍ଛା ଚେଷ୍ଟା ଦ୍ୱାରା ବିଜୟ ହାସଲ କରିଛି । ତାହା ସୁନ୍ଦର ଭାବରେ ଏହି ପୁସ୍ତକରେ ବର୍ଣ୍ଣିତ ହେବ ଏବଂ ଏହା ଏକ ସତ୍ୟ କାହାଣୀ ଉପରେ ଆଧାରିତ । କୋଭିଡ୍ ସମୟରେ ରୋଗୀଙ୍କ ଦୁଃଖ, ଯନ୍ତ୍ରଣା ଓ ଡାକ୍ତରମାନଙ୍କର ବୀରତ୍ୱପୂର୍ଣ୍ଣ ଭୂମିକାକୁ ଅତି ନିଚ୍ଛକ ଭାବେ ବର୍ଣ୍ଣନା କରିଛନ୍ତି ଡାକ୍ତର ପାଣି ।

## ସମ୍ ଶୀତଳାପଲ୍ଲୀ କ୍ୟାମ୍ପସ୍‌ରେ ସଫଳତାର ସହ ବାହାର କରାଗଲା ବିରଳ ସାଇନସ୍ ଟ୍ୟୁମର

ଭୁବନେଶ୍ୱର (ସବ୍ୟୁ): ଜଣେ ୬୦ ବର୍ଷୀୟା ମହିଳାଙ୍କର ଶରୀରରୁ ବିରଳ ସାଇନସ୍ ଟ୍ୟୁମରକୁ ସଫଳତାର ସହ ବାହାର କରିପାରିଛନ୍ତି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍ ଶୀତଳାପଲ୍ଲୀ କ୍ୟାମ୍ପସ୍‌ର ସର୍ଜନ। ରୋଗୀ ଜଣଙ୍କ ଦୀର୍ଘ ବର୍ଷ ଧରି ଅତ୍ୟନ୍ତ ମୁଣ୍ଡ ବିନ୍ଧା ସହ୍ୟ କରୁଥିଲେ ଓ ତାଙ୍କର ନାସା ସମ୍ପୂର୍ଣ୍ଣ ବନ୍ଦ ହେବା ସମସ୍ୟା ନେଇ ହସ୍ପିଟାଲକୁ ଆସିଥିଲେ। କର୍ଣ୍ଣ, ନାସା ଓ ଗଳା (ଇଏନ୍‌ଟି) ବିଭାଗର ଡାକ୍ତର ପ୍ରିୟଜୀତ ପାଣିଗ୍ରାହୀ ତାଙ୍କର ପରୀକ୍ଷା ନିରୀକ୍ଷା ପରେ ସିଟି ସ୍କାନ୍ ପାଇଁ ପରାମର୍ଶ ଦେଇଥିଲେ।



ସିଟି ସ୍କାନ୍ ରିପୋର୍ଟରୁ ନାସାର ପଛ ଭାଗରେ ଏକ ବିଶାଳ ମାସଂପିଣ୍ଡୁଳା ଥିବାର ଜଣାପଡ଼ିବା ସହ ଏହା ଖପୁରୀକୁ ଯୋଡୁଥିବା ରନ୍ଧ୍ରଗୁଡ଼ିକୁ ବ୍ୟାପ୍ତ ହୋଇଥିବା ଜଣାପଡ଼ିଥିଲା। ଡାକ୍ତର ପାଣିଗ୍ରାହୀଙ୍କ ନେତୃତ୍ୱରେ ହୋଇଥିବା ଅସ୍ତ୍ରୋପଚାର ପରେ ତାଙ୍କ ଶରୀରରୁ ସଫଳତାର ସହ ୩୦୦ ଗ୍ରାମ୍‌ର ଟ୍ୟୁମରଟିକୁ ବାହାର କରାଯାଇଥିଲା। ରୋଗୀ ଜଣକ ଏବେ ସୁସ୍ଥ ଅଛନ୍ତି । ଏଭଳି ଟ୍ୟୁମର ଖୁବ୍ ବିରଳ ବୋଲି ଡାକ୍ତର ପାଣିଗ୍ରାହୀ କହିଛନ୍ତି । ସମସ୍ତ ପ୍ରକାର ଅସ୍ତ୍ରୋପଚାର ଓ ଚିକିତ୍ସା ସୁବିଧା ସମ୍ ଶୀତଳାପଲ୍ଲୀ କ୍ୟାମ୍ପସ୍‌ରେ ଉପଲବ୍ଧ ବୋଲି ହସ୍ପିଟାଲ୍ ପକ୍ଷରୁ କୁହାଯାଇଛି।

### ପ୍ରଧାନମନ୍ତ୍ରୀଙ୍କ ରୋଡ଼ ଶୋ' ପାଇଁ ଟ୍ରାଫିକ କଟକଣା

# ସୁରକ୍ଷାରେ ଆଣ୍ଟି ଟେରରିଷ୍ଟ ସ୍କ୍ୱାଡ୍

ଭୁବନେଶ୍ୱର, (ସବ୍ୟୁ) : ଶୁକ୍ରବାର ସନ୍ଧ୍ୟାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ରୋଡ଼ ଶୋ' ପାଇଁ ମାଷ୍ଟରକ୍ୟାଣ୍ଟିନରୁ ବାଣୀବିହାର ପର୍ଯ୍ୟନ୍ତ ଜନପଥରେ ଟ୍ରାଫିକ କଟକଣା କରାଯାଇଛି । ରୋଡ଼ଶୋ' ସରିବା ପର୍ଯ୍ୟନ୍ତ ସେହି ରାସ୍ତାରେ କୌଣସି ଗାଡ଼ି ଚଳାଚଳ କରିବ ନାହିଁ । ଏପରିକି ଜନପଥକୁ ଲାଗିଥିବା କଲୋନୀ ରାସ୍ତାରୁ କୌଣସି ଗାଡ଼ି ମୁଖ୍ୟ ରାସ୍ତାକୁ ଯୁବ ନାହିଁ ବୋଲି ପୋଲିସ କମିଶନର ସଞ୍ଜୀବ ପଣ୍ଡା ସାମ୍ବାଦିକମାନଙ୍କୁ ସୂଚନା ଦେଇଛନ୍ତି ।

ଗୁରୁବାର ଏସ୍‌ପିଜି ଟିମ୍ ଜନପଥର ସୁରକ୍ଷା ବ୍ୟବସ୍ଥାକୁ ଯାଞ୍ଚ କରିବା ସହ ବାଇନା କୁଲରରେ ପାଖାପାଖି ଅଞ୍ଚଳ ସବୁ ଦେଖିଛନ୍ତି । ଏପରିକି ମାଷ୍ଟରକ୍ୟାଣ୍ଟିନରୁ ବାଣିବିହାର ପର୍ଯ୍ୟନ୍ତ ରାସ୍ତାକୁ ସାନିଟାଇଜ କରାଯାଇଛି । ସୁରକ୍ଷାରେ ୫ ଡିସିପି, ୧୦ ଏଡିସିପି, ୨୭ ଏସିପି, ୪୧ ଆଇଆଇସି, ସନ୍ଧାନୀ କୁକୁର, ବୋମା ନିଷ୍କ୍ରିୟକାରୀ ଦଳ ଓ ୩ଟି ଆଣ୍ଟି ଟେରରିଷ୍ଟ ଟିମ୍ ସାମିଲ ଅଛନ୍ତି । ବ୍ଲୁ-ବୁକ ଅନୁଯାୟୀ ସୁରକ୍ଷା ବ୍ୟବସ୍ଥା କରାଯାଇଛି । ଏସ୍‌ପିଜିର ସ୍ୱତନ୍ତ୍ର ଟିମ୍ ସୁରକ୍ଷାର ମୁଖ୍ୟ ଦାୟିତ୍ୱ ନିଭାଉଛନ୍ତି । ଏହି ପାର୍ଶ୍ୱ ବସ୍ତି ଓ ଦୋକାନଗୁଡ଼ିକୁ କଡ଼ାକଡ଼ି ଭାବେ ଯାଞ୍ଚ କରାଯାଇଛି । କେତେକ ଦୋକାନକୁ ବନ୍ଦ କରିବା ପାଇଁ ପରାମର୍ଶ ଦିଆଯାଇଥିବା ସୂଚନା ମିଳୁଛି ।

### ପାଣ୍ଡିଆନଙ୍କ ଖୋର୍ଦ୍ଧା ଓ ବେଗୁନିଆ ନିର୍ବାଚନ ମଣ୍ଡଳୀ ଗସ୍ତ

# ସାଂସଦ ଅପରାଜିତାଙ୍କୁ ତେରେଛା କଟାକ୍ଷ

ଖୋର୍ଦ୍ଧା/ବୋଲଗଡ (ସବ୍ୟୁ): ପାଗ ଖରାପ ସତ୍ତ୍ୱେ ବେଗୁନିଆ ନିର୍ବାଚନ ମଣ୍ଡଳୀରେ ଷ୍ଟାର ପ୍ରଚାରକ କାର୍ତିକ ହେଲିକ୍ୟାପ୍ଟର ଯୋଗେ ବ୍ଲକ କାର୍ଯ୍ୟାଳୟ ସଂଲଗ୍ନ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମ ପରିସରରେ ଆୟୋଜିତ ନିର୍ବାଚନୀ ସଭାରେ ଯୋଗ ଦେଇଥିଲେ । ଏଥିରେ ବିଜେଡ଼ି ସାଂସଦ ପ୍ରାର୍ଥି କ୍ୟାପଟେନ ମନ୍ମଥ ରାଉତରାୟ ଓ ବିଧାୟକ ପ୍ରାର୍ଥି ପ୍ରଦୀପ କୁମାର ସାହୁଙ୍କୁ ଯୋଡ଼ି ଶଙ୍ଖରେ ଭୋଟ ଦେଇ ଷଷ୍ଠଥର ପାଇଁ ନବୀନ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ କରିବା ପାଇଁ ଆହ୍ୱାନ ଦେଇଥିଲେ । ନବୀନ ସରକାର ରାଜ୍ୟର ବିକାଶ ପାଇଁ ବିଭିନ୍ନ ଯୋଜନା ପ୍ରଣୟନ କରି ଜନ ସାଧାରଣଙ୍କ ହିତରେ ଲକ୍ଷ୍ମୀ ବସଓ ବିଜୁ ସ୍ୱାସ୍ଥ୍ୟ କାର୍ଡ ଆଦି କରି ଲୋକମାନଙ୍କର ପ୍ରିୟ ଭାଜନ ହୋଇଥିବାରୁ ବିରୋଧି ବିଜେପି ଦଳ ସମାଲୋଚନା କରିବାରେ ଲାଗିଛି । ଆଗାମୀ ଦିନରେ ବିରୋଧିଙ୍କ ମୁହଁ ବନ୍ଦ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଧିକ ଭାବରେ ଜନ ହିତକର କାର୍ଯ୍ୟ କରି ଚାଲିବ ବୋଲି ସର୍ବଦା ଚେଷ୍ଟା ଜାରୀ ରଖିଛନ୍ତି । ସରପଂଚ, ସମିତି ସଭ୍ୟଓ ସାଂସଦ ସମସ୍ତ ଜନ ପ୍ରତିନିଧିଙ୍କ କିଛି କିଛି କ୍ଷମତା ରହିଥାଏ ତେବେ ନିର୍ବାଚନ ସମୟ ଆସିଲେ ବିଭିନ୍ନ ପ୍ରକାର ପ୍ରତିଶ୍ରୁତି ଦେଇ ପଳାଇ ଯାଇଥାନ୍ତି, ଏପରିକି ଭୁବନେଶ୍ୱରର ଜଣେ ଆଇଏସ ସାଂସଦ ବିଭିନ୍ନ ପ୍ରକାର କାର୍ଯ୍ୟ କରିବା



ପାଇଁ ପ୍ରତିଶ୍ରୁତି ଦେଇ କୋଭିଡ ସମୟରେ ଭୟରେ ରହି ଯାଇଥିଲେ । ଏବେ ପୁଣି ପ୍ରାର୍ଥି ଭାବେ ଆସି ଆପଣଙ୍କୁ ପୁଣି ଭୁଆଁ ବୁଲେଇବାରେ ଲାଗିଥିବାରୁ ଆପଣ ମାନେ ପ୍ରିୟ ମୁଖ୍ୟମନ୍ତ୍ରୀଙ୍କ ସମର୍ଥିତ ପ୍ରାର୍ଥିଙ୍କୁ ଭୋଟ ଗ୍ରହଣ ଦିନ ଯୋଡ଼ି ଶଙ୍ଖରେ ବିପୁଳ ଭାବେ ଭୋଟ ଦେବାକୁ ନିବେଦନ କରିଥିଲେ ।

ସେହିପରି ଖୋର୍ଦ୍ଧା ନିର୍ବାଚନମଣ୍ଡଳୀର ଟାଙ୍ଗୀ ବ୍ଲକ ଚିଲିକା ଷ୍ଟାଡିୟମ ରେ ଆୟେଜିତ ପ୍ରଚାର ସଭାରେ କାର୍ତିକ ପାଣ୍ଡିଆନ ବିରୋଧି ଦଳ ସାସଂଦ ପ୍ରାର୍ଥୀ ଅପରାଜିତା ଙ୍କ ବିରୁଦ୍ଧରେ ବିଶୋଦଗାର କରିବା ସହ ଟୁରିଷ୍ଟ ସାସଂଦ ଙ୍କୁ ବିଦାକର ବୋଲି କହିଥିଲେ। ତାଙ୍କର ୫ବର୍ଷ କାର୍ଯ୍ୟାଳୟ ସମୟ ମଧ୍ୟରେ କୌଣସି ଜନହିତକର କାର୍ଯ୍ୟ କରିନଥିବା ,ଜଣେ ବରିଷ୍ଠ ପ୍ରଶାସନିକ ଅଧିକାରୀ ଥାଇ ଏ ଅଞ୍ଚଳରେ ସୁଖଦୁଃଖରେ ନଥିବା ସେ କହିଥିଲେ । ୩୦ ହଜାର ଭୋଟ ବ୍ୟବଧାନ ରେ ବିଜୁ ଜନତାଦଳ ପ୍ରାର୍ଥୀ ଙ୍କୁ ଜିତାଇବା ପାଇଁ ଭୋଟ ଭିକ୍ଷା କରିଥିଲେ। ଏଠାରେ ଖୋର୍ଦ୍ଧା ବିଧାୟକ ପ୍ରାର୍ଥୀ ରାଜେନ୍ଦ୍ର କୁମାର ସାହୁ ଓ ଭୂବନେଶ୍ୱର ସାଂସଦ ପ୍ରାର୍ଥୀ ମନ୍ମଥ ରାଉତରାୟ ସ୍ୱାଗତ କରିଥିଲେ । ବେଗୁନିଆ କାର୍ଯ୍ୟକ୍ରମରେ ବିଜେଡ଼ି ପର୍ଯ୍ୟବେକ୍ଷକ କୈଳାସ ପାତ୍ର, ସହ ପର୍ଯ୍ୟ ବେକ୍ଷକ ଶୁଭ୍ରାଂଶୁ ମିଶ୍ର, ବିଜେଡ଼ି ଜିଲ୍ଲା ସଭାପତି ପ୍ରଫୁଲ୍ଲ କୁମାର ପ୍ରଧାନ,ବ୍ଲକ ଅଧକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ଜିଲ୍ଲା ପରିଷଦ ସଭ୍ୟ ସରପଂଚ/ସମିତି ସଭ୍ୟଙ୍କ ସମେତ ତିରିଶ ହଜାରରୁ ଉର୍ଦ୍ଧ୍ୱ ଲୋକ ସମାଗମ ହୋଇଥିଲେ । ସେହିପରି ଟାଙ୍ଗୀ କାର୍ଯ୍ୟକ୍ରମ ରେ ଜିଲ୍ଲା ବିଜେଡି ଉପଦେଷ୍ଟା ରାମଚନ୍ଦ୍ର ମହାପାତ୍ର, ଟାଙ୍ଗୀ ପଂଚାୟତ ସମିତି ଅଧକ୍ଷା ରାସ୍ମା ମାନଧାତା,ପୂର୍ବତନ ଚେୟାରମ୍ୟାନ ବିଜୟ କୁମାର ଜେନା,ଅଜୟ କୁମାର ମହାନ୍ତି,ଉପାଧକ୍ଷ ଦୁର୍ଗାପ୍ରସାଦ ନାଥଶର୍ମା, ସମେତ ଦଳୀୟ ନେତୃମଣ୍ଡଳି ସମେତ ୧୦ହଜାର ଲୋକ ଯୋଗଦେଇଥିଲେ।

## ପାତ୍ରପଡ଼ା ରଜ ମହୋତ୍ସବ-୨୦୨୪ର ପ୍ରସ୍ତୁତି ବୈଠକ



ଭୁବନେଶ୍ୱର (ସବ୍ୟୁ): ନିକଟସ୍ଥ ପାତ୍ରପଡ଼ାର ଓଡ଼ିଶା ପ୍ରସିଦ୍ଧ ରାଜ ମହୋତ୍ସବର ପ୍ରସ୍ତୁତି ବୈଠକ ଗତକାଲି ମହାରାଜା କ୍ରିକେଟ ଆସୋସିଏସନର ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକକୁ ୬୫ନଂ ୱାର୍ଡର କର୍ପୋରେଟର ରଶ୍ମୀରଞ୍ଜନ ପାଟ୍ଟଶାଣୀଙ୍କ ସଭାପତିତ୍ୱରେ ଏ ବର୍ଷ କିପରି ସୁଚାରୁରୂପେ ରଜ ମହୋତ୍ସବ ହେବ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା । ପଡ଼ିଆର ଉନ୍ନତୀକରଣ, ଆଲୋକୀକରଣ, ଦୋଳି ଓ ମୀନାବଜାର, ମହିଳା ଓ ପୁରୁଷ କବାଡ଼ି ଖେଳ ଇତ୍ୟାଦି ବିଷୟଗୁଡ଼ିକରେ ଅଧିକ ଧ୍ୟାନ ଦିଆଯାଇଥିଲା । ଏହି ବୈଠକରେ ମହାରାଜା କ୍ରିକେଟ ଆସୋସିଏସନର କର୍ମକର୍ତ୍ତା, ପାତ୍ରପଡ଼ା ଭଗବାନପୁରର ଯୁବବାହିନୀ ଓ ଗ୍ରାମର ବୟୋଜ୍ୟେଷ୍ଠ ଅବସରପ୍ରାପ୍ତ ଶିକ୍ଷକ ଜଗବନ୍ଧୁ ସାହୁ, ଶଙ୍କର ଚରଣ ଦାସଙ୍କ ସମେତ ଗ୍ରାମର ବହୁ ଯୁବକ ସାମିଲ ହୋଇଥିଲେ । ଚଳିତବର୍ଷ ୪ ଦିନ ଏହି ଉତ୍ସବକୁ ୧୪, ୧୫, ୧୬, ୧୭ ରିଖରେ କରିବା ପାଇଁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଥିଲା ।

## ନାମାଙ୍କନ ପତ୍ର ଦାଖଲର ତୃତୀୟ ଦିନରେ ୫ ପ୍ରାର୍ଥୀଙ୍କ ନାମାଙ୍କନ ଦାଖଲ

ଜଗତସିଂହପୁର,(ସବ୍ୟୁ) : ଶେଷ ପର୍ଯ୍ୟାୟ ନିର୍ବାଚନନିମନ୍ତେ ଆଜି ନାମାଙ୍କନ ପତ୍ର ଦାଖଲର ତୃତୀୟ ଦିନରେ ଜଗତସିଂହପୁର ଜିଲାର ବିଭିନ୍ନ ବିଧାନସଭା ଓ ଜଗତସିଂହପୁର ଲୋକସଭା ଆସନରୁ ବିଭିନ୍ନ ଦଳର ପ୍ରାର୍ଥୀ ମାନେ ସେମାନଙ୍କର ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ଜଗତସିଂହପୁର ଲୋକସଭା କ୍ଷେତ୍ରର ୧୬ ଜଗତସିଂହପୁର ଲୋକସଭା (ସଂ) ଆସନ ନିମନ୍ତେ ଭାରତୀୟ ଜାତୀୟ କଂଗ୍ରେସର ପ୍ରାର୍ଥୀ ରବୀନ୍ଦ୍ର କୁମାର ସେଠୀ ଜିଲ୍ଲାପାଳ ତଥା ରିଟର୍ଣ୍ଣିଂ ଅଧିକାରୀ ଅନୁପମ ସାହାଙ୍କ ନିକଟରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । କଂଗ୍ରେସ ସାଂସଦ ପ୍ରାର୍ଥୀ ରବୀନ୍ଦ୍ର କୁମାର ସେଠୀ ସ୍ଥାନୀୟ ଟାଉନ ହଲ ନିକଟରୁ ଶୋଭାଯାତ୍ରାରେ ବାହାରି ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ୧୦୪ ଜଗତସିଂହପୁର ବିଧାନସଭାନିର୍ବାଚନମଣ୍ଡଳୀ ନିମନ୍ତେ ଆଜି ଉପ ଜିଲ୍ଲାପାଳ ତଥା ରିଟର୍ଣ୍ଣିଂ ଅଧିକାରୀ ପ୍ରଦୀପ କୁମାର ସାହୁଙ୍କ ନିକଟରେ ଭାରତୀୟ ଜନତା ପାର୍ଟି



ପ୍ରାର୍ଥୀ ଅମରେନ୍ଦ୍ର ଦାସ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ଅମରେନ୍ଦ୍ର ସ୍ଥାନୀୟ ସଁପୁର ଛକ ନିକଟରୁ ବିଶାଳ ଶୋଭାଯାତ୍ରାରେ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ପହଞ୍ଚି ନାମାଙ୍କନ ପତ୍ର ଦାଖଲ କରିଥିଲେ । ସେହିପରି ୧୦୧ ପାରାଦ୍ୱୀପ ବିଧାନସଭାନିର୍ବାଚନ ମଣ୍ଡଳୀ ନିମନ୍ତେ ବହୁଜନ ସମାଜ ପାର୍ଟି ର ପ୍ରାର୍ଥୀ ସୁଜାତା ମଲ୍ଲିକ ଅତିରିକ୍ତ ଜିଲ୍ଲାପାଳ ପାରାଦ୍ୱୀପ ତଥା ରିଟର୍ଣ୍ଣିଂ ଅଧିକାରୀ ଲଳିତ ମୋହନ ବେହେରାଙ୍କ ନିକଟରେ ପ୍ରାର୍ଥୀ ପତ୍ର ଦାଖଲ କରିଥିଲେ । ସେହିପରି ୧୦୩ ବାଲିକୁଦା - ଏରସମା ବିଧାନସଭା ନିର୍ବାଚନମଣ୍ଡଳୀ ନିମନ୍ତେ ସ୍ୱାଧୀନ ପ୍ରାର୍ଥୀ ଶେଷଦେବ ନନ୍ଦ, ଅତିରିକ୍ତ ଜିଲ୍ଲାପାଳ ଜଗତସିଂହପୁର ତଥା ରିଟର୍ଣ୍ଣିଂ ଅଧିକାରୀ ସମ୍ବିତ୍ ରାଉତଙ୍କ ନିକଟରେ ନାମାଙ୍କନ ପତ୍ର ଦାଖଲ କରିଥିଲେ । ୧୦୨ ତିର୍ତ୍ତୋଲ ବିଧାନସଭା(ସଂ)ନିର୍ବାଚନ ମଣ୍ଡଳୀ ନିମନ୍ତେ ଭାରତୀୟ ଜାତୀୟ କଂଗ୍ରେସ ପ୍ରାର୍ଥୀ ହିମାଂଶୁ ଭୁଷଣ ମଲ୍ଲିକ ଅତିରିକ୍ତ ରିଟର୍ଣ୍ଣିଂ ଅଧିକାରୀ ଅଭିପସା ପଟ୍ଟନାୟକଙ୍କ ନିକଟରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ସକାଳୁ ହିମାଂଶୁ ମଲ୍ଲିକ ମା ଶାରଳାଙ୍କ ଦର୍ଶନ କରିବା ପରେ ମନ୍ଦିର ନିକଟରୁ ଶୋଭାଯାତ୍ରାରେ ବାହାରି ଜୟପୁର ଛକ ଦେଇ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଁଚି ନାମାଙ୍କନ ପତ୍ର ଦାଖଲ କରିଥିଲେ ।

### ଆଇପିଏସ୍ ଶିକ୍ଷାନବିସ ଅଧିକାରୀମାନଙ୍କୁ

## ନିର୍ବାଚନ ପରିଚାଳନା ସମ୍ବନ୍ଧରେ ସୂଚିତ କଲେ ମୁଖ୍ୟ ନିର୍ବାଚନ ଅଧିକାରୀ

ଭୁବନେଶ୍ୱର (ସବ୍ୟୁ): ଭାରତୀୟ ପୋଲିସ ସେବା (ଆର୍. ଆର୍.-୨୦୨୩)ର ୫୭ ଜଣ ଶିକ୍ଷାନବିସ ଅଧିକାରୀ ମୁଖ୍ୟ ନିର୍ବାଚନ ଅଧିକାରୀ ଓଡ଼ିଶାଙ୍କ କାର୍ଯ୍ୟାଳୟକୁ ଆସି ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳଙ୍କ ଠାରୁ ଏକକାଳୀନ ସାଧାରଣ ନିର୍ବାଚନ-୨୦୨୪ର ପରିଚାଳନା ସମ୍ବନ୍ଧରେ ଅବଗତ ହୋଇଛନ୍ତି । ଏହି ଅବସରରେ ମୁଖ୍ୟ ନିର୍ବାଚନ ଅଧିକାରୀ ଶିକ୍ଷାନବିସ ଅଧିକାରୀମାନଙ୍କୁ ନିର୍ବାଚନ ପରିଚାଳନାର ବିଭିନ୍ନ ଦିଗ ବିଷୟରେ ଅବଗତ କରାଇଥିଲେ ।

ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟସ୍ଥ ମିଡ଼ିଆ ସେଣ୍ଟରରେ ଅନୁଷ୍ଠିତ ହୋଇଥିବା ସଭାରେ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଧଳ ସମସ୍ତ ଶିକ୍ଷାନବିସ ଅଧିକାରୀମାନଙ୍କୁ ସମ୍ବୋଧିତ କରିଥିଲେ । ଶ୍ରୀ ଧଳ ନିର୍ବାଚନ ପ୍ରକ୍ରିୟାର ତୃଣମୂଳ ସ୍ତରରୁ ଆଲୋଚନା କରି ମତଦାତା ତାଲିକାରେ କିପରି ସମସ୍ତ ବର୍ଗ ଓ ଅଞ୍ଚଳର ମତଦାତାମାନଙ୍କୁ ସାମିଲ କରି ଏକ ସମାବେଶୀ ମତଦାତା ତାଲିକା ପ୍ରସ୍ତୁତ କରାଯାଇଛି ତାହା 'ର୍ଶାଇଥିଲେ । ସାଧାରଣ ନିର୍ବାଚନ-୨୦୨୪ ପାଇଁ ପ୍ରଥମ ଥର ମତଦାତା (୧୮ଣ୍ଟ), ଯୁବ ମତଦାତା, ମହିଳା, ତୃତୀୟ ଲିଙ୍ଗ ଓ ଅନ୍ୟାନ୍ୟ ସମସ୍ତ ବର୍ଗର ମତଦାତାମାନଙ୍କୁ ମିଶାଇ ୩.୩୬ କୋଟି ମତଦାତାଙ୍କର ଏକ ସମ୍ମିଳିତ ତାଲିକା ପ୍ରସ୍ତୁତ କରାଯାଇଛି । ବିଏଲ୍‌ଓ ମାସ୍‌କଟ୍ 'ମିତା ଦିଦି ବିଷୟରେ ଆଲୋଚନା କରି ଶ୍ରୀ ଧଳ ସେମାନଙ୍କୁ 'ବୁଥ୍‌ସ୍ତରର ଅଧିକାରୀ: ଗଣତନ୍ତ୍ରର ପ୍ରହରୀ' ରୂପେ ଅଭିହିତ କରିଥିଲେ । ଏହି ଅବସରରେ ଓଡ଼ିଶାର ମତଦାତା ଲିଙ୍ଗ ଅନୁପାତ ୯୭୪କୁ ବୃଦ୍ଧି ପାଇଁ କରାଯାଇଥିବା ପ୍ରୟାସକୁ ଶିକ୍ଷାନବିସ ଅଧିକାରୀମାନେ ଭୂୟସୀ ପ୍ରଶଂସା କରିଥିଲେ । ଏବେ ଯେହେତୁ ସମସ୍ତ ଶିକ୍ଷାନବିସ ପୋଲିସ ଅଧିକାରୀ ଗଞ୍ଜାମ, ଗଜପତି, କଳାହାଣ୍ଡି, ରାୟଗଡ଼ା, ନୂଆପଡ଼ା, ମାଲକାନଗିରି, ନବରଙ୍ଗପୁର ଆଦି ୮ଟି ଜିଲ୍ଲାରେ ଟ୍ରେନିଂ ପ୍ରାପ୍ତ ହେବେ, ସେମାନଙ୍କୁ ତୃଣମୂଳ ସ୍ତରରୁ ପ୍ରତିଟି ବିଷୟକୁ ଭଲ ଭାବରେ ବୁଝି ତା'ର କ୍ରିୟାନ୍ୱୟନ ସମ୍ପର୍କରେ ଅଭିଜ୍ଞତା ପ୍ରାପ୍ତ କରିବାକୁ ଶ୍ରୀ ଧଳ ସମସ୍ତଙ୍କୁ ପ୍ରୋତ୍ସାହିତ କରିଥିଲେ । ଓଡ଼ିଶାରେ ଚତୁର୍ଥ ପର୍ଯ୍ୟାୟରେ ମେ ୧୩ରେ କୋରାପୁଟ, କଳାହାଣ୍ଡି, ନବରଙ୍ଗପୁର ଓ ବ୍ରହ୍ମପୁର ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ସମସ୍ତ ବିଧାନସଭା କ୍ଷେତ୍ରରେ ଏକକାଳୀନ ସାଧାରଣ ନିର୍ବାଚନ-୨୦୨୪ ବିଷୟରେ ଶ୍ରୀ ଧଳ ସବିଶେଷ ଆଲୋଚନା କରିଥିଲେ । ଏହି ସଭାରେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଡକ୍ଟର ଏନ୍. ତିରୁମାଲା ନାୟକ, ବିଜୁ ପଟ୍ଟନାୟକ ରାଜ୍ୟ ପୋଲିସ ଏକାଡେମୀର ନିର୍ଦ୍ଦେଶିକା ଶ୍ରୀମତୀ ସାଏନି ଏସ୍, ଜାତୀୟ ପୋଲିସ ଏକାଡେମୀର ଉପନିର୍ଦ୍ଦେଶକ ଅଜିତ ପ୍ରତାପ ସିଂ ଓ ଅନ୍ୟତମ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଶତ୍ରୁଘ୍ନ କର ଉପସ୍ଥିତ ରହି ଶିକ୍ଷାନବିସ ପୋଲିସ ଅଧିକାରୀମାନଙ୍କୁ ଉତ୍ସାହିତ କରିଥିଲେ ।

### ଦମ୍‌ଦାର ଓଡ଼ିଶା ଗଠନ ପାଇଁ ଅଭିଯାନ

# ରୁଚି ଚା ର ନୂତନ ଟିଭିସି ଉନ୍ମୋଚିତ

ଭୁବନେଶ୍ୱର, (ସବ୍ୟୁ): ରାଜ୍ୟର ଅଗ୍ରଣୀ ଖାଦ୍ୟପ୍ରକ୍ରିୟାକରଣ ଶିଳ୍ପ ରୁଚି ଫୁଡ୍‌ଲାଇନ୍‌ର ବହୁ ପ୍ରତୀକ୍ଷିତ ତଥା ଜନସଚେତନତାମୂଳକ ବାର୍ତ୍ତା ସମ୍ବଳିତ ନୂଆ ଟିଭି ବିଜ୍ଞାପନ ବା ଟେଲିଭିଜନ କମର୍ସିଆଲ (ଟିଭିସି)ର ଆନୁଷ୍ଠାନିକ ଲୋକାର୍ପିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଏକ ସାମ୍ବାଦିକ ସମ୍ମିଳନୀ ଭୁବନେଶ୍ୱର ଠାରେ ଆୟୋଜିତ ହୋଇଥିଲା । ଏହି ଅବସରରେ ରୁଚିର ପରିଚାଳନା ନିର୍ଦ୍ଦେଶକ ଡ. ଶରତ କୁମାର ସାହୁଙ୍କ, ନିର୍ଦ୍ଦେଶକ ଅରବିନ୍ଦ ସାହୁ, ଲୋକସମ୍ପର୍କ ପ୍ରବନ୍ଧକ ଶୁଭେନ୍ଦୁ କୁମାର ଭୂୟାଁ, ମାର୍କେଟିଂ ହେଡ୍ ଦେବବ୍ରତ ପଟ୍ଟନାୟକଙ୍କ ସମେତ ଅଭିନେତ୍ରୀ ଅଙ୍କିତା ଓ ଅଭିନେତା ଦୀପାନ୍ୱିତ ଯୋଗଦେଇଥିଲେ । ରୁଚି ଫୁଡ୍‌ଲାଇନ୍ ଦ୍ୱାରା ଉତ୍ପାଦିତ ରୁଚି ଚା ଜରିଆରେ ଏହି ନୂତନ ଟିଭିସିର ପ୍ରଚାରପ୍ରସାର କରାଯାଇଛି । ଏପରିକି ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ସମସ୍ତ ଭୋଟରଙ୍କୁ ସଚେତନ କରାଇବା ସହିତ କାହା ଦ୍ୱାରା ପ୍ରଭାବିତ ନହୋଇ ନିଜର ମୂଲ୍ୟବାନ ଭୋଟ ଦେବାକୁ ମଧ୍ୟ ଏହି ବିଜ୍ଞାପନ ବାର୍ତ୍ତାରେ କୁହାଯାଇଛି। ବିଶେଷକରି ସ୍ୱତଃପ୍ରବୃତ ଭାବେ ନିଜର ନିଷ୍ପତ୍ତି ନିଜେ ନେବାକୁ ରୁଚି ନିଜର ଟ୍ୟାଗ୍ ଲାଇନରେ ଆମ ଭୋଟ୍-ଆମ ରୁଚି ବାର୍ତ୍ତା ଦେଇଛି । ସେହିଭଳି ଅଳ୍ପଦିନ ମଧ୍ୟରେ ରୁଚି ଚା ନିଜର ସ୍ୱାଦ ଓ ଗୁଣାତ୍ମକ ମାନ ଯୋଗୁ ଗ୍ରାହକମାନଙ୍କ ଦ୍ୱାରା ବେଶ୍ ଆଦୃତି ହୋଇପାରିଛି । ବ୍ରାଣ୍ଡର ଲୋକପ୍ରିୟତାକୁ ଆଖି ଆଗରେ ରଖି ଏଭଳି ଏକ ଅଭିନବ ବିଜ୍ଞାପନ କମ୍ପାନୀ ପକ୍ଷରୁ ପ୍ରସ୍ତୁତ କରାଯାଇଛି । ଏ ସମ୍ପର୍କରେ ରୁଚିର ପରିଚାଳନା ନିର୍ଦ୍ଦେଶକ ଡ. ଶରତ କୁମାର ସାହୁ




କହିଥିଲେ ଯେ, ଓଡ଼ିଶାର ପ୍ରିୟ ଗ୍ରାହକମାନଙ୍କୁ ସବୁବେଳେ ନୂଆ ସ୍ୱାଦ ଓ ପସନ୍ଦରେ ସାମଗ୍ରୀ ଯୋଗାଇ ଦେବା ଆମର ମୂଳ ଲକ୍ଷ୍ୟ ହୋଇଥିବାବେଳେ ଉଚ୍ଚ ଗୁଣମାନଯୁକ୍ତ ବିଶୁଦ୍ଧ ଓ ବେଶ୍ ସ୍ୱାସ୍ଥ୍ୟ ଉପଯୋଗୀ ରୁଚି ଚା ଲୋକମାନଙ୍କ ପାଇଁ ବିଶେଷ ଗ୍ରହଣୀୟ ହୋଇପାରିଛି । ରୁଚିର ନିର୍ଦ୍ଦେଶକ ଅରବିନ୍ଦ ସାହୁ କହିଥିଲେ ଯେ, ବର୍ତ୍ତମାନ ସମୟରେ ଯୁବବର୍ଗ ସମେତ ସବୁଶ୍ରେଣୀର ଗ୍ରାହକମାନଙ୍କୁ ଆମେ ଏକ ସଚେତନ ବାର୍ତ୍ତା ଦେଇ ନିଜର ଠିକ୍ ଓ ଉଚିତ ନିଷ୍ପତ୍ତି ନେବାପାଇଁ ଏହି ବିଜ୍ଞାପନ ମାଧ୍ୟମରେ ନିବେଦନ କରିଛୁ । ପୂର୍ବଭାରତରେ ଉତ୍ପାଦିତ ହେଉଥିବା ସବୁଠାରୁ ଭଲ ଚା ରୁଚି ପକ୍ଷରୁ ଆମଦାନି କରାଯାଇ ଆବଶ୍ୟକ ପ୍ରଣାଳୀ ପରେ ସେ ସବୁକୁ ବଜାର ପ୍ରବେଶ କରାଯାଉଛି । ଓଡ଼ିଶାର ଶିଳ୍ପ ମାନଚିତ୍ରରେ ଦୀର୍ଘ ୪୮ ବର୍ଷର ଅନୁଭୂତି ଓ ଅଭିଜ୍ଞତା ଏବଂ ସବୁଶ୍ରେଣୀର ଗ୍ରାହକମାନଙ୍କ ଗ୍ରହଣୀୟତା ପାଇଁ ରୁଚି ବର୍ତ୍ତମାନ ୩୦୦ରୁ ଉର୍ଦ୍ଧ୍ୱ ସାମଗ୍ରୀ ଉତ୍ପାଦନ ଓ ବିପଣନ କରୁଛି । ଅନ୍ୟମାନଙ୍କ ମଧ୍ୟରେ ରୁଚିର ନିର୍ଦ୍ଦେଶିକା ସଙ୍ଗୀତା ସାହୁ, ସେଲସ୍ ହେଡ୍ ଦିଲ୍ଲୀପ ସାହୁ, ମାନବସମ୍ବଳ ବିଭାଗ ମୁଖ୍ୟ ଅମ୍ବରୀଶ ପଟ୍ଟନାୟକ, ହ୍ୱାଇଟ୍ କାନଭାସ୍‌ର ମୁଖ୍ୟ ଉଲ୍ଲାସ ଚନ୍ଦ୍ର ବେହୁରା, ବିଷ୍ଣୁ ମିଶ୍ର ପ୍ରମୁଖ ପ୍ରମୁଖ ଉପସ୍ଥିତ ଥିଲେ ।

## ବାରିପଦା ନିର୍ବାଚନମଣ୍ଡଳୀ
# ବିଧାନସଭା ନିର୍ବାଚନ ଲଢ଼ିବା ପାଇଁ କଂଗ୍ରେସର ପ୍ରସ୍ତୁତି



ବାରିପଦା, (ସବ୍ୟୁ) : ବାରିପଦା ସ୍ଥିତ ସ୍ୱସ୍ତିକ ମଣ୍ଡପ ଠାରେ ବାରିପଦା ନିର୍ବାଚନ ମଣ୍ଡଳୀରେ ଆଗାମୀ ବିଧାନସଭା ନିର୍ବାଚନ ଲଢ଼ିବା ପାଇଁ ପୂର୍ବତନ ଯୁବ କଂଗ୍ରେସ ସଭାପତି ଅଶୋକ ଅଧିକାରୀଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକର ଆୟୋଜନ କରାଯାଇଥିଲା। ଉକ୍ତ ବୈଠକରେ ବାରିପଦା ନିର୍ବାଚନ ମଣ୍ଡଳୀର କଂଗ୍ରେସ ପ୍ରାର୍ଥୀ ପ୍ରମୋଦ ହେମ୍ବ୍ରମଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯିବା ସହ ସମସ୍ତ କଂଗ୍ରେସ କର୍ମୀ ଏକଜୁଟ ହୋଇ ଶ୍ରୀ ହେମ୍ବ୍ରମଙ୍କ ବିଜୟ ପାଇଁ ଶପଥ ନେଇଥିଲେ। ବାରିପଦା ନିର୍ବାଚନ ମଣ୍ଡଳୀର ବିଭିନ୍ନ ସମସ୍ୟା ଯଥା ବନ୍ୟା ଦାଉରୁ ବାରିପଦା ସହରର ସୁରକ୍ଷା ପାଇଁ ଆଡିବନ୍ଧ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ପଦକ୍ଷେପ ନ ନେବା, କଂଗ୍ରେସ ଅମଳରୁ ଆରମ୍ଭ ହୋଇଥିବା ସୁବର୍ଣ୍ଣରେଖା ପ୍ରକଳ୍ପ ଦୀର୍ଘ ୩୪ ବର୍ଷ ବିତି ଯାଇଥିଲେ ମଧ୍ୟ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇ ନ ପାରିବା, ଶିକ୍ଷା, ସ୍ୱାସ୍ଥ୍ୟ ଓ ଆଇନ ଶୃଙ୍ଖଳାର ଘୋର ଅବନତି ଜନ ସାଧାରଣଙ୍କ ମଧ୍ୟରେ ଘୋର ଅସନ୍ତୋଷ ସୃଷ୍ଟି କରିଛି। ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ଼ ନ୍ୟାୟ ଯାତ୍ରା ଓ କଂଗ୍ରେସର ଗ୍ୟାରେଣ୍ଟି କାର୍ଡ ଜନସାଧାରଣଙ୍କୁ ଆକୃଷ୍ଟ କରିଛି।

ଏହି ଗ୍ୟାରେଣ୍ଟି କାର୍ଡକୁ ଘର ଘର ପହଞ୍ଚାଇବାର ନିଷ୍ପତି ନିଆଗଲା। ଉକ୍ତ ବୈଠକରେ ନିର୍ବାଚନର ସୁପରିଚାଳନା ପାଇଁ ବିଭିନ୍ନ କମିଟି ଗଠନ କରାଯାଇଥିଲା। ଉକ୍ତ ବୈଠକରେ ପୂର୍ବତନ ଏମ୍‌ପି ସୁଶ୍ରୀ ଶୁଶିଳା ତିରିଆ, ପୂର୍ବତନ ମନ୍ତ୍ରୀ ସରସ୍ୱତୀ ହେମ୍ବ୍ରମ, ପୂର୍ବତନ ଜିଲ୍ଲା ସଭାପତି ହେମନ୍ତ ଦାସ, ରାଜ୍ୟ ସମ୍ପାଦକ ଚୈତନ ହାଁସଦାଃ, ଜିଲ୍ଲା ପ୍ରଚାର କମିଟି ଅଧ୍ୟକ୍ଷ ଯୋଗେଶ ଅଗ୍ରୱାଲ, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ମୋତି ପ୍ରକାଶ ଦାଶ, ଜିଲ୍ଲା ଆଇନ ସେଲ ଅଧ୍ୟକ୍ଷ ଜ୍ୟୋତିପ୍ରକାଶ ରଥ, ଜିଲ୍ଲା ମହିଳା କଂଗ୍ରେସ ସଭାପତି ସୁସ୍ମିତା ଘୋଷାଲ, ଜିଲ୍ଲା ରାଜୀବଗାନ୍ଧି ପଂଚାୟତ ରାଜ୍ ସଭାପତି ମୀନକେତନ ବେହେରା, ଜିଲ୍ଲା ପଞ୍ଚାୟତ ପରିଷଦ ସଭାପତି ଶିବାନନ୍ଦ ଦାସ, ଜିଲ୍ଲା ଏସସି ସେଲ ଅଧ୍ୟକ୍ଷ ତୁଷାର ବେହେରା, ଜିଲ୍ଲା ଓବିସି ସେଲ ସଭାପତି ଦିଲ୍ଲୀପ ନାୟକ, ଜିଲ୍ଲା ଉପସଭାପତି ଅରବିନ୍ଦ ଦାସ, ସୁଦୀପ ମନ୍ତ୍ରୀ, ସ୍ୱରୂପ ମିଶ୍ର, ମହିଳା ନଗର ସଭାପତି ରଶ୍ମିତା ମିଶ୍ର, ଇତିଶ୍ରୀ ମିଶ୍ର, ଇନ୍ଦୁମତି ନାୟକ, ସୁଭସ୍ମିତା ଦାସ, ଫରିଦା ତବସୁମ, ଓ୍ୱେହେଦା ଅହମ୍ମଦ, ସମର ଦାସ, କାର୍ତ୍ତିକ ମହାନ୍ତ ଓ ପ୍ରଦୀପ ମିଶ୍ର ପ୍ରମୁଖ ଶତାଧିକ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ।

# ଗଞ୍ଜାମ ଜିଲ୍ଲାରେ ମୁଖ୍ୟମନ୍ତ୍ରୀଙ୍କ ପ୍ରଚାର

ବ୍ରହ୍ମପୁର, (ସବ୍ୟୁ): ନିର୍ବାଚନକୁ ହାତରେ ମାତ୍ର ଆଉ ଦିନ କେଇଟା ବାକି ରହିଥିବା ବେଳେ ଜୋରସୋରରେ ପ୍ରଚାର କରୁଛନ୍ତି ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଏହି କ୍ରମରେ ଆଜି ମୁଖ୍ୟମନ୍ତ୍ରୀ ଗଞ୍ଜାମ ଜିଲ୍ଲା ଗସ୍ତ କରି ଦଳୀୟ ପ୍ରାର୍ଥୀଙ୍କ ପାଇଁ ଭୋଟ ଭିକ୍ଷା କରିଛନ୍ତି । ତେବେ ପ୍ରଚାର ସମୟରେ କିନିଷିରୁ ସିଧାସଳଖ ବିରୋଧୀଙ୍କୁ ଟାର୍ଗେଟ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ନାମ ନନେଇ ସେ ବିଜେପି ପ୍ରାର୍ଥୀଙ୍କୁ ଟାର୍ଗେଟ କରିଛନ୍ତି । ଭଲ ପ୍ରାର୍ଥୀଙ୍କୁ ଭୋଟ ଦେବା ପାଇଁ ଅପିଲ କରିବା ସହିତ ଚୋର ପ୍ରାର୍ଥୀଙ୍କୁ ଆଶୀର୍ବାଦ କରନ୍ତୁ ନାହିଁ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ।

ଜନସଭାକୁ ସମ୍ବୋଧିତ କରିବା ପରେ ଦଳୀୟ ପ୍ରାର୍ଥୀମାନଙ୍କ ପାଇଁ ଭୋଟ ମାଗି ସେ କହିଛନ୍ତି, ଭୋଟରମାନେ ମୋତେ ଆଶୀର୍ବାଦ କରନ୍ତୁ । ବିଧାୟକ ଏବଂ ସାଂସଦ ପ୍ରାର୍ଥୀଙ୍କୁ ଆଶୀର୍ବାଦ କରନ୍ତୁ। ଯୋଡି ଶଙ୍ଖକୁ ଭୋଟ ଦିଅନ୍ତୁ । ନବୀନ ପଟ୍ଟନାୟକ ଭଲ କି, ଶଙ୍ଖ ଚିହ୍ନ ଭଲ କି? ବିଏସକେୱାଇ ଭଲ କି? ମମତା ଯୋଜନା ଭଲ ହେଉଛି କି? କାଳିଆ ଯୋଜନା ଭଲ କି? ମିଶନ ଶକ୍ତି ଭଲ କି? ଲକ୍ଷ୍ମୀ ବସ୍ ଭଲ କି? ୫ଟି ସ୍କୁଲ ଭଲ କି ? ପିଲାଙ୍କ ସ୍କଲାରସିପ ଭଲ କି? ମଧୁବାବୁ ପେନସନ୍ ଯୋଜନା ଭଲକି, ଚାଉଳ ପାଇଁ କାର୍ଡ ଭଲ କି? ଅନ୍ୟପଟେ ୫ଟି ଅଧ୍ୟକ୍ଷ ଭିକେ ପାଣ୍ଡିଆନ ଉଦବୋଧନ ଦେବା ସମୟରେ ବିଜେପିକୁ ଟାର୍ଗେଟ କରିଛନ୍ତି । ସେ କହିଛନ୍ତି, ପ୍ରଥମ ପର୍ଯ୍ୟାୟରେ ଆମେ ୯୦ ପ୍ରତିଶତ ଆସନରେ ବାଜିମାତ କରିବୁ । ଓଡିଶାବାସୀଙ୍କୁ ବିଜେପି ଇସ୍ତାହାର ପସନ୍ଦ ଆସୁନାହିଁ ।

୨୦୧୪ ମସିହାରେ ବିଜେପି ଯେଉଁ ମେନିଫେଷ୍ଟୋ ଆଣିଥିଲା, ଅନେକ କାର୍ଯ୍ୟ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲା । କିନ୍ତୁ ୨୦ରୁ କମ୍ ଆସନରେ ବାଜି ମାରିଥିଲା । ସେହିଭଳି ୨୦୧୯ରେ ମଧ୍ୟ ମେନିଫେଷ୍ଟୋ ଆଣିଥିଲା କିନ୍ତୁ ୨୦ରୁ ୨୧ ଆସନରେ ହିଁ ବାଜି ମାରିଥିଲା । ତେଣୁ ଚଳିତ ବର୍ଷର ମାନିଫୋଷ୍ଟୋ ମଧ୍ୟ କିଛି ହେବାର ନାହିଁ । ଆଜି ସନ୍ଧ୍ୟାରେ ବିଜେଡିର ଇସ୍ତାହାର ଆସିବ । ମଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିବେ। ଏହାପରେ ଇସ୍ତାହାର ଘରେ ଘରେ ପହଞ୍ଚାଇବା ପାଇଁ ଅପିଲ କରୁଛି । ଆମ ମୁଖ୍ୟମନ୍ତ୍ରୀ କମ୍ କଥା କୁହନ୍ତି କିନ୍ତୁ ଅଧିକ କାମ କରନ୍ତି। ବିରୋଧୀ ୨୪ ବର୍ଷ ହେଲା ଜଣେ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଖୋଜି ପାରିନାହାନ୍ତି । ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣା କଲେ ସେମାନଙ୍କ ସିଟ୍ ସଂଖ୍ୟା କମିଯିବ ବୋଲି ସେମାନଙ୍କର ଡର ରହିଛି ।




# ୮ନଂ ୱାର୍ଡରେ ବିଜେଡିର ଜୋରଦାର ପ୍ରଚାର

ଛତ୍ରପୁର, (ସବ୍ୟୁ): ଛତ୍ରପୁର ପୌର ପରିଷଦ ଅନ୍ତର୍ଗତ ୮ ନଂ ୱାର୍ଡରେ ବିଜେଡିର ଜୋରଦାର ପ୍ରଚାର କାଉନସିଲର କେ. ରମେଶ ଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଛି। ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱର ଙ୍କ ମନ୍ଦିର ନିକଟରୁ ବହୁ ମହିଳା, ୱାର୍ଡ ବାସିନ୍ଦା, ଦଳର ଛାମୁଆ ନେତା ଓ କର୍ମୀ ମାନେ ପୂଜାର୍ଚ୍ଚନା କରି ୱାର୍ଡ ର ଘରକୁ ଘର ବୁଲି ବିଜେଡି ଛତ୍ରପୁର ବିଧାୟକ ପ୍ରାର୍ଥୀ ସୁବାସ ଚନ୍ଦ୍ର ବେହେରା ଓ ବ୍ରହ୍ମପୁର ସାଂସଦ ପ୍ରାର୍ଥୀ ଭୃଗୁ ବକ୍ସି ପାତ୍ରଙ୍କ ନିମନ୍ତେ ଭୋଟ ଭିକ୍ଷା କରିଛନ୍ତି । ରାଜ୍ୟ ସରକାରଙ୍କ ଜନ ମଙ୍ଗଳ କାର୍ଯ୍ୟ ତଥା ବିଏସ କେ ୱାଇ କାର୍ଡ ଠାରୁ ଆରମ୍ଭ କରି ବିଭିନ୍ନ ଯୋଜନା ସମସ୍ତ ବର୍ଗର ଲୋକଙ୍କ ପାଇଁ କରିଛନ୍ତି । ଏଣୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କୁ ଷଷ୍ଠ ଥର ମୁଖ୍ୟମନ୍ତ୍ରୀ କରି ଭାରତ ବର୍ଷରେ ରେକର୍ଡ ସୃଷ୍ଟି କରିବା ପାଇଁ ସେମାନେ ଲୋକଙ୍କୁ ନିବେଦନ କରିଛନ୍ତି । ଏହି ପ୍ରଚାରରେ ପୂର୍ବତନ ବିଧାୟକ ଅଶୋକ କୁମାର ଚୌଧୁରୀ, ଛତ୍ରପୁର ପୌର ପରିଷଦର ଉପାଧ୍ୟକ୍ଷ ଜି. ପାପା ରାଓ, ଛତ୍ରପୁର ବିଜେଡି ନଗର ସଭାପତି ବି. ରାଜୁବାବୁ, ଉପ ସଭାପତି ଅଟଳ ବିହାରୀ ପଟ୍ଟନାୟକ, କାଉନସିଲର ଦେବାଶିଷ ମିଶ୍ର, ସନ୍ତୋଷୀ ସେଠି. ପ୍ରୀତି ଛନ୍ଦା ସାମଲ, ବି. ନିଶ୍ଚଳା ସ୍ୱାମୀ, ମମତା ପାତ୍ର ଓ ଡି ଇନ୍ଦୁ, ପୂର୍ବତନ ଏନଏସି ଉପାଧ୍ୟକ୍ଷ ପ୍ରଦୋଷ କୁମାର ବେହେରା, ପୂର୍ବତନ କାଉନସିଲର କେ. କ୍ରାନ୍ତି, କବିରାଜ, ଛତ୍ରପୁର ବିଜୁ ଆଇନ ସାମୁଖ୍ୟ ର ସଭାପତି ସୁରେଶ ପଣ୍ଡା,ସମ୍ପାଦକ ଏଲ. ଗୋପାଳ ରାଓ,ସିମାଞ୍ଚଳ ମହାପାତ୍ର, ଭୈରବୀ ପଟ୍ଟନାୟକ, କାଳୀ ଚରଣ ଦାଶଙ୍କ ସମେତ ବହୁ ମହିଳା ଓ ପୁରୁଷ ମାନେ ସାମିଲ ଥିଲେ ।

# ‘ଚୌଦ୍ୱାର କଟକ ବିକାଶର ସ୍ୱର’ ନିର୍ବାଚନୀ ସଙ୍ଗୀତ ଲୋକାର୍ପିତ

କଟକ, (ସ୍ୱପ୍ର): ଆସନ୍ତା ସାଧାରଣ ନିର୍ବାଚନ ଅବସରରେ ଚୌଦ୍ୱାର କଟକ ନିର୍ବାଚନମଣ୍ଡଳୀ ପକ୍ଷରୁ ନିର୍ବାଚନ ପ୍ରଚାର ନିମନ୍ତେ ’ଚୌଦ୍ୱାର କଟକ ବିକାଶର ସ୍ୱର ବିଜୁ ଜନତା ଦଳ’ ସଙ୍ଗୀତ ପୂର୍ବତନ ବିଧାୟକ ଡ଼ଃ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ମହାନଦୀବିହାର ସ୍ଥିତ ସେଲିବ୍ରେସନ ମଣ୍ଡପରେ ଲୋକାର୍ପିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବିଧାୟକ ପ୍ରାର୍ଥୀ ସୌଭିକ ବିଶ୍ୱାଳ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ବିକାଶର ବାର୍ତ୍ତାକୁ ଚୌଦ୍ୱାର କଟକର ପ୍ରତ୍ୟେକ ଘର, ୱାର୍ଡ ଏବଂ ପଞ୍ଚାୟତରେ ପହଞ୍ଚାଇବା ସହ ଚକୁଳିଆ ପଣ୍ଡା ଓ ପାଲା ଗାୟକ ମାନଙ୍କ ଜରିଆରେ ଏହି ସଙ୍ଗୀତକୁ ପରିବେଷଣ କରାଯିବା ସହ ଭୋଟ ଭିକ୍ଷା କରାଯିବ । ଏଥିସହିତ ଓଡ଼ିଶାର ପ୍ରଗତି ପାଇଁ ଉଭୟ ଲୋକସଭା ଓ ବିଧାନସଭା ପ୍ରାର୍ଥୀଙ୍କ ପାଇଁ ଆସନ୍ତା ୨୫ରେ ହେବାକୁ ଥିବା ନିର୍ବାଚନରେ ବହୁ ସଂଖ୍ୟାରେ ଯୋଡି ଶଙ୍ଖରେ ମତଦାନ କରିବା ପାଇଁ ଉପସ୍ଥିତ କର୍ମୀଙ୍କୁ ଉଦ୍‌ବୋଦନ ଦେଇଥିଲେ ।

ଏହି ବିକାଶର ସ୍ୱରକୁ ସଙ୍ଗୀତରେ ସଜାଇଛନ୍ତି ସାନୁ ମଲିକ ଏବଂ ସଂଯୋଜକ ଅଛନ୍ତି ଅକ୍ଷୟ ପଣ୍ଡା । ଏହି କାର୍ଯ୍ୟକ୍ରମରେ ଡେପୁଟି ମେୟର ଦମୟନ୍ତୀ ମାଝୀ, ନଗର କମିଟିର କାର୍ଯ୍ୟକାରୀ ସଭାପତି ଇଂ ସୁବ୍ରତ ଘଡାଇ, ଉପସଭାପତି ରାଜେନ୍ଦ୍ର ରଣା, ସାଧାରଣ ସମ୍ପାଦକ ତାପସ ମହାନ୍ତି, ରମାକାନ୍ତ ଲେଙ୍କା, କର୍ପୋରେଟର ପ୍ରଦୀପ୍ତ ଖୁଣ୍ଟିଆ, ତାପସ ସାମନ୍ତରାୟ, ବଶ୍ୱ ବନ୍ଦିତା ପଣ୍ଡା, ଆଇନଜୀବୀ ସତ୍ୟ ମହାନ୍ତି, ସମାଜସେବୀ ସଞ୍ଜୟ ଜେନା, ପବିତ୍ର ଭୂୟାଁ, ପୁଷ୍ପଲତା ସାହୁଙ୍କ ସମେତ ବହୁ ସଂଖ୍ୟାରେ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

## ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଫୁଲବାଣୀ ଗସ୍ତ
# ବିଜେଡି ପ୍ରାର୍ଥୀଙ୍କୁ ବିପୁଳ ଭୋଟରେ ଜୟଯୁକ୍ତ କରାଇବାକୁ ନିବେଦନ

ଫୁଲବାଣୀ, (ସବ୍ୟୁ): କନ୍ଧମାଳ ଜିଲ୍ଲାର ଫୁଲବାଣୀ ସ୍ଥିତ କନ୍ଧମାଳ ଷ୍ଟାଡିୟମ ଠାରେ ବିଜେଡ଼ି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରତିକୂଳ ପାଗ ସତ୍ତ୍ୱେ ନିର୍ଦ୍ଧାରିତ ସମୟର ଏକ ଘଣ୍ଟା ବିଳମ୍ବରେ ଉପସ୍ଥିତ ହୋଇ କନ୍ଧମାଳବାସୀଙ୍କୁ ଶଙ୍ଖ ଚିହ୍ନରେ ବିପୁଳ ସଂଖ୍ୟାରେ ଭୋଟ ଦେଇ ସମସ୍ତ ବିଜେଡି ପ୍ରାର୍ଥୀମାନଙ୍କୁ ବିଜୟୀ କରିବା ପାଇଁ ନିବେଦନ କରିଥିଲେ । ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ କନ୍ଧମାଳ ସଂସଦୀୟ କ୍ଷେତ୍ର ଅନ୍ତର୍ଭୁକ୍ତ ୭ ବିଧାନସଭା ପ୍ରାର୍ଥୀ ଏବଂ ଏମ୍ପି ପ୍ରାର୍ଥୀଙ୍କୁ ଭୋଟ୍ ଦେଇ ଜୟଯୁକ୍ତ କରିବାକୁ କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ବିରୋଧୀ କେବଳ ଅପପ୍ରଚାର କରୁଛନ୍ତି ଓ ରାଜ୍ୟବାସୀଙ୍କ ପାଇଁ କେବଳ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। ସେମାନେ ଯାହା କୁହନ୍ତି, ତାହା କରନ୍ତି ନାହିଁ। ତେଣୁ ଏଥର ସମସ୍ତେ ଯୋଡ଼ି ଶଙ୍ଖ, ଗୋଟିଏ




ଏମ୍ଏଲ୍ଏ ଏବଂ ଅନ୍ୟଟି ଏମ୍ପି ପ୍ରାର୍ଥୀଙ୍କୁ ଭୋଟ୍ ଦେବାକୁ ନିବେଦନ କରିଛନ୍ତି। ସେହିପରି ଫାଇଭ୍ ଟି ଅଧ୍ୟକ୍ଷ ଭି କେ ପାଣ୍ଡିୟାନ୍

ବିରୋଧୀଙ୍କୁ ଟାର୍ଗେଟ କରି କହିଛନ୍ତି ଯେ ନିର୍ବାଚନ ଆସିଲେ ସେମାନଙ୍କର ଓଡିଶା, ଓଡିଆ ଭାଷା ପ୍ରତି ପ୍ରେମ ଆସେଛ କିନ୍ତୁ ନିର୍ବାଚନ ପରେ ଭୁଲି ଯାଆନ୍ତି। ଦୀର୍ଘ ୧୦ ବର୍ଷ ଶାସନ କାଳରେ ଭାଷା ପାଇଁ କଣ କରିଛନ୍ତି କେନ୍ଦ୍ର ସରକାର । ଓଡିଶା ସରକାର ଓଡିଆ ଭାଷାକୁ ନେଇ ବହୁତ କିଛି କରୁଛି, ଓଡିଆ ଭାଷା ସମ୍ମିଳନୀ କରି ପ୍ରଚାର ପ୍ରସାର କରାଯାଉଛି। ଓଡିଆ ଭାଷା ପାଇଁ ପିଲାଙ୍କୁ ସ୍କଲାରସିପ୍ ଦିଆଯାଉଛି । ଶ୍ରୀ ପାଣ୍ଡିୟାନ ଆହୁରି ମଧ୍ୟ କହିଛନ୍ତି ଯେ, ଆଦିବାସୀ ଙ୍କ ଉନ୍ନତି ପାଇଁ ବିଜେଡି ସରକାର ସର୍ବଦା ପ୍ରାଧାନ୍ୟ ଦେଇ ଆସିଛି। ମୁଖ୍ୟମନ୍ତ୍ରୀ ଆଦିବାସୀ ମାନଙ୍କୁ ବହୁତ ଭଲ ପାଆନ୍ତି, ସେଥିପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଆଦିବାସୀ ମାନଙ୍କ ନାମରେ ବିଭିନ୍ନ ଥାନାରେ ଓ ଅବକାରୀ ତଥା ଅନ୍ୟ ବିଭାଗରେ ରହିଥିବା ୫୦ ହଜାରରୁ ଉର୍ଦ୍ଧ ମୋକଦ୍ଦମା ଉଠାଇ ନିଆଯାଇଛି। ଏହି ନିର୍ବାଚନୀ ସଭାରେ ଅନ୍ୟ ମାନଙ୍କ ମଧ୍ୟରେ ଫାଇଭ ଟି ଅଧ୍ୟକ୍ଷ ଭି କେ ପାଣ୍ଡିଆନ୍, କନ୍ଧମାଳ ସଂସାଦ ଡଃ ଅଚ୍ୟୁତ ସାମନ୍ତ, ବିହନ ନିଗମ ଅଧ୍ୟକ୍ଷ ତଥା ବିଜେଡି ଜିଲ୍ଲା ପର୍ଯ୍ୟବେକ୍ଷକ ବିଜୟ ନାୟକ, ଫୁଲବାଣୀ ବିଧାୟିକା ପାର୍ଥି ଜୟଶ୍ରୀ କହଁର, ବୌଦ୍ଧ ବିଧାୟକ ପାର୍ଥି ପ୍ରଦୀପ ଅମାତ, ଭଞ୍ଜନଗର ବିଧାୟକ ପାର୍ଥି ବିକ୍ରମ କେଶରୀ ଆରୁଖ, ବାଲିଗୁଡ଼ା ବିଧାୟକ ପାର୍ଥି ଚକ୍ର ମଣି କହଁର, ଜି ଉଦୟଗିରି ବିଧାନସଭା ପାର୍ଥି ସାଲୁଗା ପ୍ରଧାନ, କଣ୍ଡାମାଳ ବିଧାୟକ ପାର୍ଥି ମହୀଧର ରଣା, ଦଶପଲ୍ଲା ବିଧାୟକ ପ୍ରାର୍ଥୀ ରମେଶ ଚନ୍ଦ୍ର ବେହେରା, ଜିଲ୍ଲା ପରିଷଦ ଅଧ୍ୟକ୍ଷା ନନ୍ଦିନୀ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ବିଜେଡିରେ ଭୋଟ ଦେବା ପାଇଁ ନିବେଦନ କରିଥିଲେ। ଜିଲ୍ଲା ସଭାପତି ଅଙ୍ଗଦ କହଁର ଧନ୍ୟବାଦ ଅର୍ପଣ କରିଥିଲେ ।

# ବଡଦାଣ୍ଡରେ ମୂଳ ଉପୁଡି ଢଳି ରହିଛି ଗଛ

ବୁଗୁଡ଼ା, (ସବ୍ୟୁ): ଗତ ସପ୍ତାହର କାଳବୈଶାଖି ତାଣ୍ଡବରେ ବୁଗୁଡା ବଡଦାଣ୍ଡ ସ୍ଥିତ ବଳଦେବ ମନ୍ଦିର ନିକଟ ରାସ୍ତା କଡରେ ଥିବା ଏକ ବଡ କଦମ୍ବ ଗଛର ମୂଳ ଉପୁଡି ଯାଇଥିବାରୁ ତାହା ଗୋଟିଏ ପଟକୁ ଢଳି ରହିଛି । ସାମାନ୍ୟ ପବନ ହେଲେ ତାହା ଦୋହଲି ଉଠି ସାଧାରଣରେ ଭୟର ବାତାବରଣ ସୃଷ୍ଟି କରୁଛି । ବିପଦଜ୍ଜନକ ଅବସ୍ଥାରେ ଢଳି ରହିଥିବା ସେହି ଗଛର ଅତି ନିକଟରେ ଘରଗୁଡ଼ିକୁ ସଂଯୋଗ ହୋଇଥିବା ଅନେକ ବିଦ୍ୟୁତ୍ ତାର ରହିଛି । ଯଦି କୌଣସି କାରଣରୁ ଗଛଟି ସମ୍ପୂର୍ଣ୍ଣ ପଡିଯାଏ ତେବେ ଆଖପାଖରେ ଥିବା ଘରଗୁଡ଼ିକ କ୍ଷତିଗ୍ରସ୍ତ ହେବା ସାଙ୍ଗକୁ ବିଦ୍ୟୁତ୍ ତାରଗୁଡିକ ଛିଣ୍ଡି ଜନ ଜୀବନ ପ୍ରତି ବିପଦ ଆଣିବା ନେଇ ଆଶଙ୍କା ସୃଷ୍ଟି ହୋଇଛି । ଏନେଇ ପ୍ରତିକାର ପାଇଁ ଦାବି ହୋଇଆସୁଥିଲେ ହେଁ ଏନ୍ଏସି ପ୍ରଶାସନ କିମ୍ବା ବିଦ୍ୟୁତ ବିଭାଗ ପକ୍ଷରୁ କୌଣସି ତତ୍ପରତା ପ୍ରକାଶ ପାଉନଥିବାରୁ ସାଧାରଣରେ କ୍ଷୋଭ ପ୍ରକାଶ ପାଇଛି । ଏଣୁ , କୌଣସି ଦୁଃଖଦ ଘଟଣା ଘଟିବା ପୂର୍ବରୁ ଆଉ କାଳ ବିଳମ୍ବ ନକରି ସ୍ଥାନୀୟ ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରିବା ଅତି ଜରୁରୀ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

# ଜଗନ୍ନାଥ ଦାସଙ୍କ ୨୨ତମ ଶ୍ରାଦ୍ଧବାର୍ଷିକୀ

ବ୍ରହ୍ମପୁର, (ସବ୍ୟୁ): ବରିଷ୍ଠ ଫାର୍ମାସିଷ୍ଟ ସ୍ୱର୍ଗତ ଜଗନ୍ନାଥ ଦାସଙ୍କ ୨୨ତମ ଶ୍ରାଦ୍ଧବାର୍ଷିକୀ ଏବଂ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି । ଆଜି ସ୍ଥାନୀୟ ନୂଆ ବାରେକ୍ସ ସାହି ସ୍ଥିତ ତାଙ୍କ ପୁତ୍ର ସାମ୍ବାଦିକ ପ୍ରଶାନ୍ତ ଦାସଙ୍କ ବାସଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ବହୁ ବୁଦ୍ଧିଜୀବି, ସାହି ବାସିନ୍ଦାଙ୍କ ସମେତ ପରିବାରର ସମସ୍ତ ସଦସ୍ୟ ଉପସ୍ଥିତ ରହି ସ୍ୱର୍ଗତ ଦାସଙ୍କ ସ୍ମୃତିଚାରଣ କରିଥିଲେ ।

୧୯୮୦ ମସିହାରେ ସ୍ୱର୍ଗତ ଜଗନ୍ନାଥ ଦାସ ଓଡିଶାର ପ୍ରଥମ ବ୍ୟକ୍ତିଥିଲେ ଯିଏକି ଫାର୍ମାସୀ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରଥମ ଏମ. ଏଲ. ସ୍କ୍ରଫ ଜାତୀୟ ପୁରସ୍କାର ପାଇଥିବାବେଳେ ତାଙ୍କ ଉଦ୍ୟମରେ ବ୍ରହ୍ମପୁର ଉପକଣ୍ଠ ମହୁଡା ଠାରେ ଓଡିଶାର ପ୍ରଥମ ଫାର୍ମାସୀ କଲେଜ ପ୍ରତିଷ୍ଠା ହୋଇପାରିଥିଲା । ସ୍ୱର୍ଗତ ଦାସ ଏକାଧାରରେ ଜଣେ ସ୍ୱାଧୀନ ସଂଗ୍ରାମୀ, ମିଷ୍ଟଭାସୀ ଓ ପରୋପ କାରୀ ବ୍ୟକ୍ତି ଥିଲେ । ଓଡିଶା ଫାର୍ମାସୀ କ୍ଷେତ୍ରରେ ତାଙ୍କର ବିଶେଷ ଅବଦାନ ପାଇଁ ୨୦୦୧ ମସିହାରେ ତତ୍କାଳୀନ ରାଜ୍ୟପାଳ ଏମ. ଏମ. ରାଜେନ୍ଦ୍ରନ ସ୍ୱର୍ଗତ ଦାସଙ୍କୁ ଜୀନ ବ୍ୟାପି ସଫଳତା ପୁରସ୍କାରରେ ସମ୍ମାନିତ କରିଥିଲେ ବୋଲି ତାଙ୍କ ପୁତ୍ର ପ୍ରଶାନ୍ତ କୁମାର ଦାସ ପ୍ରକାଶ କରିଥିଲେ ।

# ଆସିକାରେ ବିଜେଡିର ପ୍ରଚାର : ମୁଖ୍ୟମନ୍ତ୍ରୀ ନବୀନଙ୍କ ବିଶାଳ ଜନସଭା

ଆସିକା, (ସବ୍ୟୁ): ଆସନ୍ତା ୨୦ ତାରିଖରେ ଆସିକା ଲୋକସଭା ନିର୍ବାଚନ ମଣ୍ଡଳୀ ସହ ଏହା ଅଧୀନରେ ଆସିକା, କବିସୂର୍ଯ୍ୟ ନଗର, ପୋଲସରା, ଖଲ୍ଲିକୋଟ, ହିଞ୍ଜିଳିକାଟୁ, ସାନଖେମୁଣ୍ଡି ଓ ସୋରଡା ବିଧାନସଭା ନିର୍ବାଚନ ମଣ୍ଡଳୀରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହୋଉଥିବାବେଳେ ପ୍ରଚାର ସରଗରମ ହେବାରେ ଲାଗିଛି। ସମସ୍ତ ନିର୍ବାଚନ ମଣ୍ଡଳୀରେ ବିଜେଡି, ବିଜେପି ଓ କଂଗ୍ରେସ ଦଳର ପ୍ରାର୍ଥୀଙ୍କ ମଧ୍ୟରେ କଡା ମୁକାବିଲା ହେଉଥିବା ଦେଖିବାକୁ ମିଳୁଛି। ପ୍ରବଳ ଖରା ସତ୍ତ୍ୱେ ତିନି ପ୍ରମୁଖ ଦଳର ପ୍ରଚାର କାର୍ଯ୍ୟ ଜୋର୍‌ସୋର୍‌ରେ ଚାଲିଛି । ଦଳୀୟ କର୍ମୀ ଓ ସ୍ଥାନୀୟ ନେତା ମାନେ ପ୍ରଚାର କାର୍ଯ୍ୟରେ ଲାଗିପଡିଛନ୍ତି। ବିଜେଡି ଦଳ ପକ୍ଷରୁ ଆଜି ଆସିକାରେ ଦଳର ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ଥାନୀୟ କଲେଜ ଛକ ପଡ଼ିଆରେ ବିଶାଳ ଜନ ସଭାରେ ସାଧାରଣ ଜନତାଙ୍କୁ ଉଦବୋଧନ ଦେଇ ପୁନର୍ବାର ଷଷ୍ଠ ଥର ପାଇଁ ବିଜେଡି ଦଳକୁ ଆଶୀର୍ବାଦ କରିବାକୁ ଆହ୍ୱାନ ଦେଇଛନ୍ତି। ହେଲିକପ୍ଟର ଯୋଗେ ଶ୍ରୀ ପଟ୍ଟନାୟକ ଓ ୫- ଟି ଅଧ୍ୟକ୍ଷ ଭି. କେ ପାଣ୍ଡିଆନ୍ ବ୍ରହ୍ମପୁର କନିଶି ରୁ ଦିନ ୧୨ ଟା ରେ ଆସିକାକଲେଜ ଛକ ପଡ଼ିଆ ରେ ପହଞ୍ଚିଥିଲେ। ଆସିକା ସାଂସଦ ପ୍ରାର୍ଥୀ ରଞ୍ଜିତା ସାହୁ, ଆସିକା ବିଧାନ ସଭା ଆସନର ପ୍ରାର୍ଥୀ ମଞ୍ଜୁଳା ସ୍ୱାଇଁ, ପୋଲସରାର ପ୍ରାର୍ଥୀ ଶ୍ରୀକାନ୍ତ ସାହୁ, କବିସୂର୍ଯ୍ୟ ନଗରର ପ୍ରାର୍ଥୀ ଲତିକା ପ୍ରଧାନ, ଖଲ୍ଲିକୋଟର ପ୍ରାର୍ଥୀ ସୂର୍ଯ୍ୟ ମଣି ବୈଦ୍ୟ ସାନଖେମୁଣ୍ଡି ଓ ସୋରଡାର ଦଳୀୟ ପ୍ରାର୍ଥୀ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଆସିକାର ପୂର୍ବତନ ବିଧାୟକ ତଥା ବିଜେପି ନେତା ଦେବରାଜ ମହାନ୍ତି ନିଜର ସମର୍ଥକଙ୍କ ସହ ବିଜେଡି ଦଳରେ ସାମିଲ ହୋଇଥିଲେ। ଗତ ୨୦୧୯ ନିର୍ବାଚନରେ ବିଜେଡିର ବିଧାୟକ ଥିବା ଶ୍ରୀ ମହାନ୍ତି ଦଳୀୟ ଟିକଟରୁ ବଞ୍ଚିତ ହେବାରେ ବିଜେପିରେ ସାମିଲ ହୋଇ ବିଜେପି ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ି ପ୍ରାୟ ଚାଳିଶି ହଜାର ଭୋଟ ପାଇଥିଲେ। ଶ୍ରୀ ମହାନ୍ତି ଓ ତାଙ୍କ ସମର୍ଥକ ମାନେ ବିଜେଡି ରେ ସାମିଲ ହେବା ପରେ ବିଜେଡି ଦଳ ଆହୁରି ଶକ୍ତିଶାଳୀ ହେବ ବୋଲି ଦଳ ପକ୍ଷରୁ ପ୍ରକାଶ କରାଯାଇଥିଲା।

## ଯୁକ୍ତ ୩ ସ୍ନାତକ ବିଜ୍ଞାନ – ୨୦୨୪ ଫଳାଫଳ
# ନୀଳକଣ୍ଠନଗର, ସରସ୍ୱତୀ ଡିଗ୍ରୀ ବିଦ୍ୟା ମନ୍ଦିରର ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଟପ୍ପର ସହ ମୋଟ ୪୨ଟି ର୍‍ୟାଙ୍କ




ବ୍ରହ୍ମପୁର, (ସବ୍ୟୁ): ବୁଧବାର ଦିନ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରକାଶିତ ଷଷ୍ଠ ସେମିଷ୍ଟାର୍ ଯଥା ୩ ବିଜ୍ଞାନ ଫଳାଫଳରେ ସରସ୍ୱତୀ ଡିଗ୍ରୀ ବିଦ୍ୟା ମନ୍ଦିର, ନୀଳକଣ୍ଠନଗର ବ୍ରହ୍ମପୁର ଏକ ଅଭୁତପୂର୍ବ ସଫଳତା ଆଣିଦେଇଅଛି। କ୍ରମାନ୍ୱୟରେ ୨୦୧୯ ମସିହାରୁ ଏହି ଅନୁଷ୍ଠାନକୁ ପ୍ରତିବର୍ଷ ବିଶ୍ୱବିଦ୍ୟାଳୟ ଶ୍ରେଷ୍ଠ ସ୍ନାତକର ଗୌରବ ପ୍ରାପ୍ତ ହୋଇଅଛି। ପୂର୍ବ ଗୌରବକୁ ବଜାୟ ରଖି ଏହି ଅନୁଷ୍ଠାନ ୨୦୨୪ ମସିହାର ଏକ ସର୍ବୋତ୍କୃଷ୍ଟ ଫଳାଫଳ ଦେଇପାରୁଥିବା ଏକ ଭରସାଯୋଗ୍ୟ ଅନୁଷ୍ଠାନ ରୂପେ ଓଡ଼ିଶାରେ ସମସ୍ତ ଛାତ୍ରଛାତ୍ରୀମାନଙ୍କ ପାଖରେ ଆଦୃତ ହୋଇପାରିଛି । ପୂର୍ବ ବର୍ଷ ଭଳି ଏହି ବର୍ଷ ମଧ୍ୟ ସମଗ୍ର ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ କମ୍ପ୍ୟୁଟର ବିଜ୍ଞାନ ସମ୍ମାନର ସହିତ ୧୩୪୬ ମାର୍କ ରଖି ଶ୍ରୀମାନ୍ ଆଦିତ୍ୟ ଚୌଧୁରୀ ବିଶ୍ୱବିଦ୍ୟାଳୟର ଶ୍ରେଷ୍ଠ ସ୍ନାତକ ସ୍ଥାନ ଅଧିକାର କରି ଅନୁଷ୍ଠାନକୁ ଗୌରବାନ୍ୱିତ କରିଛନ୍ତି। ଏହି ବର୍ଷ ଏହି ଅନୁଷ୍ଠାନ ଏକ ଅନନ୍ୟ କୃତିତ୍ୱ ହାସଲ କରି ୪ଟି ସମ୍ମାନ ବିଷୟରେ ବିଦ୍ୟାର୍ଥୀମାନେ ବିଶ୍ୱବିଦ୍ୟାଳୟର ପ୍ରଥମ ର୍‍ୟାଙ୍କ୍ ଅଧିକାର କରି ସମସ୍ତଙ୍କୁ ଚମତ୍କୃତ କରିଛନ୍ତି । ବିଭିନ୍ନ ସମ୍ମାନ ବିଷୟ ମଧ୍ୟରୁ ୧୦ ନମ୍ବର ର୍‍ୟାଙ୍କ୍ ମଧ୍ୟରେ ଏହି ଅନୁଷ୍ଠାନର ୪୨ ଜଣ ବିଦ୍ୟାର୍ଥୀ ନିଜର ଶ୍ରେଷ୍ଠ ଯୋଗ୍ୟତା ପ୍ରତିପାଦନ କରିଛନ୍ତି। ପ୍ରାଣୀ ବିଜ୍ଞାନ ଏବଂ କମ୍ପ୍ୟୁଟର ବିଜ୍ଞାନ ସମ୍ମାନରେ କ୍ରମାନ୍ୱୟରେ ଏହି ଅନୁଷ୍ଠାନର ଛାତ୍ରଛାତ୍ରୀ ସମସ୍ତ ର୍‍ୟାଙ୍କ୍ ହାସଲ କରି ସମସ୍ତଙ୍କୁ ଭାବବିହ୍ୱଳ କରିଛନ୍ତି। ପ୍ରକାଶଯୋଗ୍ୟ, ଏହି ଅନୁଷ୍ଠାନରୁ ବହୁ ଛାତ୍ରଛାତ୍ରୀ ସର୍ବଭାରତୀୟ ସ୍ତରର ବିଭିନ୍ନ ସ୍ନାତକତୋର ଅନୁଷ୍ଠାନରେ ନାମ ଲେଖାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥାନ୍ତି, ଯଥା ବିଭିନ୍ନ ସରକାରୀ ସଂସ୍ଥାରେ ନିଯୁକ୍ତି ପାଇଥାନ୍ତି। କମ୍ପ୍ୟୁଟର ବିଜ୍ଞାନ ବିଭାଗରୁ ଆଦିତ୍ୟ ଚୌଧୁରୀ ୧ମ ର୍‍ୟାଙ୍କ୍, ସ୍ନିଗ୍ଧା ଦେବୀ ୨ୟ ର୍‍ୟାଙ୍କ୍, ଭି. ସାଇ ଭାବନା ୩ୟ ର୍‍ୟାଙ୍କ୍, ରାଜେନ୍ଦ୍ର କୁମାର ପାତ୍ର ୪ର୍ଥ ର୍‍ୟାଙ୍କ୍, ସାରୀ ଶ୍ରେୟା ଚୌଧୁରୀ ୫ମ ର୍‍ୟାଙ୍କ୍, ସୁଶ୍ରୀତା କୁମାରୀ ସାହୁ ୬ଷ୍ଠ ର୍‍ୟାଙ୍କ୍, ସ୍ୱପ୍ନିଳ ପଣ୍ଡା ୭ମ ର୍‍ୟାଙ୍କ୍, ଏ.ପ୍ରିୟଙ୍କା ଆଚାରୀ ୮ମ ର୍‍ୟାଙ୍କ୍, ମୋନାଲିସା ମହାପାତ୍ର ୯ମ ର୍‍ୟାଙ୍କ୍, ଅନିଷା କୁମାରୀ ମାଝି ୧୦ମ ର୍‍ୟାଙ୍କ୍ ହାସଲ କରିଛନ୍ତି। ପଦାର୍ଥ ବିଜ୍ଞାନ ବିଭାଗରୁ ଡ଼ି. ଓମ୍ ସଦ୍‌ଭାବନା ୧ମ ର୍‍ୟାଙ୍କ୍, ସୁଭଶ୍ରୀ ବାଡ଼ତ୍ୟା ୩ୟ ର୍‍ୟାଙ୍କ୍, ପ୍ରିୟରନ ବାରିକ ୫ମ ର୍‍ୟାଙ୍କ୍, ନନ୍ଦିନୀ ପ୍ରିୟଦର୍ଶିନୀ ପାତ୍ର ୬ଷ୍ଠ ର୍‍ୟାଙ୍କ୍, ସୋନାଲିକା ଦାଶ ୯ମ ର୍‍ୟାଙ୍କ୍ ହାସଲ କରିଛନ୍ତି । ପ୍ରାଣୀ ବିଜ୍ଞାନ ବିଭାଗରୁ ସିଲା ସନା କୁମାରୀ ପାତ୍ର ୧ମ ର୍‍ୟାଙ୍କ୍, ପ୍ରୀତିସୌରଭ ମିଶ୍ର ୨ୟ ର୍‍ୟାଙ୍କ୍, ସାଧନା ସାହୁ ୨ୟ ର୍‍ୟାଙ୍କ୍, ପ୍ରତିଭା ପ୍ରିୟଦର୍ଶିନୀ ଚୌଧୁରୀ ୪ର୍ଥ ର୍‍ୟାଙ୍କ୍, ଭି.ଅନିସା ୫ମ ର୍‍ୟାଙ୍କ୍, ସୌମ୍ୟକାନ୍ତ ପଣ୍ଡା ୬ଷ୍ଠ ର୍‍ୟାଙ୍କ୍, ତନ୍ମୟୀ ପାତ୍ର ୭ମ ର୍‍ୟାଙ୍କ୍, ବିଶ୍ୱବେଦାନ୍ତ ଆଚାର୍ଯ୍ୟ ୮ମ ର୍‍ୟାଙ୍କ୍, ୱାଇ. ହର୍ଷିତା ୯ମ ର୍‍ୟାଙ୍କ୍, କୃଷ୍ଣପ୍ରିୟା ସାହୁ ୧୦ମ ର୍‍ୟାଙ୍କ୍ ହାସଲ କରିଛନ୍ତି। ଗଣିତ ବିଭାଗରୁ ଏ. ଶାନ୍ତିଶ୍ରୀ ୨ୟ ର୍‍ୟାଙ୍କ୍, ଆଶିଷ ବିଲୁଙ୍ଗ ୩ୟ ର୍‍ୟାଙ୍କ୍, ଶ୍ରଦ୍ଧା ସ୍ୱରୁପା ସାହୁ ୫ମ ର୍‍ୟାଙ୍କ୍ ହାସଲ କରିଛନ୍ତି । ଉଦ୍ଭିଦ ବିଜ୍ଞାନ ବିଭାଗରୁ ପାୟଲ ପଣ୍ଡା ୧ମ ର୍‍ୟାଙ୍କ୍, ଏମ୍. ପ୍ରଜ୍ଞା ପାରମିତା ୨ୟ ର୍‍ୟାଙ୍କ୍, ସ୍ୱେତାଲିନା ସେଠୀ ୪ର୍ଥ ର୍‍ୟାଙ୍କ୍, କୁନ୍ଦୁନ୍ ମହାରଣା ୫ମ ର୍‍ୟାଙ୍କ୍, ତୁଳସୀ ପଣ୍ଡା ୭ମ ର୍‍ୟାଙ୍କ୍, ମଧୁସ୍ମିତା ବେହେରା ୯ମ ର୍‍ୟାଙ୍କ୍ ହାସଲ କରଛନ୍ତି । ଭୂତତ୍ତ୍ୱ ବିଜ୍ଞାନ ବିଭାଗରୁ ଶ୍ରୁତିରାଣୀ ସାହୁ ୪ର୍ଥ ର୍‍ୟାଙ୍କ୍, ରୁଦ୍ରନାରାୟଣ ଜେନା ୫ମ ର୍‍ୟାଙ୍କ୍, ମନିଷା ଖଟେଇ ୬ମ ର୍‍ୟାଙ୍କ୍, ଚିନ୍ମୟୀ ପ୍ରଭା ୭ମ ର୍‍ୟାଙ୍କ୍, ଅନିଷା ପ୍ରଧାନ ୮ମ ର୍‍ୟାଙ୍କ୍, ଆୟୁଷ ଅଂଶୁମାନ ୧୦ମ ର୍‍ୟାଙ୍କ୍ ହାସଲ କରିଛନ୍ତି । ରସାୟନ ବିଜ୍ଞାନ ବିଭାଗରୁ ଶ୍ରୀତମ ନାୟକ ୫ମ ର୍‍ୟାଙ୍କ୍, ଅଂଶୁମାନ ପ୍ରଧାନ ୬ଷ୍ଠ ର୍‍ୟାଙ୍କ୍ ହାସଲ କରିଛନ୍ତି ।

ଛାତ୍ରଛାତ୍ରୀମାନଙ୍କର ଆତ୍ମବିଶ୍ୱାସ, କଠୋର ପରିଶ୍ରମ, ଅଧ୍ୟାପକ ଏବଂ ଅଧ୍ୟାପିକା ମାନଙ୍କର ଉତ୍କୃଷ୍ଟ ଅଧ୍ୟାପନା ଶୈଳୀ ଦ୍ୱାରା ଏହା ସମ୍ଭବ ହୋଇପାରିଛି । ଏହି ସଫଳତା ପାଇଁ ବହୁ ଅଭିଭାବକଙ୍କ ସମେତ ପରିଚାଳନା କମିଟିର ସଭାପତି ଡ. ଜିବାନନ୍ଦ ତ୍ରିପାଠୀ, ସମ୍ପାଦକ ନାରାୟଣ ପଣ୍ଡା, ଯୁଗ୍ମସମ୍ପାଦକ ନୀଳକଣ୍ଠ ସାହୁ, କୋଷାଧ୍ୟକ୍ଷ ସୋମନାଥ ନନ୍ଦ, ସଦସ୍ୟା ପ୍ରଣତୀ ସାମଲ, ସଦସ୍ୟା ବାସନ୍ତୀ ବେହେରା, ଉପଦେଷ୍ଟାମଣ୍ଡଳୀରେ ଥିବା ସମସ୍ତ କର୍ମକର୍ତା, ଡିନ୍, ପ୍ରଫେସର ବିବେକାନନ୍ଦ ପଣ୍ଡା, ପ୍ରଧାପକ ଡ. ଉମେଶ ସାହୁ, ପ୍ରଧାପକ ଡ. ପି.ରାଜେନ୍ଦ୍ର ମୂର୍ତ୍ତୀ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଏସ୍.ମୋହନ ରାଓ, ଅନୁଷ୍ଠାନର ଶୈକ୍ଷିକ ପ୍ରଶାସକ ଉମାଧବ ମହାନ୍ତି, ଶିଶୁ ମନ୍ଦିର ପ୍ରଧାନାଚାର୍ଯ୍ୟ ସୁରେଶ କୁମାର ଆଚାର୍ଯ୍ୟ ଏବଂ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସୁବ୍ରତ କୁମାର ପାଣିଗ୍ରାହୀ ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ଆନ୍ତରିକ ଅଭିନନ୍ଦନ ଏବଂ କୃତଜ୍ଞତା ଜ୍ଞାପନ କରିଛନ୍ତି ।

# ତୃତୀୟ ଦିନରେ ୧୨ ପ୍ରାର୍ଥୀଙ୍କ ନାମାଙ୍କନପତ୍ର ଦାଖଲ

ବାରିପଦା, (ସବ୍ୟୁ) : ଏକକାଳୀନ ସାଧାରଣ ନିର୍ବାଚନ ୨୦୨୪ କ୍ରମରେ ୭ମ ପର୍ଯ୍ୟାୟ ନିର୍ବାଚନ ପାଇଁ ଆଜି ନାମାଙ୍କନ ପତ୍ର ଦାଖଲର ତୃତୀୟ ଦିନରେ ମୋଟ ୧୨ଜଣ ପ୍ରାର୍ଥୀ ସମ୍ପୃକ୍ତ ରିଟର୍ଣ୍ଣିଙ୍ଗ ଅଫିସରଙ୍କ ନିକଟରେ ସେମାନଙ୍କ ନିଜ ନିଜ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ମୟୂରଭଞ୍ଜ (ଏସ୍‌ଟି) ସଂସଦୀୟ ନିର୍ବାଚନ କ୍ଷେତ୍ର ପାଇଁ ଆଜି ପିତାମ୍ବର ନାଏକ ଏସୟୁସିଆଇ (ସି ) ଦଳରୁ ପ୍ରାର୍ଥୀ ଭାବେ ମୟୂରଭଞ୍ଜ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳଙ୍କ ନିକଟରେ ନାମାଙ୍କନ ପତ୍ର ଦାଖଲ କରିଥିବାବେଳେ ଯଶିପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ଆସନ ପାଇଁ ଭାରତୀୟ ଜନତା ପାର୍ଟିରୁ ଗଣେଶ ରାମସିଂ ଖୁଣ୍ଟିଆ, ସାରସକଣା ବିଧାନସଭା ନିର୍ବାଚନ ମଣ୍ଡଳୀ ଆସନ ପାଇଁ ଏସୟୁସିଆଇ (ସି) ଦଳରୁ ମଧୁସୂଦନ ନାଏକ ଓ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ଦଳରୁ ଅଞ୍ଜନୀ ସୋରେନ, ରାଇରଙ୍ଗପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ଆସନ ପାଇଁ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ଦଳରୁ ସୁନାରାମ ଟୁଡୁ, ବାଙ୍ଗିରିପୋଷୀ ବିଧାନସଭା ନିର୍ବାଚନ ମଣ୍ଡଳୀ ଆସନ ପାଇଁ ଏସୟୁସିଆଇ (ସି) ଦଳର ପ୍ରାର୍ଥୀ ଭାବେ ସର୍ଦ୍ଦାର ସିଂ, ଉଦଳା ବିଧାନସଭା ନିର୍ବାଚନ ମଣ୍ଡଳୀ ଆସନ ପାଇଁ ଭାରତୀୟ ଜନତା ପାର୍ଟିର ପ୍ରାର୍ଥୀ ଭାବେ ଭାସ୍କର ମଢେଇ, ବଡ଼ସାହି ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଭାରତୀୟ ଜନତା ପାର୍ଟିର ପ୍ରାର୍ଥୀ ଭାବେ ସନାତନ ବିଜୁଳି ଓ ସ୍ୱାଧୀନ ପ୍ରାର୍ଥୀ ଭାବେ ମାନସ ରଞ୍ଜନ ବେହେରା, ବାରିପଦା ବିଧାନସଭା ନିର୍ବାଚନ ମଣ୍ଡଳୀ ଆସନ ପାଇଁ ସ୍ୱାଧୀନ ପ୍ରାର୍ଥୀ ଭାବେ ରଞ୍ଜିତା ହେମ୍ବ୍ରମ ଓ ମୋରଡା ବିଧାନସଭା ନିର୍ବାଚନ ମଣ୍ଡଳୀ ଆସନ ପାଇଁ ଭାରତୀୟ ଜନତା ପାର୍ଟିରୁ ପ୍ରାର୍ଥୀ ଭାବେ କୃଷ୍ଣଚନ୍ଦ୍ର ମହାପାତ୍ର ଓ ସ୍ୱାଧୀନ ପ୍ରାର୍ଥୀ ଭାବେ ମଦନ ମୋହନ ମୁର୍ମୁ ନାମାଙ୍କନ ପତ୍ର ଦାଖଲ କରିଛନ୍ତି ।

## ଝାଡଖଣ୍ଡ ମୁଖ୍ୟମନ୍ତ୍ରୀ ଓ ଜେଏମଏମ ହେବିଓ୍ୱେଟ ନେତ୍ରୀ କଳ୍ପନା ସୋରେନଙ୍କ ଉପସ୍ଥିତିରେ
# ରାଇରଙ୍ଗପୁରରେ ଜେଏମଏମର ପ୍ରାର୍ଥିପତ୍ର ଦାଖଲ ଓ ଶକ୍ତି ପ୍ରଦର୍ଶନ

ବାରିପଦା, (ସବ୍ୟୁ) : ଆଗାମୀ ସାଧାରଣ ନିର୍ବାଚନକୁ ନେଇ ମୟୂରଭଞ୍ଜ ରାଜନୈତିକ ପାଣିପାଗ ଉଷ୍ମ ହୋଇଉଠିଛି । ଗୁରୁବାର ପ୍ରାର୍ଥୀ ପତ୍ର ଦାଖଲର ତୃତୀୟ ଦିନରେ ଜେଏମଏମ ପକ୍ଷରୁ ରାଇରଙ୍ଗପୁର ଠାରେ ବିଶାଳ ଶୋଭାଯାତ୍ରା, ସାଧାରଣ ସଭା ମାଧ୍ୟମରେ ଜେଏମଏମର ସୁପ୍ରିମୋ ଶିବୁ ସୋରେନ୍‌ଙ୍କ ଝିଅ ଅଞ୍ଜନୀ ସୋରେନ୍‌ଙ୍କ ସହ ଅନ୍ୟ ଜେଏମଏମ ପ୍ରାର୍ଥୀ ମାନେ ପ୍ରାର୍ଥୀ ପତ୍ର ଦାଖଲ କରିଛନ୍ତି । ଏନେଇ ରାଇରଙ୍ଗପୁରରେ ଉଭୟ ବିଜେପି ଓ ବିଜେଡିକୁ ଟକ୍କର ଦେବା ପାଇଁ ଜେଏମଏମ ପକ୍ଷରୁ ଶକ୍ତି ପ୍ରଦର୍ଶନ କରାଯାଇଛି । ଆଜି ସାରସକଣା ଓ ରାଇରଙ୍ଗପୁର ନିର୍ବାଚନ ମଣ୍ଡଳୀର ଜେଏମଏମ ବିଧାୟକ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଛନ୍ତି । ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚାର ସାରସକଣା ବିଧାୟକ ପ୍ରାର୍ଥୀ ତଥା ଜେଏମଏମ ସୁପ୍ରିମୋ ଶିବୁ ସୋରେନଙ୍କ ଝିଅ ଅଞ୍ଜନୀ ସୋରେନ ଓ ରାଇରଙ୍ଗପୁର ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ସୁନାରାମ ଟୁଡୁ ନାମାଙ୍କନ ପତ୍ର ଦାଖଲ କରିଛନ୍ତି ।




ଏହି ଅବସରରେ ଝାଡ଼ଖଣ୍ଡ ରାଜ୍ୟର ପୂର୍ବତନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ସ୍ତ୍ରୀ କଳ୍ପନା ସୋରେନ ପ୍ରାର୍ଥୀ ମାନଙ୍କ ସହିତ ରାଇରଙ୍ଗପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ପହଞ୍ଚିଥିଲେ । ସେଠାରେ ପ୍ରାର୍ଥୀ ମାନେ ରିଟର୍ଣ୍ଣିଙ୍ଗ ଅଫିସରଙ୍କ ନିକଟରେ ପ୍ରାର୍ଥୀ ପତ୍ର ଦାଖଲ କରିଥିଲେ ।

ସେପଟେ ନାମାଙ୍କନ ଦାଖଲ ଅବସରରେ ରାଇରଙ୍ଗପୁର ମହୁଲଡିହା ଠାରେ ଜେଏମଏମ ଦଳ ତରଫରୁ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା । ଝାଡ଼ଖଣ୍ଡ ରାଜ୍ୟର ମୁଖ୍ୟମନ୍ତ୍ରୀ ଚମ୍ପାଇ ସୋରେନ ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ଧର୍ମପତ୍ନୀ କଳ୍ପନା ସୋରେନ ଉକ୍ତ ସଭାରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ତେବେ ୧୦ବର୍ଷର ବିଜେପି ସରକାର ଓ ୨୫ବର୍ଷର ବିଜେଡ଼ି ସରକାର ଉପରେ ବର୍ଷିବା ସହିତ ମହୁଲଡିହା ପଡିଆରେ ଚାଲିଥିବା ସାଧାରଣ ସଭାରେ ଝାଡଖଣ୍ଡ ରାଜ୍ୟରୁ ଆସିଥିବା ଇଣ୍ଡିଆ ମେଣ୍ଟର ହେଭିଓ୍ୱେଟ ନେତାମାନେ ମୟୂରଭଞ୍ଜ ଜିଲ୍ଲାର ପ୍ରାର୍ଥୀ ମାନଙ୍କୁ ଆଶୀର୍ବାଦ କରିବାକୁ ନେଇ ନିବେଦନ କରିଥିଲେ ।

# ପାଣିଗ୍ରାହୀ ଦମ୍ପତିଙ୍କ ବିବାହ ବାର୍ଷିକୀର ଅଧା ରହିଗଲା ଜଗା ଦର୍ଶନ



ସୋନପୁର, (ସବ୍ୟୁ) : ରାଜଧାନୀ ଭୁବନେଶ୍ୱରର ମଞ୍ଚେଶ୍ୱର ଥାନା ଅଧୀନ ପଳାଶୁଣୀ ଛକ ନିକଟରେ ବୁଧବାର ସକାଳୁ ଟ୍ରକ୍ ଧକ୍କାରେ ମୃତ୍ୟୁ ହୋଇଥିବା ଦମ୍ପତିଙ୍କର ପରିଚୟ ମିଳିଛି । ମୃତ ଦମ୍ପତି ହେଲେ ସୁବର୍ଣ୍ଣପୁର ଜିଲ୍ଲା ସୁବଳୟା ଥାନା ଅଧୀନ ଜଟେସିଂହା ପଞ୍ଚାୟତ ଅନ୍ତର୍ଗତ ଆନନ୍ଦପୁର ନିବାସୀ ତଥା ଅବସରପ୍ରାପ୍ତ ଉମେଶ ପାଣିଗ୍ରାହୀ (୬୬) ଓ ତାଙ୍କ ସ୍ତ୍ରୀ ନଳିନୀ ପାଣିଗ୍ରାହୀ (୬୨) । ଉଭୟ ସ୍ୱାମୀ-ସ୍ତ୍ରୀ (ଉମେଶ ଓ ନଳିନୀ) ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡାରେ ରୁହନ୍ତି । ପ୍ରତିବର୍ଷ ଭଳି ଏଥର ମଧ୍ୟ ନିଜର ୩୯ତମ ବିବାହ ବାର୍ଷିକୀ ପାଳନ ପାଇଁ ଶ୍ରୀକ୍ଷେତ୍ର ବାହାରି ଥିଲେ । ସେଥିପାଇଁ ବୀରମହାରାଜପୁରରୁ ଏକ ଘରୋଇ ବସ୍‌ରେ ଚଢ଼ିଥିଲେ ଏବଂ ବୁଧବାର ଭୋର ସକାଳୁ ପଳାଶୁଣୀ ଛକରେ ପହଞ୍ଚି ଥିଲେ । ବସ୍‌ରୁ ଓହ୍ଲାଇବା ପରେ କଟକ ପାର୍ଶ୍ୱରୁ ପୁରୀ ଅଭିମୁଖେ ଯାଉଥିବା କୌଣସି ବସ୍‌ରେ ଶ୍ରୀକ୍ଷେତ୍ର ଯିବା ପାଇଁ ଯୋଜନା କରିଥିଲେ । ସେଥିପାଇଁ ସେମାନେ ପଳାଶୁଣୀ ଛକ ନିକଟ ବସ୍‌ଷ୍ଟପ୍‌ରେ ୫୫ ନମ୍ବର ଜାତୀୟ ରାଜପଥ ଅତିକ୍ରମ କରୁଥିଲେ । ଏହି ସମୟରେ ଭୁବନେଶ୍ୱର ପାର୍ଶ୍ୱରୁ କଟକ ଅଭିମୁଖେ ଯାଉଥିବା ଏକ ଦ୍ରୁତଗାମୀ ଟ୍ରକ୍ ସେମାନଙ୍କୁ ଧକ୍କା ଦେଇଥିଲା । ପଳାଶୁଣୀରୁ ସତ୍ୟବିହାର ଯାଏଁ ଦମ୍ପତିଙ୍କୁ ଘୋଷାଡ଼ି ନେଇଥିଲା । ଫଳରେ ଦୁହିଁଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା । ଉମେଶ ଓ ନଳିନୀ ପାଣିଗ୍ରାହୀ ପ୍ରତିବର୍ଷ ଭଳିଏଥର ମଧ୍ୟ ସେମାନଙ୍କର ବିବାହ ବାର୍ଷିକୀରେ କାଳିଆ ଦର୍ଶନ କରିବାକୁ ମନ କରିଥିଲେ । ତେବେ ଏଥର ଶ୍ରୀକ୍ଷେତ୍ରରେ ପହଞ୍ଚି କାଳିଆ ଦର୍ଶନ କରିବା ପୂର୍ବରୁ ଦୁର୍ଘଟଣାର ସାମ୍ନା କରିଥିଲେ । ସଡ଼କ ଦୁର୍ଘଟଣାରେ ସେମାନଙ୍କର ମୃତ୍ୟୁ ହୋଇଥିଲା । ସୂଚନା ପାଇଁ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା । ଶବ ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ମୃତଦେହ ଭୁବନେଶ୍ୱରରୁ ବୀରମହାରାଜପୁର ପହଁଞ୍ଚିବା ପରେ ବନ୍ଧୁ ପରିଜନ ତାଙ୍କର ଶେଷ ଦର୍ଶନ କରୁଥିବା ବେଳେ ଘଟଣାକୁ ନେଇ ଚାରିଆଡେ ଶୋକର ଛାୟା ଖେଳିଯାଇଛି । ଗୁରୁବାର ଗାଁ ମଶାଣି ରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି ।

# ବରଗଡ଼ କେଂସର୍ ହସ୍ପିଟାଲକୁ ରାଜ୍ୟର ଏକ ମଡେଲ ହସ୍ପିଟାଲ କରାଯିବ : ପାଣ୍ଡିଆନ



ବରଗଡ଼, (ସବ୍ୟୁ) : ଆଜି ସକାଳେ ଅଗ୍ରଗାମୀ ଯୁବକ ସଂଘ ଠାରେ ବିଜେଡ଼ି ନେତା ଭି କେ ପାଣ୍ଡିଆନ ବରଗଡ଼ ସହରର ବିଭିନ୍ନ ଅନୁଷ୍ଠାନ ସହ ସୌଜନ୍ୟ ମୂଳକ ସାକ୍ଷାତ କରିଥିଲେ । ଏହି ଅବସରରେ କେଂସର ସର୍ଭାଇବର ଫାଇଟର୍ସ ଗ୍ରୁପ୍ ତରଫରୁ ସଭାପତି ପ୍ରସନ୍ନ କୁମାର ମିଶ୍ର ଓ ବରିଷ୍ଠ ସଦସ୍ୟ ପୁରୁଷୋତ୍ତମ ବିଶି ପୁଷ୍ପଗୁଚ୍ଛ ଦେଇ ବରଗଡ଼ରେ କେନସର ହସପିଟାଲ୍ ପ୍ରତିଷ୍ଠା ହୋଇଥିବା ଆନନ୍ଦ ପ୍ରକାଶ ପୂର୍ବକ ଅନୁଷ୍ଠାନ ତରଫରୁ ଧନ୍ୟବାଦ ଜଣାଇଥିଲେ । କେନସର ହସ୍ପିଟାଲ ରେ ବିଭିନ୍ନ ପ୍ରକାରର ପରୀକ୍ଷା ପାଇଁ ସ୍ୱତନ୍ତ୍ର ଲାବ୍ରୋଟାରୀ ନଥିବାରୁ ବହୁ କେନସର ପିଡୀତ ଜିଲ୍ଲା ହସ୍ପିଟାଲକୁ ଯାଇ ବହୁସମୟ ପର୍ଯ୍ୟନ୍ତ ଲାଇନ୍ ଛିଡା ହେବାକୁ ପଡୁଛି ଏବଂ ସେହିଭଳି ସ୍ୱତନ୍ତ୍ର ଅଲଟ୍ରାସାଉଣ୍ଡ, ସିଟି ସ୍କାନ ମେସିନ ମଧ୍ୟ ଲଗାଯାଇ ନ ଥିବାରୁ ବହୁତ କେନସର ପିଡୀତଙ୍କୁ ହଇରାଣ ହେବାକୁ ପଡୁଛି । ଏଭଳି ଅନେକ ସମସ୍ୟା ଥିବାରୁ ଏହି ହସପିଟାଲ୍‌କୁ ପୂର୍ଣ୍ଣ ମାତ୍ରାରେ ପ୍ରଭାବଶାଳୀ କରିବା ଦିଗରେ ସରକାର ଆବଶ୍ୟକୀୟ ପଦକ୍ଷେପ ନେବାପାଇଁ ଫାଇଟର୍ସ ଗ୍ରୁପ୍ ପକ୍ଷରୁ ଅନୁରୋଧ କରାଯାଇଥିଲା । ଶ୍ରୀ ପାଣ୍ଡିଆନ ଖୁସି ବ୍ୟକ୍ତ କରି ନିଶ୍ଚିତ ଭାବରେ ବରଗଡ଼ କେନସର ହସପିଟାଲ୍ ଏକ ମଡେଲ ହସପିଟାଲ୍ ହେବ ଏବଂ ଫାଇଟର୍ସ ଗ୍ରୁପ୍ ର କାର୍ଯ୍ୟକୁ ପ୍ରଶଂସା କରି ଆଗକୁ ମଧ୍ୟ କେନସର ଆକ୍ରାନ୍ତଙ୍କୁ ତ୍ୱରିତ ସହଯୋଗ ପ୍ରଦାନ ପାଇଁ ମିଳିମିଶି କାମ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ଗତ କିଛି ଦିନ ପୂର୍ବେ ବରଗଡ କେନସର ହସ୍ପିଟାଲ ରେ ଡାକ୍ତର ନରେଶ ପ୍ରଧାନଙ୍କ ନେତୃତ୍ୱରେ ଓ କିଛି ସହଯୋଗୀ ଡାକ୍ତର ଏବଂ ମେଡିକାଲ ଟିମ୍‌ଙ୍କ ସହଯୋଗ ରେ ପ୍ରଥମଥର ପାଇଁ ଜଣେ ମହିଳା କେନସର ପିଡୀତଙ୍କର ଅପରେସନ୍ କରାଯାଇଛି ।

# ଘରକୁ ଘର ବୁଲି ଭୋଟ ମାଗୁଛନ୍ତି ତାରା



ବୋରିଗୁମ୍ମା, (ସବ୍ୟୁ) : ନିର୍ବାଚନ ତାରିଖ ଯେତେ ପାଖେଇ ଆସୁଛି, ପ୍ରାର୍ଥୀଙ୍କ ପ୍ରଚାର ସେତେ ଜୋରରେ ବୃଦ୍ଧି ପାଉଛି । ଜୟପୁର ନିର୍ବାଚନ ମଣ୍ଡଳୀର କଂଗ୍ରେସ ପ୍ରାର୍ଥୀ ତାରାପ୍ରସାଦ ବାହିନୀପତି ଦିନରାତି ଏକ କରି ତାଙ୍କ ପ୍ରଚାର ଜାରି ରଖିଛନ୍ତି । କେତେବେଳେ ପଥପ୍ରାନ୍ତ ନାଟକ ମାଧ୍ୟମରେ ତ କେତେବେଳେ ବାଇକ ରାଲି କରି ଲୋକଙ୍କୁ କଂଗ୍ରେସ ସପକ୍ଷରେ ଭୋଟ ଦେବାକୁ ନିବେଦନ କରୁଛନ୍ତି । ଆଜି ବୋରିଗୁମ୍ମା ର ବିଭିନ୍ନ ସାହିରେ ଘର କୁ ଘର ବୁଲି ଭୋଟଭିକ୍ଷା କରିଥିଲେ । ପ୍ରଥମେ ଦଳେଇ ସାହିରେ ଥିବା ପ୍ରତିଟି ଘରେ କଂଗ୍ରେସ ପ୍ରାର୍ଥୀ ତାରାପ୍ରସାଦ ବାହିନୀପତି ନିଜର ଶହ ଶହ କର୍ମୀଙ୍କ ସହ ପହଞ୍ଚି କଂଗ୍ରେସ କୁ ଭୋଟ ଦେବାକୁ ନିବେଦନ କରିଥିଲେ । ନିଜ ଅନ୍ଦାଜ ରେ ଭୋଟ ମାଗୁଥିବା ଦୃଶ୍ୟ ଦେଖିବାକୁ ମିଳିଥିଲା । ପରେ ମେରିଆ ମାର୍ଗ, ମେନ ରୋଡ଼ ବୁଲିଥିଲେ । ଶ୍ରୀ ବାହିନୀପତି ଙ୍କ ପ୍ରତି ସାହିବାସିନ୍ଦା ଙ୍କ ବେଶ ସମର୍ଥନ ଥିବା ଦେଖାଦେଇଛି । ଅନ୍ୟଙ୍କ ମଧ୍ୟରେ କଂଗ୍ରେସ କର୍ମୀ ବିଜୟ ନାରାୟଣ ସାହୁ, ବିଟୁ ପଣ୍ଡା, ବି.ପ୍ରସାଦ ଦୋରା, ଚିଟି ବାବୁ, ପି.ଧବଳେଶ୍ୱର, ଲାଣ୍ଡୁ ବେଗରାଇ, ସନ୍ତୋଷ ପ୍ରଧାନ, କେ.ସୁଧାକର, ମନୁ ପଟ୍ଟନାୟକ, ତପନ କୁମାର ଦାସ ପ୍ରମୁଖ କଂଗ୍ରେସ ପ୍ରାର୍ଥୀ ଙ୍କ ସହ ସାହି ସାହି ବୁଲୁଥିଲେ ।

# ଘଡ଼ଘଡ଼ି ସହ ବର୍ଷା, ତାତିରୁ ଆଶ୍ୱସ୍ତି

ହରଭଙ୍ଗା, (ସବ୍ୟୁ) : ସାରା ରାଜ୍ୟ ରେ ଗ୍ରୀଷ୍ମ ପ୍ରଭାହ ଜାରି ରହିଥିବା ବେଳେ ତାର ଅନୁଭୂତି ହରଭଙ୍ଗା ଅଞ୍ଚଳରେ ମଧ୍ୟ ଦେଖିବାକୁ ମିଳିଥିଲା । କିଛି ଦିନ ହେବ ପାଗର ସାମାନ୍ୟ ପରିବର୍ତନ ମେଘୁଆ ପାଗ ହେତୁ ଗରମ ରୁ ଟିକେ ତ୍ରାହି ମିଳିଥିଲା ହେଲେ ଗତକାଲି ବ୍ଲକ ର ଚାରିଛକ, ଆଡ଼େଣିଗଡ଼, ମାଧପୁର, କରଡ଼ାକୋଠା ବାରିଙ୍ଗ, ବଦଳାସାହି ସହ ପ୍ରାୟ ଅଞ୍ଚଳ ରେ ଘଡ଼ଘଡ଼ି ସହ ହାଲୁକା ରୁ ମଧ୍ୟମ ଧରଣ ର ବର୍ଷା ହୋଇଥିଲା । ଏମିତି କି କୁଆ ପଥର ସାଙ୍ଗ କୁ ଜୋର ରେ ପବନ ମଧ୍ୟ ହୋଇଥିଲା । ପ୍ରାୟ ଏକ ଘଣ୍ଟା ରୁ ଅଧିକ ସମୟ ଧରି ବର୍ଷା ସାଙ୍ଗକୁ ପବନ ହୋଇଥିଲା । ଫଳରେ ଛୋଟ ଛୋଟ ଗଛ ଗୁଡ଼ିକ ମଧ୍ୟ ପବନ ରେ ଭାଙ୍ଗି ଯାଇଥିବା ଦେଖିବାକୁ ମିଳିଥିଲା । ବର୍ଷା ଯୋଗୁଁ ଦୀର୍ଘ ଦିନ ର ଅସହ୍ୟ ଗରମ ରୁ ଟିକେ ଟିକେ ଆଶ୍ୱସ୍ତି ଅନୁଭବ କରିଛନ୍ତି ଅଞ୍ଚଳବାସୀ । ଆଉ ଗୋଟେ ଦିନ ପରେ ଅକ୍ଷୟତୃତୀୟ ଆସୁଥିବାରୁ ଚାଷୀ ମନରେ ଆନନ୍ଦ ଉଲ୍ଲାସ ଖେଳି ଯାଇଥିବା ଦେଖିବାକୁ ମିଳିଥିଲା । ଅକ୍ଷୟତୃତୀୟା ପୂର୍ବ ଦିନ ବର୍ଷା ହେବା, ଆଗାମୀ ଦିନ ରେ ଚାଷ ପାଇଁ ଏକ ଶୁଭ ସଂକେତ ବୋଲି ବୁଦ୍ଧିଜୀବୀ ମତ ରଖିଛନ୍ତି ।

# ବ୍ୟାଙ୍କରୁ ଟଙ୍କା ନେଇ ଫେରୁଥିବା ଦୁଇ ଏସଏଚଜି ମହିଳାଙ୍କ ଠାରୁ ଲୁଟ୍



ମୁରିବାହାଲ, (ସବ୍ୟୁ): ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ଥାନା ଅଞ୍ଚଳରେ ପୁଣି ଲୁଟେରା ସକ୍ରିୟ ହୋଇପଡିଛନ୍ତି। ସତର୍କ ଓ ସଚେତନ ନ ହେଲେ ରାସ୍ତାରେ ଯାଉଥିବା ପଥଚାରୀ ଯେ କୌଣସି ସମୟରେ ଲୁଟର ଶିକାର ହୋଇପାରନ୍ତି । ଦିନ ଦ୍ୱିପ୍ରହରରେ ଜନଗହଳି ପୂର୍ଣ୍ଣ ସ୍ଥାନରେ ଲୁଟର ଶିକାର ହେଲେ ଦୁଇ ଏସଚଜି ମହିଳା । ଗୁରୁବାର ଦିନ ବ୍ୟାଙ୍କରୁ ଟଙ୍କା ଉଠାଣ କରି ଫେରୁଥିବା ବେଳେ ୫୦ ହଜାର ଟଙ୍କା କେହି ଦୁର୍ବୃତ୍ତ ଲୁଟି ନେଇଥିବା ଅଭିଯୋଗ ହୋଇଛି । ସୂଚନାରୁ ପ୍ରକାଶ ଗୁରୁବାର ଦିନ ପ୍ରାୟ ୧୧.୩୦ ସମୟରେ ବଙ୍ଗୋମୁଣ୍ଡା ସ୍ଥିତ ଷ୍ଟେଟ ବ୍ୟାଙ୍କ ଶାଖାରୁ ବଙ୍ଗୋମୁଣ୍ଡା ଥାନା ଗନ୍ଧରାବନ୍ଧ ଗ୍ରାମର ମାଁ ବନ ଦୁର୍ଗା ସ୍ୱୟଂ ସହାୟିକା ଗୋଷ୍ଠୀର ସଭାନେତ୍ରୀ ଅର୍ଣ୍ଣପୂର୍ଣା ପୁଟେଲ ଏବଂ ସଂପାଦିକା ରିତା ବାଗ ୫୦ ହଜାର ଟଙ୍କା ଉଠାଣ କରି ଫେରୁଥିବା ବେଳେ ଆମ୍ବେଦକର ଛକ ନିକଟ ନବଦୁର୍ଗା କପଡା ଦୋକାନ ନିକଟରୁ ଏକ ବାଇକରେ ଆସି ୩ ଜଣ ଲୁଟେରା ଟଙ୍କା ବ୍ୟାଗ ଛଡାଇ ନେଇ ଫେରାର ମାରିଥିଲେ । ୨ ଜଣ ଏସଚଜି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ୫୦ ହଜାର ଟଙ୍କା ଉଠାଣ କରି ବ୍ୟାଙ୍କରୁ ଚାଲି ଚାଲି ଆସୁଥିଲେ । ଆସିବା ବାଟରେ ବାଇକରେ ଆସି ଟଙ୍କା ବ୍ୟାଗକୁ ଲୁଟି ନେଇ ଦୁର୍ବୃତ୍ତ ମାନେ ଫେରାର ମାରିଥିଲେ। ଲୁଟ ହୋଇଥିବା ସମ୍ପର୍କରେ ଉଭୟ ମହିଳା ଥାନାରେ ଅଭିଯୋଗ କରିବା ପରେ ବଙ୍ଗୋମୁଣ୍ଡା ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ପୂର୍ବରୁ ମଧ୍ୟ ବଙ୍ଗୋମୁଣ୍ଡା ଅଞ୍ଚଳରେ ଅନେକ, ଚୋରି, ଲୁଟ ଘଟଣା ଘଟିଥିବା ବେଳେ ଲୁଟେରାଙ୍କୁ ପୋଲିସ ଧରିବାରେ ସକ୍ଷମ ହୋଇପାରିନାହିଁ । ଏବେ ପୁଣି ଥରେ ଲୁଟେରାମାନେ ସକ୍ରିୟ ହୋଇପଡିଛନ୍ତି।

# କଲରାପତରିଆ ବାଘର ମୃତଦେହ ଉଦ୍ଧାର ଘଟଣା
# ଶିକାରୀ କୋର୍ଟ ଚାଲାଣ



ରେଢ଼ାଖୋଲ, (ସବ୍ୟୁ) : ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବନଖଣ୍ଡ ନାକଟିଦେଉଳ ଅନ୍ତର୍ଗତ ଲାଣ୍ଡିମାଲ ସଂରକ୍ଷିତ ଜଙ୍ଗଲର ଚମ୍ପାଳି ନଦୀ ନିକଟ ଭୀମମଣ୍ଡଳୀ ରାସ୍ତାରୁ ଦୁଇଦିନ ତଳେ କଲରା ପତରିଆ ବାଘର ମୃତ ଦେହ ବନ ବିଭାଗ ଠାବ କରିଥିଲା । ଏଥିରେ ସମ୍ପୃକ୍ତି ଥିବା ସନ୍ଦେହ ରେ ବନ ବିଭାଗ ପେଣ୍ଟବାହାଲ ଗ୍ରାମର ଜୈନିକ ବ୍ୟକ୍ତି କୁ ଅଟକ ରଖିଥିଲା । ଆଜି ନାକଟିଦେଉଳ ରେଞ୍ଜ ଅଫିସ ର ରେଢ଼ାଖୋଲ ଡ଼ିଏଫ ଅରବିନ୍ଦ ମହାନ୍ତି ଏକ ସାମ୍ବାଦିକ ସମ୍ମିଳନୀ ରେ କଲରା ପତରିଆ ବାଘ କୁ ବନ୍ଧୁକ ରେ ମାରିଥିବା ବ୍ୟକ୍ତିସମ୍ପର୍କ ରେ ସୂଚନା ଦେଇଥିଲେ ଏବଂ ଆଜି ସମ୍ପୃକ୍ତ ବ୍ୟକ୍ତି କୁ କୋର୍ଟ ଚାଲାଣ କରା ଯିବ ବୋଲି ପ୍ରକାଶ କରିଥିଲେ । ଗିରଫ ବ୍ୟକ୍ତି ଠାରୁ ଏକ ଦେଶୀ ବନ୍ଧୁକ, ଏକ ବ୍ୟାଗ, ତିନୋଟି ଗୁଳି ଜବତ କରିଥିବା ଡ଼ିଏଫଓ ସୂଚନା ଦେଇଛନ୍ତି । ସୁଚନା ଥାଉକି,ଗତ ୬ତାରିଖ ଦିନ ପ୍ରାୟ ଅପରାହ୍ନ ଦୁଇଟା ବେଳେ ବନ କର୍ମଚାରୀ ମାନେ ପାଟ୍ରୋଲିଂ କରୁଥିବା ବେଳେ ଭୀମ ମଣ୍ଡଳୀ ରାସ୍ତାରେ ଏକ କଲରାପତରିଆ ବାଘ ମୃତ ଅବସ୍ଥାରେ ପଡ଼ିଥିବା ଦେଖିବାକୁ ପାଇଥିଲେ । ଏହାପରେ ସି ସି ଏଫ, ରେଢ଼ାଖୋଲ ଡି ଏଫ ଓ ଅରବିନ୍ଦ ମହାନ୍ତି, ନାକଟିଦେଉଳ ରେଞ୍ଜର ଅଶ୍ୱିନୀ କୁମାର ବେହେରା ଏବଂ ଭୁବନେଶ୍ୱର ମେଡିକାଲ ଟିମ ଘଟଣାସ୍ଥଳକୁ ଯାଇ ଘଟଣାର ତଦନ୍ତ କରି ଶବ ବ୍ୟବଛେଦ କରି ଜଙ୍ଗଲରେ ପୋଡିଦେଇଥିଲେ । ତେବେ ଘଟଣାକୁ ଗୁରୁତର ସହ ନେଇ ତଦନ୍ତ କରି ପେଣ୍ଟବାହାଲ ଗ୍ରାମରୁ ଜଣେ ବ୍ୟକ୍ତି କୁ ଅଟକ ରଖିଥିଲେ । ଆଉ ଜଣେ ଅଭିଯୁକ୍ତ ଫେରାର ଥିବା ବେଳେ ତାକୁ ଧରିବା ପାଇଁ ତଦନ୍ତ ଚାଲିଥିବା ରେଢ଼ାଖୋଲ ଡ଼ିଏଫଓ ଅରବିନ୍ଦ ମହାନ୍ତି ପ୍ରେସ୍ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି । ଦିନକୁ ଦିନ ନାକଟିଦେଉଳ ଅଂଚଳ ରେ ବାଣୁଆ ମାନେ ଅନାୟାସରେ ଶିକାର କରୁଥିବା ବେଳେ ବନବିଭାଗ ସେମାନଙ୍କୁ ଧରିବାରେ ମୁଣ୍ଡବ୍ୟଥାର କାରଣ ହେଉଛି ।

# ଆଦର୍ଶ ନିର୍ବାଚନ ଆଚରଣବିଧି ଉଲଂଘନ ସୂଚନା
# ସି -ଭିଜିଲ ଆପ୍‌ରେ ଦେଇପାରିବେ ଜନସାଧାରଣ

ସୋନପୁର, (ସବ୍ୟୁ) : ସାଧାରଣ ନିର୍ବାଚନ ୨୦୨୪କୁ ଅବାଧ ଓ ନିରପେକ୍ଷ ଭାବେ ପରିଚାଳନା ପାଇଁ ଭାରତ ନିର୍ବାଚନ କମିଶନର ଜାରି କରିଥିବା ସି-ଭିଜିଲ ଆପ୍ ମାଧ୍ୟମରେ ସୁବର୍ଣ୍ଣପୁର ଜିଲ୍ଲାର ସଚେତନ ଭୋଟର ତଥା ଜନସାଧାରଣ ମଧ୍ୟ ନିର୍ବାଚନ ସମ୍ପର୍କିତ ଆଇନ ଉଲ୍ଲଙ୍ଘନ ପାଇଁ ଅଭିଯୋଗ କରି ପାରିବେ ବୋଲି ଜିଲା ନିର୍ବାଚନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଜିଲ୍ଲାର ଉଭୟ ସୋନପୁର ଓ ବୀରମହାରାଜପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ଯେ କୌଣସି ସ୍ଥାନରେ ଲାଗୁ ହୋଇଥିବା ଆଦର୍ଶ ନିର୍ବାଚନ ଆଚରଣ ବିଧି ର ଉଲଂଘନ ଯେପରି କୌଣସି ରାଜନୈତିକ ଦଳ କିମ୍ବା ବ୍ୟକ୍ତିଙ୍କ ଦ୍ୱାରା ମାଗଣା ଉପହାର ପ୍ରଦାନ, ଭୋଟ ପାଇଁ ଲାଞ୍ଚ ପ୍ରଦାନ, ଭୋଟରଙ୍କୁ ଆକୃଷ୍ଟ ପାଇଁ ନିଶା ଦ୍ରବ୍ୟ ବଣ୍ଟନ , ପ୍ରାର୍ଥୀଙ୍କ ପ୍ରଚାରରେ ନିୟୋଜିତ ହୋଇଥିବା ଲାଉଡ୍ ସ୍ପିକର ଅନୁମତି ଠାରୁ ଅଧିକ ଶବ୍ଦ କରିବା କିମ୍ବା ନିର୍ଦ୍ଧାରିତ ସମୟରୁ ଅଧିକ ବ୍ୟବହାର ହେବା କ୍ଷେତ୍ରରେ ସମ୍ପୃକ୍ତ ଅଞ୍ଚଳର ସାଧାରଣ ଭୋଟର ତଥା ଜନସାଧାରଣ ନିଜ ମୋବାଇଲ ମାଧ୍ୟମରେ ସି -ଭିଜିଲ' ଆପ୍ ଡାଉନଲୋଡ କରି ସେହି ମାଧ୍ୟମରେ ଫଟୋ କିମ୍ବା ଭିଡିଓ କୁ ତୁରନ୍ତ ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟକୁ ପଠାଇ ପାରିବେ । ଏଥିରେ ଅଭିଯୋଗ କରିଥିବା ବ୍ୟକ୍ତିଙ୍କ ସମସ୍ତ ପରିଚୟକୁ ଅତ୍ୟନ୍ତ ଗୋପନ ରଖାଯାଇଥାଏ । ଜିଓ ଟ୍ୟାଗ୍ ମାଧ୍ୟମରେ ଏହି ଆପ୍ ପରିଚାଳିତ ହେଉଥିବାରୁ କୌଣସି ସ୍ଥାନରୁ ଅଭିଯୋଗ ମିଳିଲେ ତୁରନ୍ତ ଜିଲା ନିର୍ବାଚନ ବିଭାଗ ସେହି ଅଞ୍ଚଳକୁ ଠାବ କରିବାରେ ସକ୍ଷମ ହୋଇ ପାରିବେ ବୋଲି କୁହାଯାଇଛି । ତେବେ ମିଳିଥିବା ଅଭିଯୋଗ ଗୁଡିକୁ ର୍ନିଦ୍ଧିଷ୍ଟ ସମୟ ୧୦୦ ମିନିଟ ମଧ୍ୟରେ ସମାଧାନ କରାଯିବାର ବ୍ୟବସ୍ଥା ରହିଛି । ଏପରିକି ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ମଧ୍ୟ ସମ୍ପୃକ୍ତ ବ୍ୟକ୍ତିଙ୍କ ନିକଟକୁ ସୂଚନା ଯିବାର ବ୍ୟବସ୍ଥା କରାଯାଇଛି । ଆଜି ପର୍ଯ୍ୟନ୍ତ ଏହି ସି -ଭିଜିଲ ଆପ ମାଧ୍ୟମରେ ସୁବର୍ଣ୍ଣପୁର ଜିଲ୍ଲାରେ ଅନେକ ଅଭିଯୋଗ ଗ୍ରହଣ କରାଯାଇଥିବା ବେଳେ ଦେୟ ମୁକ୍ତ କଲ ସେଣ୍ଟର ୧୯୫୦ ମାଧ୍ୟମରେ ମଧ୍ୟ ମିଳିଥିବା ଅଭିଯୋଗ ଗ୍ରହଣ କରାଯାଇ ନିଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରାଯାଇ ଥିବା ସୂଚନା ରହିଛି। ତେଣୁ ଜିଲାର ସମସ୍ତ ଭୋଟର ତଥା ଜନସାଧାରଣ ବିନା ଭୟରେ ଏହି 'ସି -ଭିଜିଲ' ଆପ୍ ଓ ଦେୟ ମୁକ୍ତ କଲ ନଂ ବ୍ୟବହାର କରି ଆଦର୍ଶ ନିର୍ବାଚନ ଆଚରଣ ବିଧି ଉଲଂଘନ ସମ୍ପର୍କରେ ସୂଚନା ଦେବାକୁ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଅନ୍ୟା ଦାସ ସମସ୍ତଙ୍କୁ ଅନୁରୋଧ କରିଛନ୍ତି ।

# ଟିଟିଲାଗଡରେ ବିଜେଡିର ଶକ୍ତି ପ୍ରଦର୍ଶନ



ଟିଟିଲାଗଡ, (ସବ୍ୟୁ) : ନିର୍ବାଚନ ଯେତେ ପାଖେଇ ଆସୁଛି ନିର୍ବାଚନ ତାତି ଆହୁରି ବଢ଼ିବାରେ ଲାଗିଛି । ଟିଟିଲାଗଡ଼ ସହରର ତାତି କୁ ଆହୁରି ବଳି ଯାଇଛି ନିର୍ବାଚନ ତାତି । ହଜାର ହଜାର କର୍ମୀ, ଭୋଟରଙ୍କ ଗହଣରେ ଆଜି ଟିଟିଲାଗଡ଼ ରେ ବିଜେଡି ତାର ଶକ୍ତି ପ୍ରଦର୍ଶନ କରିଛି । ଗୋଟିଏ ପଟେ ରାଜନେତା ତ ଅନ୍ୟପଟେ ସିନେତାରକା ଏବଂ କଳାକାର ମାନଙ୍କ ରୋଡ଼ ସୋ ରେ ଆଜି ସମଗ୍ର ଟିଟିଲାଗଡ଼ ସହର ସବୁଜିମା ପାଲଟି ଯାଇଥିଲା । ଟିଟିଲାଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀ ବିଜେଡି ପ୍ରାର୍ଥୀନୀ ତଥା ମନ୍ତ୍ରୀ ଟୁକୁନି ସାହୁଙ୍କ ବାସ ଭବନରୁ ବାହାରିଥିଲା ଏକ ବିଶାଳ ବିଜୟ ସଂକଳ୍ପ ସମାବେଶ । ପାଖାପାଖି ୧୫ ହଜାର ଜନତା ଏହି ସଂକଳ୍ପ ସମାବେଶ ରେ ସାମିଲ ହୋଇ ଟିଟିଲାଗଡ଼ ସହର ପରିକ୍ରମା କରିଥିଲେ । ଏକ ପ୍ରକାର ବିଜେଡି ଆଜି ତାର ଶକ୍ତି ପ୍ରଦର୍ଶନ କରିଛି । ଏହି ସଂକଳ୍ପ ସମାବେଶ ରେ ବଲାଙ୍ଗୀର ବିଜେଡି ସାଂସଦ ପ୍ରାର୍ଥୀ ସୁରେନ୍ଦ୍ର ସିଂ ଭୋଇ, ଚର୍ଚ୍ଚିତ କଳାକାର ସବ୍ୟସାଚୀ, ଅର୍ଚ୍ଚିତା, ଶାଶ୍ୱତ ଯୋଶୀ, ରୁକୁ ସୁନା, ହାସ୍ୟଭିନେତା ଯୋଗେଶ ଜୋଜୋ ପ୍ରମୁଖ ଆଜି ମନ୍ତ୍ରୀ ତଥା ବିଧାୟିକା ପ୍ରାର୍ଥୀ ଟୁକୁନି ସାହୁ ଙ୍କ ସହ ରୋଡ଼ ସୋ ରେ ଭାଗ ନେଇଥିଲେ । ଟିଟିଲାଗଡ଼ ସହର ପରିକ୍ରମା କରିବା ସହ ବିଜେଡି ନେତା ଅଭିମନ୍ୟୁ ସାହୁ ଙ୍କ ପ୍ରତିମୂର୍ତ୍ତି, ପ୍ରବାଦ ପୁରୁଷ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକ ଙ୍କ ପ୍ରତିମୂର୍ତ୍ତି ରେ ପୁଷ୍ପ ମାଲ୍ୟ ଅର୍ପଣ କରିବା ସହିତ ଏସ ସି ଡି ସେଣ୍ଟର ରେ ଏକ ସଂକଳ୍ପ ସମାବେଶ ରେ ଯୋଗ ଦେଇ ସିଧା ସଳଖ ବିରୋଧୀ କ୍ୟାମ୍ପ କୁ ଟାର୍ଗେଟ କରିଥିଲେ ଟୁକୁନି ସାହୁ ସହ ସୁରେନ୍ଦ୍ର ସିଂ ଭୋଇ ଝ ଜମି ମାଫିଆ, ବ୍ୟବସାୟୀ,କହିବା ସହ କଳା ଧନ ରେ କେଭେ ବି ଭୋଟରଙ୍କୁ ପ୍ରଭାବିତ କରି ପାରିବ ନାହିଁ ବୋଲି ଚେତାବନୀ ଦେବା ସହ ଏଥର ବଲାଙ୍ଗୀର ଜିଲ୍ଲା ରେ ସାଂସଦ ପ୍ରାର୍ଥୀ ଏବଂ ସମସ୍ତ ବିଧାନସଭାର ବିଜେଡି ପ୍ରାର୍ଥୀ ବିଜୟକୁ କେହି ରୋକି ପରିବେ ନାହିଁ ବୋଲି କହିଛନ୍ତି ।

# ୧୧ରେ ରାଷ୍ଟ୍ରୀୟ ଲୋକ ଅଦାଲତ

ଭବାନୀପାଟଣା, (ସବ୍ୟୁ) : କଳାହାଣ୍ଡି ଜିଲ୍ଲାସ୍ତରୀୟ ଓ ତାଲୁକସ୍ତରୀୟ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଆସନ୍ତା ମଇ ମାସ ୧୧ ତାରିଖ ଶନିବାର ଦିନ ଅନୁଷ୍ଠିତ ହେବାକୁ ଯାଉଛି । ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ଫୌଜଦାରୀ (ସାଲିସ ଯୋଗ୍ୟ) ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କରଣ ମାମଲା, ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ, ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ, ଜଳ ଓ ଅନ୍ୟ ବିଲ ଦେୟ ଜନିତ ବିବାଦ (ସାଲିସ୍ ବିହିନ ବିବାଦକୁ ବାଦ୍ ଦେଇ) ବୈବାହିକ ବିବାଦ (ଛାଡପତ୍ର ବ୍ୟତୀତ), ଜମି ଅଧିଗ୍ରହଣ, ଚାକିରି ସମ୍ବନ୍ଧୀୟ (ଦରମା, ଭତ୍ତା ଓ ଅବସରକାଳୀନ ପ୍ରାପ୍ୟ) ରାଜସ୍ୱ, ମୋଟର ଯାନ ସମ୍ବନ୍ଧୀୟ ଓ ଅନ୍ୟାନ୍ୟ ଦେୱାନୀ ମୋକଦ୍ଦମା ଇତ୍ୟାଦିର ଆପୋସ ସହମତିରେ ସମାଧାନ କରାଯାଇପାରିବ ।

# ଟିପିଡବ୍ଲୁଓଡିଏଲ୍ ପକ୍ଷରୁ ବରଗଡ ଜିଲ୍ଲାର କୃଷି ଉପଭୋକ୍ତାଙ୍କ ନିମନ୍ତେ କରାଯାଉଛି ବିଦ୍ୟୁତ୍ ଭିତ୍ତିଭୂମିର ଉନ୍ନତିକରଣ



ବୁର୍ଲା, (ସବ୍ୟୁ) : ପଶ୍ଚିମ ଓଡିଶାର ବିଦ୍ୟୁ ବିତରଣ କମ୍ପାନୀ ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ (ଟିପିଡବ୍ଲୁଓଡିଏଲ୍) ଏହାର ବିଦ୍ୟୁ ଉପଭୋକ୍ତାମାନଙ୍କୁ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଯୋଗାଇ ଦେବା ନିମନ୍ତେ ବିଦ୍ୟୁତ୍ ଭିତ୍ତିଭୂମିରେ ବୃଦ୍ଧି ତଥା ବିତରଣ ବ୍ୟବସ୍ଥାର ଉନ୍ନତି ଦିଗରେ ଆଉ ଏକ ପଦକ୍ଷେପ ହାତକୁ ନେଇଛି । ଏହି ପରିପ୍ରେକ୍ଷୀରେ, ବରଗଡ ଜିଲ୍ଲାର ଘରୋଇ ଏବଂ କୃଷି ଉପଭୋକ୍ତାଙ୍କ ନିମନ୍ତେ ବିଦ୍ୟୁତ୍ ଭିତ୍ତିଭୂମିରେ ଉନ୍ନତି ଆଣିବା ପାଇଁ ଟିପିଡବ୍ଲୁଓଡିଏଲ୍ ପକ୍ଷରୁ ପାଇକମାଳ ଠାରୁ ଝରାବନ୍ଧ ପର୍ଯ୍ୟନ୍ତ ବ୍ୟାପିଥିବା ୩୩ କେ.ଭି. ବିଦ୍ୟୁତ୍ ତାରର ଉନ୍ନତିକରଣ କାର୍ଯ୍ୟ ଆରମ୍ଭ ହୋଇଛି । ପ୍ରକାଶଥାଉ କି, ବିଦ୍ୟମାନ ୩୩ କେ.ଭି. ବିଦ୍ୟୁତ୍ ତାରଟି ଅନେକ ଆହ୍ୱାନପୂର୍ଣ୍ଣ ସ୍ଥିତିର ସମ୍ମୁଖୀନ ହେଉଅଛି । ମୁଖ୍ୟତଃ ଯାହାର କାରଣ ହେଉଛି, ପୁରୁଣା ଭିତ୍ତିଭୂମି ଏବଂ ଦିନକୁ ଦିନ ବୃଦ୍ଧି ପାଉଥିବା ବିଦ୍ୟୁତ୍ ଚାହିଦା । ଯେଉଁଥି ପାଇଁ ଉକ୍ତ ଅଞ୍ଚଳର ଉପଭୋକ୍ତାମାନେ ଲୋ-ଭୋଲଟେଜ୍ ଏବଂ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣରେ ବାଧାପ୍ରାପ୍ତ ହେବା ଭଳି ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ତେଣୁ କମ୍ପାନୀ ପକ୍ଷରୁ ୧୮ କିଲୋମିଟର ଦୂରତା ବିଶିଷ୍ଟ ପାଇକମାଳ ଠାରୁ ଝରାବନ୍ଧ ପର୍ଯ୍ୟନ୍ତ ଏହି ୩୩ କେ.ଭି. ବିଦ୍ୟୁତ୍ ତାରର ଉନ୍ନତିକରଣ କାମ ଆରମ୍ଭ କରାଯାଇଛି । ଏହି ୩୩ କେ.ଭି. ବିଦ୍ୟୁତ୍ ତାରର ଉନ୍ନତିକରଣ ହେବା ଫଳରେ କେବଳ ଯେ, ଘରୋଇ ବିଦ୍ୟୁତ୍ ଉପଭୋକ୍ତାମାନେ ଏଥିରୁ ଉପକୃତ ହେବେ ନାହିଁ ବରଂ ଏହି ଅଞ୍ଚଳରେ ଥିବା କୃଷ ଉପଭୋକ୍ତାମାନେ ମଧ୍ୟ ଚାଷ କାର୍ଯ୍ୟ ପାଇଁ ଗୁଣାତ୍ମକ ବିଦ୍ୟୁ ସେବା ପାଇ ପାରିବେ । ଏହି ୩୩ କେଭି ବିଦ୍ୟୁ ତାରର ଉନ୍ନତିକରଣ ଦ୍ୱାରା ଉକ୍ତ ଅଞ୍ଚଳର ପ୍ରାୟ ୨୮ ହଜାର ଉପଭୋକ୍ତା ଉପକୃତ ହେବେ ବୋଲି ଆକଳନ କରାଯାଉଅଛି । ବରଗଡ ଜିଲ୍ଲାର ବିଶେଷ କରି ପାଇକମାଳ ଓ ଝରାବନ୍ଧ ଅଞ୍ଚଳ ମୁଖ୍ୟତଃ କୃଷି କ୍ଷେତ୍ର ପାଇଁ ଜଣାଶୁଣା । ଏହି ଅବସରରେ ଟିପିଡବ୍ଲୁଓଡିଏଲ୍ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ପ୍ରବୀଣ ବର୍ମା କହିଛନ୍ତି ଯେ, ବରଗଡ଼ ଜିଲ୍ଲାରେ ବିଦ୍ୟୁତ ଭିତ୍ତିଭୂମିର ଆଧୁନିକୀକରଣ ଉଦ୍ଦେଶ୍ୟରେ ଏଭଳି ପଦକ୍ଷେପ ନେଇ ଆମେ ଉତ୍ସାହିତ । ଉଭୟ ଘରୋଇ ଏବଂ କୃଷି ଉପଭୋକ୍ତାଙ୍କ ଆବଶ୍ୟକତାକୁ ପ୍ରାଥମିକତା ଦେଇ ଆମେ କେବଳ ଯେ, ବରଗଡ଼ବାସୀଙ୍କ ପାଇଁ ଉନ୍ନତମାନର ବିଦ୍ୟୁତ୍ ସେବା ସୁନିଶ୍ଚିତ କରୁ ନାହୁଁ ବରଂ ଏହି ଅଞ୍ଚଳର ଅର୍ଥନୈତିକ ଅଭିବୃଦ୍ଧି ଏବଂ ସମୃଦ୍ଧତାକୁ ମଧ୍ୟ ବୃଦ୍ଧି କରୁଛୁ । ଏହି ପ୍ରକଳ୍ପ ପାଇଁ କମ୍ପାନୀ ୫.୨୭ କୋଟି ଟଙ୍କା ଖର୍ଚ୍ଚ କରିବାକୁ ଯୋଜନା ରଖିଥିବା ବେଳେ ଏହି ଉନ୍ନତିକରଣ କାର୍ଯ୍ୟ ଚଳିତ ବର୍ଷ ଅକ୍ଟୋବର ମାସ ସୁଦ୍ଧା ଶେଷ ହେବ ବୋଲି ଆଶା କରାଯାଉଛି ।

# ସରଗରମ ହେଲାଣି ସୋନପୁର ନିର୍ବାଚନୀ ମାହୋଲ

ସୋନପୁର, (ସବ୍ୟୁ) : ସରଗରମ ହେଲାଣି ସୋନପୁର ନିର୍ବାଚନୀ ମାହୋଲ । ବିଜେଡିର ହେଭିୱେଟ୍ ନେତା ନିରଞ୍ଜନ ପୂଜାରୀଙ୍କ ଗଡ ରହିଛି ସୋନପୁର । ହେଲେ ବିଜେପି, କଂଗ୍ରେସ ସାଙ୍ଗକୁ ଏଥର ନିରଞ୍ଜନଙ୍କୁ ଚ୍ୟାଲେଞ୍ଜ ଦେଉଛନ୍ତି ସ୍ୱାଧୀନ ପ୍ରାର୍ଥୀ ସୋନାଲି ବିଶି । ଚାରି ତରଫା ଲଢେଇରେ କାହାକୁ ବାଛିବ ସୋନପୁର ? ସମୀକରଣ ବିଗାଡି ଦେବେ କି ସୋନାଲି ? ଗଣିତ ଏପାଖ ସେପାଖ କରିଦେବ କି ଶାହାଙ୍କ ହୁଙ୍କାର ୧୫ବର୍ଷ ହେଲା ବିଜେଡିର ଗଡ ରହିଛି ସୋନପୁର । ବିନିକାରୁ ୧୦ବର୍ଷ ଓ ସୋନପୁରରୁ ଲଗାତାର ଭାବେ ତିନି ତିନି ଥର ଜିତି ଆସୁଛନ୍ତି ନିରଞ୍ଜନ ପୂଜାରୀ । ହେଲେ ଏଥର ଗଡ଼ ରକ୍ଷା କରିବା ନିରଞ୍ଜନଙ୍କ ପାଇଁ ଚ୍ୟାଲେଞ୍ଜ ହୋଇପାରେ । ଗତ ତିନି ଥର ହେଲା ବିଧାନସଭା ନିର୍ବାଚନ ମଣ୍ଡଳୀରେ ଲଗାତର ବଢୁଛି ବିଜେପି ଭୋଟ୍ । ପଶ୍ଚିମ ଓଡିଶାରେ ମୋଦି ଲହର ବି ନିରଞ୍ଜନଙ୍କ ବିଜୟ ପଥରେ ବାଧା ସୃଷ୍ଟି କରିପାରେ । ତେବେ ବିଜେଡିର ଟାଣୁଆ ନେତା ନିରଞ୍ଜନ ନବୀନ ସରକାରଙ୍କ ବିକାଶକୁ ଅସ୍ତ୍ର କରି ପ୍ରଚାର ଜୋରସୋର ଭାବେ କରୁଛନ୍ତି ନିରଞ୍ଜନଙ୍କ ବିଜୟ ରଥରେ ବ୍ରେକ୍ ଦେବାକୁ ଚାହୁଁଛି ବିଜେପି । ବଲାଙ୍ଗୀର ଲୋକସଭା ଆସନ ଅଧୀନରେ ରହିଥିବା କଣ୍ଟାବାଞ୍ଜିରୁ ନିର୍ବାଚନ ଲଢୁଛନ୍ତି ଖୋଦ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ । ତେଣୁ ସୋନପୁରରୁ ହିଁ କାଉଣ୍ଟର କରିଥିଲେ ଶାହା । ଗତଥର ପଶ୍ଚିମ ଓଡିଶାର ୫ରୁ ୫ ଲୋକସଭାରେ ବାଜିମାତ୍ କରିଥିଲା ବିଜେପି । ହେଲେ ବିଧାନସଭା ଫଳ ଉତ୍ସାହ ଜନକ ନଥିଲା । ତେଣୁ ଏଥର ବିଧାନସଭାକୁ ବି ଫୋକସ୍ କରିଛି ଦଳ । ସେପଟେ ଶାହାଙ୍କ ହୁଙ୍କାର ପରେ ବଢିଛି ସୋନପୁର ବିଜେପିର ଉତ୍ସାହ । ୨୦୨୪ ନିର୍ବାଚନ ପାଇଁ ସୋନପୁରରୁ ବିଜେପି ପ୍ରାର୍ଥୀ ହୋଇଛନ୍ତି ପ୍ରମୋଦ ମହାପାତ୍ର । ୨୦୧୪ରେ ବି ନିରଞ୍ଜନ ଓ ପ୍ରମୋଦ ମୁହାଁମୁହିଁ ହୋଇଥିଲେ । ସେତେବେଳେ ୫୧ହଜାରରୁ ଅଧିକ ଭୋଟରେ ପ୍ରମୋଦଙ୍କୁ ହରାଇଥିଲେ ନିରଞ୍ଜନ । ଗତଥର ବିଜେପି ଅଶୋକ ପୂଜାରୀଙ୍କୁ ପ୍ରାର୍ଥୀ କରିଥିଲା । ହେଲେ ଏଥର ପୁଣି ପ୍ରମୋଦଙ୍କୁ ଭରସା କରିଛି । ଗତ ୧୦ବର୍ଷ ମଧ୍ୟରେ ଅନେକ ବଦଳିଛି ସୋନପୁର ରାଜନୀତି । ତେଣୁ ଦୁଇ ଟାଣୁଆ ନେତାଙ୍କ ଲଢେଇରେ ଫଳ କିଛି ବି ହେଇପାରେ । ସେପଟେ କଂଗ୍ରେସରୁ ନୂଆ ଚେହେରା ଭାବେ ପ୍ରିୟବ୍ରତ ସାହୁଙ୍କୁ ପ୍ରାର୍ଥୀ କରିଛି । ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ଏଠାରେ ପ୍ରାର୍ଥୀ ହୋଇଛନ୍ତି ସୋନାଲି ବିଶି । ଚାଷୀ ସରକାର ଗଠନର ସ୍ଲୋଗାନ ଦେଇ ନିର୍ବାଚନ ମଣ୍ଡଳୀରେ ଗାଁକୁ ଗାଁ ଘରକୁ ଘର ବୁଲୁଛନ୍ତି ସୋନାଲି । କେତେବେଳେ ନିଜେ ଟ୍ରାକ୍ଟର ଚଳାଇ ସମର୍ଥକଙ୍କ ସହ ପ୍ରଚାର କରୁଛନ୍ତ । କେତେବେଳେ ମହିଳା ସଶକ୍ତିକରଣର ବାର୍ତ୍ତା ଦେଉଛନ୍ତି । ଚାଷୀ ସମସ୍ୟାକୁ ପ୍ରସଙ୍ଗ କରି ମଇଦାନକୁ ଓହ୍ଲାଇଥିବା ସୋନାଲି ତାଙ୍କ ନିଆରା ପ୍ରଚାର ପାଇଁ ଚର୍ଚ୍ଚାରେ ରହିଛନ୍ତି । ଶଗଡରେ ଆସି ଚାଷୀ ମାନଙ୍କ ଠାରୁ ଭିକ୍ଷା କରି ନାମାଙ୍କନ ପତ୍ର ଭରିଥିଲେ ସୋନାଲି ବିଶି । ଏବେ ନିର୍ବାଚନୀ ଖର୍ଚ୍ଚ ତୁଲାଇବାକୁ ଘରକୁ ଘର ବୁଲି ଲୋକଙ୍କ ସହଯୋଗ ଆଉ ଭୋଟ ଭିକ୍ଷା ମାଗୁଛନ୍ତି । ପଶ୍ଚିମ ଓଡିଶାରେ ଚାଷୀ ସମସ୍ୟା ନୂଆ ନୁହେଁ, ତେଣୁ ବିଜେଡି ଗଡରେ ଚାଷୀ ପ୍ରସଙ୍ଗ ଧରି ଭୋଟ୍ ମାଗୁଥିବା ସୋନାଲି ସମୀକରଣ ବଦଳାଇ ପାରନ୍ତି ବୋଲି ଜନସାଧାରଣ ରେ ଓ ବୁଦ୍ଧିଜୀବୀରେ ଚର୍ଚ୍ଚା ହେଉଛି ।

# ଯୋଡି ଶଙ୍ଖରେ ଭୋଟ ଦେବାକୁ ପ୍ରଚାରକୁ ଜୋରଦାର କଲା ବିଜେଡି



କେସିଙ୍ଗା, (ସବ୍ୟୁ): ଜିଲା କେସିଙ୍ଗା ସହରରେ ଯୋଡି ଶଙ୍ଖରେ ଭୋଟ ଦେବା ପାଇଁ ନଗରପାଳ ନୃପରାଜ ଯାଦବଙ୍କ ନେତୃତ୍ୱରେ ବିଜେଡି କର୍ମୀଙ୍କ ଦ୍ୱାରା ନିର୍ବାଚନୀ ପ୍ରଚାରକୁ ବୁଧବାର ଜୋରଦାର କରିଛି। ଏଥିରେ ଟାଉନ ସଭାପତି ରମେଶ ପଟ୍ଟନାୟକ ନିର୍ବାଚନୀ ପ୍ରଚାରରେ ସାମିଲ ହୋଇ କହିଥିଲେ ଯେ, ରାଜ୍ୟସରକାର ଅନୁସୂଚିତ ଜାତି, ଜନଜାତିମାନଙ୍କ ବିକାଶ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିଛନ୍ତି। ଆଦିବାସୀ ଉନ୍ନୟନ ପରିଷଦ ଗଠନ, ଭୁବନେଶ୍ୱରରେ ଆଦିବାସୀ ଭବନ ନିର୍ମାଣ ପାଇଁ ଶହେ କୋଟି ଟଙ୍କା ପ୍ରଦାନ, ଅନୁସୂଚିତ ଜାତି, ଜନଜାତି ଛାତ୍ରୀଛାତ୍ରଙ୍କୁ ଷ୍ଟାଇପେଣ୍ଡ ବୃଦ୍ଧି, ଜଙ୍ଗଲଜାତ ଦ୍ରବ୍ୟ ବିକ୍ରୟ ପାଇଁ ଏମଏସପି ପ୍ରଦାନ, ୮ ଲକ୍ଷ କେନ୍ଦୁପତ୍ର ତୋଳାଳିଙ୍କ ପାଇଁ ବୋନସ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ବର୍ଷକୁ ମହିଳାଙ୍କ ପାଇଁ ଦଶ ଲକ୍ଷ ଏବଂ ପୁରୁଷଙ୍କୁ ୫ଲକ୍ଷ ଟଙ୍କା ସହାୟତା, ମିଶନଶକ୍ତି ଜରିଆରେ ମହିଳା ଗୋଷ୍ଠୀଙ୍କ ପାଇଁ ବିନା ସୁଧରେ ୧୦ଲକ୍ଷ ଟଙ୍କା ଋଣ, କାଳିଆ ଯୋଜନା, ବଳିଆ ଯୋଜନାରେ କୃଷକ ଏବଂ ବୁଣାକାରମାନଙ୍କୁ ପ୍ରୋତ୍ସାହନ ରାଶି ସହ ବିନା ସୁଧରେ ଋଣ, ନିର୍ମାଣ ଶ୍ରମିକ ସୁରକ୍ଷା ପାଇଁ ଆର୍ଥିକ ସହାୟତା, ମମତା ଯୋଜନାରେ ଗର୍ଭବତୀ ମହିଳାଙ୍କୁ ସହାୟତା, ୫-ଟି ବିଦ୍ୟାଳୟ ମହାବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷାର ବ୍ୟବସ୍ଥା, ଅନୁସୂଚିତ ଜାତି ଜନଜାତି ଉନ୍ନୟନ ଯୋଜନା ଉପରେ ଆଲୋକପାତ କରିଥିଲେ। କେସିଙ୍ଗା ସହରର ୧୨ଟି ୱାର୍ଡରେ ପାନୀୟଜଳର ବ୍ୟବସ୍ଥା, ରାସ୍ତା ଘାଟ ନିର୍ମାଣ, ତେଲ ନଦୀ ପାର୍ଶ୍ୱରେ ବିଦ୍ୟୁତ ସଂଯୋଗ, ମିନି ଷ୍ଟାଡିୟମ ନିର୍ମାଣ, ଗୋଷ୍ଠୀ ପାଇଖାନା, କଲ୍ୟାଣ ମଣ୍ଡପ ଆଦି ମୁଖ୍ୟମନ୍ତ୍ରୀ ଙ୍କ ସହାୟତା ରେ ସହରରେ ଅନେକ ଯୋଜନା ନିର୍ମାଣ ହୋଇଛି ଏବଂ କେତେକ ଉନ୍ନୟନ କାମ ନିର୍ମାଣାଧୀନ ରହିଥିବା ବିଷୟରେ ନଗରପାଳ ୱାର୍ଡ ବାସୀଙ୍କୁ ଅବଗତ କରାଇଥିଲେ। ପ୍ରକୃତ ପକ୍ଷେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁସୂଚିତ ଜାତି / ଜନଜାତିଙ୍କ ସକାଶେ ମଧ କାର୍ଯ୍ୟ କରୁଛନ୍ତି, ଆଗକୁ ମଧ ବିକାଶ ଧାରା ଜାରି ରହିବ କହି ସେ ବିଜେଡିର ଭବାନୀପାଟଣା ନିର୍ବାଚନ ମଣ୍ଡଳୀ ର ବିଧାୟକ ପ୍ରାର୍ଥୀନୀ ଲଳିତା ନାଏକ,ଏମ.ପି.ପ୍ରାର୍ଥୀ ଲମ୍ବୋଦର ନିଆଲ ଙ୍କ ପାଇଁ ଯୋଡି ଶଙ୍ଖ ରେ ଭୋଟ ଭିକ୍ଷା କରିଥିଲେ। ନଗରପାଳ ନୃପରାଜ ଯାଦବଙ୍କ ନେତୃତ୍ୱରେ କେସିଙ୍ଗା ସହରରେ ଯୋଡି ଶଙ୍ଖ ରେ ଭୋଟ ଦେବାପାଇଁ ଏକ ଦଳୀୟ କର୍ମୀ ଙ୍କୁ ନେଇ ଏକ ପ୍ରଚାର କମିଟି ଗଠନ କରି ୱାର୍ଡ ନମ୍ବର ୧,୨,୭,୮,୯,୧୦ରେ ଟାଣ ଖରାକୁ ଖାତିର ନ କରି ଦିନ ରାତି ରେ ଭୋଟ ଭିକ୍ଷା କରୁଛନ୍ତି। ଭୋଟର୍ସ ମାନେ ଯୋଡ଼ି ଶଙ୍ଖ ରେ ଭୋଟ ଦେବାପାଇଁ ଏକ ମତ ହୋଇ ନଗର ପାଳ,ନୃପରାଜ ଯାଦବ ଓ ଉପାଧ୍ୟକ୍ଷ୍ୟା ସରସ୍ୱତୀ ସାହା ଏବଂ ଅନ୍ୟାନ୍ୟ ବିଜେଡି କର୍ମୀଙ୍କୁ କଳସ ସ୍ଥାପନ କରି ପୁଷ୍ପମାଳ ଦେଇ ସ୍ୱାଗତ ଓ ସମ୍ବର୍ଦ୍ଧନା କରୁଛନ୍ତି। ଏଥିରେ ବିଜେଡି ଦଳ ର ବରିଷ୍ଠ ମାନ୍ୟଗଣ୍ୟ କର୍ମୀ ଯୋଗଦେଇ ଯୋଡି ଶଂଖରେ ଭୋଟ ଦେବାପାଇଁ ଜୋରଦାର ପ୍ରଚାର ଚଳେଇଛନ୍ତି।

# ମାଲକାନଗିରିରେ ବିଜେପି ପ୍ରାର୍ଥୀଙ୍କ ପାଇଁ ପ୍ରଚାର କଲେ ଆସାମ ମୁଖ୍ୟମନ୍ତ୍ରୀ ହେମନ୍ତ ବିଶ୍ୱଶର୍ମା

ମାଲକାନଗିରି, (ସବ୍ୟୁ): ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ଲୁଗେଲ ପଞ୍ଚାୟତର ଏମପିଭି- ୮୨ ଗ୍ରାମରେ ଆଜି ମାଲକାନଗିରି ବିଧାୟକ ପାର୍ଥୀ ନରସିଂହ ମାଡକାମୀ ଓ ସାଂସଦ ପାର୍ଥୀ ବଳଭଦ୍ର ମାଝୀଙ୍କ ପାଇଁ ନିର୍ବାଚନୀ ପ୍ରଚାର ରେ ବିଜେପିର ଷ୍ଟାର ପ୍ରଚାରକ ଆସାମ ମୁଖ୍ୟମନ୍ତ୍ରୀ ହେମନ୍ତ ବିଶ୍ୱଶର୍ମା ଆସି ବିଜେପି ପ୍ରାର୍ଥୀଙ୍କୁ ଚଳିତ ନିର୍ବାଚନରେ ଜୟଯୁକ୍ତ କରିବା ପାଇଁ ନିବେଦନ କରିଥିଲେ। ସେ ନିଜ ଅଭିଭାଷଣରେ କହିଥିଲେ ଯେ, ମାଲକାନଗିରି ଜିଲ୍ଲା ଭଳି ଆମ ଆସାମରେ ୫୦ ଲକ୍ଷ ରୁ ଅଧିକ ବଙ୍ଗାଳି ସଂପ୍ରଦାୟର ଲୋକମାନେ ବସବାସ କରନ୍ତି । ଦିଲ୍ଲୀରେ ମୋଦିଙ୍କ ସରକାର ଅଛି, ପୁଣି ମୋଦିଙ୍କ ସରକାର ହେବ । ମୋଦି ଯାହା କହନ୍ତି, ତାକୁ କରିକି ଦେଖାନ୍ତି ବୋଲି ସମସ୍ତେ ଜାଣନ୍ତି । ଆସାମର ଲକ୍ଷେ ଲୋକଙ୍କୁ ସରକାରୀ ଖର୍ଚ୍ଚରେ ରାମ ମନ୍ଦିର ଦେଖାଇବାକୁ ନେଇଥିଲେ ଏଠି ବିଜେପି ସରକାର ମାଲକାନଗିରି ଲୋକଙ୍କୁ ମାଗଣାରେ ରାମ ମନ୍ଦିର ଦର୍ଶନ ପାଇଁ ନେବେ । ଓଡ଼ିଶାରେ ବିଜେପି ଆସିଲେ ବେଙ୍ଗଲୀ ଛାତ୍ରଛାତ୍ରୀମାନଙ୍କ ପାଇଁ ବେଙ୍ଗଲୀ ଶିକ୍ଷକ ନିଯୁକ୍ତି ହେବେ । ଶ୍ରୀ ବିଶ୍ୱଶର୍ମା ବେଙ୍ଗଲୀ ଗାଁ ଗୁଡିକର ନମ୍ବର ନାଁକୁ ନେଇ ସମାଲୋଚନା କରଥିଲେ । ବର୍ତ୍ତମାନ ସୁଦ୍ଧା ବେଙ୍ଗଲୀ ଗାଁ ଗୁଡିକର ନାମକରଣ ହୋଇପାରି ନାହିଁ। ଏଠାରେ କି ପ୍ରକାର ନବୀନଙ୍କ ସରକାର ଚାଲିଛି । ନବୀନ ବାବୁ କେବଳ ଓକେ ଓକେ କହନ୍ତି, ହେଲେ ଓଡ଼ିଆ କହିପାରନ୍ତି ନାହିଁ। ବିଜେପି ସରକାର ହେଲେ ଏଠି ବେଙ୍ଗଲୀ ଗ୍ରାମଗୁଡିକ ରାଜସ୍ୱ ଗ୍ରାମର ମାନ୍ୟତା ମିଳିବ । ବିଜେପି ସରକାର ଆସିଲେ, ନମ୍ବର ନୁହେଁ, ଗାଁ ଗୁଡିକର ନାମକରଣ କରାଯିବ । ଓଡ଼ିଶାରେ ବିଜେପି ମୁଖ୍ୟମନ୍ତ୍ରୀ ହେଲା ପରେ, ନିଶ୍ଚିତ ଭାବେ ଗାଁ ଗୁଡିକର ନାଁ ପରିବର୍ତ୍ତନ କରାଯିବ। ଛତିଶଗଡରେ ବିଜେପି ସରକାର ଚାଷୀମାନଙ୍କ ଠାରୁ କ୍ୱିଣ୍ଟାଲ ପ୍ରତି ୩ ହଜାରରେ ଧାନ କ୍ରୟ କରୁଛି । ଓଡ଼ିଶା ରେ ବିଜେପି ସରକାର ଆସିଲେ ଧାନ କ୍ୱିଣ୍ଟାଲ ପ୍ରତି ୩୧୦୦ ଟଙ୍କାରେ କ୍ରୟ କରାଯିବ। ନବୀନ ବାବୁ ଚାଷୀମାନଙ୍କୁ ଧାନ କ୍ୱିଣ୍ଟାଲ ପିଛା ଦେଉଛନ୍ତି ୨୧ ଶହ ଟଙ୍କା । ଆସାମରେ ମହିଳାଙ୍କୁ ମାସିକ ୧୨୫୦ ଟଙ୍କା ମିଳୁଛି । ଆମ ସରକାର ଏଠି ଆସିଲେ ମହିଳାଙ୍କୁ ୫୦ ହଜାର ଟଙ୍କା ପ୍ରଦାନ କରାଯିବ । ବାର୍ଷିକ ୨୫ ହଜାର ଲେଖାଏଁ ୨ ବର୍ଷରେ ୫୦ ହଜାର ମିଳିବ । ଗରିବ ପରିବାରଙ୍କୁ ମାଗଣା ଚାଉଳ ମୋଦି ଦେଉଛନ୍ତି । ନବୀନ ବାବୁ ଯାହା ଦେବାକଥା କେବଳ ପାଣ୍ଡିଆନଙ୍କୁ ଦେଉଛନ୍ତି ବୋଲି ସେ ପ୍ରକାଶ କରିଛନ୍ତି । ଏହି ସଧାରଣ ସଭାରେ ବିଧାୟକ ପାର୍ଥୀ ନରସିଂହ ମାଡକାମୀ ଓ ସାଂସଦ ପାର୍ଥୀ ବଳଭଦ୍ର ମାଝୀଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ବିଜୟ କରିବାକୁ ନିବେଦନ କରିଥିଲେ ।ଏହି ସଭାରେ ବିଜେପି ଜିଲ୍ଲା ସଭାପତି ନିମାଇଁ ଚନ୍ଦ୍ର ପାଲ, ସୁକୁମା ଜିଲ୍ଲା ବିଜେପି ସଭାପତି କମଲେଶ ରାୟ ପ୍ରମୁଖ ମଞ୍ଚାସିନ ଥିଲେ ଛ କାର୍ଯ୍ୟକ୍ରମ ଙ୍କୁ ଭବାନୀ ମୁଖାର୍ଜୀ ପରିଚାଳନା କରିଥିଲା ବେଳେ ଏହି ସଂକଳ୍ପ ସମାବେଶରେ ଉତ୍ତମ ଓଝା, ପ୍ରହ୍ଲାଦ ବସୁ, ସଞ୍ଜୟ ସରକାର, ରତ୍ନାକର ପାଣିଗ୍ରାହୀ, ରାଜ କିଶୋର ମଣ୍ଡଳଙ୍କ ସହ ବହୁ ସଂଖ୍ୟାରେ ଛତିଶଗଡ ରାଜ୍ୟ ଓ ମାଲକାନଗିରି ଜିଲ୍ଲାର ବିଜେପି କର୍ମକର୍ତ୍ତା ମାନେ ଯୋଗଦେଇ ଥିଲେ ।



# ୧୧ରେ ବଲାଙ୍ଗିର ଆସିବେ ପ୍ରଧାନମନ୍ତ୍ରୀ ମୋଦି




ବଲାଙ୍ଗିର, (ସବ୍ୟୁ): ଆସନ୍ତା ୧୧ ତାରିଖ ଦିନ ବଲାଙ୍ଗିର ଆସିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ପଥରଚେପା ସ୍ଥିତ ବିଜେପି କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପ୍ରଧାନମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେଇଛନ୍ତି ଜିଲ୍ଲା ବିଜେପି ସଭାପତି ଶିବାଜୀ ମହାନ୍ତି । ଦିଆଯାଇଥିବା ସୂଚନା ଅନୁସାରେ ଆସନ୍ତା ୧୧ ତାରିଖ ଦିନ ସାଢ଼େ ୧୧ଟା ସମୟରେ ପଥରଚେପା ସ୍ଥିତ ବିଜେପି କାର୍ଯ୍ୟାଳୟ ନିକଟରେ ରହିଥିବା ସଭାସ୍ଥଳରୁ ଲକ୍ଷାଧିକ ଲୋକଙ୍କୁ ସମ୍ବୋଧିତ କରିବେ ପ୍ରଧାନମନ୍ତ୍ରୀ । ଏଥିପାଇଁ ଜିଲ୍ଲା ବିଜେପି ପକ୍ଷରୁ ଯଥେଷ୍ଟ ପ୍ରସ୍ତୁତି କରାଯାଇଥିବା କହିଛନ୍ତି ବିଜେପି ସଭାପତି ଶ୍ରୀ ମହାନ୍ତି । ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଲୋକଙ୍କ ପାଇଁ ପାନୀୟ ଜଳର ବ୍ୟବସ୍ଥା କରାଯାଇଥିବା ବେଳେ ଗାଡ଼ି ପାର୍କିଂ ପାଇଁ ମଧ ସୁବନ୍ଦୋବସ୍ତ କରାଯାଇଥିବା ସୂଚନା ଦିଆଯାଇଛି । ଶ୍ରୀ ମହାନ୍ତି କହିଛନ୍ତି ଯେ, ବଲାଙ୍ଗିର ସଂସଦ କ୍ଷେତ୍ରର ୭ଟି ଯାକ ବିଧାନସଭା କ୍ଷେତ୍ରରୁ ଲକ୍ଷ ଲକ୍ଷ ଲୋକ ସେଦିନ କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି କୁହାଯାଇଥିବା ବେଳେ ନରେନ୍ଦ୍ର ମୋଦିଙ୍କ ପ୍ରଭାବରେ ବଲାଙ୍ଗିର ସାଂସଦ ଆସନ ସହ ୭ଟି ଯାକ ବିଧାୟକ ଆସନରେ ବିଜେପି ବିଜୟୀ ହେବ ବୋଲି ସଭାପତି ଶ୍ରୀ ମହାନ୍ତି ଆଶାବ୍ୟକ୍ତ କରିଛନ୍ତି । ଏଥିସହିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦାଦନଗଡ଼ରେ ପ୍ରାର୍ଥୀ ହୋଇଥିବା ବେଳେ ଜଣେ ସାଧାରଣ ଚାଷୀ ବିଜେପି ଦଳର କଂଟାବାଂଜି ପ୍ରାର୍ଥୀ ଲକ୍ଷ୍ମଣ ବାଗ ତାଙ୍କୁ ପରାଜିତ କରିବା ପାଇଁ ଅଂଟାଭିଡ଼ି ସାରିଥିବା କହିଛନ୍ତି ଜିଲ୍ଲା ବିଜେପି ସଭାପତି ଶିବାଜୀ ମହାନ୍ତି।

# କିନିବାହାଲି ଗ୍ରାମରେ ସାପ କାମୁଡ଼ାରେ ଛେଳିର ମୃତ୍ୟୁ

ମୁରିବାହାଲ, (ସବ୍ୟୁ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ମାଳିଶିରା ପଞ୍ଚାୟତ ଚିକିନିବାହାଲି ଗ୍ରାମରେ ସାପ କାମୁଡ଼ାରେ ଏକ ମାଈ ଛେଳିର ମୃତ୍ୟୁ ଘଟିଥିବା ବେଳେ ଛେଳିର ଜନ୍ମିତ ଦୁଇ ଛୋଟ ଛୁଆ ଏବେ ମାଁ ଛେଉଣ୍ଡ ହୋଇଯିବା ଭଳି ଏକ ଦୁଃଖଦ ଘଟଣା ଘଟିଛି। ଗ୍ରାମର ନିରୀହ ଆଦିବାସୀ ଜମିହୀନ କ୍ଷିତିପତି ଯାନୀଙ୍କ ପରିବାର ପାଇଁ ଏହା ଏକ ବଡ଼ ଦାରୁଣ ଘଟଣାଛ ଜନମୁକ୍ତି ଅନୁଷ୍ଠାନ ଦ୍ୱାରା ପରିଚାଳିତ ଅଜିମ୍ ପ୍ରେମ୍ ଜୀ ଫାଉଣ୍ଡେସନ ତରଫରୁ ତାଙ୍କୁ ୨ଟି ମାଈ ଛେଳି ସହାୟତା ଦିଆଯାଇଥିଲା। ତାଙ୍କର ପରିବାରର ଜୀବନ ଜୀବିକାକୁ ସୁଦୃଢ କରିବା ପାଇଁ ତଥା ଭବିଷ୍ୟତକୁ ସୁଧାର ଆଣିବା ଲାଗି ତାଙ୍କୁ ଏହି ସହାୟତା କରାଯାଇଥିଲା। ଅତି ଯତ୍ନରେ ପାଳନ କରିଥିବା ଓ ଭବିଷ୍ୟତ ପାଇଁ ଜୀବନ ଜୀବିକାର ଆଶା ସାଜିଥିବା ତାଙ୍କ ଅତି ପ୍ରିୟ ଛେଳିର ସାପ କାମୁଡ଼ାରେ ମୃତ୍ୟୁ ହୋଇଯାଇଛି। ମାଁ ଛେଳି ପାଖରେ ତାହାର ଜନ୍ମିତ ୨ଟି ମାଁ ଛେଉଣ୍ଡ ଛୋଟ ଛେଳି ଛୁଆଙ୍କ ସହିତ ଶୋକାକୁଳ କ୍ଷିତିପତିଙ୍କ ପରିବାର ନିରାଶାରେ ଜୀବନ କାଟୁଛନ୍ତି। ନିକଟ ଅତୀତରେ ତାଙ୍କ ପରିବାରର ଅବସ୍ଥାକୁ ଦେଖି ଗ୍ରାମ୍ୟ କମିଟିଙ୍କ ସୁପାରିଶ ଓ ଅନୁରୋଧ କ୍ରମେ ଜୀବିକାର ବିକାଶ ଲାଗି ସ୍ଥାନୀୟ ଜନମୁକ୍ତି ଅନୁଷ୍ଠାନ ଦ୍ୱାରା ତାଙ୍କ ପରିବାରଙ୍କୁ ଏହି ଛେଳି ପ୍ରଦାନ କରାଯାଇଥିଲା । କିନ୍ତୁ ସର୍ପାଘାତ ତାଙ୍କର ଆଶାକୁ କାଳ ସାଜିଲା। ଏହା ଏକ ଦୈବୀ ଦୁର୍ବିପାକ ଘଟଣା ହୋଇଥିବା ହେତୁ ସରକାରୀ ବିଭାଗ ତରଫରୁ ନିରୀହ କ୍ଷିତିପତିଙ୍କ ପରିବାର ପାଇଁ କ୍ଷତି ପୂରଣ ପ୍ରଦାନ ଲାଗି ଦାବୀ ହୋଇଥିଲା ବେଳେ ସହାୟତା ପାଇଁ ଜନମୁକ୍ତି ଅନୁଷ୍ଠାନ ପକ୍ଷରୁ ଚେଷ୍ଟା ଜାରି ରହିଛି।

# କେସିଙ୍ଗା ବିଜେପିର ପ୍ରଚାର



କେସିଙ୍ଗା, (ସବ୍ୟୁ): କଳାହାଣ୍ଡି ଜିଲ୍ଲା କେସିଙ୍ଗା ସହର ବିଜେପି ନଗର କମିଟି ପକ୍ଷରୁ ୱାର୍ଡ ୱାର୍ଡ ବୁଲି ଲୋକସଭା ଓ ବିଧାନସଭା ପ୍ରାର୍ଥୀଙ୍କ ପାଇଁ ଭୋଟର ମାନଙ୍କ ପାଖକୁ ଯାଇ ଭୋଟ ଭିକ୍ଷା କରୁଛନ୍ତି। ଏହି ଅବସରରେ କେସିଙ୍ଗା ୱାର୍ଡ ନମ୍ବର ୧୦ ରେ ଜୋରସୋର ପ୍ରଚାର କରାଗଲା । ମୁଖ୍ୟ ମୋଦୀ ସରକାରଙ୍କ ଗ୍ୟାରେଣ୍ଟି ଯୋଜନା ବିଷୟରେ ମତଦାତା ମାନଙ୍କୁ ଅବଗତ କରାଇଥିଲେ । ସୁଭଦ୍ରା ଯୋଜନାରେ ମହିଳାଙ୍କ ପାଇଁ ୫୦.୦୦୦ ଟଙ୍କା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଆୟୁଷ୍ମାନ ଭାରତ ଯୋଜନା ଓ ଓଡିଶା ରେ ବିଜେପି ସରକାର ଆସିଲେ ୩୦୦ ୟୁନିଟ୍ ବିଦ୍ୟୁତ୍ ଫ୍ରୀ ବୋଲି ଭୋଟ ଭିକ୍ଷା କରିଥିଲେ । ଏହି ଅବସରରେ ଉପସ୍ଥିତ ଥିଲେ କେସିଙ୍ଗା ନଗର ସଭାପତି ମଗନ ସିନ୍ଧୁର, ପୂର୍ବତନ ନଗରପାଳ ସରିତା ସିନ୍ଧୁର, ପୂର୍ବତନ ନଗର ସଭାପତି ପ୍ରଶାନ୍ତ ବାନାର୍ଜୀ, ମହିଳା ମୋର୍ଚ୍ଚା ସଭାପତି ଜୟନ୍ତୀ ଗହୀର, ଲଳିତା ମହଲା ପ୍ରମୁଖ ।

# ମୁଖ୍ୟମନ୍ତ୍ରୀଙ୍କୁ ନିର୍ବାଚନରେ ଖୋଲା ସମର୍ଥନ ଦେଲା ସମ୍ମିଳିତ ଆଦିବାସୀ ସମାଜ




ଝାରସୁଗୁଡା, (ସବ୍ୟୁ): ସମ୍ମିଳିତ ଆଦିବାସୀ ସମାଜର ଏକ ସମିକ୍ଷା ସଭା ସଂଗଠନ ସଭାପତି ମାଧବ ସିଂହ ନାଏକଙ୍କ ଅଧ୍ୟକ୍ଷତାରେ ଗୋଁଣ୍ଡ ଭବନ କାପୁମାଲ ଠାରେ ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ସମ୍ମିଳିତ ଆଦିବାସୀ ସମାଜ ଲଇକେରା କିର୍ମିରା ବ୍ଲକକୁ ଆଇଟିଡିଏ ବ୍ଲକରେ ଅନ୍ତର୍ଭୁକ୍ତ କରିବା, କିର୍ମିରା ଠାରେ ଏକଲବ୍ୟ ସ୍କୁଲ ସ୍ଥାପନ ସହିତ ବିଭିନ୍ନ ଛୋଟ ବଡ଼ ସଫଳତା ପାଇଥିବା କଥା ଚର୍ଚ୍ଚା ହୋଇଥିଲା। ଚଳିତ ସାଧାରଣ ନିର୍ବାଚନରେ ସମ୍ମିଳିତ ଆଦିବାସୀ ସମାଜ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଜେଡି ଦଳକୁ ପୂର୍ଣ୍ଣ ସମର୍ଥନ କରିବ ବୋଲି ନିଷ୍ପତ୍ତି ହେଲା। ତା ସହିତ ଆଦିବାସୀ ସମାଜର ହୋଇ ଆସୁଥିବା ପ୍ରମୁଖ ଦାବି ଯଥା ସରକାରୀ ଜମିରେ ବସବାସ କରୁଥିବା ଆଦିବାସୀ ପରିବାରଙ୍କୁ ତତ୍କାଳ ଜମିପଟା ପ୍ରଦାନ, ଝାରସୁଗୁଡା ଜିଲ୍ଲାରେ ବସବାସ କରୁଥିବା ୧୧ ଗୋଟି ଆଦିବାସୀ ସମାଜ ପାଇଁ ୧୧ ଏକର ଜମି ପ୍ରଦାନ ଓ ତାଙ୍କ ପାଇଁ ଖୋଲା ଆଦିବାସୀ ମ୍ୟୁଜିଅମ ନିର୍ମାଣ, ୨୦୧୮ରେ ମୁଖ୍ୟମନ୍ତ୍ରୀ ୧୫୮ ତମ ଆତ୍ମୋତ୍ସର୍ଗ ଦିବସରେ ଘୋଷଣା କରିଥିବା ଜମିଦାର ବୀର କରୁଣାକର ସିଂହ ନାଏକ, ଖଗ ନାଏକ ଓ ପୁତୁରା କହ୍ନେଇ ନାଏକଙ୍କୁ ସହୀଦ ମାନ୍ୟତା, ଗଡ଼ର ସୁରକ୍ଷା ଓ ଟ୍ରଷ୍ଟକୁ ୫୦ ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ ସହିତ ଜିଲ୍ଲା ଚିକିତ୍ସାଳୟର ଭିତ୍ତିଭୂମିର ବିକାଶ ଓ ଲକ୍ଷ୍ମୀ ନାରାୟଣ ମହାବିଦ୍ୟାଳୟକୁ ସରକାରୀ ମାନ୍ୟତା ପ୍ରଦାନ ଗତ ଉପନିର୍ବାଚନରେ କିଷାନ ସମାଜ ପାଇଁ ପ୍ରତିଶ୍ରୁତି ଭବନ ନିର୍ମାଣ ଆଦି ଦାବି ରହିଛି। ଏହି ସଭାରେ ମୁଖ୍ୟ ଉପଦେଷ୍ଟା ମହେନ୍ଦ୍ର ନାଏକ, ଉପଦେଷ୍ଟା ରତ୍ନାକର ପ୍ରଧାନ, ପ୍ରଭାକର ଓରାମ, ଅଶୋକ ମାଝୀ, ବିନୋଦ ବାଗ, ପବିତ୍ର ନାଏକ, ଘନଶ୍ୟାମ ପାଉଲେ,ବାସୁଦେବ ଧୁରୁଆ ପ୍ରମୁଖଙ୍କ ସହିତ ୪୦ଟି ପଞ୍ଚାୟତ ଓ ଝାରସୁଗୁଡା ମ୍ୟୁନିସିପାଲଟୀର ୨୪ଟି ୱାର୍ଡର ସଭ୍ୟ ସଭ୍ୟା ଉପସ୍ଥିତ ଥିଲେ ।

# ସପ୍ତମ ଓଡ଼ିଶା ରାଜ୍ୟ ସିନିୟର୍ ପେନକାକ ସିଲାଟ ଚାମ୍ପିଅନସିପ୍‌ରେ ବଲାଙ୍ଗିରର ସଫଳତା

ବଲାଙ୍ଗୀର, (ସବ୍ୟୁ) : ଏକ ଦିବସୀୟ ରାଜ୍ୟ ପେନକାକ୍ ଶିଲାଟ ଚାମ୍ପିଅନସିପ ପ୍ରତିଯୋଗିତା ଝାରସୁଗୁଡ଼ାର କଲ୍ପ୍ସ କଲୋନୀ ପରିସରରେ ଥିବା ଜ୍ୟୋତି ହଲ ଠାରେ ଅନୁଷ୍ଠିତ ହୋଇଯାଇଅଛି। ଏହି ପ୍ରତିଯୋଗିତାରେ ଓଡ଼ିଶା ର ୧୫ ଟି ଜିଲ୍ଲା ରୁ ୧୮୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସେହିଭଳି ବଲାଙ୍ଗୀର ଜିଲ୍ଲା ପେନକାକ ସିଲଟ ଆସୋସିଏସନ୍ ରୁ ୨ ଜଣ ପ୍ରତିଯୋଗୀ ଗୁରୁ ପ୍ରଶାନ୍ତ ପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପ୍ରତିଯୋଗିତାରେ ଯୋଗଦାନ କରି ତିନିଗୋଟି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ବଲାଙ୍ଗୀରରେ ପ୍ରିନ୍ସ ପାତ୍ର ଟେଣ୍ଡିଂ ଫାଇଟ ଏବଂ ଡୁଙ୍ଗଲ ରେ ୨ ଗୋଟି ବ୍ରୋଞ୍ଜ ପଦକ ହାସଲ କରିଥିବାବେଳେ ଧନପତି ମେହେର ଟେଣ୍ଡିଙ୍ଗ ଫାଇଟ୍ ରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଅନୁଷ୍ଠିତ ଏକ ଦିବସୀୟ ସିନିୟର୍ ରାଜ୍ୟ ପେନକାକ ସିଲଟ ଚାମ୍ପିଅନସିପ ପ୍ରତିଯୋଗିତାରେ ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥି ଭାବେ ଏହି ସଂସ୍ଥାର ରାଜ୍ୟ ସଭାପତି ତାପସ କୁମାର ରାଏ ଏବଂ ରାଜ୍ୟ ସମ୍ପାଦକ ଗୁରୁ ପ୍ରେମ ସିଂ ଥାପା ଯୋଗଦାନ କରି କୃତି ପ୍ରତିଯୋଗୀ ମାନଙ୍କୁ ଉତ୍ସାହିତ କରିବା ସହ ସାର୍ଟିଫିକେଟ ଏବଂ ପଦକ ପ୍ରଦାନ କରିଥିଲେ।

## ରାଜ ପରିବାରକୁ ଟାର୍ଗେଟ କଲେ ଅଦ୍ରିଜା

# ହୀନ ରାଜନୀତି କରୁଛି କଂଗ୍ରେସ : ଅର୍କେଶ



ବଲାଙ୍ଗିର, (ସବ୍ୟୁ): ରାଜ ପରିବାର ବିରୁଦ୍ଧରେ ସଙ୍ଗୀନ ଅଭିଯୋଗ ଆଣିଲେ ସାନ ବୋହୂ ଅଦ୍ରିଜା, ଏପରି ପରିବାରକୁ ଭୋଟ୍ ନଦେବାକୁ କଲେ ନିବେଦନ ନିର୍ବାଚନ ପୂର୍ବରୁ ବଲାଙ୍ଗିର ରାଜ ପରିବାର ପାଇଁ ପୁଣିଥରେ ଅଡୁଆ ସାଜିଲେ ଅଦ୍ରିଜା ସିଂହଦେଓ । ବଲାଙ୍ଗିର ବିଜେଡି ର ତୁଙ୍ଗ ନେତା ତଥା ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂଦେଓଙ୍କ ସାନ ବୋହୂ ଡେରାଡୁନ ର ଝିଅ ଅଦ୍ରିଜା ନିଜ ଶ୍ୱଶୁର ଓ ସ୍ୱାମୀ ଅର୍କେଶଙ୍କ ନାମରେ ସଙ୍ଗୀନ ଅଭିଯୋଗ ଆଣିଛନ୍ତି । ୨୦୧୯ ନିର୍ବାଚନରେ ବଲାଙ୍ଗିର ବିଧାନସଭା ନିର୍ବାଚନମଣ୍ଡଳୀ ରୁ ଅର୍କେଶ ସିଂହଦେଓ ଓ କଳିକେଶ ସିଂଦେଓ ନିର୍ବାଚନ ଲଢ଼ି ଥିଲେ । ଏହି ନିର୍ବାଚନରେ ଆଦ୍ରିଜା ନିଜ ସ୍ୱାମୀ ଓ ଦେଢ଼ସୁରଙ୍କ ପାଇଁ ନିର୍ବାଚନ ପ୍ରଚାର ମଧ୍ୟ କରିଥିଲେ । ନିର୍ବାଚନରେ ରାଜ ପରିବାରର ଦୁଇ ଭାଇ ହାରି ଗଲା ପରେ ହଠାତ ରାଜପରିବାର ତରଫରୁ ଆଦ୍ରିଜାଙ୍କ ଉପରେ ନାନାଦି ମାନସିକ ଓ ଶାରୀରିକ ନିର୍ଯାତନା ଦିଆଯାଇଥିବା ନେଇ ଅଦ୍ରିଜା ଆଜିର ସାମ୍ବାଦିକ ସମ୍ମିଳନୀରେ ନିଜର କ୍ଷୋଭ ପ୍ରକାଶ କରିଛନ୍ତି ଅର୍କେଶ ଙ୍କ ସ୍ତ୍ରୀ ଆଦ୍ରିଜା ନିଜ ସ୍ୱାମୀ ଙ୍କ ନାମରେ ଯୌତୁକଜନିତ ନିର୍ଯାତନା ଅଭିଯୋଗ ଆଣିବା ସହ ତାଙ୍କ ଜୀବନ ବର୍ତ୍ତମାନ ସୁରକ୍ଷିତ ନାହିଁ ବୋଲି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ଆଜି ସ୍ଥାନୀୟ ଏକ ହୋଟେଲ ଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ରହି ଶ୍ରୀମତୀ ସିଂହଦେଓ ନିଜ ଉପରେ ହୋଇଥିବା ଅକଥନୀୟ ଅମାନୁଷିକ ଅତ୍ୟାଚାର ବିରୁଦ୍ଧରେ ଭୋଟର ଏହି ରାଜପରିବାର କୁ ଉଚିତ ଜାବାବ ଦେବେ ବୋଲି କହିଛନ୍ତି । ନିର୍ଯାତନା ମାମଲାରେ ସେ ଡ଼େରାଡୁନ୍ ପୋଲିସ ନିକଟରେ ଅଭିଯୋଗ ମଧ୍ୟ କରିଛନ୍ତି କିନ୍ତୁ ରାଜ୍ୟସରକାର ଓ ମୁଖ୍ୟମନ୍ତ୍ରୀଙ୍କ ଅଧୀନରେ ଥିବା ଗୃହ ବିଭାଗ ଦୋଷୀ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିବା କହିଛନ୍ତି ଆଦ୍ରିଜା। ଏପରି ପରିବାର ଓ ପ୍ରାର୍ଥୀଙ୍କ ହାତରେ ବଲାଙ୍ଗିର ବାସୀ ସୁରକ୍ଷିତ ନୁହଁନ୍ତି ଓ ନିର୍ବାଚନ ଲଢୁଥିବା ଏପରି ପରିବାରର ସଦସ୍ୟଙ୍କୁ ଲୋକେ ଭୋଟ ଦିଅନ୍ତୁ ନାହିଁ ବୋଲି ଅଦ୍ରିଜା ନିବେଦନ କରିଛନ୍ତି । ଦରକାର ପଡ଼ିଲେ ବଲାଙ୍ଗିର ସଦର ନିର୍ବାଚନୀ ମଣ୍ଡଳର ସମସ୍ତ ଘରକୁ ଘର ଜାଇ ରାଜ ପରିବାର ବିରୁଦ୍ଧରେ ପ୍ରଚାର କରିବା ପାଇଁ ନିଷ୍ପତି ହେଉଛନ୍ତି ଅଦ୍ରିଜା ସିଂଦେଓ। ଏହାକୁ ନେଇ ବଲାଙ୍ଗିର ରାଜନୀତି ରେ ଚହଳ ପଡ଼ିଛିଛ ଆଜିର ସାମ୍ବାଦିକ ସମ୍ମିଳନୀରେ ଆଦ୍ରିଜା ଙ୍କ ଆଇନ ପରାମର୍ଶଦାତା ଦେବାଶିଷ ବିଶ୍ୱାଳ ଓ ସମାଜସେବୀ ବିଜୁଳି ପ୍ରଧାନ ଉପସ୍ଥିତ ଥିଲେ। ଅନ୍ୟ ପଟେ ବଲାଙ୍ଗିର ପୂର୍ବତନ ବିଯୁଜନତା ଦଳର ବିଧାୟକ ପାର୍ଥୀ ତଥା ରାଜ ପରିବାର ର ଅର୍କେଶ ନାରାୟଣ ସିଂହଦେଓ ଏହାକୁ ନେଇକି ତୀବ୍ର ନିନ୍ଦା କରିଛନ୍ତି । କହିଛନ୍ତି କଂଗ୍ରେସର ବିଧାୟକ ନରସିଂହ ମିଶ୍ର ଏହାର ଡାଇରେକ୍ଟର, ଲେଖକ ସମରେନ୍ଦ୍ର ମିଶ୍ର ଏବଂ ଅଭିନେତ୍ରୀ ଅଦ୍ରିଜା ବୋଲି କହିଛନ୍ତି । ପ୍ରେସ ମିଟ ନରସିଂହ ମିଶ୍ର ଙ୍କ ପରିବାରର ହୋଟେଲରେ ହୋଇଥିଲା । ଯଦି ଓ ବା ପ୍ରେସ୍ ମିଟ କରିବାର ଥିଲା ସେ ବଲାଙ୍ଗିର ରେ ଅନେକ ହୋଟେଲ ଓ ସ୍ଥାନ ରହିଛି କରିଥାଇ ପାରିଥାନ୍ତେ । ବର୍ତ୍ତମାନ ବଲାଙ୍ଗିର ଜିଲ୍ଲରେ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଠିଆ ହେଉଛନ୍ତି ତେଣୁ ତାଙ୍କୁ ହରିବାର ଭୟ ହୋଇଗଲାଣି । ରାଜନୀତି କରନ୍ତୁ ପରିବାର କୁ ନେଇକି ରାଜନୀତି ନ କରିବା ଭଲ । ଏହି କେଶ ଫେମିଲି କୋଟରେ ଚାଲିଛି । କୋର୍ଟ ରାୟ ଦେବ ବଲାଙ୍ଗିର ଆସିକି କଣ କଂଗ୍ରେସ ଦଳ କି ନରସିଂହ ମିଶ୍ର ରାୟ ଦେବେ ବି ବୋଲି କହିଛନ୍ତି । ସମୟ ଆସିଲେ ଜନତା ଉଚିତ ଜବାବ ଦେବେ ବୋଲି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

# ବଦଳୁଛି ପ୍ରଣବଙ୍କ ପ୍ରଚାର ଶୈଳୀ



ସମ୍ବଲପୁର, (ସବ୍ୟୁ): ନିର୍ବାଚନ ଯେତିକି ପାଖେଇ ଆସୁଛି ସମ୍ବଲପୁରର ମାହୋଲ ସେତିକି ସରଗରମ ହେବାରେ ଲାଗିଛି । ଏଭଳି ସ୍ଥଳେ ସମ୍ବଲପୁର ଲୋକସଭା ବିଜେଡ଼ି ପ୍ରାର୍ଥୀ ପ୍ରଣବ ପ୍ରକାଶଙ୍କ ଲୋକପ୍ରିୟତା ବୃଦ୍ଧି ପାଉଛି । ତାଙ୍କ ପ୍ରତି ବଢୁଥିବା ଭଲପାଇବାକୁ ଦେଖି ବିରୋଧୀ ଲୋକେ ଚିନ୍ତିତ ହୋଇ ପଡିଛନ୍ତି । ଗୁରୁବାର ସନ୍ଧ୍ୟାରେ ସମ୍ବଲପୁରର ମାନେଶ୍ୱର ସ୍ଥିତ ଡୁମେସିଂହା ଠାରୁ ପ୍ରଣବ ପ୍ରକାଶ ପ୍ରଚାର ଆରମ୍ଭ କରିଥିଲେ। ସେଠାରେ ଜନସମ୍ପର୍କ ସଭାରେ ଯୋଗ ଦେଇ ଉପସ୍ଥିତ ଜନତାଙ୍କ ସହିତ ଭାବ ବିନିମୟ କରିଥିଲେ । ସେମାନଙ୍କ ସୁବିଧା ଅସୁବିଧା ପଚାରି ବୁଝିଥିଲେ । ବିଗତ ୫ ବର୍ଷରେ ଏଠାରୁ ନିର୍ବାଚିତ ହୋଇଥିବା ନେତା ସେମାନଙ୍କ ପାଇଁ କିଛି କରିନାହାନ୍ତି । ସମ୍ବଲପୁରର ବିକାଶ କରିବା କଥା ଦୂରେ ଥାଉ ମୌଳିକ ସମସ୍ୟାର ସମାଧାନ କରିବାରେ ଫେଲ ମାରିଛନ୍ତି । ତେଣୁ ନିର୍ବାଚିତ ଜନପ୍ରତିନିଧି ମାନଙ୍କୁ ନେଇ ମାନେଶ୍ୱରବାସୀଙ୍କ ମନରେ କ୍ଷୋଭ ରହିଛି ବୋଲି କହିଥିଲେ। ଏହାପରେ ଧୁଚୁରାପଡ଼ା ଠାରେ ସାଙ୍ଗଠନିକ ସଭା ହୋଇଥିଲା । ସେ ଜନତାଙ୍କୁ ଉଦବୋଧନ ଦେଇ କହିଥିଲେ ଯେ, ମାଁ ସମଲେଶ୍ୱରୀ ପୀଠର ରୂପାନ୍ତରୀକରଣ କାମ କରିବାକୁ ମୁଖ୍ୟମନ୍ତ୍ରୀ ଯେତେବେଳେ ଦାୟିତ୍ୱ ଦେଲେ ସମ୍ବଲପୁରବାସୀ ମତେ ଏତେ ଭଲପାଇବା ଦେବେ ବୋଲି ଭାବିନଥିଲି । ତେଣୁକରି ଏଠାକାର ମା ଭଉଣୀଙ୍କ ଠାରେ ମୁଁ ନତମସ୍ତକ। ଆଗାମୀ ଦିନରେ ସମ୍ବଲପୁର, ରେଙ୍ଗାଲି, ବୁର୍ଲା ଓ ହୀରାକୁଦକୁ ନେଇ ଏକ ବିରାଟ ପ୍ରକଳ୍ପର କରିକଳ୍ପନା କରାଯାଇଛି । ଏବେ ଆପଣମାନେ ବିଚାର କରନ୍ତୁ । ଯେଉଁମାନଙ୍କୁ ଆପଣ ହଳିଆ ରଖିଥିଲେ ସେମାନେ ଆପଣଙ୍କ ପାଇଁ କାମ କଲେ ନା ଠକିଲେ । ଓଡିଶାବାସୀଙ୍କୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯେଉଁଭଳି ଭାବରେ ପ୍ରତାରିତ କରିଛନ୍ତି ସେ କ୍ଷମା ମାଗିଲେ ୫ ବର୍ଷ ଲାଗିବ । ଯେଉଁମାନେ ଆର୍ଶୀବାଦ ଭିକ୍ଷା କରି ଆପଣଙ୍କୁ ପ୍ରତାରିତ କରିଛନ୍ତି ତାର ପୁନରାବୃତ୍ତି ହେବାକୁ ଆମେ ଦେବୁ ନାହିଁ ବୋଲି ଜନସଭାରେ ବିଶ୍ୱାସର ବାର୍ତ୍ତା ଦେଇଥିଲେ। ଏହି ସଭାରେ ସମ୍ବଲପୁର ବିଧାୟକ ପ୍ରାର୍ଥୀ ରୋହିତ ପୂଜାରୀ, ସାଧାରଣ ସମ୍ପାଦକ ସିଦ୍ଧାର୍ଥ ଦାସ, ସୌଭାଗ୍ୟ ନାୟକ , ସଞ୍ଜୟ ବାବୁ, ସିଦ୍ଧାର୍ଥ ସା ଉପସ୍ଥିତ ଥିଲେ।

(ଶ୍ରୀମଭଗବଦ୍ ଗୀତା ୫/୨୬)

–କର୍ମ୍ମସନ୍ୟାସଯୋଗଃ–

(ଶ୍ରୀଭଗବାନୁବାଚ)

କାମକ୍ରୋଧବିଯୁକ୍ତାନାଂ ଯତୀନାଂ ଯତଚେତସାମ୍ ।
ଅଭିତୋ ବ୍ରହ୍ମନିର୍ବାଣଂ ବର୍ତ୍ତତେ ବିଦିତାତ୍ମନାମ୍ ॥୨୬॥

କାମ–କ୍ରୋଧ–ମୁକ୍ତ ସଂଯତଚିତ୍ତ ଆତ୍ମତତ୍ତ୍ୱଜ୍ଞ ସନ୍ନ୍ୟାସୀମାନଙ୍କର ଉଭୟଲୋକରେ ହିଁ (ଜୀବିତ ଓ ମଅତସବୁ ଅବସ୍ଥାରେ) ବ୍ରହ୍ମନିର୍ବାଣ ପ୍ରାପ୍ତି ହୁଏ (ଅର୍ଥାତ୍ ସେମାନେ ଯେ କେବଳ ମୃତ୍ୟୁ ପରେ ମୋକ୍ଷପ୍ରାପ୍ତ ହୁଅନ୍ତି, ତାହା ନୁହେଁ, ପରନ୍ତୁ ଜୀବିତାବସ୍ଥାରେ ମଧ୍ୟ ସେମାନେ ମୁକ୍ତ ॥୨୬॥

## ସମ୍ପାଦକୀୟ

# ମତଦାନ ହାର କମୁଛି !

ନିର୍ବାଚନ ଚାଲିଛି । ଦେଶର ଅଧିକାଂଶ ଅଞ୍ଚଳରେ ଗ୍ରୀଷ୍ମପ୍ରବାହ ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି । ଅନ୍ୟପକ୍ଷରେ, ଅତୀତର ନିର୍ବାଚନ ପରି ଏଥରର ନିର୍ବାଚନର ଉଷ୍ମତା ସେହି ପରିମାଣରେ ଅନୁଭୂତ ହେଉନାହିଁ । ଏହାଭିତରେ ତିନୋଟି ପର୍ଯ୍ୟାୟର ମତଦାନ ସମାପ୍ତ ହେଇଛି ଏବଂ ଆଶ୍ଚର୍ଯ୍ୟର ବିଷୟ ପ୍ରତ୍ୟେକ ପର୍ଯ୍ୟାୟରେ ମତଦାନ ହାର ୨୦୧୯ ସାଧାରଣ ନିର୍ବାଚନ ତୁଳନାରେ ହ୍ରାସ ପାଇଛି । ନିକଟରେ ସମାପ୍ତ ହେଇଥିବା ତୃତୀୟ ପର୍ଯ୍ୟାୟରେ ୬୪.୬ ପ୍ରତିଶତ ମତଦାନ ରେକର୍ଡ ହୋଇଛି ଯାହା ୨୦୧୯ ତୁଳନାରେ ୧.୭ ପ୍ରତିଶତ କମ୍ ଅଟେ । ପ୍ରଥମ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ, ମତଦାନ ହ୍ରାସ ୩ ପ୍ରତିଶତରୁ ୪ ପ୍ରତିଶତ ମଧ୍ୟରେ ରହିଥିଲା । କ୍ରମାଗତ ଭାବରେ ତିନୋଟି ପର୍ଯ୍ୟାୟରେ ମତଦାନ ହ୍ରାସକୁ ନେଇ ବିତର୍କ ଜାରିରହିଛି । ନିର୍ବାଚନ ପ୍ରଚାରରେ କିଛି କମ୍ ନାହିଁ । ଟେଲିଭିଜନ, ରେଡ଼ିଓ, ସମ୍ବାଦପତ୍ର ଠାରୁ ଆରମ୍ଭ କରି ପାରମ୍ପରିକ ପ୍ରଚାର–ମାଧ୍ୟମର ବହୁଳ ବ୍ୟବହାର ହେଉଛି । ବିଶେଷ ଭାବରେ ସାମାଜିକ ଗଣମାଧ୍ୟମଗୁଡିକରେ ଦଳ ଓ ପ୍ରାର୍ଥୀମାନେ ପ୍ରଚାର ଖୁବ୍ ଜୋରରେ କରୁଛନ୍ତି, କିନ୍ତୁ ମତଦାନ ହାର ଉପରେ ଏହାର ପ୍ରଭାବ ପଡୁନାହିଁ । ଅନ୍ୟପଟେ, ନିର୍ବାଚନ ମତଦାନ ହାର ହ୍ରାସ ହେବା ଦ୍ୱାରା, ଫଳାଫଳ ଉପରେ ଏହାର ପ୍ରଭାବ କଣ ପଡିବ, ତାକୁ ନେଇ ଜିତିବା–ହାରିବା ଅଙ୍କକଷା ଚାଲିଛି । ମତଦାନ ହାର କମିବା/ବଢ଼ିବା ଏବଂ ନିର୍ବାଚନ ଫଳାଫଳ ମଧ୍ୟରେ କୌଣସି ସ୍ପଷ୍ଟ ସମ୍ପର୍କ ନ ଥିବାବେଳେ, ଏହାକୁ ନେଇ ତର୍ଜମାରେ ବ୍ୟସ୍ତ ରାଜନୈତିକ ଦଳ ଓ ବିଶେଷଜ୍ଞ । ୧୯୫୧–୫୨ରୁ ୨୦୧୯ ପର୍ଯ୍ୟନ୍ତ ୧୭ଟି ଲୋକସଭା ନିର୍ବାଚନ ମଧ୍ୟରୁ ମତଦାନ ହାର ୬ ଥର ହ୍ରାସ ପାଇଥିବାବେଳେ ୧୯୫୭ରୁ ୨୦୧୯ ମଧ୍ୟରେ ୧୬ ଟି ଲୋକସଭା ନିର୍ବାଚନରେ ୧୦ ଥର ବୃଦ୍ଧି ପାଇଛି । ମତଦାନକୁ ଯାଇଥିବା ୧୦ ଟି ରାଜ୍ୟ ଏବଂ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳ ମଧ୍ୟରେ କେବଳ ତିନିଟି – ଛତିଶଗଡ, ଗୋଆ, ଏବଂ କର୍ଣ୍ଣାଟକ – ୨୦୧୯ ତୁଳନାରେ ମତଦାନ ହାରରେ ବୃଦ୍ଧି ଘଟିଛି । ଆସାମ, ଛତିଶଗଡ, ଦାଦ୍ରା ଓ ନଗର ହାଭେଲି, ଦାମନ ଓ ଡିୟୁ, ଗୋଆ, କର୍ଣ୍ଣାଟକ, ମଧ୍ୟପ୍ରଦେଶ, ପଶ୍ଚିମବଙ୍ଗରେ ସମୁଦାୟ ହାରାହାରି ତୁଳନାରେ ଅଧିକ ଭୋଟ ହାର ରେକର୍ଡ ହେଇଛି । ହିନ୍ଦୀ ହାର୍ଟଲ୍ୟାଣ୍ଡ ରାଜ୍ୟଗୁଡିକ ସହ ଗୁଜରାଟ ଓ ମହାରାଷ୍ଟ୍ର ର ମତଦାନ ହାର ମିଶିଯିବାରୁ, ହାରାହାରି ମତଦାନ ହାର କମ୍ ଦେଖାଯାଉଛି । ଗ୍ରୀଷ୍ମପ୍ରବାହ ବା ତାପମାତ୍ରା ବୃଦ୍ଧି, ଉଭୟ ଶାସକ ଦଳ ଏବଂ ବିରୋଧୀ ଶିବିର ମଧ୍ୟରେ ଉତ୍ସାହର ଅଭାବ, ଭୋଟରଙ୍କ ଅନିଚ୍ଛା ଏବଂ ସହରୀ ଉଦାସୀନତା କମ୍ ମତଦାନ ହେବାର କେତେକ କାରଣ ହେଇପାରେ, କିନ୍ତୁ ପ୍ରତ୍ୟେକ ରାଜ୍ୟର ମତଦାନ ହାରକୁ ନେଇ ବିଶ୍ଳେଷଣ ଭିନ୍ନ ଭିନ୍ନ ଭାବରେ କରାଯାଇପାରେ । ଆସାମର ମତଦାନ ହାର ଭଲହେଇଛି ଯଦିଓ ୩.୪ ପ୍ରତିଶତ ହ୍ରାସ ଘଟିଛି, ମୁଖ୍ୟତଃ ମତଦାତାଙ୍କ ସଂଖ୍ୟା ଅଧିକ ଯୋଗୁଁ । ସେହିଭଳି, ପଶ୍ଚିମବଙ୍ଗ କ୍ରମାଗତ ଭାବରେ ସମସ୍ତ ତିନୋଟି ପର୍ଯ୍ୟାୟରେ ୭୫ ପ୍ରତିଶତରୁ ଅଧିକ ଭୋଟ୍ ରେକର୍ଡ କରିଛି ଏବଂ ଏଠାରେ ମଧ୍ୟ ଅଳ୍ପକିଛି ହ୍ରାସ ହେଇଛି ଯାହା ମତଦାତାଙ୍କ ସଂଖ୍ୟା ବୃଦ୍ଧି ଗୋଟିଏ କାରଣ ହେଇପାରେ । ବିହାର, ତିନୋଟି ପର୍ଯ୍ୟାୟରେ ନିମ୍ନ ଭୋଟ ହାର ରେକର୍ଡ ଜାରି ରଖିଛି । ଜେଡି–ୟୁ ପ୍ରାର୍ଥୀମାନେ ପାଞ୍ଚଟି ଆସନ ମଧ୍ୟରୁ ତିନିଟିରେ ପ୍ରାର୍ଥୀ ଥିଲେ । ଏଠାକାର କାରଣ ଅନ୍ୟ ରାଜ୍ୟ ଠାରୁ ଅଲଗା ନିଶ୍ଚୟ । ହେଇପାରେ, ନୀତୀଶ କୁମାରଙ୍କ କ୍ରମାଗତ ଦଳ ପରିବର୍ତ୍ତନ କରିବା ତାଙ୍କର ଅନୁଗାମୀ ଭୋଟଦାତାଙ୍କୁ ନିରୁତ୍ସାହିତ କରିଛି ବା ଭାରତୀୟ ଜନତା ପାର୍ଟି (ବିଜେପି) ଭୋଟରମାନେ ଜେଡିୟୁ ପ୍ରାର୍ଥୀଙ୍କୁ ସମର୍ଥନ କରିବାକୁ ହୃଦୟର ସହ ଚାହୁଁ ନାହାନ୍ତି । ଏହିଭଳି କିଛି ରାଜନୈତିକ କାରଣର ସମ୍ଭାବନା ରହିଛି ବୋଲି ଚର୍ଚ୍ଚା ଚାଲିଛି । ଉଲ୍ଲେଖଯୋଗ୍ୟ, ଉଭୟ ଉତ୍ତରପ୍ରଦେଶ ଏବଂ ବିହାର ରାଜ୍ୟ ମତଦାନରେ କମ୍ ଭୋଟ ହାର ରେକର୍ଡ କରିଛନ୍ତି ଏବଂ ସ୍ଥାନାନ୍ତରଣ ମଧ୍ୟ ଏହାର ଅନ୍ୟତମ କାରଣ ହେଇପାରେ । ପ୍ରଧାନମନ୍ତ୍ରୀ ଏବଂ କେନ୍ଦ୍ର ଗୃହମନ୍ତ୍ରୀ ଗୁଜରାଟର ବାସିନ୍ଦା । ଏଠାରେ ୨୦୧୯ ତୁଳନାରେ କମ୍ ମତଦାନ ହେଇଛି । ଗୁଜୁରାଟର ୨୦୧୭ ଏବଂ ୨୦୨୨ ବିଧାନସଭା ନିର୍ବାଚନରେ କମ୍ ମତଦାନର ଇତିହାସ ରହିଛି । ଏଠାରେ କଂଗ୍ରେସ ଦଳର ସଂଗଠନ ଦୁର୍ବଳ ଥିବା ଯୋଗୁଁ ବିରୋଧୀ ଦଳର ସମର୍ଥକଙ୍କ ମଧ୍ୟରେ ଭୋଟ ଦେବାନେଇ ଉତ୍ସାହ କମି ଯାଇଥାଇ ପାରେ ଯେଉଁଥିପାଇଁ ଭୋଟ ଦାନ ହାର କମୁଛି ବୋଲି କୁହାଯାଇପାରେ । ଏଥିସହ, କିଛି ବିରୋଧୀ ଭୋଟର ମଧ୍ୟ ନିଜର ରାଜ୍ୟର ନେତା ପ୍ରଧାନମନ୍ତ୍ରୀ ଏବଂ ଗୃହମନ୍ତ୍ରୀଙ୍କ ବିରୋଧରେ ଭୋଟ୍ ଦେବାକୁ ଇଚ୍ଛା କରୁନାହାନ୍ତି । ମଧ୍ୟପ୍ରଦେଶରେ ଏହି ହ୍ରାସ ସାଂଘାତିକ ନୁହେଁ ଯାହାକୁ ଅଣଦେଖା କରାଯାଇପାରେ । ତେବେ, ମହାରାଷ୍ଟ୍ରରେ ପ୍ରାୟ ୨.୫ ପ୍ରତିଶତ କମ୍ ମତଦାନ ରେକର୍ଡ ହେଇଛି । ପାୱାର ବନାମ ପାୱାର ଲଢେଇ ହେଉଥିବା ବାରମତୀ ଆସନରେ ସର୍ବନିମ୍ନ ଭୋଟ ହାର ଅର୍ଥାତ ୫୯.୫୦ ପ୍ରତିଶତ ରେକର୍ଡ ହେଇଛି । ଇଣ୍ଡିଆ ବ୍ଲକ୍ ମହାରାଷ୍ଟ୍ର ପାଇଁ ବହୁତ ଆଶା ରଖିଛି । କାରଣ ସେମାନେ ବିଶ୍ୱାସ କରୁଛନ୍ତି ଯେ' ଉଦ୍ଧବ ଠାକରେ ଏବଂ ଶରଦ ପାୱାର ସେମାନଙ୍କ ଦଳ ବିରୁଦ୍ଧରେ 'ଅପରେସନ୍ ଲୋଟସ୍' ପରେ ସହାନୁଭୂତି ପାଇପାରନ୍ତିଓ। କିନ୍ତୁ ଆଶ୍ଚର୍ଯ୍ୟର କଥା, ମତଦାନ ହାର ଉତ୍ସାହଜନକ ନୁହେଁ । ଏଠାରେ ରାଜନୈତିକ ଦଳଗୁଡିକ ସହଯୋଗୀ ପରିବର୍ତ୍ତନ କରିବା, କ୍ରମାଗତ ଦଳ ପରିବର୍ତ୍ତନ ପରି କେତେକ ଘଟଣା ହୁଏତ ଏଠାକାର ଲୋକଙ୍କୁ ଭୋଟ ଦେବା ନେଇ ନିରୁତ୍ସାହିତ କରିଛି । ତେବେ ସମସ୍ତ ତିନୋଟି ପର୍ଯ୍ୟାୟରେ ଉତ୍ତରପ୍ରଦେଶ ଯଥେଷ୍ଟ କମ୍ ଭୋଟ ହାର ରେକର୍ଡ ଜାରି ରଖିଛି । ଉତ୍ତରପ୍ରଦେଶର ଫଳାଫଳ, ଦେଶର ରାଜନୀତିରେ ଖୁବ୍ ଗୁରୁତ୍ୱପୂର୍ଣ୍ଣ । ତେଣୁ ଏଠାରେ ମତଦାନ ହାର ହ୍ରାସ ପାଇବା, ନିର୍ବାଚନ ଫଳାଫଳ ଉପରେ କି ପ୍ରକାରର ପ୍ରଭାବ ପକାଇବ ତାହା ବର୍ତ୍ତମାନ ସବୁଠାରୁ ବଡ ଚର୍ଚ୍ଚାର ବିଷୟ । କେତେକଙ୍କ ମତ, ହୁଏତ ବିରୋଧୀ ଭୋଟର ମତଦାନରୁ ଦୂରେଇ ଯାଇଛନ୍ତି, କାରଣ ସେମାନେ ଅନୁଭବ କରୁଛନ୍ତି ସେମାନଙ୍କର ଦଳ ବା ପ୍ରାର୍ଥୀଙ୍କ ଜିତିବା କଷ୍ଟକର କିମ୍ବା ବିଜେପି ସମର୍ଥକ / କ୍ୟାଡରଙ୍କ ମଧ୍ୟରେ ଅସନ୍ତୋଷ ବଢି ଥାଇପାରେ । ଅନ୍ୟକେତେକଙ୍କ ମତରେ ବହୁଜନ ସମାଜ ପାର୍ଟି (ବିଏସପି) ସମର୍ଥକମାନେ ଭୋଟ୍ ଦେବାରୁ ଦୂରେଇ ଯାଇଛନ୍ତି କାରଣ ତାଙ୍କ ନେତ୍ରୀ ମଧ୍ୟ ସେତିକି ଉତ୍ସାହିତ ନାହାନ୍ତି । ଉଭୟ ବିଜେପି ଏବଂ କଂଗ୍ରେସର ୨୦ ରୁ ୨୫ ପ୍ରତିଶତ ପ୍ରାର୍ଥୀ ହେଇଛନ୍ତି, ଯେଉଁମାନେ ପୂର୍ବରୁ ଅନ୍ୟ ଦଳରେ ଥିଲେ । ପାର୍ଟି କର୍ମୀମାନେ ଏହାକୁ ହୁଏତ ଗ୍ରହଣ କରିପାରୁନାହାନ୍ତି । ଏମିତି ଅନେକ କାରଣକୁ ନେଇ ଅଙ୍କକଷା ଚାଲିଛି । ଅବଶ୍ୟ, ଏହା ମଧ୍ୟ ଆଶ୍ଚର୍ଯ୍ୟର କଥା ଯେ' କେତେକ ରାଜ୍ୟରେ ଡିସେମ୍ବର ୨୦୨୩ରେ ହେଇଥିବା ବିଧାନସଭା ନିର୍ବାଚନରେ ୭୦ରୁ ୭୫ ପ୍ରତିଶତ ମତଦାନ ତୁଳନାରେ ଲୋକସଭା ନିର୍ବାଚନରେ ପ୍ରାୟ ୫ରୁ ୧୦ ପ୍ରତିଶତ କମ୍ ମତଦାନ ହେଉଛି । ମତଦାନ ହ୍ରାସ ପାଇବା ନେଇ ଅନେକ ବିତର୍କ ଆରମ୍ଭ ହେଇଥିବା ବେଳେ, ନିର୍ବାଚନ ପରେ ଏହାର କାରଣ ଅଧିକ ସ୍ପଷ୍ଟ ହେବା ନେଇ ଆଶା କରାଯାଉଛି ଯାହା ନିର୍ବାଚନ ଆୟୋଗ ଏବଂ ରାଜନୈତିକ ଦଳଙ୍କ ପାଇଁ ଖୁବ୍ ଗୁରୁତ୍ୱପୂର୍ଣ୍ଣ ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)
samayaeditorial2021@gmail.com

**ସଙ୍କଳ୍ପ**

ନିଜ ସୁଖ ପାଇଁ, ଜାତ ନୁହେଁ ହିନ୍ଦୁ
ବିଶ୍ୱହିତେ ହିନ୍ଦୁ, ପ୍ରତି ରକ୍ତବିନ୍ଦୁ ।

ଗୋପବନ୍ଧୁ ଦାସ

# ପବିତ୍ର ବୈଶାଖ ତୃତୀୟା

**ଜୟଶ୍ରୀ ପଟ୍ଟନାୟକ**

ଆଷାଢ, କାର୍ତ୍ତିକ, ମାଘ ଓ ବୈଶାଖ ବିଶେଷ ପୁଣ୍ୟମାସ ଭାବରେ ଗଣ୍ୟ । ଏଥି ମଧ୍ୟରୁ ବୈଶାଖ ମାସର ଶୁକ୍ଳପକ୍ଷ ତୃତୀୟା ଦିବସଟି ଅକ୍ଷୟ ତୃତୀୟା ଭାବରେ ପ୍ରସିଦ୍ଧ । ଶାସ୍ତ୍ର, ପୁରାଣ, ଜ୍ୟୋତିର୍ବିଜ୍ଞାନ, ବିଜ୍ଞାନ ତଥା ବାସ୍ତୁ ଶାସ୍ତ୍ରଙ୍କ ମତରେ ଏ ଦିବସରେ କରାଯାଉଥିବା କୌଣସି ପୁଣ୍ୟକାମ ଓ ସମସ୍ତ ସଂକଳ୍ପର କେବେ କ୍ଷୟ ହୁଏନି । ଆରମ୍ଭ କରାଯାଉଥିବା ସମସ୍ତ କାର୍ଯ୍ୟ ସର୍ବଶୁଭରେ ସଂପାଦିତ ହୋଇ ପୂର୍ଣ୍ଣତା ପ୍ରାପ୍ତ କରିଥାଏ । ବୈଶାଖ ମାସର ଶୁକ୍ଳପକ୍ଷ ତୃତୀୟା କୃତ୍ତିକା ଓ ରୋହିଣୀ ନକ୍ଷତ୍ର ଯୁକ୍ତ ହୋଇ ଅକ୍ଷୟ ତୃତୀୟା ନାମରେ ନାମିତ ହୁଏ । କୁହାଯାଏ ଯେ ଏହିଦିନ ସତ୍ୟଯୁଗର ଆରମ୍ଭ ହୋଇଥିଲା । ଅକ୍ଷୟ ଅର୍ଥାତ୍ 'ନାସ୍ତି କ୍ଷୟୋ ଯସ୍ୟ' । ଅକ୍ଷୟ ତୃତୀୟା ଏକ ପୁଣ୍ୟ ଦିବସ ହୋଇଥିବାରୁ ଏହି ଦିନ ଯେଉଁ କାର୍ଯ୍ୟ କରାଯାଏ, ତାହା ନିଷ୍ଫଳ ଯାଏନାହିଁ । ଅକ୍ଷୟ ତୃତୀୟାକୁ ନାମାନ୍ତରେ 'ମନୋରଥ ତୃତୀୟା' ବୋଲି କୁହାଯାଏ ।

ବିଶେଷ ଫଳ ପ୍ରାପ୍ତି ପାଇଁ ମନୋରଥ ରଖି ଏ ଦିନ କାର୍ଯ୍ୟ ଆରମ୍ଭ କଲେ ତାହା ପୂର୍ଣ୍ଣ ହୁଏ । ଏହିଦିନ ବିଷ୍ଣୁଙ୍କର ଷଷ୍ଠ ଅବତାର ଭଗବାନ ପର୍ଶୁରାମ ଜନ୍ମ ହୋଇଥିଲେ । ଭଗବାନ ପର୍ଶୁରାମ ମହର୍ଷି ଜମଦଗ୍ନି ଓ ମାତା ରେଣୁକା ଦେବୀଙ୍କ ପୁଅ । ଭଗବାନ ପର୍ଶୁରାମ ଅକ୍ଷୟ ଅମର ଅଟନ୍ତି । ତେଣୁ ଏହିଦିନ ବିଷ୍ଣୁଙ୍କର ଉପାସନା ସହ ପର୍ଶୁରାମଙ୍କୁ ମଧ୍ୟ ପୂଜା କରାଯାଏ । ଯେଉଁ ତିଥିର ସବୁ ସମୟରେ ଶୁଭକାର୍ଯ୍ୟ ବା ମାଙ୍ଗଳିକ କାର୍ଯ୍ୟ ସମ୍ପନ୍ନ କରିହେବ ଏବଂ କୌଣସି ସମୟକୁ ବିବେଚନା କରାଯିବନାହିଁ ତାହାକୁ ଅବୁଝା ମୁହୂର୍ତ୍ତ କିମ୍ବା ସ୍ୱୟଂ ସିଦ୍ଧ ମୁହୂର୍ତ୍ତ ବୋଲି କୁହାଯାଏ । ଏହି ମୁହୂର୍ତ୍ତ ହେଉଛି ପବିତ୍ର ମୁହୂର୍ତ୍ତ । ଏହି ଦିନ ଦାନଧର୍ମ ଏବଂ ଶୁଭ କାର୍ଯ୍ୟ କରିବା ଦ୍ୱାରା ଅକ୍ଷୟ ଫଳ ବା ସୌଭାଗ୍ୟ ପ୍ରାପ୍ତି ହୁଏ । ଏହିଦିନ ସୂର୍ଯ୍ୟ ଓ ଚନ୍ଦ୍ର ଏକ ରାଶିରେ ରହିଥାଆନ୍ତି । ଏହିଦିନ ମାତା ଗଙ୍ଗାଦେବୀ ଧରାପୃଷ୍ଠରେ ଅବତରଣ କରିଥିଲେ । ଏହିଦିନ ସତ୍ୟ ,ଦ୍ୱାପର ଏବଂ ତ୍ରେତୟା ଯୁଗର ଗଣନା ଆରମ୍ଭ ହୋଇଥିଲା । । ଏହିଦିନ ପବିତ୍ର ନଦୀ ମାନଙ୍କରେ ସ୍ନାନ କରି ଦାନଧର୍ମ କରାଯାଏ । ଏହିଦିନ ଭଗବାନ ବିଷ୍ଣୁ ଏବଂ ମାତା ଲକ୍ଷ୍ମୀଙ୍କର ବିଶେଷ ଉପାସନା ସାରା ଜୀବନରେ ସୁଖ ସମୃଦ୍ଧି ଏବଂ ଅକ୍ଷୟ ଫଳ ପ୍ରାପ୍ତି ହୋଇଥାଏ । ଏହିଦିନ ଚାରିଧାମ ମଧ୍ୟରୁ ବଦ୍ରିନାଥ ମନ୍ଦିରର କବାଟ ଖୋଲା ରହିଥାଏ । ମହର୍ଷି ବେଦବ୍ୟାସ ମହାଭାରତ ରଚନା ଆରମ୍ଭ କରିଥିଲେ । ବୃନ୍ଦାବନର ବାଙ୍କବିହାରୀ ବିଗ୍ରହ ଚରଣ ଦର୍ଶନ ବର୍ଷକୁ ଥରେ କେବଳ ଅକ୍ଷୟ ତୃତୀୟା ଦିନ ହୋଇଥାଏ । ଏହି ଦିନ ଗୀତଗୋବିନ୍ଦର ରଚୟିତା ଶ୍ରୀଜୟଦେବଙ୍କର ଜନ୍ମ ପ୍ରାଚୀ ଅବବାହିକା ସ୍ଥିତ କେନ୍ଦୁବିଲ୍ୱ ଗ୍ରାମରେ ହୋଇଥିଲା । ତୁଳସୀ କ୍ଷେତ୍ର କେନ୍ଦ୍ରାପଡାରେ ମା' ରେବତୀ ଓ ବଡ ଠାକୁର ବଳରାମଙ୍କର ବିବାହ ହୋଇଥିଲା । ତେଣୁ ପ୍ରତି କାର୍ଯ୍ୟର ଗୋଟିଏ ଶୁଭ ଅନୁକୂଳ ପାଇଁ ଆମେ ସର୍ବଦା ଖୋଜିଥାଉ ଏକ ଅନୁକୂଳ ବାତାବରଣ ସେଦିନର ତିଥି ଓ ନକ୍ଷତ୍ର କିନ୍ତୁ ଅକ୍ଷୟ ତୃତୀୟା ତିଥି ପାଇଁ ଲୋଡାନାହି ଦେଖିବାକୁ କିଛି ଶୁଭ ମୁହୂର୍ତ୍ତ । ସେହିଦିନ ସୂର୍ଯ୍ୟ ଉଦୟରୁ ଅସ୍ତ ଏବଂ ସୂର୍ଯ୍ୟାସ୍ତରୁ ସୂର୍ଯୋଦୟ ଯାଏଁ ଥାଏ ଶୁଭ ସମୟ । ତେଣୁ ନାମକରଣ, ଗୃହ ପ୍ରତିଷ୍ଠା, ବିବାହ, ବ୍ରତଘର ଦେବତା ପ୍ରତିଷ୍ଠା, ଜଳାଶୟ ପ୍ରତିଷ୍ଠା , ଦୀକ୍ଷାଗ୍ରହଣ. ବିପଣି ଆରମ୍ଭ, ନୂତନ ଗାଡିକ୍ରୟ, ନୂତନ ବ୍ୟବସାୟ, ହଳପ୍ରବାହ, ଚାଷବାସ ଅନୁକୂଳ, ବୀଜ ବପନ ସମସ୍ତ କାର୍ଯ୍ୟର ଶୁଭ ଅନୁକୂଳ କରିବାର ସୁନ୍ଦର ଦିବସ ହେଉଛି ଅକ୍ଷୟ ତୃତୀୟା । କାରଣ ଏ ତିଥିର କ୍ଷୟ ନାହିଁ ଯେମିତି କୌଣସି କାର୍ଯ୍ୟ ଅନୁକୂଳ କଲେ ତାହା ନିଷ୍ଫଳ ଯାଏନାହିଁ ବୋଲି ଶାସ୍ତ୍ର ସମ୍ମତ । ଏହିଦିନ ସୁନାରୁପା କିଣିବା ଦ୍ୱାରା ଗୃହରେ ସୁଖ ସମୃଦ୍ଧି ବୃଦ୍ଧି ହୁଏ ଏବଂ ଲକ୍ଷ୍ମୀ ପ୍ରସନ୍ନ ହୁଅନ୍ତି ବୋଲି ପ୍ରାୟ ପ୍ରତ୍ୟେକ ଘରେ ନୂତନ ସ୍ୱର୍ଣ୍ଣ ବସ୍ତୁଟିଏ ଘରକୁ କିଣି ଆଣିବାର ପ୍ରବାଦ ଅଛି । ଏହିଦିନ କୁବେର ଦେବୀ ଲକ୍ଷ୍ମୀଙ୍କୁ ପୂଜା କରିଥିଲେ ଏବଂ ତାଙ୍କ କୃପାରୁ କୋଷାଧ୍ୟକ୍ଷ ଭାବରେ କାର୍ଯ୍ୟ ନିର୍ବାହ କଲେ । ଏହି ଦିନ ଦେବୀ ଅନ୍ନପୂର୍ଣ୍ଣା ଜନ୍ମ ହୋଇଥିଲେ । ଏହିଦିନ ଭଗବାନ କୃଷ୍ଣ ନିର୍ବାସନରେ ଥିବା ପାଣ୍ଡବଙ୍କୁ ଅକ୍ଷୟ ପାତ୍ର ଦାନ କରିଥିଲେ, ଯାହା ସେମାନଙ୍କୁ କେବେ ଭୋକିଲା ରଖିବ ନାହିଁ । ଏହିଦିନ ଜୈନଧର୍ମରେ ଆଦିନାଥଙ୍କୁ ସ୍ମରଣ କରିବା ପାଇଁ ପାଳନ କରାଯାଏ ।

ଓଡିଶାର ଲୋକେ କୃଷି ଉପରେ ନିର୍ଭରଶୀଳ । କୃଷି ଆମ ଜନଜୀବନକୁ ସମୃଦ୍ଧ କରିଥାଏ । ଓଡିଆ ମାଟିର ଅନୁକୂଳ ତିଥି ହେଉଛି ଅକ୍ଷୟ ତୃତୀୟା । ବର୍ଷ ବର୍ଷ ଧରି ମରୁଡି,ବାତ୍ୟା, ବନ୍ୟା, ଭୂମିକମ୍ପ ଆଦି ପ୍ରାକୃତିକ ବିପର୍ଯ୍ୟୟ ଓ ବନ୍ୟ ପଶୁମାନଙ୍କର ଅତ୍ୟାଚାର ସହି ମଧ୍ୟ ଚାଷୀ ତାର ଜୀବିକା ହରେଇନି । କୃଷି ପାଇଁ କୃଷି ଉପକରଣ ହଳ, ଲଙ୍ଗଳ , ବିହନର ଶୁଭ ଅନୁକୂଳ ପାଇଁ ସେ ଲୋଡେ ବସୁଧା ମାତା, ଲକ୍ଷ୍ମୀ ,ସୂର୍ଯ୍ୟ ନାରାୟଣ ଓ ବର୍ଷା ପାଇଁ ଇନ୍ଦ୍ରଦେବଙ୍କ ଆଶୀର୍ବାଦ ।

କୃଷକର ଆଦ୍ୟ କୃଷିପର୍ବ ଅକ୍ଷୟ ତୃତୀୟାରେ, ଅକ୍ଷିମୁଠି ଅନୁକୂଳ କରାଯାଏ । ଏହିଦିନ କୃଷକ ସ୍ନାନପରେ ନୂଆ ଧଳାଲୁଗା ପିନ୍ଧି ନୂଆ ଗାମୁଛା ମୁଣ୍ଡରେ ଭିଡି ଧାନ ବିହନ ଗୌଣୀକୁ ଢାଳି ଉଚ୍ଛୁଳି ପଡୁଥିବା ଗୌଣୀକୁ ବେତୁଲିରେ ରଖି ଶ୍ୱେତବସ୍ତ୍ରରେ ଢାଙ୍କି ବିଲକୁ ନିଆଯାଏ । କୃଷି ସ୍ଥଳକୁ ଗୋବରରେ ଲିପି ଝୋଟି ମୁରୁଜ ପକାଇ ଲକ୍ଷ୍ମୀ ପାଦ ଆଦି ପକାଇ ପବିତ୍ରତାର ସହିତ ବିହନ ଜମିକୁ ଯିବା ପୂର୍ବରୁ ନୂଆ ଗୌଣୀ ବେତୁଲି, ଖତ ନିମନ୍ତେ ଉଦ୍ଦିଷ୍ଟ ନୂଆ ଟୋକେଇ ସମସ୍ତ କୃଷି ଉପକରଣ ହଳ, ଲଙ୍ଗଳ, କୋଡି, କୋଦାଳ , କାଙ୍କ, ଦାଆ ଆଦି ପରିଷ୍କାର କରି ଧୋଇ ହଳଦୀ, ଚନ୍ଦନ ସିନ୍ଦୂର ଲଗାଇ ଶଙ୍ଖ ହୁଳହୁଳି ସହିତ ନଡିଆ ବାଡେଇ ପାଣି କ୍ଷେତ ସାରା ଛିଞ୍ଚି କଦଳୀ , ତାଳ, ଖଜୁରୀ କୋଳି ଛେନାଗୁଡ ଆଦି ଭୋଗରାଗ କରି, କଞ୍ଚାକ୍ଷୀରର ଅର୍ଘ୍ୟ ପ୍ରଦାନ କରନ୍ତି ମୁଣ୍ଡ ନୁଆଇଁ ଇଷ୍ଟଦେବ, ବସୁଧାମାତା, ଲକ୍ଷୀମାତା, ଇନ୍ଦ୍ରଦେବତା, ବରୁଣଦେବତା, ସୂର୍ଯ୍ୟ ଦେବତା ଆଦିଙ୍କୁ ପ୍ରଣାମ କରି ସେ ବର୍ଷର କୃଷି ଓ ଭଲ ଫସଲ ହେବାର କାମନା କରି ପ୍ରାର୍ଥନା କରିଥାନ୍ତି । ଦେବତାଙ୍କୁ ସ୍ମରଣ କରି ଅକ୍ଷି ତିନି ମୁଠି ନେଇ କାଙ୍କ କୋଦାଳରେ ମାଟି ଖୁରୁସେଇ ଖତ ପକାଇ ବୀଜ ବପନ କରେ । କ୍ଷେତରେ ଭୋଗ ଲାଗିଥିବା ପ୍ରସାଦକୁ ପିଲାଛୁଆଙ୍କୁ ବାଣ୍ଟି ଦିଅନ୍ତି । ପିଠାପଣା କରି ଖାଇପିଇ ଅକ୍ଷୟ ତୃତୀୟାକୁ ଶ୍ରଦ୍ଧାରେ ପାଳନ କରନ୍ତି । କୁହାଯାଏ ଯେ ଅକ୍ଷୟ ତୃତୀୟାଠାରୁ ସାବିତ୍ରୀ ଅମାବାସ୍ୟା ପର୍ଯ୍ୟନ୍ତ ଧାନବୁଣାର ପ୍ରକୃଷ୍ଟ ସମୟ ।

ପବିତ୍ର ଅକ୍ଷୟ ତୃତୀୟା ଦିନଠାରୁ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ରଥକାର୍ଯ୍ୟ ନିର୍ମାଣ ଆରମ୍ଭ ହୋଇଥାଏ ବଡ଼ଦାଣ୍ଡର ରଥଖଳାରେ । ଯଦିଓ ବସନ୍ତ ପଞ୍ଚମୀରେ ଶୁଭ ଅନୁକୂଳ ହୋଇଥାଏ କିନ୍ତୁ ରଥନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥାଏ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ତିନିଠାକୁରଙ୍କର ଅକ୍ଷୟ ତୃତୀୟାର ଅନୁକୂଳ ଲଗନରେ । ଏହିଦିନ ମଧ୍ୟ ଆରମ୍ଭ ହୋଇଥାଏ ପ୍ରଭୁଙ୍କର ବାରମାସରେ ଅନୁଷ୍ଠିତ ହେଉଥିବା ଦ୍ୱାଦଶ ଯାତ୍ରା ମଧ୍ୟରୁ ଆଦ୍ୟ ଯାତ୍ରା ଚନ୍ଦନ ଯାତ୍ରା । ଜଗନ୍ନାଥଙ୍କ ବିଭିନ୍ନ ଯାନିଯାତ୍ରା, ପର୍ବପର୍ବାଣି ବାରମାସରେ ଅନୁଷ୍ଠିତ ହୁଏ ତେର ଯାତ୍ରା, ସତେଇଶ ଉପଯାତ୍ରା ଏବଂ ଶତାଧିକ ପର୍ବପର୍ବାଣି । ତନ୍ମଧ୍ୟରୁ ଚନ୍ଦନ ପର୍ବ ବା ଚନ୍ଦନ ଯାତ୍ରା ଅନ୍ୟତମ । ଓଡିଶାର ପୁରପଲ୍ଲୀରେ ଥିବା ମନ୍ଦିରମାନଙ୍କରେ ଯଥା– ରଘୁନାଥ, ଲିଙ୍ଗରାଜ , ଶିବ, ଗୋପୀନାଥ, ନୃସିଂହ ଓ ଅନ୍ୟାନ୍ୟ ମନ୍ଦିରମାନଙ୍କରେ ମଧ୍ୟ ୨୧ ଦିନ ବ୍ୟାପୀ ଚନ୍ଦନ ଯାତ୍ରା ପ୍ରବଳ ଗ୍ରୀଷ୍ମ ତାପରୁ ରକ୍ଷା ପାଇବା ପାଇଁ ଅନୁଷ୍ଠିତ ହୁଏ । ଏହି ଯାତ୍ରା ଅକ୍ଷୟ ତୃତୀୟା ଠାରୁ ଆରମ୍ଭ ହୋଇ ଶେଷ ହୁଏ ସ୍ନାନ ଯାତ୍ରାରେ ।

ଅକ୍ଷୟ ତୃତୀୟାରେ ପ୍ରଭୁଙ୍କର ହୁଏ ଚନ୍ଦନ ବେଶ । ଠାକୁରଙ୍କର ଦ୍ୱାଦଶ ଯାତ୍ରା ମଧ୍ୟରେ ଚନ୍ଦନ ଯାତ୍ରା ହେଉଛି ପ୍ରଥମ ଯାତ୍ରା । ଏହି ଅକ୍ଷୟ ଯାତ୍ରା ଦିନ ଆରମ୍ଭ ହୁଏ ମହାପ୍ରଭୁଙ୍କର ୨୧ ଦିନ ଧରି ବାହାର ଚନ୍ଦନ ଯାତ୍ରା ଏବଂ ଅନ୍ୟ ୨୧ ଦିନ ଭିତର ଚନ୍ଦନ ଯାତ୍ରା । ବାହାର ଚନ୍ଦନରେ ଶ୍ରୀଜଗନ୍ନାଥଙ୍କର ଚଳନ୍ତି ପ୍ରତିମା ମଦନମୋହନ, ରାମକୃଷ୍ଣ ଓ ଲକ୍ଷ୍ମୀ ସରସ୍ୱତୀଙ୍କ ସହିତ ନରେନ୍ଦ୍ରକୁ ବିଜେ କରନ୍ତି ଚାପ ଖେଳିବାକୁ । ଶ୍ରୀମନ୍ଦିରରୁ ନରେନ୍ଦ୍ର ଯାଏଁ ଠାକୁରଙ୍କର ଜୟଘୋଷରେ ଗଗନ ପବନ ପ୍ରକମ୍ପିତ ହୁଏ । ନରେନ୍ଦ୍ର ଯାତ୍ରା ସମୟରେ ଖୋଳ, କରତାଳ.ଭେରୀ,ତୁରୀ ନିନାଦରେ ନିଳାଚଳ ଧାମ ମୁଖରିତ ହୋଇଉଠେ । ରାସ୍ତାରେ ଚନ୍ଦନ ଛିଟା ଓ ସୁବାସିତ ଜଳରେ ଭକ୍ତମାନଙ୍କର ବସ୍ତ୍ର ଓ ହୃଦୟ ଆର୍ଦ୍ର ହୋଇଯାଏ । ଜୟଦେବଙ୍କର ଗୀତଗୋବିନ୍ଦ ପାଠ କରାଯାଏ । ମଣିବିମାନରେ ଯାତ୍ରା କରନ୍ତି ଶ୍ରୀବିଗ୍ରହମାନେ ତାଙ୍କ ସହିତ ପଞ୍ଚୁପାଣ୍ଡବ ବା ଶ୍ରୀମନ୍ଦିର ଚତୁପାର୍ଶ୍ୱରେ ଥିବା ପଞ୍ଚ ଶିବ ଲୋକନାଥ, ଯମେଶ୍ୱର, ମାର୍କଣ୍ଡେୟ, କପାଳ ମୋଚନ, ନୀଳକଣ୍ଠ ଯାତ୍ରା କରିଥାନ୍ତି ନରେନ୍ଦ୍ର ପୁଷ୍କରିଣୀ ପର୍ଯ୍ୟନ୍ତ । ଶ୍ରୀଜିଉମାନେ ନରେନ୍ଦ୍ରକୁ ବିଜେ କରିବା ବାଟରେ ନଅର ଦ୍ୱାରରେ ଅଟକି ରଥଯାତ୍ରା ପାଇଁ ରଥଗଢା କାର୍ଯ୍ୟକୁ ଅନୁମତି ପ୍ରଦାନ କରନ୍ତି । ତାପରେ ନରେନ୍ଦ୍ର ପୁଷ୍କରିଣୀ ଅଭିମୁଖେ ଯାତ୍ରା କରନ୍ତି । ନରେନ୍ଦ୍ରରେ ରହିଥାଏ ଦୁଇଗୋଟି ସୁସଜ୍ଜିତ ନୌକା । ସେଠାରେ ୨୧ ଦିନ ବ୍ୟାପୀ ହୁଏ ଚାପ ଖେଳ । ଯାତ୍ରାର ଅନ୍ତିମ ଦିବସରେ ହୁଏ ଭଉଁରୀ ଯାତ୍ରା । ହଳଦୀ ପାଣି ଉତ୍ସବ । ପ୍ରବଳ ଗ୍ରୀଷ୍ମରୁ ରକ୍ଷା ପାଇବା ପାଇଁ ପ୍ରସ୍ତୁତ ହୋଇଥାଏ ଘୋରା ଚନ୍ଦନ , ଛତି , ଛାୟା ତୋରଣ,ସୁବାସିତ ପୁଷ୍ପର ଜଳକୁଣ୍ଡ, ମାଣ୍ଡୁଅ ଭୋଗ । ବାହାର ଚନ୍ଦନର ୨୧ ଦିନ ପରେ ଅନୁଷ୍ଠିତ ହୁଏ ଭିତର ଚନ୍ଦନ ଯାତ୍ରାର ଅନ୍ୟ ୨୧ ଦିନ ଏହି ସମୟରେ ଭିତର ଚନ୍ଦନରେ ଶ୍ରୀଜିଉମାନଙ୍କ ସମସ୍ତ ରୀତିନୀତି ଶ୍ରୀମନ୍ଦିର ବେଢାରେ ସମାପନ କରାଯାଏ । ଅକ୍ଷୟ ତୃତୀୟାରୁ ଦେବସ୍ନାନ ପୂର୍ଣ୍ଣିମା ପର୍ଯ୍ୟନ୍ତ ଶ୍ରୀଜଗନ୍ନାଥଙ୍କୁ ଜନାର୍ଦ୍ଦନ ରୂପରେ କଳ୍ପିତ କରାଯାଏ । ଏହି ଚନ୍ଦନ ଯାତ୍ରା ବା ଚନ୍ଦନ ପର୍ବ ବହୁ ପ୍ରାଚୀନ । ଦେବଙ୍କର ଏହି ଚନ୍ଦନ ସରୋବରକୁ ଯାତ୍ରା, ଚନ୍ଦନ ଲାଗି, ଚନ୍ଦନ କୁଣ୍ଡ ସ୍ନାନ, ଜଳ ମଣ୍ଡପ ପୂଜା, ଚାପଖେଳ, ଚାପକେଳି ଦର୍ଶନ କଲେ ପୁଣ୍ୟ ଅର୍ଜନ ହୁଏ ବୋଲି ପ୍ରବାଦ ଅଛି ।

କୃଷକ ତଥା ସମସ୍ତ ସମାଜ ପାଇଁ ଅକ୍ଷୟ ତୃତୀୟା ପର୍ବ ମହାନତାର ବାର୍ତ୍ତା ବହନ କରେ । କୃଷକ ମାଟିକୁ ମା' ମନେକରି ମା' ର ପୂଜନ କରି ଜଗତ ହିତ ପାଇଁ ମୁଣ୍ଡ ଝାଳ ତୁଣ୍ଡରେ ମାରି ଅନ୍ନ ସୃଷ୍ଟି କରେ । ଶୁଷ୍କ ନିରସ ଜୀବନରେ ଅକ୍ଷୟ ତୃତୀୟା ଭରିଦିଏ କର୍ମ ତତ୍ପରତା । ଏହିଦିନରୁ ସେ ଲାଗିପଡେ ଚାଷ ବାସରେ । ଶ୍ରୀକ୍ଷେତ୍ର ମୁଖରିତ ହୋଇଉଠେ କାଳିଆର ବାରମାସର ଯାତ୍ରା ପାଳିବା ପାଇଁ ଏହି ଅକ୍ଷୟ ତୃତୀୟାର ଅନୁକୂଳ ତିଥିରୁ ।

**ଭୁବନେଶ୍ୱର,**
**ମୋ–୭୯୭୮୧୧୦୪୭୪**

# ବର୍ତ୍ତମାନ ସମୟର ଆହ୍ୱାନ

**ପ୍ରଦୋଷ କୁମାର ଦାସ**

ସବୁଠି ଏବେ ରାଗ ଦ୍ୱେଷ, ଲୋଭ , ରାହାଜାନୀ, ହଣାକଟା, ଗଣ୍ଡଗୋଳ, ଅସୂୟା ଭାବ, ଯୁଦ୍ଧ ର ଲେଲିହାନ ଶିଖା ଉଣା ଅଧିକେ ସମସ୍ତଙ୍କୁ ପ୍ରଭାବିତ କରି ରଖିଛି । ସ୍ଥାନେ ସ୍ଥାନେ ପ୍ରାୟ ସବୁସ୍ଥାନରେ ଉପୁଜୁଥିବା ସଂତ୍ରାସରେ ସଭିଏଁ ସଂନ୍ତ୍ରସ୍ତ । ଶାନ୍ତି, ସଂହତି ଓ ମୈତ୍ରୀ ପାଇଁ ଏହାର ଅପନୋଦନ ନିହାତି ଆବଶ୍ୟକ ।

କାୟ ମନୋବାକ୍ୟରେ ସଭିଏଁ କେଉଁଠି ନା କେଉଁଠି ଅସଂଯତ । ସକ୍ଷମ ମଣିଷଟିଏ ନିଜର କୁ– ବ୍ୟବହାର ଲାଗି ଆପେ ମାନସିକ ଅନଗ୍ରସର ଭଳି ବ୍ୟବହାର କରିବାକୁ ପଛାଉ ନାହାନ୍ତି । ଅଯଥା କଥାରେ ମୁଣ୍ଡ ଖେଳାଇବା ଉଚିତ ନୁହେଁ ସମସ୍ତେ ଜାଣନ୍ତିଛ ହେଲେ ନକରାତ୍ମକ ଚିନ୍ତାଧାରା ସମସ୍ତଙ୍କୁ ଅସହାୟ ଓ ପ୍ରଭାବିତ କରି ରଖିଛି । ଭଲ ହେବାକୁ କେହି କାହିଁକି ଚାହୁଁନାହାଁନ୍ତି, ତାହା ଈଶ୍ୱରଙ୍କୁ ହିଁ ଜଣା ! ସାଂପ୍ରତିକ ସମୟରେ ବହୁ କ୍ଷେତ୍ରରେ ଭଲ ମଣିଷଙ୍କର ଘୋର ଅଭାବ ଦେଖାଦେଇଛି । ସଂସାରରେ ସଠିକ ମାର୍ଗରେ କେହି ଯିବାକୁ ଅବା ଆପଣାର ସାମଗ୍ରିକ ବିକାଶ ପାଇଁ ଆବଶ୍ୟକ ଚିନ୍ତା ଓ ଚେତନାର ଉପଲବ୍ଧି ପାଇବାକୁ କାହାର ପ୍ରୟାସ ମଧ୍ୟ ରହୁନାହିଁ । ହୁଏତ ଖାସ ଏଇଥି ପାଇଁ କିଛି ଅସ୍ଥିର ମଣିଷଙ୍କର କାର୍ଯ୍ୟ ଓ କାରଣ ଅନେକଙ୍କୁ ଯାତନା ଦାୟକ ଭାବେ ବିଶେଷ ପ୍ରଭାବିତ କରୁଥିବା ଅନୁଭବରୁ ଜାଣିହୁଏଛ ଦିନୁଦିନ, ପ୍ରତିଦିନ ସ୍ୱାର୍ଥପରତା ସଜାନତା ମଣିଷଙ୍କୁ ବିବେଚନାହୀନ କରିରଖିଛି । ଏଣୁ ପରାର୍ଥ ଭାବନା ଏବେ ସାଧାରଣରେ ଶୂନ୍ୟ ହୋଇ ପଡ଼ିଛି । ସନ୍ଥକବି ଭୀମଭୋଇଙ୍କର ସେହି ଅମର ବାଣୀ! ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁ ଦେଖୁ କେବା ସହୁ । ମୋ ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ । ଭଳି ପବିତ୍ର ଚିନ୍ତନ ଆମ ଭିତରେ ଧ୍ୟେୟ ହେବା ଉଚିତ । ଜନ୍ମରୁ ଅନ୍ଧ ହୋଇ ଏହା ତାଙ୍କର ଶରୀର ଅସଓଗତି ବୋଲି ସେ କେବେ ବିବେଚନା କରିନାହାନ୍ତି । ନିଜର ଶରୀର ଅକ୍ଷମତାକୁ ଭୂଲି ସନ୍ଥକବି ଭୀମ ଭୋଇ ଆପଣାର ମନ ଓ ମସ୍ତିଷ୍କର ସୁସ୍ଥତାର ପରିଚୟ ଦେଇ ଜଗତ କଲ୍ୟାଣ ପାଇଁ ନିଜକୁ ପ୍ରଭୁଙ୍କ ସମୀପେ ଉତ୍ସର୍ଗ କରିବାକୁ ବ୍ୟାକୁଳ ହୋଇ ଉଠିଛନ୍ତି । ହେଲେ, ହାୟ ! କାହା ଠାରେ ଏହା ଅବା କାହିଁ ! ?

ଏହି ପବିତ୍ର ମହନୀୟ ଚିନ୍ତାରେ ଉଦ୍‌ବୁଦ୍ଧ ହେବାକୁ ହେଲେ ଆମ ସମସ୍ତଙ୍କୁ ପ୍ରତ୍ୟାଶାହୀନ ଏକ ଆରେକର ପରମ ଆତ୍ମୀୟ ହେବାକୁ ପଡିବ । ତେବେ ଏହା କେମିତି ସମ୍ଭବ ହେବ !?

ଯେତେ ଦିନ ପର୍ଯ୍ୟନ୍ତ ଆମେ ଆପଣାର ଭଳିକି ଭଳି ସ୍ୱାର୍ଥ ସିଦ୍ଧିରେ ଲିପ୍ତ ରହି ଅନ୍ୟର ନିରାନନ୍ଦର କାରଣ ହେଉଥିବା ,ଏହା କଦାଚିତ ସମ୍ଭବ ନୁହେଁ । ସାଂପ୍ରତିକ ସମୟରେ ସଂସାର, ସମାଜ, ଯେଉଁ ଭଳି ରୀତି ନୀତି ରେ ଚାଲିଛି, ପୂର୍ବ ପିଢ଼ି ଯାହା ଭୁଲ କରିଗଲେ, ତାକୁ ନ ଦୋହରାଇ ଏବଂ ସେଥିରୁ ନିବୃତ୍ତ ରହି ଉତ୍ତର ପିଢି ସ୍ତରେ ସ୍ତରେ ଏହାର ତର୍ଜମା କରିବା ସହ ସେଥିରେ ଆପଣାଙ୍କୁ ସଂଶୋଧନ କରିଚାଲିବା ଆବଶ୍ୟକ । ଏଥିନିମନ୍ତେ ସମସ୍ତଙ୍କୁ ଶାନ୍ତି ଶୃଙ୍ଖଳାର ସହ ଆତ୍ମ ଉପଲବ୍ଧିର ଆବଶ୍ୟକତା ରହିଛି ।

ଏହି ଲେଖକ ଯିଏକି ଜଣେ ସ୍ୱେଚ୍ଛାକୃତ ଭାବେ ମୁକ୍ତ ବୃତ୍ତି ଶିକ୍ଷକ ଭାବରେ ବ୍ରତୀ ହୋଇ ବିଭିନ୍ନ ଶିକ୍ଷାନୁଷ୍ଠାନ ପରିଭ୍ରମଣ କରି ସେଠାରେ ଆବଶ୍ୟକ ଶିକ୍ଷା ଦାନ କରିବା ସହିତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଶୈକ୍ଷିକ ଓ ମାନସିକ ସ୍ତରର ବିକାଶ ପାଇଁ ବିଭିନ୍ନ ପ୍ରସଙ୍ଗରେ ପ୍ରେରଣାଦାୟକ ବକ୍ତବ୍ୟ ରଖିଥାନ୍ତି । ଏହି ଅବସରରେ ଥରେ ସେ ଗୋଟିଏ ଉଚ୍ଚବିଦ୍ୟାଳୟରେ ଶିକ୍ଷାଦାନ କାଳରେ ଦଶମ ଶ୍ରେଣୀର ପିଲାଙ୍କ ପାଇଁ ଏକ ପ୍ରଶ୍ନ ରଖିଥିଲେ ଯେ–'ତୁମେ ଯଦି ଈଶ୍ୱରଙ୍କୁ ଏକ ବର ମାଗିବ, କଣ ମାଗିବ !?, ତାହା ଗୋଟିଏ ଧାଡ଼ିରେ ।

ଉତ୍ତରରେ ସମସ୍ତେ ନିଜର ଭଲ ପାଠ, ବୁଦ୍ଧି, ଜ୍ଞାନ, ବଡ଼ ବଡ଼ ଚାକିରି, ଧନ,ଯଶ ସମ୍ମାନ ପାଇଁ ଆଶିଷ ଭିକ୍ଷା କରିବେ ବୋଲି ମତ ରଖିଥିଲେ । କେହି ଆପଣାର ସୁସ୍ଥ ମନ , ମସ୍ତିଷ୍କ ତଥା ସୁସ୍ଥ ଶରୀର ପାଇଁ ଧ୍ୟାନ ଦେଲେ ନାହିଁ । ଶରୀରର ସୁସ୍ଥତା ନଥିଲେ ମନ ଓ ମସ୍ତିଷ୍କର ସୁସ୍ଥତା ଆସିବ କାହୁଁ ? ଧୈର୍ଯ୍ୟ ଶକ୍ତି ବଳରେ ମନ ଓ ଆତ୍ମାର ସଠିକ୍ ଚାଳନାରେ ମନୁଷ୍ୟ ସର୍ବ କାର୍ଯ୍ୟରେ ଅସାଧ ସାଧନ କରିଥାଏ ।

ଏଥିପାଇଁ ଜ୍ଞାନୀ ମଣିଷର ଆତ୍ମାନୁଶୀଳତାର ଆବଶ୍ୟକତା ରହିଛି । ପ୍ରତ୍ୟାଶାହୀନ ପରାର୍ଥ ବିବେଚନା ପାଇଁ ଆପଣାର ମନ, ମସ୍ତିଷ୍କ ଓ ଚେତନାର ସୁସ୍ଥତା ରହିଛି । ଏଥିରେ ଶରୀରର ସୁସ୍ଥତା ମଧ୍ୟ ଅମୂଲ୍ୟ ସମ୍ପଦ ଅଟେ । ମହାକବି କାଳିଦାସ ତାଙ୍କର 'କୁମାର ସମ୍ଭବ' ନାମକ ମହାନ ସଂସ୍କୃତ କାବ୍ୟରେ ଲେଖିଯାଇଛନ୍ତି, 'ଶରୀରମାଦ୍ୟଂ ଖଲୁ ଧର୍ମ ସାଧନମ୍ ' । ଉଦ୍ଧୃତାଂଶ ଉକ୍ତିଟିରେ ସ୍ୱାସ୍ଥ୍ୟ ହିଁ ପରମ ସଂପଦ ବୋଲି ତାତ୍ପର୍ଯ୍ୟ ରଖୁଛି । ଅଖାଦ୍ୟ ଓ ନିଶା ଠାରୁ ଦୂରେଇ ଆମେ ସୁସ୍ଥ ରହି ଜଗତ କଲ୍ୟାଣ ପାଇଁ ଉତ୍ସର୍ଗୀକୃତ ହେବାକୁ ପଡିବ । ଏହା ଆମ ମନ ଓ ମସ୍ତିଷ୍କର ସୁସ୍ଥତାରେ ସହଭାଗୀ ହେବ ହିଁ ହେବ । କାରଣ ଶରୀରର ସୁସ୍ଥତା ସହିତ ମନ ଓ ମସ୍ତିଷ୍କର ସୁସ୍ଥତା ନରହିଲେ କଦାଚିତ ସମାଜ ଓ ସଂସାରର ଶାନ୍ତି ପୂର୍ଣ୍ଣ ସହାବସ୍ଥାନ ଅସମ୍ଭବ ମନେ ହୁଏ ।

**ନାତୁଣୀ, ଖୋର୍ଦ୍ଧା**
**ମୋ–୬୩୭୦୪୯୫୯୪୪**

# ଆସକ୍ତି ବିହୀନ କର୍ମର ପ୍ରଭାବ

## ଅମୃତବାଣୀ

କେହି ଜଣେ ସାଧକ ଜଣେ ସନ୍ଥଙ୍କୁ ପଚାରିଲେ – ଆପଣ କୁହନ୍ତି ଯେ, ତୁମେ ଯେ କୌଣସି କର୍ମ କର, ତାର ପ୍ରଭାବ ତୁମ ଉପରେ ପଡିବ ନାହିଁ । ମୁଁ ଏହି କଥାଟି ବୁଝିପାରୁନାହିଁ । ଦୟାକରି ଆପଣ ଟିକେ ଏହାକୁ ଭଲ ଭାବରେ ବୁଝାଇ ଦିଅନ୍ତୁ । ସାଧୁ କହିଲେ, ମୁଁ ତ ଅଧିକ କିଛି ଜାଣେ ନାହିଁ । ତୁମେ ଆଜି ବିଶ୍ରାମ ନେବ, ଆସନ୍ତାକାଲି ମୋ ପାଖକୁ ଆସିଲାବେଳେ ଏକ କଞ୍ଚା ପଣସ, ଛୁରୀ ଏବଂ ଗୋଟିଏ ପାତ୍ରରେ ଟିକେ ତେଲ ଧରି ଆସିବ ।

ଏହା ଶୁଣି ସାଧକ ଦ୍ୱନ୍ଦ୍ୱରେ ପଡ଼ିଲେ । ସେ କ'ଣ କରିବେ କିଛି ଜାଣି ପାରିଲେ ନାହିଁ । କିନ୍ତୁ ସେ ଭାବିଲେ, ଯଦି ସନ୍ଥ ଏସବୁ ଆଣିବାକୁ କହିଛନ୍ତି ତାହାହେଲେ ନିଶ୍ଚିତ କିଛି ବିଶେଷ କଥା ଥିବ । ପରଦିନ ସକାଳୁ ସେ ସାଧୁଙ୍କ ପାଖକୁ ସବୁ ଜିନିଷ ନେଇ ଆସିଲେ । ଏବେ ସନ୍ଥ ଜଣକ ସାଧକଙ୍କୁ ଛୁରୀରେ ପଣସ କାଟିବାକୁ କହିଲେ । ସାଧକ ପଣସ କାଟୁଥିବା ବେଳେ ପଣସର ଅଠା ବାହାରୁଥିଲା । ଯେଉଁ କାରଣରୁ ସାଧକଙ୍କ ହାତ ଓ ଛୁରୀରେ ଅଠା ଲାଗି ଛାଡୁ ନଥିଲା । ଅଠା କାରଣରୁ ପଣସ ମଧ୍ୟ ଭଲ ଭାବରେ କଟି ପାରୁ ନଥିଲା ।

ଏଥର ସାଧୁ କହିଲେ, ଏପରି କର ! ଏବେ ହାତ ଓ ଛୁରୀକୁ କନାରେ ସଫା କର । ତା'ପରେ ଉଭୟଙ୍କ ଠାରେ ତେଲ ଲଗାଇ ପଣସ କାଟ । ସାଧକ ମଧ୍ୟ ସେପରି କରିଥିଲେ । ଏଥର ହାତରେ ତେଲ ଓ ଛୁରୀରେ ତେଲ ଲଗାଇବା ହେତୁ ପଣସ କାଟିବା



ସହଜ ହେଲା, ଅଠା ଲାଗିବା ଟିକେ ଦୂର ହେଲା । ଏବେ ସନ୍ଥ ବୁଝାଇଲେ, ସଂସାରରେ ଏମିତି ରହିବା ଦରକାର । ପରମାତ୍ମାଙ୍କ ସାଧନାର ତେଲ ଲଗାଇ କର୍ମ କରନ୍ତୁ ।

କର୍ମରୂପି ପଣସ କାଟି ଚାଲିବ । ତା'ର ଅଠା ଆଉ ଲାଗିବ ନାହିଁ । ଅର୍ଥାତ୍ କର୍ମରେ କୌଣସି ଆସକ୍ତି ରହିବ ନାହିଁ । ଆସକ୍ତି ବିହୀନ କର୍ମ ମନୁଷ୍ୟକୁ ବାନ୍ଧି ରଖି ପାରେନାହିଁ । ମନୁଷ୍ୟକୁ କର୍ମ କରିବାକୁ ପଡ଼ିବ । ସେ ଯେତେ ଚେଷ୍ଟା କଲେ ମଧ୍ୟ କର୍ମ ପ୍ରଭାବରୁ ମୁକ୍ତି ପାଇପାରିବ ନାହିଁ । ତେଣୁ କର୍ମ କରନ୍ତୁ, କିନ୍ତୁ କର୍ମର ଫଳ ପ୍ରତି ଆସକ୍ତି ରଖନ୍ତୁ ନାହିଁ । ଏବେ ସାଧକଙ୍କୁ ତାଙ୍କର ସମସ୍ୟାର ସମାଧାନ ମିଳିଗଲା ।

**ଲଳିତ ମୋହନ ମିଶ୍ର,**
**ନୟାଗଡ଼,ମୋ– ୯୪୩୭୯୮୫୮୬୬**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୨୦୩୪...

ନିମନ୍ତେ ୧୦ ବର୍ଷ ପାଇଁ ଏକ ଲକ୍ଷ କୋଟି ଅଲଗା ବଜେଟ୍ ରଖାଯିବ । ଏହି ଯୁବ ବଜେଟ୍ ଜଳବାୟୁ ଏବଂ ଜେଣ୍ଡର ବଜେଟ୍ ଭଳି ବିଧାନସଭାରେ ଉପସ୍ଥାପିତ ହେବ ଯୁବକମାନଙ୍କ ଦ୍ୱାରା ଦିଆଯାଇଥିବା ପରାମର୍ଶକୁ ଆଧାର କରି ପ୍ରତିବର୍ଷ ଏଥିରୁ ହଜାରେ କୋଟି ଟଙ୍କା ଖର୍ଚ୍ଚ ହେବ ବିଶ୍ୱରେ ଏହା ପ୍ରଥମ ପ୍ରକାରର ପ୍ରୟାସ ହେବ ଯେଉଁଠାରେ ଯୁବକମାନେ ନିଜ ପରିଚୟ ଏବଂ ଓଡିଶାର ପରିଚୟ ସୃଷ୍ଟି କରିପାରିବେ । ନୂଆ ଓ ମ୍ୟାଜିକ୍ କାର୍ଡ ଦ୍ୱାରା ଏକାଧିକ ସୁବିଧା ସୁଯୋଗ ସହିତ ପରିସର ବିସ୍ତାର ହେବ ନୂଆ ଓ ଛାତ୍ରବୃତ୍ତି ବାଳିକାମାନଙ୍କ ପାଇଁ ବାର୍ଷିକ ୧୪,୦୦୦ ଏବଂ ପୁଅମାନଙ୍କ ପାଇଁ ବାର୍ଷିକ ୧୨,୦୦୦ କୁ ବୃଦ୍ଧି କରାଯିବ ସରକାରୀ ପ୍ରବେଶ ପ୍ରକ୍ରିୟା ମାଧ୍ୟମରେ ଯୋଗ୍ୟତା ହାସଲ କରିବା ପରେ ଡିପ୍ଲୋମା ଏବଂ ଡିଗ୍ରୀ ପାଠ୍ୟକ୍ରମ କରୁଥିବା କଲେଜରେ ପଢୁ ଥିବା ସମସ୍ତ ଯୋଗ୍ୟ ଛାତ୍ରଙ୍କୁ ଏହା ପ୍ରଦାନ କରାଯିବ । ଆସନ୍ତା ପାଞ୍ଚ ବର୍ଷରେ ୨ ଲକ୍ଷ ସରକାରୀ ଚାକିରି ଯୋଗାଇ ଦିଆଯିବ । ସ୍ୱୟମ୍ ଉଦ୍ୟୋଗୀ ଋଣକୁ ବ୍ୟାପକ କଭରେଜ୍ ସହିତ ଏକ ଲକ୍ଷରୁ ୨ ଲକ୍ଷକୁ ବୃଦ୍ଧି କରାଯିବ ଓଡିଶାରେ ଏକ ନୂତନ କୌଶଳ ଓ ଉଦ୍ୟୋଗୀ ବିଶ୍ୱବିଦ୍ୟାଳୟ, ଷ୍ଟେଟ ଇନଷ୍ଟିଚ୍ୟୁଟ୍ ଅଫ୍ ଫ୍ୟାଶନ୍ ଟେକ୍ନୋଲୋଜି ଏବଂ ଏଆଇ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯିବ । ଏହି ସମସ୍ତ ପଦକ୍ଷେପ ଯୁବକମାନଙ୍କୁ ସଶକ୍ତ କରିବା ଏବଂ ଓଡିଶାକୁ ଏକ ବୃହତ ଅଭିବୃଦ୍ଧି ପଥରେ ଆଗେଇ ନେବାକୁ ସକ୍ଷମ କରିବ ।

ଅର୍ଥନୈତିକ ଅଭିବୃଦ୍ଧି ପାଇଁ ସମଗ୍ର ଇକୋସିଷ୍ଟମକୁ ଶକ୍ତିଶାଳୀ କରାଯିବ ଯାହା ଓଡିଶାକୁ ଦେଶର ଶ୍ରେଷ୍ଠ ତିନୋଟି ଅର୍ଥନୈତିକ ବିକଶିତ ରାଜ୍ୟରେ ପରିଣତ କରିବ । ଖଣିଜ ଭିତ୍ତିକ ଶିଳ୍ପ ବ୍ୟତୀତ ସେମିକଣ୍ଡକ୍ଟର, ଆଇଟି ଶିଳ୍ପ, କୃତ୍ରିମ ବୁଦ୍ଧିମତା ଇତ୍ୟାଦି ସହିତ ନୂତନ ଯୁଗ, ବୈଷୟିକ ଏବଂ ନୂତନ ଅର୍ଥନୀତି ଉପରେ ଧ୍ୟାନ ଦିଆଯିବ ଓଡ଼ିଶା ପୂର୍ବ ଭାରତର ଆଇଟି ରାଜଧାନୀ ହେବ । ଉତ୍ପାଦନ ନିବେଶକୁ ଆକର୍ଷିତ କରିବାରେ ଆମେ ଆଗେଇ ଆସିବା ପରିବେଶ ଅନୁକୂଳ ପର୍ଯ୍ୟଟନ ପାଇଁ ୧୦୦ଟି ସ୍ଥାନଉପରେ ଧ୍ୟାନ ଦିଆଯିବ ଖ୍ୟାତି ସମ୍ପନ୍ନ ବୈଷୟିକ ଏବଂ ପରିଚାଳନା ସଂସ୍ଥାଗୁଡ଼ିକ ଓଡ଼ିଶାରେ କ୍ୟାମ୍ପସ ପ୍ରତିଷ୍ଠା ପାଇଁ ଉତ୍ସାହିତ ହେବେ ଏହି ସବୁ ଓଡ଼ିଶାର ଯୁବକମାନଙ୍କ ଦ୍ୱାରା ସଶକ୍ତ ହେବ ଯୋଜନାବଦ୍ଧ ସହରୀକରଣ ଅଭିବୃଦ୍ଧି, ଉତ୍ପାଦକତା ସୃଜନାତ୍ମକ ଏବଂ ପରିବର୍ତ୍ତନ ବୃଦ୍ଧି କରିବ ଆଗାମୀ ୧୦ ବର୍ଷରେ ଆମେ ସହରୀ ଜନସଂଖ୍ୟାକୁ ଦ୍ୱିଗୁଣିତ କରିବୁ ଉତ୍ତମ ଗୁଣବତ୍ତା ସମ୍ପର୍ଣ୍ଣ ସୁବିଧା ସୁଯୋଗ ନିମ୍ନଲିଖିତ ଅଞ୍ଚଳଗୁଡିକ ପାଇଁଯୋଗାଇ ଦିଆଯିବ ଚାରୋଟି ମେଗା ସହରୀ କ୍ଲଷ୍ଟର ଯୋଜନା କରାଯାଇଛି, ସେମାନଙ୍କ ମଧ୍ୟରେ ଭୁବନେଶ୍ୱର – କଟକ – ଖୋର୍ଦ୍ଧା – ପୁରୀ କ୍ଲଷ୍ଟର, ସମ୍ବଲପୁର– ଝାରସୁଗୁଡା – ରାଉରକେଲା କ୍ଲଷ୍ଟର, ବାରିପଦା – ବାଲେଶ୍ୱର – ଭଦ୍ରକ କ୍ଲଷ୍ଟର ଏବଂ ବ୍ରହ୍ମପୁର –ଛତ୍ରପୁର – ଗୋପାଳପୁର କ୍ଲଷ୍ଟର ଆମେ ମଧ୍ୟ ୨୦ ଟି ପ୍ରମୁଖ ସହର ବଲାଙ୍ଗୀର, କୋରାପୁଟ–ଜୟପୁର, ବରଗଡ, ରାୟଗଡା, ଭବାନୀପାଟନା, ପାରାଦୀପ, ଢେଙ୍କାନାଳ, ଯୋଡା–ବଡ଼ବିଲ , କେନ୍ଦୁଝର, ଅନଗୁଳ, ମାଲକାନଗିରି, ନବରଙ୍ଗପୁର, ପାରଳାଖେମୁଣ୍ଡି, ଫୁଲବାଣୀ, ବୌଦ୍ଧ, ସୋନପୁର, ଦେବଗଡ, କେନ୍ଦ୍ରାପଡା ଓ ନୟାଗଡ଼କୁ ବିକଶିତ କରିବୁ । ଏହି ସହରୀ କ୍ଲଷ୍ଟରଗୁଡ଼ିକ ଚାହିଦା ସୃଷ୍ଟି କରିବ ଏବଂ ଅର୍ଥନୈତିକ ଅଭିବୃଦ୍ଧିର କେନ୍ଦ୍ର ହେବ ପୁରୀ ଅନ୍ତର୍ଜାତୀୟ ବିମାନବନ୍ଦର ଏବଂ ଅନ୍ୟାନ୍ୟ ସୁବିଧା ସହିତ ଏକ ଆନ୍ତର୍ଜାତୀୟ ସହର ଭାବରେ ବିକଶିତ ହେବ ବିମାନ ବନ୍ଦର ସହିତ ୨୦ଟି ସମସ୍ତ ପ୍ରମୁଖ ସହର ସହିତ ଲକ୍ଷ୍ମୀ ବସ୍ ସଂଯୋଗ ରହିବ ମେଟ୍ରୋ ଦ୍ୱାରା ଭୁବନେଶ୍ୱର, ଖୋର୍ଦ୍ଧା, ପୁରୀ ଏବଂ କଟକକୁ ସଂଯୋଗ କରିବ ଏବଂ ପର୍ଯ୍ୟାୟ କ୍ରମେ ସମ୍ପ୍ରସାରିତ ହେବ ବିଜୁ ଅର୍ଥନୈତିକ କରିଡର ମାଧ୍ୟମରେ ପଶ୍ଚିମ ଏବଂ ଦକ୍ଷିଣ ଓଡିଶାର ବିକାଶ ଉପରେ ଆମର ବିଶେଷ ଧ୍ୟାନ ରହିବ ।

ସ୍ଥିରତା ସହିତ ଅଭିବୃଦ୍ଧି ଉପରେ ଆମର ଧ୍ୟାନ ରହିବ – ଆମର ବର୍ତ୍ତମାନର ତଥା ଭବିଷ୍ୟତ ପିଢ଼ି ଆବଶ୍ୟକତା ପୂରଣ କରିବ ଅଭିବୃଦ୍ଧି ଏବଂ ଦାରିଦ୍ର୍ୟ ହ୍ରାସ କରିବାରେ ଶକ୍ତି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ଓଡିଶାର ୭୫ ପ୍ରତିଶତ ପରିବାରର ୧୦୦ ୟୁନିଟ୍ କମ୍ ବ୍ୟବହାର ଏବଂ ଅନ୍ୟ ଦଶ ପ୍ରତିଶତ ୧୦୦ ରୁ ୧୫୦ ୟୁନିଟ୍ ବ୍ୟବହାର କରୁଛନ୍ତି । ଶକ୍ତି ସୁରକ୍ଷା ସହିତ ଏହି ୮୫ –୯୦% ଜନସଂଖ୍ୟାକୁ ଆଚ୍ଛାଦନ କରିବା ପାଇଁ, ଶହେ ୟୁନିଟ୍ ପର୍ଯ୍ୟନ୍ତ ଗ୍ରାହକମାନେ ଶୂନ ବିଲ୍ ପାଇବେ ଏବଂ ୧୦୦ ରୁ ୧୫୦ ପର୍ଯ୍ୟନ୍ତ ପଚାଶ ୟୁନିଟ୍ ପାଇଁ ରିହାତି ପାଇବେ ଏହା କେବଳ ରାଜ୍ୟରେ ଶକ୍ତି ସୁରକ୍ଷା ବୃଦ୍ଧି କରିବ ନାହିଁ ବରଂ ବିଦ୍ୟୁତର ଦାୟିତ୍ୱପୂର୍ଣ୍ଣ ବ୍ୟବହାରକୁ ମଧ୍ୟ ଉତ୍ସାହିତ କରିବ – ଏହା ସ୍ଥାୟୀ ଅଭିବୃଦ୍ଧି ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାରଣ ହେବ ।

ଓଡ଼ିଶାର ଅଭିବୃଦ୍ଧି କାହାଣୀରେ ମଧ୍ୟବିତ୍ତ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ସେମାନଙ୍କୁ ବିଏସ୍‌କେୱାଇ କଭରେଜ୍, ୨୦ ଲକ୍ଷ ପର୍ଯ୍ୟନ୍ତ ଗୃହ ଋଣ ଉପରେ ସୁଧ ସବଭେନ୍ସନ୍, ଏବଂ ପିଲାମାନଙ୍କ ପାଇଁ ଛାତ୍ରବୃତ୍ତି ଓ ଉଚ୍ଚଶିକ୍ଷା ତଥା ସୁଲଭ ପରିବହନ ପାଇଁ ଋଣ ଉପରେ ସୁଧ ସବଭେନ୍ସନ୍ ପ୍ରଦାନ କରି ସେମାନଙ୍କୁ ସଶକ୍ତ କରାଯିବ । ବିଦ୍ୟୁତ ସବସିଡି ମଧ୍ୟବିତ୍ତ ପରିବାର ପାଇଁ ମଧ୍ୟ ଲାଗୁ ହେବ ସ୍ୱାସ୍ଥ୍ୟ ଏବଂ ଶିକ୍ଷା ଉପରେ ପକେଟ ଖର୍ଚ୍ଚ ହ୍ରାସ ହେଲେ ସଞ୍ଚୟ ବୃଦ୍ଧି ପାଇବ ଉଭୟ ଗ୍ରାମୀଣ ଏବଂ ସହରାଞ୍ଚଳରେ ଶିଳ୍ପାୟନ ଏବଂ ନିଯୁକ୍ତି ସୃଷ୍ଟି ମଧ୍ୟବିତ୍ତ ଶ୍ରେଣୀର ଲୋକଙ୍କ ଭିତରେ ନୂତନ ଆଶା ସଂଚାର କରିବ ।

ଓଡିଶାର ଅଭିବୃଦ୍ଧି କାହାଣୀରେ ମହିଳାମାନେ ସର୍ବଦା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ଏବଂ ସେମାନେ ଏହା ଜାରି ରଖିବେ ବିନା ସୁଧରେ ୧୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇଦେବାରେ ଏହା ଦେଶରେ ପ୍ରଥମ ରାଜ୍ୟ ହେବ ଆସନ୍ତା ୫ ବର୍ଷ ମଧ୍ୟରେ ଆମର ଏସ୍‌ଏଚ୍‌ଜି ଗୁଡ଼ିକୁ ୧.୫ ଲକ୍ଷ କୋଟି ଟଙ୍କାର ଆର୍ଥିକ ଲିଙ୍କେଜ୍ ହାସଲ କରି ୨୫୦୦ କୋଟି ଟଙ୍କାର ସୁଧ ସେମାନଙ୍କ ନିକଟକୁ ଫେରାଇ ଦିଆଯିବ । ଏହା ସେମାନଙ୍କୁ ସେମାନଙ୍କର ବ୍ୟବସାୟକୁ ଇନ୍ଧନ ଦେବାରେ ସାହାଯ୍ୟ କରିବ ଏବଂ ଗଓଐରୁ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗରେ ରୂପାନ୍ତର ତ୍ୱରାନ୍ୱିତ କରିବ ଗଓଐଟ କୁ ଆଗାମୀ ୧୦ ବର୍ଷରେ ୨୦,୦୦୦ କୋଟିର ସରକାରୀ ବ୍ୟବସାୟ ଯୋଗାଇ ଦିଆଯିବ । ବ୍ୟକ୍ତିଗତ ମହିଳା ଉଦ୍ୟୋଗୀମାନଙ୍କୁ ସେମାନଙ୍କ ବ୍ୟବସାୟ ଆରମ୍ଭ ଏବଂ ବୃଦ୍ଧି ପାଇଁ ୧୦ ଲକ୍ଷ ପର୍ଯ୍ୟନ୍ତ ସବସିଡିଯୁକ୍ତ ଋଣ ଯୋଗାଇବା ପାଇଁ ଶହେ କୋଟି ଟଙ୍କାର କର୍ପସ ପାଣ୍ଠି ସହିତ ସହାୟତା କରାଯିବଛ ମିଶନ୍ ଶକ୍ତି ମହିଳାଙ୍କ ପାଇଁ ପେନସନ ରହିବ ସମସ୍ତ ତୃଣମୂଳ ସ୍ତରର ମହିଳା କର୍ମୀ, ସମ୍ପ୍ରଦାୟର ସହାୟତା କର୍ମଚାରୀ, ଅଙ୍ଗନୱାଡି କର୍ମୀ, ଏବଂ ଆଶା ଗୁଡିକ ଇନ୍‌ସୁରାନ୍ସ କଭରେଜ୍ ଏବଂ ସାମାଜିକ ସୁରକ୍ଷା ପେନସନ ମଧ୍ୟ ପାଇବେ ।

ସ୍ୱାସ୍ଥ୍ୟ ଉପରେ ପକେଟ ଖର୍ଚ୍ଚ ଅର୍ଥନୈତିକ ଅଭିବୃଦ୍ଧି ଏବଂ ମୌଳିକ ମାନବିକ ଅଧିକାର ପାଇଁ ବାଧା ସୃଷ୍ଟି କରେ ଆମର ପ୍ରମୁଖ ସ୍କିମ୍ ବିଏସ୍‌କେୱାଇ ନବୀନ କାର୍ଡ ପ୍ରବର୍ତ୍ତନ ପ୍ରାୟ ସମସ୍ତ ବର୍ଗଙ୍କୁ କଭରେଜ୍ କରିବ । ଏଥିରେ ମଧ୍ୟବିତ୍ତ, ସରକାରୀ କର୍ମଚାରୀ, ଲୁଭିଭିଭିକ ଶ୍ରମିକମାନେ ପର୍ଯ୍ୟାୟ କ୍ରମେ ଅନ୍ତର୍ଭୁକ୍ତ ହେବେ ଆମେ ଆସନ୍ତା ୧୦ ବର୍ଷ ମଧ୍ୟରେ ସ୍ୱାସ୍ଥ୍ୟ ପାଇଁ ସର୍ବନିମ୍ନ ଖର୍ଚ୍ଚର ରାଜ୍ୟ ହୋଇପାରିବ । ଏହି ସ୍ୱାସ୍ଥ୍ୟ ନିଶ୍ଚିତତା ଆମ ଜନସଂଖ୍ୟାକୁ ସଶକ୍ତ କରିବ ଏବଂ ଆମ ରାଜ୍ୟକୁ ଆଗକୁ ବଢ଼ାଇବ ।

ଅଭିବୃଦ୍ଧି ସହିତ ଅନ୍ତର୍ଭୁକ୍ତ ସର୍ବଦା ଆମର ଉଦ୍ଦେଶ୍ୟ ଆଦିବାସୀ, ଜନଜାତି, ଓବିସି ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟର ସଶକ୍ତିକରଣ ସର୍ବୋଚ୍ଚ ପ୍ରାଥମିକତା ଅଟେ ସ୍ୱୟଂ ନିଯୁକ୍ତି ଦିଗରେ ପ୍ରତିବର୍ଷ ୧୦,୦୦୦ ଏସ୍‌ଟି, ଏସ୍‌ସି ଏବଂ ଓବିସି ଯୁବକମାନଙ୍କ ପାଇଁ ୧,୦୦,୦୦୦ଟଙ୍କାର ଅନୁଦାନ ପ୍ରଦାନ କରିବାକୁ ଆମେ ୧୦ ବର୍ଷ ମଧ୍ୟରେ ୧୦୦୦ କୋଟି ପାଣ୍ଠି ପ୍ରଦାନ କରିବ । ସେହିଭଳି, ଏସଟି, ଏସସି ଏବଂ ଓବିସିର ଯୁବକମାନଙ୍କ ମଧ୍ୟରେ ଉଦ୍ୟୋଗୀତା ୧୦,୦୦,୦୦୦ ଟଙ୍କା ପର୍ଯ୍ୟନ୍ତ ସୁଧ ଛାଡ ହେବ ସ୍ୱୟମ ଋଣ ଅନୁଦାନରେ ପ୍ରାଥମିକତା ରହିବ । ଓବିସି, ସଂଖ୍ୟାଲଘୁ, ଏସଟି ଏବଂ ଆଦିବାସୀ ଛାତ୍ରମାନଙ୍କ ପାଇଁ ଅଧିକ ହଷ୍ଟେଲ ବ୍ୟବସ୍ଥା ସହିତ ଶିକ୍ଷା ଏବଂ ଅଧିକ ନିଯୁକ୍ତି ଆଗକୁ ବଢ଼ାଇବ । ଲାଭ ଯୋଜନା ଦ୍ୱାରା ଛୋଟ ଜଙ୍ଗଲ ଉତ୍ପାଦନ ସଂଗ୍ରହରୁ ଆୟକୁ ବୃଦ୍ଧି କରିବ, ମୁଖ୍ୟତଃ ଆଦିବାସୀଙ୍କୁ ଉତ୍ସାହିତ କରିବ । ଗ୍ରାମୀଣ ଗୃହ ଯୋଜନା ଅଧୀନରେ ସମସ୍ତ ଯୋଗ୍ୟ ପରିବାରଙ୍କୁ ୧୦ ଲକ୍ଷ ଘର ଯୋଗାଇ ଦିଆଯିବ ।

ଖାଦ୍ୟ ସୁରକ୍ଷା ସର୍ବଦା ବିଜେଡି ସରକାରଙ୍କ ଏକ ଗ୍ୟାରେଣ୍ଟି ଅଟେ ସମସ୍ତ ଯୋଗ୍ୟ ପରିବାରଙ୍କୁ ରେସନ କାର୍ଡ ଯୋଗ୍ୟତା ଭିତ୍ତିରେ ନିଶ୍ଚିତ ଯୋଗାଇ ଦିଆଯିବ, ଯାହା ସମସ୍ତ ପରିବାରଙ୍କୁ ଅନ୍ତର୍ଭୁକ୍ତ ନିଶ୍ଚିତ କରିବ କୃଷକମାନେ ରାଜ୍ୟର ଖାଦ୍ୟ ନିରାପତ୍ତାର ମେରୁଦଣ୍ଡ ଅଟନ୍ତି । କୃଷିର ସମଗ୍ର ଇକୋସିଷ୍ଟମ୍ ମଜବୁତ ହେବ । କୃଷି ଉଦ୍ଦେଶ୍ୟରେ ମାଗଣା ବିଦ୍ୟୁତ୍ ପ୍ରଦାନ କରାଯିବ, ଯାହା ସାରା ରାଜ୍ୟରେ କୃଷକମାନଙ୍କୁ ଉପକୃତ କରିବ ଏହା ଉତ୍ପାଦନ ବୃଦ୍ଧି ଏବଂ ସେମାନଙ୍କର ଭାର ହ୍ରାସ କରିବାରେ ସାହାଯ୍ୟ କରିବ ପିଲାମାନଙ୍କର ଶିକ୍ଷା ପାଇଁ ଛାତ୍ରବୃତ୍ତି ଏବଂ ନିର୍ଭରଶୀଳ ଝିଅ ବିବାହ ପାଇଁ ୨୫,୦୦୦ ସହାୟତା ସହିତ କାଳିଆ ଅନୁଦାନ ଜାରି ରହିବ ଏବଂ ବିସ୍ତାର କରାଯିବ ୧.୫ ଲକ୍ଷ ପର୍ଯ୍ୟନ୍ତ ଫସଲ ଋଣ ସୁଧମୁକ୍ତ ହେବ ମୌସୁମୀ ଅନିଶ୍ଚିତତାକୁ ଦୂର କରିବା ପାଇଁ ମତ୍ସ୍ୟଜୀବୀ ସମ୍ପ୍ରଦାୟକୁ ବାର୍ଷିକ ୧୫,୦୦୦ ପ୍ରଦାନ କରାଯିବ ।

## ଆଜି...

ଲୋକସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଫୁଲବାଣୀ ଷ୍ଟାଡିୟମ୍‌ରେ ବିଜୟ ସଙ୍କଳ୍ପ ସମାବେଶରେ ଯୋଗଦେବେ । ସେହିଭଳି ପୂର୍ବାହ୍ନ ୧୧.୩୦ରେ ବଲାଙ୍ଗୀର ଓ ଅପରାହ୍ନ ୧.୩୦ରେ ବରଗଡରେ ଅନୁଷ୍ଠିତ ହେବାକୁ ଥିବା ସମାବେଶରେ ଯୋଗଦେବେ । ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପାଇଁ ମାଷ୍ଟରକ୍ୟାଣ୍ଟିନ୍‌ରୁ ବାଣୀବିହାର ପର୍ଯ୍ୟନ୍ତ ଟ୍ରାଫିକ୍ କଟକଣା ଜାରୀ କରାଯାଇଛି । ଅପରାହ୍ନ ୨ଟାରୁ ରୋଡ୍ ଶୋ ସରିବା ଯାଏ ମାଷ୍ଟରକ୍ୟାଣ୍ଟିନ୍‌ରୁ ବାଣୀବିହାର ପର୍ଯ୍ୟନ୍ତ ରାସ୍ତା ବନ୍ଦ ରହିବ । ସେହିଭଳି ଅପରାହ୍ନ ୪ଟାରୁ ରୋଡ୍ ଶୋ ଶେଷ ହେବାଯାଏ ବାଣୀବିହାରରୁ ମାଷ୍ଟରକ୍ୟାଣ୍ଟିନ୍ ରାସ୍ତା ବନ୍ଦ କରାଯିବ । ଏହାସହ ଜନପଥକୁ ସଂଯୋଗ କରୁଥିବା କୌଣସି ଗଳିରୁ ଗାଡିଗୁଡିକୁ ରାସ୍ତାକୁ ଛଡାଯିବନାହିଁ ।

ଗୁରୁବାର ଏସ୍‌ପିଜି ଟିମ୍ ଜନପଥର ସୁରକ୍ଷା ବ୍ୟବସ୍ଥାକୁ ଯାଞ୍ଚ କରିବା ସହ ବାଇନା କୁଲରରେ ପାଖାପାଖି ଅଞ୍ଚଳ ସବୁ ଦେଖିଛନ୍ତି । ଏପରିକି ମାଷ୍ଟରକ୍ୟାଣ୍ଟିନରୁ ବାଣିବିହାର ପର୍ଯ୍ୟନ୍ତ ରାସ୍ତାକୁ ସାନିଟାଇଜ କରାଯାଇଛି । ସୁରକ୍ଷାରେ ୫ ଡିସିପି, ୧୦ ଏଡିସିପି, ୨୭ ଏସିପି, ୪୧ ଆଇଆଇସି, ସନ୍ଧାନୀ କୁକୁର, ବୋମା ନିଷ୍କ୍ରିୟକାରୀ ଦଳ ଓ ୩ଟି ଆଣ୍ଟି ଟେରରିଷ୍ଟ ଟିମ୍ ସାମିଲ ଅଛନ୍ତି । ବ୍ଲୁ–ବୁକ ଅନୁଯାୟୀ ସୁରକ୍ଷା ବ୍ୟବସ୍ଥା କରାଯାଇଛି । ଏସ୍‌ପିଜିର ସ୍ୱତନ୍ତ୍ର ଟିମ୍ ସୁରକ୍ଷାର ମୁଖ୍ୟ ଦାୟିତ୍ୱ ନିଭାଉଛନ୍ତି । ଏହି ପାର୍ଶ୍ୱ ବସ୍ତି ଓ ଦୋକାନଗୁଡ଼ିକୁ କଡ଼ାକଡ଼ି ଭାବେ ଯାଞ୍ଚ କରାଯାଇଛି । କେତେକ ଦୋକାନକୁ ବନ୍ଦ କରିବା ପାଇଁ ପରାମର୍ଶ ଦିଆଯାଇଥିବା ସୂଚନା ମିଳୁଛି ।

## ସାଧାରଣରେ...

ଏହାର କୌଣସି ଯଥାର୍ଥ ପ୍ରତିକ୍ରିୟା ମିଳୁନାହିଁ । ୧୮ତମ ଲୋକସଭା ନିର୍ବାଚନ ଏବେ ମଧ୍ୟଭାଗରେ ପହଞ୍ଚିଛି । କ୍ଷମତାରେ ଥିବା ବିଜେପିର ସଦସ୍ୟ ଓ ପ୍ରମୁଖ ବିରୋଧୀ ଦଳ କଂଗ୍ରେସର ନେତାମାନଙ୍କୁ ପ୍ରଶ୍ନ ପଚାରିବା ଆବଶ୍ୟକ । ବିଶେଷକରି ଆମର ସାମ୍ବିଧାନିକ ଗଣତନ୍ତ୍ର ବିଷୟରେ ଏହି ପ୍ରଶ୍ନ ହେବା ଉଚିତ୍ । ପ୍ରଧାନମନ୍ତ୍ରୀ ସାଧାରଣରେ କଂଗ୍ରେସକୁ ସଂରକ୍ଷଣ, ଧାରା ୩୭୦, ସମ୍ପତ୍ତିର ପୁନର୍ବଣ୍ଟନ ନେଇ ଆହ୍ୱାନ କରୁଛନ୍ତି । କଂଗ୍ରେସ ସଭାପତି ମଲ୍ଲିକାର୍ଜୁନେ ଖଡ଼୍‌ଗେ ମଧ୍ୟ ପ୍ରଧାନମନ୍ତ୍ରୀଙ୍କର ସମ୍ବିଧାନକୁ ପରିବର୍ତ୍ତନ କରିବା, ନିର୍ବାଚନୀ ବଣ୍ଡ ଦୁର୍ନୀତି ଓ ଚୀନ୍ ସମ୍ପର୍କରେ ସରକାରଙ୍କ ପ୍ରତିକ୍ରିୟା ନେଇ ଆହ୍ୱାନ କରୁଛନ୍ତି । ତେଣୁ ଏହା ସାଧାରଣରେ ବିତର୍କ ହେଉ । ଆମେ ବିଶ୍ୱାସ କରୁଛୁ ଯେ ଏହାଦ୍ୱାରା ଲୋକମାନଙ୍କର ଅନେକ ସୁବିଧା ହେବ । ରାଜନୈତିକ ନେତାମାନେ ଏକ ସାଧାରଣ ବିତର୍କସ୍ଥଳୀରେ ଉପସ୍ଥିତ ରହିବେ । ଏହା ବାଣିଜ୍ୟିକ ପ୍ଲାଟ୍‌ଫର୍ମ ହେବନାହିଁ । ଏହା ଜନସାଧାରଣଙ୍କ ପାଇଁ କେବଳ ଶୁଣିବା ବ୍ୟବସ୍ଥା ହେବନାହିଁ । ସେମାନେ ମଧ୍ୟ ପ୍ରଶ୍ନ ପଚାରିପାରିବେ । ଏହାଦ୍ୱାରା ଆମ ଗଣତାନ୍ତ୍ରୀକ ପ୍ରକ୍ରିୟା ଆହୁରି ଶକ୍ତିଶାଳୀ ହେବ । ବିଶ୍ୱର ସର୍ବବୃହତ୍ତ ଗଣତାନ୍ତ୍ରୀକ ରାଷ୍ଟ୍ର ଭାରତ ଉପରେ ଏବେ ସମଗ୍ର ବିଶ୍ୱର ନଜର ରହିଛି । ସେମାନେ ନିର୍ବାଚନକୁ ଅତି ନିରିଖେଇ ଅନୁଶୀଳନ କରୁଛନ୍ତି । ଏହି ସାଧାରଣ ବିତର୍କ କେବଳ ଲୋକଙ୍କୁ ସଚେତନ କରାଇବ ନାହିଁ ବରଂ ସୁସ୍ଥ ଓ ଜାଜ୍ଜୁଲ୍ୟ ଗଣତନ୍ତ୍ର ପାଇଁ ଏକ ଭଲ ଭାବମୂର୍ତ୍ତି ପ୍ରତିଷ୍ଠା କରିବ । ତେବେ କେଉଁଠି ସ୍ଥାନ ଓ କେତେ ସମୟ ହେବ ତାହା ଉଭୟ ପ୍ରଧାନମନ୍ତ୍ରୀ ଓ ରାହୁଲ ଗାନ୍ଧି ସ୍ଥିର କରନ୍ତୁ । ମଦନ ବି ଲୋକର ସୁପ୍ରିମ୍‌କୋର୍ଟର ପୂର୍ବତନ ବିଚାରପତି ହୋଇଥିବାବେଳେ ଦିଲ୍ଲୀ ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଏପି ଶାହା ଓ ବରିଷ୍ଠ ସାମ୍ବାଦିକ ଏନ୍ ରାମ୍ ଏହି ପ୍ରସ୍ତାବ ଦେଇଛନ୍ତି ।

# ଧାମନଗରରେ ପ୍ରାର୍ଥୀଙ୍କ ପ୍ରଚାରକୁ ନେଇ ବଢୁଛି ଉଷ୍ମତା

ଦୋବଲ,(ସବ୍ୟୁ):ସଧାରଣ ନିର୍ବାଚନ ଯେତେ ପାଖେଇ ଆସୁଛି, ନେତା ଓ କର୍ମୀଙ୍କ ମନରେ ଛନକା ସେତେ ବଢୁଛି । ଧାମନଗର ବିଧାନସଭା ଆସନରେ ଥିବା ଧାମନଗର ଓ ତିହିଡ଼ି ବ୍ଲକର ରାଜନୈତିକ ପାଣିପାଗ ସେତେ ଉଷ୍ମ ହେବାରେ ଲାଗିଛି। ଦଳ ଡିଆଁ ତଥା ମିଶ୍ରଣ ପର୍ବ ଉଭୟ ବିଜେପି ଓ ବିଜେଡିରେ ନିୟମିତ ଚାଲିଛି । ଗାଁ ରାଜନୀତି ସରଗରମ ରହିଛି। ଉଭୟ ବିଜେପି ଓ ବିଜେଡି ରଣନୀତି ପ୍ରସ୍ତୁତି କରୁଥିବାବେଳେ କଂଗ୍ରେସ ବି ଦୁଇପାଦ ଆଗେଇଛି । ବିଜେଡି ପ୍ରାର୍ଥୀ ସଞ୍ଜୟ ଦାସ, ବିଜେପି ପ୍ରାର୍ଥୀ ସୂର୍ଯ୍ୟବଂଶୀ ସୁରଜ୍ ଓ କଂଗ୍ରେସ ପ୍ରାର୍ଥୀ ରଞ୍ଜନ ବେହେରାଙ୍କ ପ୍ରଚାରରେ ବେଶ ସରଗରମ ହେଉଛି । ବିଜେଡିର କେତେକ ବରିଷ୍ଠ ନେତା ରଘୁନାଥ ଲେଙ୍କା, ହରେକୃଷ୍ଣ ପାଢୀ, କୁଳମଣି ବେହେରା, ଅଜୟ ନାୟକ ଭଳୀ ଆଗ ଧାଡ଼ିର ନେତା ବିଜେପିରେ ସାମିଲ ହେବା ପରେ ବିଜେଡ଼ିକୁ ଟିକିଏ ଝଟକା ଦେଇଛି। କିନ୍ତୁ ରାଜ୍ୟସରକାରଙ୍କ ଜନହିତକର ଯୋଜନାରେ ସେମାନେ ଦଳରୁ ବାହାରି ଗଲେବି କିଛି ପ୍ରଭା ପଡ଼ିବନି ବୋଲି ଦଳୀୟ ମହଲରେ ଯାହା ଆଲୋଚନା ହୁଏ । ପ୍ରକାଶ ଥାଉକି ଗତ ଉପ–ନିର୍ବାଚନ ସମୟରେ ବିଜେଡି ବିଧାୟକ ରାଜେନ୍ଦ୍ର ଦାସଙ୍କୁ ବହିଷ୍କାର କରିବା ପରେ ସେ ବିଜେପିରେ ମିଶିଛନ୍ତି। ବିଜେଡିରୁ କିଛି ଆଗଧାଡ଼ିର ନେତା ବିଜେପିରେ ମିଶିବା ପରେ ବିଜେପି ବି ଟିକିଏ ସୁଦୃଢ ହୋଇଛି । ଅନ୍ୟ ପକ୍ଷରେ ବିଜେଡ଼ି ତୃଣମୂଳ ସ୍ତରରେ ଭୋଟରଙ୍କୁ ଆପଣେଇ ସ୍ଥିତି ମଜଭୁତ କରିବାରେ ଲଗିପଡିଛି । ତେବେ ପୂର୍ବ ଥର ପରି କଂଗ୍ରେସ ଆଉ ବାଡି ହଜାଇବ ନାହିଁ କି ବିକ୍ରି ହେବ ନାହିଁ । ଏଥର କଂଗ୍ରେସ ଜଣେ ଯୁବ ସମାଜସ୍ୱେୀ ରଞ୍ଜନ ବେହେରାକୁ ପ୍ରାର୍ଥୀ କରିଛି । ସେ ପୂର୍ବରୁ ରାଜନୀତିରେ ସକ୍ରିୟ ମଧ୍ୟ ଥିଲେ। ପୂର୍ବ ଅପେକ୍ଷା କଂଗ୍ରେସ ଭଲ ପ୍ରଦର୍ଶନ କରିପାରେ ବୋଲି ରାଜନୈତିକ ପର୍ଯ୍ୟବେକ୍ଷକଙ୍କ ମହଲରେ ଆଲୋଚନା ହେଉଛି। ତେବେ ତିନିଦଳର ନେତା ଓ କର୍ମୀ ମାନେ ଜୀବନ ମୂର୍ଚ୍ଛା ଦିନରାତିକୁ ଏକ କରି ଭୋଟରଙ୍କୁ ନିଜ ସପକ୍ଷରେ ବୁଝାଉଛନ୍ତି।

# ସ୍ତ୍ରୀ, ଝିଅକୁ ମାରିବା ପରେ ନିଜକୁ ଗୁଳି କରି ହତ୍ୟା



ଝାରସୁଗୁଡ଼ା (ସବ୍ୟୁ) : ଝାରସୁଗୁଡ଼ାରେ ଗୋଟିଏ ପରିବାରର ୩ ଜଣ ସଦସ୍ୟଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଛି। ଜଣେ ବ୍ୟକ୍ତି ନିଜ ସ୍ତ୍ରୀ ଓ ଝିଅକୁ ମାରିବା ପରେ ନିଜକୁ ଗୁଳି ଆତ୍ମହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ବଣିପାହାଡ଼ ଲଖନପୁର ଥାନା ଆଦର୍ଶ ବିଦ୍ୟାଳୟ ଖେଳପଡ଼ିଆ ନିକଟରେ ଏହି ଅଭାବନୀୟ ଘଟଣା ଘଟିଛି। ମୃତକମାନେ ବ୍ରଜରାଜନଗରର ଓରିଏଣ୍ଟ ଥାନା କାଳୀନଗରର ଅଞ୍ଚଳର ବୋଲି ଜଣାପଡ଼ିଛି। ମୃତକ ହେଲେ ଓରିଏଣ୍ଟ ଥାନା ଅଞ୍ଚଳର କାଳୀନଗରର ସୁଜିତ ରାୟ, ସ୍ତ୍ରୀ ଖୁସବୁ ରାୟ ଓ ଝିଅ ଅର୍ପିତା ରାୟ। ସମସ୍ତଙ୍କ ମୁଣ୍ଡରେ ଗୁଳି ବାଜିଛି। ଗୁରୁବାର ସକାଳେ ଖେଳପଡ଼ିଆ ଥିବା କାରରୁ ୩ ଜଣଙ୍କ ଗୁଳିବିଦ୍ଧ ଉଦ୍ଧାର କରାଯାଇଥିଲା। କାର୍ ଭିତରେ ୩ ଜଣ ରକ୍ତାକ୍ତ ଅବସ୍ଥାରେ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେଇଥିଲେ। ପୁଲିସ କାର୍ ଡୋର୍ ଲକ୍ ଭାଙ୍ଗି ମୃତଦେହକୁ ଉଦ୍ଧାର କରିଥିଲା।ବ୍ୟକ୍ତି ଜଣଙ୍କ ପ୍ରଥମେ ମା' ଓ ଝିଅକୁ ହତ୍ୟା କରିବା ପରେ ନିଜେ ଆତ୍ମହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। କାହିଁକି ବ୍ୟକ୍ତି ଜଣଙ୍କ ଏପରି କଲେ ତାର କାରଣ ଜଣାପଡ଼ିନାହିଁ। ପୁଲିସ କାର ଓ ବନ୍ଧୁକ ଜବତ କରିବା ସହ ଘଟଣାର ତଦନ୍ତ କରୁଛି।ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ଖୋଳତାଡ ଜାରି ରଖିଛି ।

# ପାଣି ଅଟକାଇଛି ଛତିଶଗଡ : ହୀରାକୁଦ ଜଳଭଣ୍ଡାରକୁ ପ୍ରବେଶ କରୁଛି ୩୩୦ କ୍ୟୁସେକ ଜଳ



ସମ୍ବଲପୁର, (ସବ୍ୟୁ) : ପଡୋଶୀ ଛତିଶଗଡ ମହାନଦୀର ଉପରମୁଣ୍ଡରେ ଏକାଧିକ ବ୍ୟାରେଜ ନିର୍ମାଣ କରିଛି । ଏହାଦ୍ୱାରା ତଳ ମୁଣ୍ଡକୁ ଆସୁଥିବା ପାଣିକୁ ଅଟକାଇ ଦିଆଯାଉଛି । ଫଳରେ ଓଡିଶାରେ ମହାନଦୀ ଶୁଖିଲା ପଡିଛି । ଛତିଶଗଡରେ ବର୍ତ୍ତମାନ ବିଜେପି ଦଳର ସରକାର ରହିଛି ।ସେମାନଙ୍କ ବିରୋଧରେ ପଦେ କଥା କହିବାକୁ ଓଡିଶାର ବିଜେପି ନେତାମାନେ ପଛଘୁଞ୍ଚା ଦେଉଛନ୍ତି ଛ ଅପରପକ୍ଷେ ଓଡିଶାରେ ନିର୍ବାଚନ ବେଳେ ଏହାକୁ ଏକ ପ୍ରସଙ୍ଗ ଭାବେ ବ୍ୟବହାର କରିବାକୁ ଚେଷ୍ଟା କରୁଛନ୍ତି ବୋଲି ବିଜୁ ଜନତା ଦଳର ମୁଖପାତ୍ର ଡ. ଲେନିନ୍ ମହାନ୍ତି କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ମହାନଦୀର ଉପର ମୁଣ୍ଡରୁ ପାଣି ଆସୁନାହିଁ । ମହାନଦୀର ଜଳଧାରା ଶିଖିବାକୁ ବସିଲାଣି । ଛତିଶଗଡର ବିଜେପି ସରକାର ସମସ୍ତ ବ୍ୟାରେଜର ଗେଟ ବନ୍ଦ କରି ମହାନଦୀର ପାଣିକୁ ଅଟକାଇ ରଖି ଦେଇଛି । ଫଳରେ ମହାନଦୀର ଇତିହାସରେ ପ୍ରଥମ ଥର ପାଇଁ ଏଭଳି ଘଟଣା ଘଟିଛି । ମେ ମାସ ପ୍ରଥମ ସପ୍ତାହରୁ ହୀରାକୁଦ ଜଳଭଣ୍ଡାରକୁ ମାତ୍ର ୩୩୦ କ୍ୟୁସେକ୍ ଜଳ ପ୍ରବେଶ କରୁଛି। ଯାହା ସମୁଦ୍ରକୁ ଶଙ୍ଖେ ପାଣି ସଦୃଶ । ବର୍ତ୍ତମାନ ଓଡିଶାର ଚାଷଜମିକୁ ଜଳସେଚନ ଓ ବିଦ୍ୟୁତ ଉତ୍ପାଦନ ପାଇଁ ୧୦ ହଜାର କ୍ୟୁସେକ ଜଳ ପ୍ରବେଶର ନିତାନ୍ତ ଆବଶ୍ୟକତା ରହିଛି । ମାତ୍ର ଉପରମୁଣ୍ଡରେ ଛତିଶଗଡ ସରକାର ମହାନଦୀର ସମସ୍ତ ବ୍ୟାରେଜକୁ ବନ୍ଦ କରି ରଖିଛି । ପରିସ୍ଥିତି ଏମିତି ହେଇଛି ଯେ ମହାନଦୀରେ ଜଳଧାରଟିଏ ଦେଖିବାକୁ ମିଳୁନାହିଁ। ଏପଟେ କିନ୍ତୁ ମହାନଦୀ ପ୍ରସଙ୍ଗରେ ହୀନ ରାଜନୀତି କରି ରାଜ୍ୟ ସରକାରଙ୍କୁ ଦୋଷ ଲଦିବାରେ ଓଡିଶା ଓ ସମ୍ବଲପୁରର ବିଜେପି ନେତା ବ୍ୟସ୍ତ ଅଛନ୍ତି।ପୂର୍ବରୁ ଛତିଶଗଡରେ କଂଗ୍ରେସ ସରକାର ଥିବାବେଳେ ବିଜେପି ଦୋଷ ଲଦୁଥିଲା । ବର୍ତ୍ତମାନ କାହାକୁ ଦୋଷ ଦେବେ ବୋଲି ସେ ପ୍ରଶ୍ନ କରିଛନ୍ତି ।

# ପ୍ରିୟଦର୍ଶୀଙ୍କ ନିର୍ବାଚନ ପ୍ରଚାର



ଭୁବନେଶ୍ୱର (ସବ୍ୟୁ) : ନିର୍ବାଚନ ଯେତିକି ପାଖେଇ ଆସୁଛି ଭୋଟରଙ୍କଠୁ ଆରମ୍ଭ କରି ପ୍ରାର୍ଥୀମାନେ ସେତିକି ତତ୍ପର ହୋଇ ଉଠିଛନ୍ତି । ଭୁବନେଶ୍ୱର ଉତ୍ତର ନିର୍ବାଚନମଣ୍ଡଳୀର ୧୧ନମ୍ବର ୱାର୍ଡର ଝଟଟ ନଗର ହାଟ ଛକ ଠାରେ ଏକ ଚା ଖଟି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏଠାରେ ଉପସ୍ଥିତ ବୁଦ୍ଧିଜୀବୀ ଓ ଯୁବବର୍ଗମଧ୍ୟରେ ରାଜନୀତି ନେଇ ଚର୍ଚ୍ଚା ସରଗମ ଥିଲା । ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ତଥା ବିଜେପି ବିଧାୟକ ପ୍ରାର୍ଥୀ ପ୍ରିୟଦର୍ଶୀ ମିଶ୍ର ଯୋଗଦାନ କରିଥିଲେ ସନ୍ଧ୍ୟା ସମୟରେ ପ୍ରିୟଦର୍ଶୀ ୱାର୍ଡ ନମ୍ବର ୫ ରେ ଏକ ରୋଡ ସୋରେ ନିର୍ବାଚନ ପ୍ରଚାରରେ ଆସି ଚାକେଇସିଆନି ଅଞ୍ଚଳରେ ପ୍ରଚାର କରିଥିଲେ । ରାଜ୍ୟର ବିକାଶ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମୋଦି ଗ୍ୟାରେଣ୍ଟି ପାଇଁ ଯୋଡି ପଦ୍ମ ଫୁଲରେ ମୋହର ମାରିବା ପାଇଁ ଉଭୟ ସାଂସଦ ଓ ବିଧାୟକ ପ୍ରାର୍ଥୀ ଜନସାଧାରଣଙ୍କୁ ନିବେଦନ କରିଥିଲେ । ବିଜେପି ମଣ୍ଡଳ ସଭାପତି ବିଜୟ ରାଉତ ଶେଷ ଦେବ, ନେତୃତ୍ୱରେ ଆୟୋଜିତ ନିର୍ବାଚନ ସଭାରେ ନାରୀ ନେତ୍ରୀ ରଶ୍ମି ରେଖା ଜେନା, ଆଲୋକ ପାଣିଗ୍ରାହୀ, ସ୍ୱାକ୍ଷର ମହାନ୍ତି ସମେତ ବହୁ ବିଜେପି କର୍ମୀମାନେ ଉପସ୍ଥିତ ଥିଲେ ।

# ଓଳା ମହାବୀର ମନ୍ଦିର ବାର୍ଷିକ ପ୍ରତିଷ୍ଠା ଉତ୍ସବ

ଭଣ୍ଡାରିପୋଖରୀ (ସବ୍ୟୁ) : ଭଣ୍ଡାରିପୋଖରୀ ବ୍ଲକ ତେସିଙ୍ଗା ପଞ୍ଚାୟତ ଅନ୍ତର୍ଗତ ଓଳାଠାରେ ମହାବୀର ହନୁମାନଙ୍କ ମନ୍ଦିରର ଦ୍ୱାଦଶ ବାର୍ଷିକ ପ୍ରତିଷ୍ଠା ଉତ୍ସବ ବୁଧବାର ଦିନ ଅନୁଷ୍ଠିତ ହୋଇଯାଇଛି। ଘଟ ଉତ୍ତୋଳନ, ଅଂକୁରାରୋପଣ, ସୂର୍ଯ୍ୟ ପୂଜା ସହ ପୂଜକ ସୁଶାନ୍ତ ପଣ୍ଡା, ଗୟାଧର ପଣ୍ଡା, ବିଶ୍ୱଜିତ ପାଣ୍ଡ ଓ ଦୀପକ ପଣ୍ଡା ବିଧି ଅନୁଯାୟୀ ମହାବୀର ହନୁମାନଙ୍କୁ ପୂଜାର୍ଚ୍ଚନା କରିଥିଲେ। ପ୍ରଦୀପ କୁମାର ସାହୁ ଓ ପ୍ରଭାରାଣୀ ସାହୁ କର୍ତ୍ତା ଦାୟିତ୍ୱ ସମ୍ପାଦନ କରିଥିଲେ। ଏହି ଅବସରରେ ଆଖପାଖ ଅଞ୍ଚଳର ବହୁ ସଂଖ୍ୟକ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ଶ୍ୟାମସୁନ୍ଦର ପାତ୍ର,ଅକ୍ଷୟ ପାତ୍ର, ମାୟାଧର ସାହୁ, ଧର୍ମାନନ୍ଦ ସାହୁ, ଅମୂଲ୍ୟ ନିଧି ବେହେରା, ଶରତ ସାହୁ, ମନୋଜ ବେହେରା, ପ୍ରତାପ କୁମାର ସାହୁ, ପଙ୍କଜ ବେହେରା, ସନ୍ତୋଷ ପାତ୍ର, ପ୍ରଦୀପ ଷେଣ୍ଠ ପ୍ରମୁଖ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।


(କମ୍ପାନୀ ଆଇନ ୨୦୧୩ର ସେକ୍ସନ ୨୩୦ ଏବଂ ୨୩୨ ଅନୁଯାୟୀ ପଢ଼ାହେବାକୁ ଥିବା କମ୍ପାନୀର ରୁଲ୍ ୧୬ (୧) (ଆପୋଷ ବୁଝାମଣା, ବ୍ୟବସ୍ଥାଗତ ଆଲୋଚନା ଏବଂ ମିଶ୍ରଣ) (ରୁଲ୍ ୨୦୧୬)ନେସ୍‌ନାଲ କମ୍ପାନୀ ଲ ଟ୍ରିବ୍ୟୁନାଲ, କଟକ, କଟକ ବେଞ୍ଚ, କଟକଙ୍କ ନିକଟରେ ସିପି (ସିଏଏ) ନଂ. ୩/ସିବି/୨୦୨୪ ସଂଯୁକ୍ତ ସିଏ (ସିଏଏ) ନଂ. ୧୭/ସିବି/୨୦୨୪

ବିଷୟରେ :
କମ୍ପାନୀ ଆଇନ ୨୦୧୩
–ଏବଂ–

ବିଷୟରେ :
କମ୍ପାନୀ ଆଇନ ୨୦୧୩ର ସେକ୍ସନ ୨୩୦ ଏବଂ ସେକ୍ସନ ୨୩୨ ଅନୁଯାୟୀ ଦାଖଲ ହୋଇଥିବା ପିଟିସନ୍
–ଏବଂ–

ବିଷୟରେ :
କଳିଙ୍ଗ ବେକେରୀ ପ୍ରାଇଭେଟ୍ ଲିମିଟେଡ୍ (ଯାହାର ସିଆଇଏନ୍ : ୟୁ ୧୫୪୧୯ ଓଆର ୧୯୯୬ ପିଟିସି ୦୦୪୩୫୦) କମ୍ପାନୀ ଆଇନ ୨୦୧୩ର ବ୍ୟବସ୍ଥା ବଳରେ ସାମିଲ ହୋଇଥିବା ଏହି କମ୍ପାନୀ ଯାହର କି ପଞ୍ଜିକୃତ କାର୍ଯ୍ୟାଳୟ ଏ–୧୪୩, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଜୋନ୍–ଏ, ଭୁବନେଶ୍ୱର, ଓଡ଼ିଶା–୭୫୧୦୧୦ରେ ଅବସ୍ଥିତ ।
... ଟ୍ରାନ୍ସଫେରର୍ କମ୍ପାନୀ ନଂ–୧
–ଏବଂ–

ବିଷୟରେ :
ତେରାଇ ଫୁଡ୍‌ସ ପ୍ରାଇଭେଟ୍ ଲିମିଟେଡ୍ (ଯାହର ସିଆଇଏନ୍ : ୟୁ ୧୫୩୧୭ ଡବ୍ଲୁବି ୧୯୯୭ ପିଟିସି ୦୮୪୭୭୪), କମ୍ପାନୀ ଆଇନ ୨୦୧୩ ବଳରେ କମ୍ପାନୀ ଭାବେ ସାମିଲ୍ । ଯାହାର ପଞ୍ଜିକୃତ କାର୍ଯ୍ୟାଳୟ ପ୍ଲଟ ନଂ. ଏକ୍ସ–୫୩ ଓ ୩୬, ରାଣୀନଗର ଗ୍ରୋଥ୍ ସେଣ୍ଟର, ଜଲପାଇଗୁଡି, ପଶ୍ଚିମବଙ୍ଗ–୭୩୫୧୩୩ରେ ଅବସ୍ଥିତ ।
...ଟ୍ରାନ୍ସଫେରର କମ୍ପାନୀ ନଂ.୨
–ଏବଂ–

ବିଷୟରେ :
ସୁଇଜ୍ ଫୁଡ୍‌ସ ପ୍ରାଇଭେଟ୍ ଲିମିଟେଡ୍ (ଯାହର ସିଆଇଏନ : ୟୁ ୫୨୧୧୦ ଡବ୍ଲୁବି ୧୯୯୧ ପିଟିସି ୦୫୧୬୨୬ (କମ୍ପାନୀ ଆଇନ୍ ୧୯୫୬ ବଳରେ କମ୍ପାନୀ ଭାବେ ସାମିଲ୍ ହୋଇଛି ଯାହାର କି ପଞ୍ଜିକୃତ କାର୍ଯ୍ୟାଳୟ ପି–୩୬ ଓ ୪୧ କସବା ଶିଳ୍ପାଞ୍ଚଳ, ଇଏମ୍ ବାଇପାସ୍, କୋଲକାତା–୭୦୦୧୦୭ରେ ଅବସ୍ଥିତ ।
... ଟ୍ରାନ୍ସଫେରି କମ୍ପାନୀ
–ଏବଂ–

ବିଷୟରେ : ୧. କଳିଙ୍ଗ ବେକେରୀ ପ୍ରାଇଭେଟ୍ ଲିମିଟେଡ୍
ଆବେଦନକାରୀ କମ୍ପାନୀ

**ପିଟିସନ ଉପରେ ଶୁଣାଣି ତାରିଖ ପାଇଁ ବିଜ୍ଞପ୍ତି**

ଏତଦ୍ୱାରା ବିଜ୍ଞପ୍ତି ଆକାରରେ ଜଣାଇ ଦିଆଯାଉଅଛି ଯେ, ସୁଇଜ୍ ଫୁଡ୍‌ସ ପ୍ରାଇଭେଟ୍ ଲିମିଟେଡ୍ (ଟ୍ରାନ୍ସଫେରୀ କମ୍ପାନୀ) ସହିତ କଳିଙ୍ଗ ବେକେରୀ ପ୍ରାଇଭେଟ୍ ଲିମିଟେଡ୍ (ଟ୍ରାନ୍ସଫେରର କମ୍ପାନୀ ନଂ. ୧/ପିଟିସନର କମ୍ପାନୀ) ର କମ୍ପାନୀ ପିଟିସନ୍ ଯାହାର ସିପି (ସିଏଏ) ନଂ. ୩/ସିବି/୨୦୨୪ ଅନୁଯାୟୀ ଏବଂ ତେରାଇ ଫୁଡ୍‌ସ ପ୍ରାଇଭେଟ୍ ଲିମିଟେଡ୍ (ଟ୍ରାନ୍ସଫେରର କମ୍ପାନୀ ନଂ.୨)ର ମିଶ୍ରଣ ଅନୁମୋଦନ ପାଇଁ ପିଟିସନ ମାନ୍ୟବର ନେସନାଲ କମ୍ପାନୀ ଲ ଟ୍ରିବ୍ୟୁନାଲ କଟକ ବେଞ୍ଚ (ମାନ୍ୟବର ଟ୍ରିବ୍ୟୁନାଲଙ୍କ ଦ୍ୱାରା ୧୭ ଏପ୍ରିଲ ୨୦୨୪ରେ ପିଟିସନ ଗ୍ରହଣ କରାଯାଇଛି ଏବଂ ପରବର୍ତ୍ତୀ ଶୁଣାଣି ତାରିଖ ୧୨ ଜୁନ୍ ୨୦୨୪ରେ କରାଯିବ ବୋଲି ଦିନ ଧାର୍ଯ୍ୟ ହୋଇଛି ।

କୌଣସି ବ୍ୟକ୍ତି ଯେ କି ଶୁଣାଣି ସମୟରେ କଥିତ କମ୍ପାନୀ ପିଟିସନକୁ ସମର୍ଥନ କରିବା ଅଥବା ବିରୋଧ କରୁଥିଲେ କଥିତ ବ୍ୟକ୍ତି କିମ୍ବା ତାଙ୍କର ଆଡ୍‌ଭୋକେଟ୍‌ଙ୍କ ଦ୍ୱାରା ସ୍ୱାକ୍ଷର ହୋଇଥିବା ନୋଟିସ୍ ପଠାଇବା ଉଚିତ୍ ଯାହା ସହିତ ନିମ୍ନ ସ୍ୱାକ୍ଷରକାରୀ ଆବେଦନକାରୀ କମ୍ପାନୀର ଆଡ୍‌ଭୋକେଟ୍‌ଙ୍କ ନାମ ଓ ଠିକଣା ଉଲ୍ଲେଖ ଥାଇ କମ୍ପାନୀ ପିଟିସନ ଯଥା : ୧୨ ଜୁନ୍ ୨୦୨୪ ତାରିଖ ଶୁଣାଣିର ଧାର୍ଯ୍ୟ ତାରିଖ ପୂର୍ବରୁ ପହଞ୍ଚିଥିବ । ଯେଉଁଠାରେ କୌଣସି ବ୍ୟକ୍ତି କମ୍ପାନୀ ପିଟିସନକୁ ବିରୋଧ କରିବାକୁ ଚାହୁଁଥାନ୍ତି ତେବେ ଉକ୍ତ ବ୍ୟକ୍ତି ବିରୋଧ କରିବାର କାରଣ କିମ୍ବା ତତ୍ ସଂକ୍ରାନ୍ତ ସତ୍ୟପାଠ ଉପସ୍ଥିତ ନୋଟିସ୍ ସହିତ ସଂଯୁକ୍ତ କରି ପଠାଇବେ । କମ୍ପାନୀ ପିଟିସନର ଏକକିତା ନକଲ କମ୍ପାନୀ ପିଟିସନକୁ ସମର୍ଥନ କରୁଥିବା କିମ୍ବା ବିରୋଧ କରୁଥିବା ବ୍ୟକ୍ତିଙ୍କୁ ଦିଆଯିବ ଅତଏବ ସେଥିଲାଗି ଦେୟ ପୈଠ କରିବାକୁ ହେବ ।

ସ୍ୱା/–
ସ୍ୱାତୀ ଡାଲମିଆ, ଆଡ୍‌ଭୋକେଟ୍
ମାର୍ଫତ୍ ଫକ୍ସ ମଣ୍ଡଳ ଆଣ୍ଡ ଆସୋସିଏଟସ୍ ଏଲ୍‌ଏଲପି
ସଲିସିଟର୍ସ ଆଣ୍ଡ ଆଡଭୋକେଟସ୍
୬, ଚର୍ଚ୍ଚ ଲେନ୍, କୋଲକାତା–୭୦୦୦୦୧
ଟେଲିଫୋନ୍ : ୯୧ ୩୩ ୪୦୦୫ ୬୦୦୦
ତାରିଖ : ୦୯.୦୫.୨୦୨୪



**AFFIDAVIT**

By virtue of an affidavit sworn before the Notary Public Berhampur, Dist- Ganjam, on dated 07.09.1999. I Jangyaseni Kar, W/o- Sri Debendra Kumar Tripathy aged (26), Resident At- Medical Bank Colony, Berhampur-4, Ps- B.N. pur, Dist- Ganjam, Declare that i have changed my name from Jangyaseni Kar to Jangyaseni Tripathy. Henceforth, I shall be known as Jangyaseni Tripathy for all purposes.
**Sd/- Jangyaseni Tripathy**


# ନିର୍ବାଚନ ମଣ୍ଡଳୀସ୍ତରୀୟ ଯୁବ କର୍ମୀସମ୍ମିଳନୀ

ସିମୁଳିଆ,(ସବ୍ୟୁ) :ସିମୁଳିଆରେ ବିଜୁ ଜନତା ଦଳ ପକ୍ଷରୁ ଯୁବ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ସୂଚନାରୁ ପ୍ରକାଶ ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକ ୧୬ନଂ ଜାତୀୟ ରାଜପଥ ଅନ୍ତର୍ଗତ ମା କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ବିଜୁ ଜନତା ଦଳର ନିର୍ବାଚନ ମଣ୍ଡଳୀ ସ୍ତରୀୟ ଯୁବ କର୍ମୀ ସମ୍ମିଳନୀରେ ସିମୁଳିଆ ନିର୍ବାଚନ ମଣ୍ଡଳୀର ବିଜୁ ଜନତା ଦଳର ବିଧାୟକ ପ୍ରାର୍ଥୀନୀ ସୁବାସିନୀ ସାହୁ ଯୋଗଦେଇ ପ୍ରବାଦ ପୁରୁଷ ବିଜୁବାବୁଙ୍କ ଫଟୋଚିତ୍ରରେ ପୁଷ୍ପଗୁଚ୍ଛ ପ୍ରଦାନପରେ ପ୍ରଦୀପ ପ୍ରଜ୍ୱଳନ କରି ଶୁଭ ଉଦ୍ଘାଟନ କରିଥିଲେ । ଏହି ଅବସରରେ ଯୁବ କର୍ମୀମାନଙ୍କୁ ଉତ୍ସାହିତ କରିବା ସହ ନିର୍ବାଚନୀ କାର୍ଯ୍ୟପନ୍ଥା ସଂପର୍କରେ ଆଲୋଚନା କରିଥିଲେ । ଏଥି ସହିତ ଯୁବକମାନଙ୍କ ନିମନ୍ତେ ମୁଁ ତୁମ ମା ଭଳିଆ ସବୁ ସମୟରେ ମୋ ଦ୍ୱାର ଖୋଲା ରହିଛି ସାହାର୍ଯ୍ୟ ସହାୟତା ଯୋଗାଇ ଦେବାକୁ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ । ସିମୁଳିଆ ନିର୍ବାଚନ ମଣ୍ଡଳୀର ବିଜୁ ଯୁବ ସଭାପତି ଗଦାଧର ଜେନାଙ୍କ ସଭାପତିତ୍ୱରେ ଅନ୍ୟତମ ଅତିଥିଭାବେ ସମାଜସେବୀ ଶଶୀ କୁମାର ସାହୁ,ଜିଲ୍ଲା ବିଜୁ ଯୁବ ସଭାପତି ତାପସ ପରିଡା,ଜିଲ୍ଲା ସଂପାଦକ ଶୁଭେନ୍ଦୁ ସ୍ୱାଇଁ,ଜିଲ୍ଲା ଉପସଭାପତି ଭୂପେନ ଦାସ,ବାଲେଶ୍ୱର–ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କର ଜିଲ୍ଲା ସଭାପତି ଗଣେଷ ପ୍ରସାଦ ମହାପାତ୍ର,ପୂର୍ବତନ ବ୍ଲକ ଅଧ୍ୟକ୍ଷ ଗୌରାଙ୍ଗ ପତ୍ରୀ,ଖଇରା ବ୍ଲକ ଯୁବ ସଭାପତି ରାଜେନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ମାଧ୍ୟମରେ ଯୁବକର୍ମୀଙ୍କୁ ଆହ୍ୱାନ ଦେଇଥିଲେ । ଏହି ମଞ୍ଚରେ ଅନ୍ୟ ଦଳର କର୍ମୀମାନେ ବିଜୁ ଜବତା ଦଳରେ ସାମିଲ ହୋଇଥିଲେ । ଦଳ ପକ୍ଷରୁ ପୁଷ୍ପଗୁଚ୍ଛ ଓ ଦଳୀୟ ଉତ୍ତରୀୟ ଦେଇ ଦଳ ପକ୍ଷରୁ ସ୍ୱାଗତ କରାଯାଇଥିଲା । କାଞ୍ଚପଡା ପଞ୍ଚାୟତ ଯୁବ ସଭାପତି ହୃଷିକେଶ ପଣ୍ଡା ଅତିଥି ପରିଚୟ ଦେବା ସହ ମଞ୍ଚ ପରିଚାଳନା କରିଥିଲେ ।


**AFFIDAVIT**

By virtue of an affidavit sworn before the Executive Magistrate Pipili dated 24.01.24. My name is Manjulata Pradhan, D/o- Dwijabar Pradhan, At-Khandi Mangalpur, P.S : Delanga, Dist- Puri in Educational Certificate Policy No. 58769773 dt. 24.8.2010. Now I want no change my name from Manjulata Pradhan to Rubi Patasani as per my husband's title and all my documents Aadhaar Card, Voter Card name has been change Rubi Patasani, aged. 35 Years W/o- Kahnu Charan Patasani, Village-Kerundei, P.O- Sadangoi, P.S : Delanga, Dist-Puri here by solemnly affirm and state as follows. Henceforth I shall be known as Rubi Patasani for all purposes.
**Sd/- Rubi Patasani**


# ସାମାଜିକ ଗଣମାଧ୍ୟମରେ ପ୍ରାର୍ଥୀଙ୍କ ପ୍ରଚାର ଜୋରଦାର

ଖଣ୍ଡପଡା,(ସବ୍ୟୁ): ଖଣ୍ଡପଡ଼ା ବିଧାନସଭା କ୍ଷେତ୍ର ନିମନ୍ତେ ୧୦ ଜଣ ବିଧାୟକ ପ୍ରାର୍ଥୀ ନିର୍ବାଚନରେପ୍ରତିଦ୍ୱନ୍ଦିତା କରୁଥିବା ଜଣାପଡିଛି । ପ୍ରାର୍ଥୀ/ପ୍ରାର୍ଥୀନିମାନଙ୍କ ମଧ୍ୟରୁ ଅଧିକାଂଶ ପ୍ରାର୍ଥୀସାମାଜିକ ଗଣମାଧମକୁ ଆୟୁଧ କରି ପ୍ରଚାର କାର୍ଯ୍ୟକୁ ଜୋରଦାର କରିଥିବା ଜଣାଯାଇଛି ।ଚଳିତ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ବିକାଶର ନାରା ଦେଇ ସମସ୍ତ ପ୍ରାର୍ଥୀମାନେ ସାମାଜିକଗଣମାଧମରେ ନିର୍ବାଚନୀ ମୁଦ୍ଦା ପ୍ରକାଶ କରିଥିବା ଜଣାପଡିଛି । ଡିଜିଟାଲ ଯୁଗରେସାମାଜିକ ଗଣମାଧମରେ ପ୍ରାର୍ଥୀ/ ପ୍ରାର୍ଥୀନିଙ୍କ ପ୍ରଚାର ଶୈଳୀ ନୂତନ ମତଦାତା, ଯୁବପିଢୀ ଓବୁଦ୍ଧିଜୀବି ମହଲରେ ବେଶ ଆଦୃତ ହେଉଥିବା ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି ।

| ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର | |
|---|---|
| | ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧ । |





ବ୍ରହ୍ମପୁର, ଆସ୍କା ଓ କନ୍ଧମାଳ ନିର୍ବାଚନମଣ୍ଡଳୀରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ବିଜେଡ଼ି ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ମାରାଥନ୍ ପ୍ରଚାର

## ଖଣ୍ଡପଡା, ପାରାଦ୍ୱୀପ, କଟକ, ସାଲେପୁର
# ନିର୍ବାଚନମଣ୍ଡଳୀର ବିଜେଡିର ଶତାଧିକ ନେତା ଓ କର୍ମୀ ବିଜେପିରେ ସାମିଲ

ଭୁବନେଶ୍ୱର (ସବ୍ୟୁ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କୁ ତୃତୀୟ ଥର ପ୍ରଧାନମନ୍ତ୍ରୀ କରିବାର ସଂକଳ୍ପ ନେଇ ଆଜିକୁ ୮ମାସ ଧରି ପ୍ରତ୍ୟେକ ଦିନ ବିଭିନ୍ନ ଦଳରୁ ନେତା, ମନ୍ତ୍ରୀ, ସାଂସଦ ଓ କାର୍ଯ୍ୟକର୍ତାମାନେ ବିଜେପିରେ ଯୋଗ ଦେଇଛନ୍ତି । ସେହିପରି ଓଡ଼ିଶାରେ ଚାଲିଥିବା ଅଣଓଡ଼ିଆ ଶାସନକୁ ସମୂଳେ ଧ୍ୱଂସ କରି ବିଜେପି ସରକାର ଗଠନ କରିବା ଓଡ଼ିଶାବାସୀଙ୍କ ଲକ୍ଷ୍ୟ। ବିଜେଡି ୨୫ବର୍ଷ ଧରି ଅନ୍ୟାୟ, ଅନିତି, ଦୁର୍ନୀତି, ଭ୍ରଷ୍ଟାଚାର ଚଳାଇଛି, ବ୍ୟଭିଚାରି ଶାସନକୁ ହଟାଇବା ପାଇଁ ଓଡ଼ିଶାର ଲୋକେ ସଚେତନ ହୋଇଛନ୍ତି । ୨୫ବର୍ଷରେ ନବୀନ ଯାହା କରିନି ୫ବର୍ଷ ବିଜେପିକୁ ସରକାର ଆସିଲେ ତାହା କରିଦେଖାଇବ।

ଆଜି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ଖଣ୍ଡପଡା, ପାରାଦ୍ୱୀପ, କଟକ, ସାଲେପୁର ନିର୍ବାଚନ ମଣ୍ଡଳୀର ବିଜେଡିର ଶତାଧିକ ନେତା ଓ କର୍ମୀ ବିଜେପିରେ ଯୋଗ ଦେଇଛନ୍ତି । ନୟାଗଡ ଜିଲ୍ଲା ବିଜେଡି ଉପସଭାପତି ଗୟାଧର ପରିଡା ନିଜ ସମର୍ଥକଙ୍କ ସହ ବିଜେପିରେ ଯୋଗ ଦେଇଛନ୍ତି । ଶ୍ରୀ ପରିଡାଙ୍କ ସମେତ ଭାପୁର ବ୍ଲକ ପୂର୍ବତନ ସଭାପତି ଜିତେନ୍ଦ୍ର କୁମାର ରଣସିଂହ, କେନ୍ଦୁପଲ୍ଲୀ ଗ୍ରାମ ପଂଚାୟତ ସରପଂଚ ତାରେଶ୍ୱର ମାଝୀ, ସମିତିସଭ୍ୟ ଦିପକ କୁମାର ଜେନା, ସରପଂଚ ସନ୍ତୋଷ କୁମାର ପଣ୍ଡା, ନିରୁପମା ମହାରଣା, ମୁଳତା ସେଠୀ, ସୁରେଖା ସାହୁ, ସୁଭଦ୍ରା ବେହେରା, ବିଜୟ କୁମାର କର, ନିବେଦିତା ସ୍ୱାଇଁ, ତୋଫାନ ପ୍ରଧାନ ପ୍ରମୁଖ ଆନୁଷ୍ଠାନିକଭାବେ ବିଜେପିରେ ସାମିଲ ହୋଇଛନ୍ତି ।



ସେହିପରି ପାରାଦୀପ ନିର୍ବାଚନ ମଣ୍ଡଳୀର କୁଜଙ୍ଗ ବ୍ଲକ ସରପଂଚ ରୋହିତ କୁମାର ଜେନା ନିଜ ସମର୍ଥକଙ୍କ ସହ ବିଜେପିରେ ଯୋଗ ଦେଇଛନ୍ତି । ଶ୍ରୀ ଜେନାଙ୍କ ସହ ସରୋଜ କୁମାର ସେଠୀ, ଜ୍ଞାନଦୀପ ପଟ୍ଟନାୟକ, ଲୋକନାଥ ନାୟକ, ଗଗନବିହାରୀ ରାଉତ ପ୍ରମୁଖ ବିଜେପିରେ ଯୋଗ ଦେଲେ। କଟକ ନିର୍ବାଚନ ମଣ୍ଡଳୀର ଓଡ଼ିଶା ସୁରକ୍ଷା ସେନା ସଭାପତି ଅଭିଶେକ ଯୋଶୀ, ରାଜ୍ୟ ସାଧାରଣ ସମ୍ପାଦକ ସବ୍ୟସଚୀ ଶତପଥୀ, ରାଜେଶ ପାତ୍ର, ଅଶ୍ୱିନୀ କୁମାର ଦାସ, ଅନୁରାଧା ଦାସ ଓ ସତ୍ୟନାରାୟଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସାଲେପୁର ନିର୍ବାଚନ ମଣ୍ଡଳୀର ଲୋକସେବା ଫାଉଣ୍ଡେସନ ସଭାପତି ହିମାଂଶୁ କୁମାର ମହାନ୍ତି, ପୂର୍ବତନ ସରପଂଚ ଧ୍ରୁବ ଚରଣ ମହାନ୍ତି, ପ୍ରତାପ ବିଶ୍ୱାଳ ଓ ତାପସ କୁମାର ସାହୁ ପ୍ରମୁଖ ବିଜେପିରେ ଯୋଗ ଦେଇଛନ୍ତି । ଏହି ମିଶ୍ରଣ ପର୍ବରେ ପରିବେଶ, ଜଙ୍ଗଲ ମନ୍ତ୍ରୀ ଭୂପିନ୍ଦର ଯାଦବ, କଟକ ସାଂସଦ ପ୍ରାର୍ଥୀ ଭର୍ତ୍ତୃହରି ମହତାବ, ରାଜ୍ୟ ସାଧାରଣ ସମ୍ପାଦକ ଯତୀନ ମହାନ୍ତି, ରାଜ୍ୟ ମୁଖ୍ୟ ମୁଖପାତ୍ର ସଜ୍ଜନ ଶର୍ମା, ସାଲେପୁର ବିଧାୟକ ପ୍ରାର୍ଥୀ ଅରିନ୍ଦମ ରାୟ ପ୍ରମୁଖ ନୂତନ ସଦସ୍ୟଙ୍କୁ ଉତୀରୀୟ ପିନ୍ଧାଇ ସ୍ୱାଗତ କରିଥିଲେ।

**ନୟାଗଡ ଜିଲ୍ଲା ବିଜେଡି ଉପସଭାପତି ଗୟାଧର ପରିଡା, କୁଜଙ୍ଗର ରୋହିତ ଜେନା ବି ସାମିଲ**

## ଅଗ୍ନି ବିପିନ୍ନଙ୍କ ସହାୟତା

କେନ୍ଦ୍ରାପଡ଼ା (ସବ୍ୟୁ): କେନ୍ଦ୍ରାପଡା ବ୍ଲକ ଗାଙ୍ଗପଡା ପଂଚାୟତ ର ଅଶୋକ ଜେନା ଙ୍କର ୩ ବଖରା ଚାଳଘର ପୋଡି ପାଉଁଶ ହୋଇ ଯାଇଥିଲା । ଖବରପାଇ ମହାକାଳପଡା ର ଝିଅ ତଥା କଟକର ବୋହୂ ସ୍ଥାନୀୟ ମହିଳା ସମାଜ ସେବିକା ପ୍ରଜ୍ଞା ପରମିତା ପ୍ରଧାନ ସ୍ଥାନୀୟ ସମାଜସେବୀ ରନ କୁମାର ସାହୁଙ୍କ ମାଧ୍ୟମରେ ଅଗ୍ନି ବିପିନ୍ନ ପରିବାର କୁ ସୁଖିଲା ଖାଦ୍ୟ, ପିଲାଙ୍କର ଡ୍ରେସ୍, ମହିଳାଙ୍କ ପାଇଁ ଶାଢୀ ଏବଂ ପିଲାଙ୍କର ପାଠ ପଢିବା ପାଇଁ ଖାତା, କଲମ. ଇହି ଆଦି ପ୍ରଦାନ କରିଛନ୍ତି । ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ଚତୁଃଭୁଜ ମଲିକ ପ୍ରମୁଖ ସ୍ଥାନୀୟ ଲୋକ ଉପସ୍ଥିତ ଥିଲେ ।

## ବାଜା, ବାଣ, ଶଙ୍ଖନାଦରେ ନିର୍ବାଚନୀ ଇସ୍ତାହାରକୁ ସ୍ୱାଗତ କଲା ଚୌଦ୍ୱାର କଟକ ବିଜେଡି

କଟକ, (ସ୍ୱପ୍ର): ଆସନ୍ତା ନିର୍ବାଚନ ପ୍ରରିପ୍ରେକ୍ଷୀରେ ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ଶଙ୍ଖ ଭବନରେ ବିଜେଡି ନିର୍ବାଚନୀ ଇସ୍ତାହାର ଘୋଷଣା କରିଛନ୍ତି । ଏହି ଅବସରରେ ଚୌଦ୍ୱାର କଟକ ପୂର୍ବତନ ବିଧାୟକ ଡ଼ଃ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ସଂଯୋଜନାରେ ମହାନଦୀବିହାର ବିଜୁବାବୁଙ୍କ ପ୍ରତିମୂର୍ତ୍ତି ନିକଟରେ ଦଳୀୟ କର୍ମକର୍ତ୍ତାଙ୍କ ଗହଣରେ ଶଙ୍ଖ ଫୁଙ୍କି, ବାଜା ବଜାଇ, ବାଣ ଫୁଟାଇ, ମିଠା ଖୁଆଇ ନିର୍ବାଚନୀ ଇସ୍ତାହାରକୁ ସ୍ୱାଗତ କରି ଖୁସି ମନାଇଥିଲେ ଚୌଦ୍ୱାର-କଟକ ବିଜେଡି କାର୍ଯ୍ୟକର୍ତ୍ତା । ମୁଖ୍ୟମନ୍ତ୍ରୀଙ୍କ ଫଟୋ ଓ ଏଲଇଡି ବ୍ୟାନରକୁ ନେଇ କର୍ମୀଙ୍କ ସହ ଅଞ୍ଚଳ ପରିକ୍ରମା କରି ଓଡ଼ିଶାର ପ୍ରଗତି ପାଇଁ ଆସନ୍ତା ୨୫ରେ ଲୋକସଭା ଓ ବିଧାନସଭା ପ୍ରାର୍ଥୀଙ୍କ ପାଇଁ ଯୋଡ଼ି ସଂଖ୍ୟାରେ ବହୁ ମାତ୍ରାରେ ମତଦାନ



କରିବା ପାଇଁ ପୂର୍ବତନ ବିଧାୟକ ଡ଼ଃ ବିଶ୍ୱାଳ ଜନସାଧାରଣଙ୍କୁ ନିବେଦନ କରିଥିଲେ । ଏହି କାର୍ଯ୍ୟକ୍ରମରେ ନଗର କମିଟି କାର୍ଯ୍ୟକାରୀ ସଭାପତି ଇଂ ସୁବ୍ରତ ଘଡାଇ, ତାପସ ମହାନ୍ତି, ରାଜେନ୍ଦ୍ର ରଣା, ସମାଜସେବୀ ସଞ୍ଜୟ ଜେନା, ରଞ୍ଜିତା କାହାଳୀ, ପୁଷ୍ପଲତା ସାହୁ, ଜିଲ୍ଲା ଯୁବସଭାପତିସ୍ମିତିରଞ୍ଜନନାୟକ, ଅଶୋକ ମିଶ୍ର, ଅଚ୍ୟୁତ ଘୋଷ, ରାହୁଲ ସେନାପତି, ବିଶ୍ୱରଂଜନ ମହାନ୍ତି, ଚନ୍ଦନ ବେହେରାଙ୍କ ସମେତ ବହୁମୂରବୀ, ମହିଳା, ଯୁବ ଓ ଛାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ରେଢାଖୋଲରେ ଧର୍ମେନ୍ଦ୍ରଙ୍କ ଡୋର୍ ଟୁ ଡୋର୍ କ୍ୟାମ୍ପେନ
# ବିଜେପି ସରକାରରେ ଓଡ଼ିଶା ହେବ ଏକ ନମ୍ବର

ଭୁବନେଶ୍ୱର (ସବ୍ୟୁ): ଓଡ଼ିଶାର ଲୋକମାନେ ୨୪ ବର୍ଷ ହେଲା ବିଜେଡିକୁ ଦାୟିତ୍ୱ ଦେଇଛନ୍ତି । ୫ ବର୍ଷ ବିଜେପିକୁ ଦିଅନ୍ତୁ । ଆମେ ଆମ ରାଜ୍ୟକୁ ଏକ ନମ୍ବର ରାଜ୍ୟରେ ପରିଣତ କରିବୁ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗୁରୁବାର ସମ୍ବଲପୁର ଲୋକସଭା ଏବଂ ରେଢାଖୋଲ ବିଧାନସଭା ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍ଥାନରେ ଡୋର୍ ଟୁ ଡୋର୍ କ୍ୟାମ୍ପେନ ସହ ଶୋଭାଯାତ୍ରା ଏବଂ ନିର୍ବାଚନୀ ସଭାରେ ଯୋଗଦେଇ କହିଛନ୍ତି ।

କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଗୁରୁବାର ଯୁଯୁମୁରା ବ୍ଲକର ଗମ୍ଭାରିପଙ୍କରେ ବିଧାୟକ ପ୍ରାର୍ଥୀ ଦେବେନ୍ଦ୍ର ମହାପାତ୍ରଙ୍କ ସହ ଘର ଘର ବୁଲି ପ୍ରଚାର କରିଥିଲେ । ଅନୁରୂପ ଭାବରେ ସେରସୁଆଁତଲ, କୁକୁଡାପାଲି, ଗିରିପାଲି, କବରାପାଲି, ପାଣିଗ୍ରାହୀପାଲି, ସାପଲହରା ଓ ନାକଟିଦେଉଳ ସମେତ ବିଭିନ୍ନ ଅଞ୍ଚଳରେ ବିଜେପି ପାଇଁ ସମର୍ଥନ ଭିକ୍ଷା କରିଥିଲେ । ମୋଦୀ ଗ୍ୟାରେଣ୍ଟି କାର୍ଡ ଏବଂ ବିଜେପି ଗ୍ୟାରେଣ୍ଟିର ସଂକଳ୍ପ ପତ୍ର ବିତରଣ କରିଥିଲେ କେନ୍ଦ୍ରମନ୍ତ୍ରୀ । ସେରସୁଆଁତଲ ଓ କିସିଣ୍ଡାରେ ବିଶାଳ ବାଇକ ରାଲିରେ ଯୋଗଦେବା ସହ କୁବରାପାଲି ଓ ସରପାଲିରେ ଆୟୋଜିତ ନିର୍ବାଚନୀ ସଭାରେ ଯୋଗ ଦେଇଥିଲେ । ଏହି ଅବସରରେ



କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ଦୀର୍ଘ ୨୪ ବର୍ଷ ହେବ ଓଡ଼ିଶାବାସୀଙ୍କୁ ଅନେକ ସ୍ୱପ୍ନ ଦେଖାଇ ଆସୁଛନ୍ତି । ସାଧାରଣ ଜନତାଙ୍କୁ ପିଇବା ପାଇଁ ପାଣି ଦେଇ ପାରୁନାହାନ୍ତି । ଜଳସେଚନର ସୁବିଧା ନାହିଁ । ଶିକ୍ଷା ଓ ସ୍ୱାସ୍ଥ୍ୟ ବିପର୍ଯ୍ୟସ୍ତ । ଯୁବକ ଯୁବତୀଙ୍କୁ ଚାକିରି ନାହିଁ । ନବଜାତ ଶିଶୁଙ୍କ ଅପପୁଷ୍ଟି, ରକ୍ତହୀନତା ସମସ୍ୟା ଘୋର ଚିନ୍ତାଜନକ ହୋଇଛି । ଗୁମାସ୍ତା ସରକାର ନୁହେଁ, ଓଡ଼ିଆଙ୍କ ସରକାର ଦରକାର ବୋଲି ସବୁ ଓଡ଼ିଆଙ୍କ ମତ ହୋଇଛି ।

ଓଡ଼ିଶାରେ ବିଜେପି ସରକାର ହେଲେ ସୁଭଦ୍ରା ଯୋଜନାରେ ମହିଳାଙ୍କୁ ୫୦ ହଜାର ଟଙ୍କା ମୂଲ୍ୟର ଭାଉଚର ଦିଆଯିବ । ରାଜ୍ୟରେ ୨୫ ଲକ୍ଷ ମହିଳା ଲକ୍ଷପତି ଦିଦି ହେବେ । ସବୁ ଗରିବଙ୍କୁ ପକ୍କା ଘର ଦିଆଯିବା ସହ ଘରେ ଘରେ ନଳ ଯୋଗେ ବିଶୁଦ୍ଧ ପାନୀୟ ଜଳ ପହଞ୍ଚାଯିବ । ଧାନର ଏମଏସପି କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ହେବ ଓ ସବୁ ଚାଷ ଜମି ଜଳସେଚନ କରିବା ପାଇଁ ମୋଦୀ ଗ୍ୟାରେଣ୍ଟି ଦେଇଛନ୍ତି । ଆୟୁଷ୍ମାନ ଭାରତ ଯୋଜନା ଲାଗୁ କରାଯିବା ସହ ସବୁ ଜିଲ୍ଲାରେ ମେଡିକାଲ କଲେଜ, ନର୍ସିଂ କଲେଜ ଏବଂ ସୁପର ସ୍ପେସିଆଲିଟି ହସ୍ପିଟାଲ ସହ ୭୫୦୦୦ କିମି ନୂଆ ସଡକ ନିର୍ମାଣ ହେବ । ରେଢ଼ାଖୋଲ ପଡ଼ିଆବାହାଲ ଠାରେ 'ଆମ୍ବେଦକର ସେବା ସମିତି' ପକ୍ଷରୁ ଆୟୋଜିତ 'ଲକ୍ଷେଘର ସମାଜ'ର ବନ୍ଧୁମିଳନରେ ସାମିଲ ହୋଇଥିଲେ କେନ୍ଦ୍ରମନ୍ତ୍ରୀ । ଏହା ପୂର୍ବରୁ କେନ୍ଦ୍ରମନ୍ତ୍ରୀ ସମ୍ବଲପୁରରେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପରିବାରର ସଦସ୍ୟ ମାନଙ୍କୁ ଭେଟିଥିଲେ । ସମ୍ବଲପୁର ମାରୱାଡ଼ିପଡ଼ା ଠାରେ ପର୍ଶୁରାମ ଜନ୍ମୋତ୍ସବ ସମାରୋହ ଅବସରରେ ଆୟୋଜିତ ରକ୍ତଦାନ ଶିବିରକୁ ମଧ୍ୟ ଉଦଘାଟନ କରିଥିଲେ ।

## ଇସୁଜୁ ମୋଟର୍ସ ଇଣ୍ଡିଆ ’ଲାଇଫଷ୍ଟାଇଲ ପିକ୍-ଅପ୍’ ମଡେଲଗୁଡିକର ଉପସ୍ଥାପନ କରିଛି

ଭୁବନେଶ୍ୱର (ସବ୍ୟୁ) : ଗତିଶୀଳ ଓ ଉତ୍ସାହୀ ଭାରତୀୟ ଗ୍ରାହକଙ୍କୁ ଜୀବନଶୈଳୀର ଉତ୍ସାହକୁ ବୃଦ୍ଧି କରିବା ପାଇଁ ଏକ ଷ୍ଟାଇଲିଶ ପ୍ରଡକ୍ଟ ରେ ପ୍ରଦାନ କରିବା ପାଇଁ ଏକ ପ୍ରୟାସରେ ଇସୁଜୁ ପକ୍ଷରୁ ଏହାର ସମୃଦ୍ଧ ପର୍ସନାଲ ପାସେର ପିକ୍ଅପଗୁଡିକର ଶୁଭାରମ୍ଭ କରାଯାଇଛି । ଭାରତରେ , ଭାରତ ପାଇଁ ନିର୍ମାଣ କରାଯାଇଛି। ଆଜିର ଲଂଚ୍ ଲାଇଫଷ୍ଟାଇଲ ପିକ୍ଅପ ସେଗମେଂଟ୍‌ରେ ଏକ ଟ୍ରେଣ୍ଡ ସ୍ଥିର କରିବା ପାଇଁ ଇସୁଜୁର ପ୍ରତିବଦ୍ଧତାକୁ ହାଇଲାଇଟ୍ କରୁଛି । ନୂଆ ଭି-କ୍ରସ୍ ୪ଢ୪ ଟପ୍ ଭାରିଆଂଟ୍‌ଗୁଡିକ ଏକ୍ସଟେରିୟରରେ ଏକାଧିକ କ୍ଲାସି ତଥାପି ଚମତ୍କାର ଉପାଦାନଗୁଡିକ ସହିତ ଷ୍ଟାଇଲ ପରିମାଣକୁ ବୃଦ୍ଧି କରୁଛନ୍ତି । ଏହି କାଳଜୟୀ ଆକର୍ଷଣକୁ ଡାର୍କ ଗ୍ରେରେ ଫିନିଶ ହୋଇଥିବା ଷ୍ଟାଇଲିଶ ଏଲିମେଂଟ୍‌ଗୁଡିକ ସହ ହାସଲ କରାଯାଇଛି। ଏଗୁଡିକୁ ଦୃଶ୍ୟାତ୍ମକ ଗତିଶୀଳତା ଓ ଏକ ପୃଥକ ସଡକ ଉପସ୍ଥିତିରେ ଯତ୍ନର ସହ ଯୋଗ କରାଯାଇଛି , ଯାହା ସେଗୁଡିକୁ ଅଧିକ ସ୍ପୋର୍ଟି ଓ ଆକ୍ରମଣାତ୍ମକ କରୁଛି। ଇସୁଜୁ ମୋଟର୍ସ ଇଣ୍ଡିଆର ଉପ ପରିଚାଳନା ନିର୍ଦ୍ଦେଶକ, ଟୋରୁ କିସିମୋଟୋ କହିଛନ୍ତି, 'ଆମେ ଭାରତରେ ଆମର ପ୍ରଥମ ଲାଇଫଷ୍ଟାଇଲ ଆଡ୍‌ଭେଂଚର ୟୁଟିଲିଟି ଭେଇକିଲକୁ ଉପସ୍ଥାପନ କରିଛୁ । ଆମେ ନିଶ୍ଚିତ ଯେ, ଆକାଂକ୍ଷୀ ଉତ୍ପାଦଗୁଡିକର ଏହି ସମୃଦ୍ଧ ଶୃଙ୍ଖଳା ସହିତ ଆମେ ଉଦୀୟମାନ ପ୍ରଗତିଶୀଳ ଭାରତୀୟ ଗ୍ରାହକଙ୍କ ଆବଶ୍ୟକତାକୁ ପୂରଣ କରିବା ଏବଂ ଏହି ସେଗମେଂଟ୍‌ରେ ଆମର ସ୍ଥିତିକୁ ସୁଦୃଢ଼ କରିବାକୁ ସକ୍ଷମ ହେବୁ। ନୂତନ ରେଞ୍ଜ ଇସୁଜୁ ପାସେର ପିକ୍-ଅପ୍‌ଗୁଡିକ ଆମର ମୂଲ୍ୟବାନ ଗ୍ରାହକଙ୍କ ପାଇଁ ସର୍ବୋତମ ଶ୍ରେଣୀର ଡିଜାଇନ, ପ୍ରଦର୍ଶନ, ବିବିଧତା, ଗୁଣବତା, ସୁରକ୍ଷା ଓ ଚାଳନା ଆରାମ ସହିତ ନିଶ୍ଚିତ ରୂପେ ମୂଲ୍ୟ ପ୍ରସ୍ତାବକୁ ବୃଦ୍ଧି କରିବ ।



## ପୋଲିସର ଫ୍ଲାଗମାର୍ଚ୍ଚ

କେନ୍ଦ୍ରାପଡ଼ା (ସବ୍ୟୁ): କେନ୍ଦ୍ରାପଡା ଜିଲ୍ଲାର ୫ଟି ବିଧାନସଭା ଓ ୧ଟି ଲୋକସଭା ଆସନ ପାଇଁ ଆସ'। ୧୦ ତାରିଖ ଶୁକ୍ରବାର ଅକ୍ଷିତୃତୀୟା ଅବସରରେ ପ୍ରାୟ ଅଧିକାଂଶ ପ୍ରାର୍ଥୀ ନାମାଙ୍କନ ପତ୍ର କରିବେ ବୋଲି ଜଣାପଡିଛି । ପ୍ରାର୍ଥୀମାନେ ହଜାର ହଜାର ସମର୍ଥକଙ୍କ ସହ ନାମାଙ୍କନ ପତ୍ରପାଇଁ ଜିଲ୍ଲା କାର୍ଯ୍ୟାଳୟକୁ ଆସିବେ । ଏନେଇ ଜିଲ୍ଲା ପୋଲିସ ପ୍ରଶାସନ ପକ୍ଷରୁ ନାମାଙ୍କନ ପତ୍ର ଶାଂ ଶୃଙ୍ଖଳାର ସହ ଦାଖଲ କରିବା ନିମେ' ବ୍ୟାପକ ବ୍ୟବସ୍ଥା କରାଯାଇଛି ।

## ସ୍ମାର୍ଟଫୋନ୍ ଗୁଡିକ ଉପରେ ଆକର୍ଷଣୀୟ ଡିଲ ଉନ୍ମୋଚନ କରିଛି ପୋକୋ

ଭୁବନେଶ୍ୱର (ସବ୍ୟୁ): ଭାରତର ଅନ୍ୟତମ ଦ୍ରୁତ-ଅଭିବୃଦ୍ଧିଶୀଳ ଉପଭୋକ୍ତା ଟେକ୍ନୋଲୋଜି ବ୍ରାଣ୍ଡ ପୋକୋ, ଏହାର ସର୍ବାଧିକ ବିକ୍ରି ହେଉଥିବା ସ୍ମାର୍ଟଫୋନ୍‌ଗୁଡିକ ପାଇଁ ଆକର୍ଷଣୀୟ ଅଫର୍‌ର ଉନ୍ମୋଚନ କରିଛି। ଏହି ଡିଲଗୁଡ଼ିକ ପ୍ରମୁଖ ଇକମର୍ସ ସଂସ୍ଥା ଫ୍ଲିପ୍‌କାର୍ଟ ଓ ଆମାଜନରେ ମେ ୧ ତାରିଖ ୨୦୨୪ରୁ ମେ ୧୦ ତାରିଖ ୨୦୨୪ ମଧ୍ୟରେ ପରିଚାଳିତ ହେଉଥିବା ମେ' ସେଲ୍ ସମୟରେ ଉପଲବ୍ଧ ରହିଛି । ଗ୍ରାହକଙ୍କ ନିକଟରେ ଏହି ସେଲ୍ ଇଭେଂଟ୍ ସମୟରେ ଉତ୍ସାହଜନକ ଅଫର୍‌ଗୁଡିକ ସହିତ ଅପ୍ରତ୍ୟାଶିତ ମୂଲ୍ୟରେ ସେମାନଙ୍କ ପସନ୍ଦର ଉତ୍ପାଦଗୁଡିକୁ କ୍ରୟ କରିବା ପାଇଁ ସୁଯୋଗ ରହିବ। ମିଡିଆଟେକ୍ ଡାଇମେନ୍‌ସିଟି ୮୩୦୦- ଅଲ୍ଟ୍ରା ଏସ୍‌ଓସି ଦ୍ୱାରା ପରିଚାଳିତ ପୋକୋ ଏକ୍ସ୬ ପ୍ରୋର ମୂଲ୍ୟ ୨୨,୯୯୯ ଟଙ୍କା ରହିଛି। ଏକ ୫୦୦୦ ଏମ୍ଏମ୍୨ ଭିସି କୁଲିଂ ସିଷ୍ଟମ ଓ ୱାଇଲ୍ଡବୁଷ୍ଟ ୨.୦ ଥିବା ଏହି ସ୍ମାର୍ଟଫୋନ୍ ଉନ୍ନତ ଗେମିଂ ପ୍ରଦର୍ଶନ ନିଶ୍ଚିତ କରୁଛି। ଏହାର ପ୍ରଭାବୀ ୬.୬୭ ଇଂଚ୍ ଆମୋଲେଡ୍ ଡିସ୍‌ପ୍ଲେ ଏକ ସୁଗମ ୧୨୦ଏଚ୍‌ଜେଡ୍ ରିଫ୍ରେଶ୍ ରେଟ୍ ପ୍ରଦାନ କରୁଛି । ଏଥିରେ ଏକ ୬୪ଏମ୍‌ପି ଓଆଇଏସ୍ ଟ୍ରିପଲ ରିୟର କ୍ୟାମେରା ଓ ଏଚ୍‌ଡିଆର୍ ଭିଡିଓ ରେକର୍ଡିଂ ସପୋର୍ଟ ରହିଛି। ୧୭୯୯୯ ଟଙ୍କାର ପ୍ରାରମ୍ଭିକ ମୂଲ୍ୟରେ ଉପଲବ୍ଧ ପୋକୋ ଏକ୍ସ୬ ୧.୫କେର ରିଜୋଲ୍ୟୁଶନ ସହ ଏହାର ୬.୬୭ ଇଂଚ୍ ଆମୋଲେଡ ଡିସ୍‌ପ୍ଲେ ରହିଛି ।

## ଗ୍ରାହକଙ୍କର ସମସ୍ୟା ପଲିସିବଜାର ଷ୍ଟୋର ଦ୍ୱାରା ସହଜ ହେଉଛି

ଭୁବନେଶ୍ୱର (ସବ୍ୟୁ): ପଲିସିବଜାର ଅଫଲାଇନ ଷ୍ଟୋର ଗ୍ରାହକଙ୍କୁ ଇନସ୍ୟୁରାନ୍ସ ଖରିଦ କରିବାର ଉପାୟରେ ଅନେକ ଅଧିକ ପରିବର୍ତ୍ତନ କରିଛି। ୨୦୪୭ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଭାରତକୁ ବୀମାଭୁକ୍ତ କରିବା ଲକ୍ଷ୍ୟ ମିଶନ ଇନସ୍ୟୁରାନ୍ସକୁ ସମ୍ପୂର୍ଣ୍ଣ କରିବା ପାଇଁ ଗ୍ରାହକଙ୍କୁ ବୀମା ସମ୍ପର୍କରେ ସଚେତନ କରିବା ଏବଂ ସେମାନଙ୍କର ବୀମା ସହିତ ଜଡିତ ସମସ୍ତ ସମସ୍ୟାକୁ ସମାଧାନ କରିବାର ଆବଶ୍ୟକତା ରହିଛି, ଯଦ୍ୱାରା ଅଧିକରୁ ଅଧିକ ଲୋକଙ୍କ ପର୍ଯ୍ୟନ୍ତ ବୀମାର ପହଞ୍ଚ ବୃଦ୍ଧି କରାଯାଇପାରିବ। ଅଫଲାଇନ ଷ୍ଟୋରରେ ଗ୍ରାହକଙ୍କର ସମସ୍ତ ସମସ୍ୟା ଯେମିତି କି ଅନଲାଇନ ବୀମା ପଲିସୀର ତୁଳନା କରିବା, ଦାବି ସମ୍ପର୍କିତ ସମସ୍ୟା, ସେବା ଏବଂ ନବୀକରଣ ସହିତ ସଂପୃକ୍ତ ପ୍ରଶ୍ନଗୁଡିକ କ୍ଷେତ୍ରରେ ମଧ୍ୟ ସହାୟତା ପ୍ରଦାନ କରାଯାଉଛି। ଭାରତର ୧୮୦ରୁ ଅଧିକ ସହରରେ ୬୨ ପଲିସୀବଜାର ଅଫଲାଇନ ଷ୍ଟୋର ଉପସ୍ଥିତ ରହିଛି, ଯେଉଁଥିରୁ ଅଧିକାଂଶ ଷ୍ଟୋର ଟିୟର ୨ ଏବଂ ୩ ସହରଗୁଡିକରେ ଅବସ୍ଥିତ। ଟିୟର-୨ ଓ ୩ ସହରଗୁଡିକର ଅଧିକାଂଶ ଗ୍ରାହକ ଅପଲାଇନ ବଦଳରେ ଷ୍ଟୋରକୁ ଯାଇ ନିଜର ସମସ୍ୟା ସମାଧାନ ସନ୍ଧାନ କରୁଛନ୍ତି । ସେଥିପାଇଁ ଗ୍ରାହକଙ୍କୁ ସେହି ସମସ୍ତ ଜରୁରୀ ଆବଶ୍ୟକତାକୁ ଦୃଷ୍ଟିରେ ରଖି ପଲିସୀବଜାର ନିରନ୍ତର କାମ କରୁଛି। ଅଫଲାଇନ ଷ୍ଟୋରରେ ଉପସ୍ଥିତ ପଲିସୀବଜାରର ଟିମ ନିଜର ଗ୍ରାହକଙ୍କୁ ଉତ୍ପାଦଗୁଡିକ ସମ୍ପର୍କରେ ବୁଝାଇବା ଏବଂ ଦାବି ପ୍ରକ୍ରିୟା ଏବଂ ଦାବି ସହିତ ସମ୍ପୃକ୍ତ ସମସ୍ତ ପ୍ରଶ୍ନର ଉତ୍ତର ପାଇବା ଦିଗରେ ପୂର୍ଣ୍ଣ ସହାୟତା ପ୍ରଦାନ କରୁଛନ୍ତି ।

policybazaar.com
HAR FAMILY HOGI INSURED


## ଯୁବ କ୍ରୀଡ଼ାବିତ୍‌ଙ୍କୁ ପ୍ରୋତ୍ସାହିତ କରିବା ପାଇଁ
# ଡାବର ଗ୍ଲୁକୋଜ ପକ୍ଷରୁ ଏନର୍ଜାଇଜ୍ ଇଣ୍ଡିଆ କ୍ୟାମ୍ପେନ୍

ଭୁବନେଶ୍ୱର (ସବ୍ୟୁ) : ଡାବର କମ୍ପାନୀର ଅଗ୍ରଣୀ ଇନ୍‌ଷ୍ଟାଂଟ୍ ଏନର୍ଜି ଡ୍ରିଙ୍କ୍ ଡାବର ଗ୍ଲୁକୋଜ ପକ୍ଷରୁ ଦେଶର ଯୁବ କ୍ରୀଡା ପ୍ରତିଭାମାନଙ୍କୁ ପ୍ରୋତ୍ସାହିତ କରିବା ଏବଂ ଦେଶରେ ପ୍ରମୁଖ କ୍ରୀଡା ଅନୁଷ୍ଠାନଗୁଡିକରେ ଯୁବ କ୍ରୀଡାବିତ୍‌ମାନଙ୍କ ମଧ୍ୟରେ ଶକ୍ତି ଓ ସାମର୍ଥ୍ୟର ମହତ୍ତ୍ୱ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ 'ଏନର୍ଜାଇଜ୍ ଇଣ୍ଡିଆ' ନାମକ ଏକ ବିଶାଳ କ୍ୟାମ୍ପେନର ଶୁଭାରମ୍ଭ ଘୋଷଣା କରାଯାଇଛି। ଏହି କ୍ୟାମ୍ପେନର ଅଂଶ ଭାବେ ଡାବର ଗ୍ଲୁକୋଜ ପକ୍ଷରୁ ଗତ ଗୁରୁବାର ଦିନ ଭୁବନେଶ୍ୱରର ସୋଆ ବିଶ୍ୱବିଦ୍ୟାଳୟରେ ଶକ୍ତି ଓ ସାମର୍ଥ୍ୟର ପରିଚାଳନା ପ୍ରସଙ୍ଗ ଉପରେ ଏକ ସ୍ୱତନ୍ତ୍ର ସଚେତନତା ଅଧିବେଶନର ପରିଚାଳନା କରାଯାଇଥିଲା। ଯେଉଁଥିରେ ଏହି କ୍ଷେତ୍ରର ପ୍ରତିଷ୍ଠିତ ଡାକ୍ତର ଓ ବିଶେଷଜ୍ଞମାନେ ଯୋଗ ଦେଇଥିଲେ । ଏହି ଅଧିବେଶନ କ୍ରୀଡାବିତ୍‌ମାନଙ୍କୁ ନିଜର ପ୍ରଦର୍ଶନକୁ ଉନ୍ନତ କରିବା ଓ ନିଜର ପୂର୍ଣ୍ଣ କ୍ଷମତାକୁ ହାସଲ କରିବାରେ ସାହାଯ୍ୟ କରିବା ପାଇଁ ମୂଲ୍ୟବାନ ତଥ୍ୟ ଓ ରଣନୀତି ପ୍ରଦାନ କରିଥିଲା। ଡାବର ପକ୍ଷରୁ ଏହି ଏକାଡେମିର ଅନେକ ଶୀର୍ଷ ଆଥ୍‌ଲେଟମାନଙ୍କୁ ସମ୍ମାନିତ ମଧ୍ୟ କରାଯାଇଥିଲା। ଏହି କ୍ୟାମ୍ପେନ ସମ୍ପର୍କରେ ଡାବର ଇଣ୍ଡିଆ ଲିମିଟେଡର କର୍ପୋରେଶନ କମ୍ୟୁନିକେଶନ୍ସ ବିଭାଗର ମ୍ୟାନେଜର ଦିନେଶ କୁମାର କହିଛନ୍ତି, 'ଆମେ ଯୁବ କ୍ରୀଡବିତଙ୍କ ମଧ୍ୟରେ ଶକ୍ତି, ସାମର୍ଥ୍ୟର ମହତ୍ୱକୁ ପ୍ରୋତ୍ସାହିତ କରିବା ଏବଂ ସେମାନଙ୍କୁ ନିଜର କ୍ରୀଡାରେ ଉତ୍କର୍ଷତା ହାସଲ କରିବା ପାଇଁ ଆବଶ୍ୟକୀୟ ଶକ୍ତି ପ୍ରଦାନ କରିବାକୁ 'ଏନର୍ଜାଇଜ୍ ଇଣ୍ଡିଆ' କ୍ୟାମ୍ପେନର ଶୁଭାରମ୍ଭ କରି ଖୁସି ଅନୁଭବ କରୁଛୁ।



## ବାରବାଟୀ-କଟକ ନିର୍ବାଚନମଣ୍ଡଳୀ ୨୯ ଓ ୨୭ ନମ୍ବର ୱାର୍ଡ କଂଗ୍ରେସ ସମ୍ମିଳନୀ

କଟକ (ସବ୍ୟୁ) ଗୁରୁବାର ସନ୍ଧ୍ୟାରେ ୱାର୍ଡ ନମ୍ବର-୨୯ ଓ ୨୭ କଂଗ୍ରେସ ସମ୍ମିଳନୀ ପିଠାପୁର ଠାରେ ପୂର୍ବତନ କର୍ପୋରେଟର କେଦାର ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବାରବାଟୀ-କଟକ ନିର୍ବାଚନ ମଣ୍ଡଳୀ କଂଗ୍ରେସ ବିଧାୟକ ପ୍ରାର୍ଥୀ ସୋଫିଆ ଫିର୍ଦୋଷ ବିଧାୟକ ମହମ୍ମଦ ମୋକିମଙ୍କ ଅଧୁରା ସ୍ୱପ୍ନକୁ ପୂରଣ କରିବା ଓ କଟକ ସହରକୁ ଉନ୍ନତି ଏବଂ ବିକାଶ ପଥରେ ଆଗେଇ ନେବା ସହ କଟକ ସହରର ଭାଇଚାରାକୁ ସାରା ବିଶ୍ୱରେ ପହଞ୍ଚାଇବା ପାଇଁ ଆମେ ସମସ୍ତେ ମିଳିମିଶି କାମ କରିବା ବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ । ବିଧାୟକ ମହମ୍ମଦ ମୋକିମ ଯୋଗଦେଇ ଆଗାମୀ ସାଧାରଣ ନିର୍ବାଚନରେ କିପରି ପୁଣି ଥରେ କିପରି କଂଗ୍ରେସ ବିଧାୟକ ପ୍ରାର୍ଥୀ ବିଜୟୀ କରିବ ସେଥିପାଇଁ ଆହ୍ୱାନ ଦେଇଥିଲେ । କଟକ ସହରରେ ହୋଇଥିବା ଉନ୍ନୟନ ମୂଳକ କାର୍ଯ୍ୟ ଓ ବିଧାୟକ ଉନ୍ନୟନ ପାଣ୍ଠିରୁ ଯେଉଁ ସବୁ ଜନ କଲ୍ୟାଣ କାର୍ଯ୍ୟମାନ କରାଯାଇଛି ତାହାର ରିପୋର୍ଟ କାର୍ଡ ଲୋକମାନଙ୍କ ପାଖରେ ପହଞ୍ଚେଇବାକୁ ଶ୍ରୀ ମୋକିମ ତାଙ୍କ ବକ୍ତବ୍ୟରେ କହିଥିଲେ । ଏହି ଅବସରରେ ୱାର୍ଡ ଅଞ୍ଚଳର ବିଭିନ୍ନ ସାହି ମୁରବି ମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏଥିରେ ନଗର କଂଗ୍ରେସ ପୂର୍ବତନ ସଭାପତି ଗିରିବାଳା ବେହେରା, ବରିଷ୍ଠ କଂଗ୍ରେସ ନେତା ବିବେକାନନ୍ଦ ସ୍ୱାଇଁ, କାଳିଆ ଦଳନ ପୂଜା କମିଟି ସଭାପତି ସରୋଜ କୁମାର ଜେନା, ରାମା ଦଳେଇ, ବାପୁନି ରାଉତ, ଜୟ ପାଇଟଲ, ବାବୁ ଛାଟୋଇ, ହରିହର ସାମଲ, ରମାକାନ୍ତ ମହାପାତ୍ର, ଶ୍ରୀକାନ୍ତ ବାହାର, ଅଜୟ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

MAA GOURI JEWELLERS
An ISO-9001:2015 Certified Jewellery


Deals in 916/22K Huid Halmark Gold Available here.
Plot No.: N5-259/E, Indradhanu Market, IRC Village, BBSR-15
Mob. : 9438004290, 7008078823
laxmidharsubudhi1975@gmail.com www.maagourijewellwers.com

# କେଜରିୱାଲଙ୍କ ଜାମିନକୁ ଇଡିର ବିରୋଧ

## ଆଜି ଦାଖଲ କରିବ ଚାର୍ଜଶିଟ୍






**ନୂଆଦିଲ୍ଲୀ:** ମାର୍ଚ୍ଚ ୨୧ରୁ ଗିରଫ ହୋଇଥିବା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କ ଅନ୍ତରୀଣ ଜାମିନକୁ ବିରୋଧ କରିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ବା ଇଡି । ଶୁକ୍ରବାର ସୁପ୍ରିମକୋର୍ଟରେ ଇଡି ଗୋଟିଏ ସତ୍ୟପାଠ ଦାଖଲ କରି ଜାମିନକୁ ବିରୋଧ କରିଛି । ଦେଶରେ ନିର୍ବାଚନ ପର୍ବ ଚାଲିଥିବାରୁ ସୁପ୍ରିମକୋର୍ଟ କେଜରିୱାଲଙ୍କୁ ଅନ୍ତରୀଣ ଜାମିନ ଦେବା ଉପରେ ବିଚାର କରୁଛନ୍ତି । କିନ୍ତୁ ନିର୍ବାଚନରେ ପ୍ରଚାର କରିବା ମୌଳିକ ଅଧିକାର ନୁହେଁ ବୋଲି ଯୁକ୍ତି ଉପସ୍ଥାପନ କରି ଇଡି ଜାମିନକୁ ବିରୋଧ କରିଛି । ସେହିପରି ଅବକାରୀ ନୀତି ଦୁର୍ନୀତି ମାମଲାରେ ଗିରଫ ହୋଇଥିବା ଅରବିନ୍ଦ କେଜରିୱାଲଙ୍କ ବିରୋଧରେ ଇଡି ଶୁକ୍ରବାର ନିମ୍ନ ଅଦାଲତରେ ଚାର୍ଜଶିଟ ମଧ୍ୟ ଦାଖଲ କରିବ । ଏହାପୂର୍ବରୁ ସୁପ୍ରିମକୋର୍ଟରେ ଇଡିର ଉପ ନିର୍ଦ୍ଦେଶକ ଭାନୁ ପ୍ରିୟା ଅନ୍ତରୀଣ ଜାମିନକୁ ବିରୋଧରେ ସତ୍ୟପାଠ ଦାଖଲ କରିଛନ୍ତି । ଶୁକ୍ରବାର ସୁପ୍ରିମକୋର୍ଟ କେଜରିୱାଲଙ୍କ ଜାମିନ ଉପରେ ବିଚାର କରିବାକୁ ଥିବା ବେଳେ ଦିନକ ପୂର୍ବରୁ ଇଡି ଏପରି ପଦକ୍ଷେପ ଗ୍ରହଣ କରିଛି । ସତ୍ୟପାଠରେ ଇଡି କହିଛି ଯେ କୌଣସି ନିର୍ବାଚନରେ ପ୍ରଚାର କରିବେ କେବେ ହେଲେ ଜଣେ ବ୍ୟକ୍ତିର ମୌଳିକ, ସାମ୍ବିଧାନିକ କିମ୍ବା ଆଇନଗତ ଅଧିକାର ନୁହେଁ । କୌଣସି ରାଜନେତାଙ୍କୁ ପ୍ରଚାର ପାଇଁ କେବେ ହେଲେ ଅନ୍ତରୀଣ ଜାମିନ ମିଳିଥିବା କଥା ଇଡିର ଜ୍ଞାତସାରରେ ନାହିଁ । ଏପରି କି ରାଜନେତା ଜଣଙ୍କ ନିର୍ବାଚନ ନାହାନ୍ତି । ଅରବିନ୍ଦ କେଜରିୱାଲ ଅନ୍ତରୀଣ ଜାମିନ ପାଇଁ ଆବେଦନ କରିଥିବାରୁ ଇଡି ଏହାକୁ ସମାଲୋଚନା କରିଛି । କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା କହିଛି ଯେ ସମାନ କାରଣ ଦର୍ଶାଇ ଆପ ନେତା ଜଣଙ୍କ ପୂର୍ବରୁ ସମନକୁ ମଧ୍ୟ ଏଡ଼ାଇ ଯାଇଥିଲେ । ସେ ୫ ରାଜ୍ୟରେ ନିର୍ବାଚନ ଚାଲିଥିବା କଥା କହି ସମନ ଅନୁସାରେ ହାଜର ହୋଇନଥିଲେ । ଯଦି ନିର୍ବାଚନ ପ୍ରଚାର ପାଇଁ ଅନ୍ତରୀଣ ଜାମିନ ଦିଆଯିବ, ତା'ହେଲେ କୌଣସି ରାଜନେତାଙ୍କୁ ଗିରଫ କରାଯାଇ ପାରିବ ନାହିଁ କିମ୍ବା ବିଚାର ବିଭାଗୀୟ ହାଜତରେ ରଖାଯାଇ ପାରିବ ନାହିଁ । ବିଗତ ୩ ବର୍ଷ ମଧ୍ୟରେ ପ୍ରାୟ ୧୨୩ଟି ନିର୍ବାଚନ ହୋଇଛି । ଯଦି ପ୍ରଚାର ପାଇଁ ଅନ୍ତରୀଣ ଜାମିନ ମିଳିବ, ତା'ହେଲେ ବର୍ଷ ତମାମ ନିର୍ବାଚନ ହେଉଥିବାରୁ କୌଣସି ରାଜନେତାଙ୍କୁ କେବେ ହେଲେ ଗିରଫ କରାଯାଇ ପାରିବ ନାହିଁ । କେଜରିୱାଲଙ୍କୁ ସ୍ୱତନ୍ତ୍ର ଅନୁକମ୍ପା ଦେଖାଇ ଯଦି ସାଧାରଣ ନିର୍ବାଚନର ପ୍ରଚାର ପାଇଁ ଜାମିନ ଦିଆଯିବ, ତା'ହେଲେ ଏହା ପ୍ରଚଳିତ ଆଇନ ଓ ସମାନତା ଅଧିକାରୀକୁ ଉଲ୍ଲଘଂନ କରିବ । ଇଡି ଆହୁରି କହିଛି ଯେ ଅରବିନ୍ଦ କେଜରିୱାଲ କିମ୍ବା ଯେକୌଣସି ରାଜନେତା କେବେ ହେଲେ ଜଣେ ସାଧାରଣ ଲୋକଙ୍କ ତୁଳନାରେ ସ୍ୱତନ୍ତ୍ର ମାନ୍ୟତା ପାଇଁ ଦାବି କରିପାରିବେ ନାହିଁ । ଏପରି ଘଟଣା ଦେଶରେ ଦୁଇଟି ଭିନ୍ନ ବର୍ଗ ସୃଷ୍ଟି କରିବ । ସାଧାରଣ ଲୋକଙ୍କ ପାଇଁ ଗୋଟିଏ ନିୟମ ଓ ରାଜନେତାମାନଙ୍କ ପାଇଁ ଆଉ ଗୋଟିଏ ନିୟମ ରହି ପାରିବ ନାହିଁ । ଆଇନ ସମସ୍ତଙ୍କ ପାଇଁ ସମାନ । ପ୍ରଚାର ପାଇଁ କେବେ ହେଲେ ଅନ୍ତରୀଣ ଜାମିନ ମିଳି ପାରିବ ନାହିଁ ।

ତଦନ୍ତକାରୀ ସଂସ୍ଥା ନିଜର ଯୁକ୍ତିରେ କହିଛି ଯେ ବିଚାର ବିଭାଗୀୟ ହାଜତରେ ରହି ରାଜନେତାମାନେ ନିର୍ବାଚନ ଲଢ଼ିଛନ୍ତି ଓ ବିଜୟୀ ମଧ୍ୟ ହୋଇଛନ୍ତି । କିନ୍ତୁ ସେମାନଙ୍କୁ କେବେ ହେଲେ ଅନ୍ତରୀଣ ଜାମିନ ମିଳିନାହିଁ । ଅଣ ପିଏମଏଲଏ ଅପରାଧରେ ମଧ୍ୟ ଅନେକ ରାଜନେତା ଦେଶର ବିଭିନ୍ନ ପ୍ରାନ୍ତରେ ବିଚାର ବିଭାଗୀୟ ହାଜତରେ ରହିବାର ନଜିର ରହିଛି ।

## ହରିୟାଣା ରାଜନୈତିକ ସଂକଟରେ ନାଟକୀୟ ମୋଡ

# ବିଜେପି ଯୋଗାଯୋଗରେ ଚୌଟାଲାଙ୍କ ୪ ବିଧାୟକ



**ଚଣ୍ଡିଗଡ଼:** ହରିୟାଣାରେ ୩ ଜଣ ସ୍ୱାଧୀନ ବିଧାୟକ ବିଜେପି ସରକାରରୁ ସମର୍ଥନ ପ୍ରତ୍ୟାହାର କରିବା ପରେ ରାଜନୈତିକ ଗତିବିଧି ଦ୍ରୁତ ଗତିରେ ବଦଳିବାରେ ଲାଗିଛି । କଂଗ୍ରେସ ପରେ ଏବେ ଜେଜେପି ସଭାପତି ଦୁଷ୍ମନ୍ତ ଚୌତାଲା ରାଜ୍ୟପାଳଙ୍କୁ ଚିଠି ଲେଖି ଫ୍ଲୋର ଟେଷ୍ଟ କିମ୍ବା ରାଷ୍ଟ୍ରପତି ଶାସନ ଦାବି କରିଛନ୍ତି । ସେପଟେ ଜେଜେପି ଦଳ ପାଇଁ ବିପଦ ଆସିଯାଇଛି । କାରଣ ଜେଜେପିର ୪ ଜଣ ବିଧାୟକ ବିଜେପି ସଂପର୍କରେ ଥିବା ଖବର ମିଳିଛି । ଏହି ୪ ଜଣ ବିଧାୟକ ପୂର୍ବତନ ମୁଖ୍ୟମନ୍ତ୍ରୀ ମନୋହର ଲାଲ ଖଟ୍ଟରଙ୍କ ସହ ଆଲୋଚନା କରିଛନ୍ତି । ହରିୟାଣା ମନ୍ତ୍ରୀ ମହିପାଲ ଧଣ୍ଡାଙ୍କ ପାନିପତସ୍ଥିତ ବାସଭବନରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ୪ ବିଧାୟକ ବିଜେପି ସରକାରକୁ ସମର୍ଥନ କଲେ ସରକାର ଆଉ ସଂଖ୍ୟାଲଘୁ ରହିବ ନାହିଁ । ତେବେ ସରକାର ସଂଖ୍ୟାଲଘୁ ରହିଲେ ବି ସରକାର ପ୍ରତି କୌଣସି ବିପଦ ନାହିଁ । ଏହାର କାରଣ ହେଉଛି ମାର୍ଚ୍ଚ ମାସରେ ଏହି ସରକାର ଆସ୍ଥାଭୋଟର ସମ୍ମୁଖୀନ ହୋଇ ଉତ୍ତୀର୍ଣ୍ଣ ହୋଇଥିଲା । ନିୟମ ଅନୁସାରେ ଥରେ ଆସ୍ଥାଭୋଟ ହେବାର ୬ ମାସ ମଧ୍ୟରେ ଆଉ ଆସ୍ଥାଭୋଟ ହୋଇପାରିବ ନାହିଁ । ହରିୟାଣାରେ ଚଳିତ ବର୍ଷ ଅକ୍ଟୋବର କମ୍ବା ନଭେମ୍ବର ମାସରେ ବିଧାନସଭା ନିର୍ବାଚନ ହେବାର ଅଛି । ଏଣୁ ସେପର୍ଯ୍ୟନ୍ତ ସରକାର ପ୍ରତି ବିପଦ ନାହିଁ ।

# ପଦ୍ମଶ୍ରୀ ଗ୍ରହଣ କଲେ ଭାଗବତ, ବିନୋଦ

**ନୂଆଦିଲ୍ଲୀ:** ଲୋକକଳା 'ଶବ୍ଦ ନୃତ୍ୟ'ର ବିଶିଷ୍ଟ କଳାକାର ଭାଗବତ ପ୍ରଧାନ ପଦ୍ମଶ୍ରୀ ପୁରସ୍କାର ଗ୍ରହଣ କରିଛନ୍ତି । ଗୁରୁବାର ସେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଠାରୁ ସେ ଏହି ପୁରସ୍କାର ଗ୍ରହଣ କରିଛନ୍ତି । ବରଗଡ଼ ଜିଲ୍ଲାର ୮୫ ବର୍ଷୀୟ ଭାଗବତ ପ୍ରଧାନ ଦୀର୍ଘ ୫ ଦଶନ୍ଧି ଧରି ଏହି କଳାର ପ୍ରଦର୍ଶନ କରିବା ସହ ପ୍ରଚାର ଓ ପ୍ରସାର ପାଇଁ ନିଜକୁ ସମର୍ପି ଦେଇଛନ୍ତି । ନିଜ ଜୀବନକାଳ ମଧ୍ୟରେ ସେ ପ୍ରାୟ ୬୦୦ରୁ ଉର୍ଦ୍ଧ୍ୱ ଶିଷ୍ୟଙ୍କୁ ଏହି କଳା ଶିଖାଇଛନ୍ତି । ସେହିପରି ଖୋର୍ଦ୍ଧାର ପଟ୍ଟଚିତ୍ର କଳାକାର ବିନୋଦ ମହାରଣା ମଧ୍ୟ ପଦ୍ମଶ୍ରୀ ପୁରସ୍କାର ଗ୍ରହଣ କରିଛନ୍ତି । ଅନ୍ୟପକ୍ଷରେ





ବରିଷ୍ଠ ଅଭିନେତ୍ରୀ ବୈଜୟନ୍ତୀମାଲା ବାଲି ଏବଂ ଅଭିନେତା କୋନିଡେଲା ଚିରଞ୍ଜୀବୀଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପଦ୍ମବିଭୂଷଣ ସମ୍ମାନରେ ସମ୍ମାନିତ କରିଥିଲେ । ସୁପ୍ରିମକୋର୍ଟର ପ୍ରଥମ ମହିଳା ବିଚାରପତି ଜଷ୍ଟିସ ଏମ ଫାତିମା ବିଭିଙ୍କୁ ପଦ୍ମଭୂଷଣ ସମ୍ମାନରେ ସମ୍ମାନିତ କରାଯାଇଛି । କୃଷି କ୍ଷେତ୍ରରେ ଆଣ୍ଡାମାନ ଓ ନିକୋବରର କୃଷକ କେ ଚେଲ୍ଲାମାଲ, କ୍ରୀଡ଼ା କ୍ଷେତ୍ରରେ ଜୋଶନା ଚିନାପ୍ପା, ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ଗାୟକ ସୋମ ଦତ୍ତ ବାଟ୍ଟୁ, କୃଷି କ୍ଷେତ୍ରରେ ସତ୍ୟନାରାୟଣ ବେଲାରୀ ଏବଂ କଳା କ୍ଷେତ୍ରରେ ଜୋର୍ଡାନ ଲେପ୍ଚାଙ୍କୁ ପଦ୍ମଶ୍ରୀ ପୁରସ୍କାର ପ୍ରଦାନ କରାଯାଇଛି ।

# ବାଣ ବିସ୍ଫୋରଣ, ୮ ମୃତ

**ଚେନ୍ନାଇ :** ବାଣ ଫ୍ୟାକ୍ଟ୍ରିରେ ଭୟଙ୍କର ବିସ୍ଫୋରଣ । ଚାଲିଗଲା ୮ ଜଣଙ୍କ ଜୀବନ । ଗୁରୁବାର ତାମିଲନାଡ୍ରୁର ଶିବକାଶୀ ଅଞ୍ଚଳରେ ଘଟିଛି ଏଭଳି କିଛି ଘଟଣା । ପୁଲିସ ସୂଚନା ମୁତାବକ, ବାଣ କାରଖାନାରେ ବିସ୍ଫୋରଣ ଯୋଗୁ ୮ ଜଣ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି । ସେହିପରି ୧୨ ଜଣ ଗୁରୁତର ଅଛନ୍ତି । ସେମାନଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଆହତଙ୍କ ମଧ୍ୟରୁ ଦୁଇ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି । ସମସ୍ତ ମୃତକ ଏହି ବାଣ କାରଖାନାରେ କାମ କରୁଥିଲେ । ଘଟଣାସ୍ଥଳରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ବିସ୍ଫୋରଣ ପରେ ପୂରା ଫ୍ୟାକ୍ଟ୍ରିରେ ନିଆଁ ଲାଗି ଯାଇଥିଲା । ଖବର ପାଇ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରୁଛି । ଏହା ଏକ ଲାଇସେନ୍ସ ପ୍ରାପ୍ତ ବାଣ କାରଖାନା ଥିଲା । ବିସ୍ଫୋରଣ ଯୋଗୁ ପୂରା ଅଞ୍ଚଳ ଧୂଆଁମୟ ହୋଇଯାଇଛି । ଶ୍ରମିକମାନେ ଏଠାରେ କାମ କରୁଥିବା ବେଳେ ହଠାତ ବିସ୍ଫୋରଣ ହୋଇଥିଲା । ତେବେ କେଉଁ କାରଣ ଯୋଗୁ କାରଖାନାରେ ବିସ୍ଫୋରଣ ହୋଇଛି ସେ ନେଇ ସୂଚନା ମିଳିନାହିଁ । ପୁଲିସ ଘଟଣାର ତଦନ୍ତ ଜାରି ରହିଛି । ଶିବକାଶୀ ଭାରତର ବଡ ବାଣ ତିଆରି କାରଖାନା ରୂପେ ଜଣାଶୁଣା ।

# ରାମଲାଲାଙ୍କୁ ଦର୍ଶନ କଲେ ଅରିଫ୍ ମହମ୍ମଦ

**ନୂଆଦିଲ୍ଲୀ:** ଗତ ବୁଧବାର କେରଳ ରାଜ୍ୟପାଳ ଆରିଫ ମହମ୍ମଦ ଖାନ ଅଯୋଧ୍ୟାରେ ପହଞ୍ଚିଥିଲେ । ଏଠାରେ ପହଞ୍ଚିବା ପରେ ସେ ରାମମନ୍ଦିର ଯାଇ ଭଗବାନ ରାମଲାଲ୍ଲାଙ୍କ ଦର୍ଶନ କରିଥିଲେ । ରାମଲଲ୍ଲାଙ୍କୁ ସ୍ୱଚକ୍ଷୁରେ ଦର୍ଶନ କରିବା ପରେ ଆରିଫ ମହମ୍ମଦ ଗଣମାଧ୍ୟମଙ୍କୁ ନିଜର ଅନୁଭବ ବଖାଣି କହିଛନ୍ତି, ମୁଁ ଅଯୋଧ୍ୟାର ପଡୋଶୀ । ଜାନୁଆରି ୨୨ ତାରିଖ ପୂର୍ବରୁ ଅଯୋଧ୍ୟା ଆସିଥିଲି । ସେବେକାର ବାତାବରଣ ଓ ଭଗବାନ ରାମଲଲ୍ଲା ପ୍ରତିଷ୍ଠା ହେବା ପରର ବାତାବରଣ ସମ୍ପୂର୍ଣ୍ଣ ଭିନ୍ନ ରହିଛି । ଏଥର ଅଯୋଧ୍ୟା ଆସି ରାମଲଲ୍ଲାଙ୍କୁ ଦର୍ଶନ କରିବାର ମୋର ସ୍ୱତନ୍ତ୍ର ଯୋଜନା ଥିଲା । ତାଙ୍କୁ ଯେତେ ଦେଖିଲେ ବି ମନ ଭରୁ ନାହିଁ । ପୁଣିଥରେ ଦେଖନ୍ତି କି ବୋଲି ମନରେ ଆଶା ଜାତ ହେଉଛି ।



ଅଯୋଧ୍ୟକୁ ଯିବା ଓ ଶ୍ରୀରାମଙ୍କୁ ପୂଜା କରିବା ଆମ ପାଇଁ କେବଳ ଏକ ଖୁସିର କଥା ନୁହେଁ, ଏହା ଏକ ଗର୍ବର କଥା । କେରଳ ରାଜ୍ୟପାଳଙ୍କ ଅଫିସିଆଲ ଏକ୍ସ ହ୍ୟାଣ୍ଡେଲରେ ଏକ ଭିଡିଓ ପୋଷ୍ଟ କରାଯାଇଛି । ଏଥିରେ ରାଜ୍ୟପାଳ ଅରିଫ ମହମ୍ମଦ ଖାନ ରାମ ମନ୍ଦିରରେ ରାମଲଲ୍ଲାଙ୍କ ଦର୍ଶନ କରୁଥିବାର ୨ଟି ଫଟୋ ଦେଖିବାକୁ ମିଳୁଛି । ଗୋଟିଏରେ ସେ ରାମଲଲ୍ଲାଙ୍କୁ ମୁଣ୍ଡିଆ ମାରୁଥିବା ବେଳେ ଅନ୍ୟଟିରେ ହାତଯୋଡ଼ି ଥିବା ଦେଖିବାକୁ ମିଳୁଛି ।

# ଇଡି ସମନ ଭୟରେ ଝୁଲି ପଡ଼ିଲେ ବ୍ୟବସାୟୀ

**ରାଞ୍ଚି:** ଜମି ଦୁର୍ନୀତି ମାମଲା ସାମ୍ନାକୁ ଆସିବା ପରେ ନୋଟିସ୍ ପଠାଇଥିଲା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ । ଏହି ନୋଟିସ୍ ଦେଖି ଜମି ବ୍ୟବସାୟୀଙ୍କ ଉଡିଗଲା ହୋସ୍ । ଇଡି ଦୁର୍ନୀତି ମାମଲାରେ ପଚରାଉଚରା କରିବା ପାଇଁ ଡାକିବା ପରେ ଝୁଲି ପଡିଲେ ବ୍ୟବସାୟୀ । ଏଭଳି ଏକ ଆତ୍ମହତ୍ୟା ମାମଲା ସାମ୍ନାକୁ ଆସିଛି ଝାଡଖଣ୍ଡରୁ । ରାଞ୍ଚିର ଲାଲପୁର ଥାନା ସିଲଭର ଡେଲ୍ ଆପାର୍ଟମେଣ୍ଟ । ଏଠାରେ ଜଣେ ଜମି ବ୍ୟବସାୟୀ ନିଜ ଫ୍ଲାଟ୍ ଭିତରେ ଗୁରୁବାର ଫାଶୀ ଲଗାଇ ଆତ୍ମହତ୍ୟା କରିଛନ୍ତି । ମୃତକ ହେଲେ କୃଷ୍ଣକାନ୍ତ । ରୁମ୍ ଭିତରେ ତାଙ୍କୁ ଝୁଲନ୍ତା ଅବସ୍ଥା ଦେଖି ପରିବାର ଲୋକେ ଉଦ୍ଧାର କରି ତୁରନ୍ତ ତାଙ୍କୁ ଅର୍କିଡ୍ ହସ୍ପିଟାଲକୁ ନେଇଥିଲେ । ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଛନ୍ତି । କୃଷ୍ଣକାନ୍ତଙ୍କ ପରିବାର ଲୋକଙ୍କ କହିବା ମୁତାବକ, ଜମି ଦୁର୍ନୀତି ମାମଲାରେ ଇଡି ନିକଟରେ ତାଙ୍କୁ ଏକ ନୋଟିସ୍ ପଠାଇଥିଲା । ତାଙ୍କୁ ପଚରାଉଚରା କରିବା ପାଇଁ ଡକା ଯାଇଥିଲା । ଏହାକୁ ନେଇ ସେ ବେଶ୍ ଅବସାଦରେ ଥିଲେ । ଏହାପରେ ସେ ଆତ୍ମହତ୍ୟା କରିଥିବା କୁହାଯାଉଛି । ତେବେ ଆତ୍ମହତ୍ୟାର ପ୍ରକୃତ କାରଣ ଏଯାଏ ସ୍ପଷ୍ଟ ହୋଇନାହିଁ । ପୁଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ସମସ୍ତ ଦଗକୁ ଦୃଷ୍ଟି ରଖି ପୁଲିସ ମାମଲାର ତଦନ୍ତ ଜାରି ରଖିଛି ।

# ଭାରତର ନିର୍ବାଚନରେ ହସ୍ତକ୍ଷେପ କରିବାକୁ ଆମେରିକାର ଅପଚେଷ୍ଟା

**ନୂଆଦିଲ୍ଲୀ:** ଭାରତରେ ଚାଲିଥିବା ଲୋକସଭା ନିର୍ବାଚନରେ ମୁଣ୍ଡ ପୂରାଇବାକୁ ଚେଷ୍ଟା କରୁଛି ଆମେରିକା । ଭାରତର ସାଧାରଣ ନିର୍ବାଚନରେ ଆମେରିକା ହସ୍ତକ୍ଷେପ କରୁଛି । ଏଭଳି କିଛି ଦାବି କରିଛି ରୁଷ । ଭାରତକୁ ଏକ ଦେଶ ଭାବେ ଆମେରିକା ସମ୍ମାନ ଦେଉନଥିବା ରୁଷ ଅଭିଯୋଗ ଆଣିଛି । ରୁଷ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ମାରିଆ ଜାଖାରୋଭା ଅଭିଯୋଗ କରିଛନ୍ତି ଯେ ଆମେରିକା ଭାରତର ଆଭ୍ୟନ୍ତରୀଣ ରାଜନୈତିକ



ପରିସ୍ଥିତିକୁ ବିଗାଡିବା ସହ ସାଧାରଣ ନିର୍ବାଚନକୁ ଜଟିଳ କରିବାକୁ ଚେଷ୍ଟା କରୁଛି । କେବଳ ଏତିକି ନୁହେଁ, ପନ୍ନୁ ମାମଲାରେ ରୁଷ ଆମେରିକାକୁ ତାଗିଦ ମଧ୍ୟ କରିଛି ।

ମୁଖପାତ୍ର ମାରିଆ ଜାଖାରୋଭା କହିଛନ୍ତି, 'ଧାର୍ମିକ ସ୍ୱାଧୀନତା ଉପରେ ଆମେରିକା ଭିତ୍ତିହୀନ ଅଭିଯୋଗ ଜାରି ରଖିଛି । ଭାରତର ଜାତୀୟ ମାନସିକତା ଏବଂ ଇତିହାସ ବିଷୟରେ ୱାଶିଂଟନରେ ସାଧାରଣ ବୁଝାମଣାର ଅଭାବ ରହିଛି । ଭାରତର ଆଭ୍ୟନ୍ତରୀଣ ବ୍ୟାପାରରେ ସ୍ପଷ୍ଟ ଭାବରେ ହସ୍ତକ୍ଷେପ କରୁଛି ୱାଶିଂଟନ୍ । ଏଭଳି କରି ସେ ଭାରତର ସାଧାରଣ ନିର୍ବାଚନରେ ବାଧା ସୃଷ୍ଟି କରିବାକୁ ଚାହୁଁଛି । ଆମେରିକାର ଏଭଳି କାର୍ଯ୍ୟକଳାପ ଭାରତର ଆଭ୍ୟନ୍ତରୀଣ ବ୍ୟାପାରରେ ହସ୍ତକ୍ଷେପକୁ ସ୍ପଷ୍ଟ ଭାବରେ ଦର୍ଶାଉଛି, ଯାହା ଭାରତ ପ୍ରତି ଅପମାନଜନକ । ଏଥି ସହିତ ଖାଲିସ୍ତାନୀ ଆତଙ୍କବାଦୀ ଗୁରୁପତଓ୍ୱନ୍ତ ସିଂହ ପନ୍ନୁଙ୍କୁ ହତ୍ୟା ଷଡଯନ୍ତ୍ର ଅଭିଯୋଗରେ ରୁଷ ଭାରତକୁ ସମର୍ଥନ କରିଛି । ପନ୍ନୁ ହତ୍ୟା ଷଡଯନ୍ତ୍ରରେ ଭାରତୀୟ ଅଧିକାରୀଙ୍କ ସମ୍ପୃକ୍ତି ନେଇ ରୁଷ ଆମେରିକାର ଦାବିକୁ ପ୍ରତ୍ୟାଖ୍ୟାନ କରିଛି । ପନ୍ନୁ ହତ୍ୟା ଷଡଯନ୍ତ୍ରରେ ଭାରତର ସମ୍ପୃକ୍ତ ଥିବା ପ୍ରମାଣ କରିବାକୁ ୱାଶିଂଟନ୍ ଏପର୍ଯ୍ୟନ୍ତ କୌଣସି ବିଶ୍ୱାସନୀୟ ସୂଚନା କିମ୍ବା ପ୍ରମାଣ ଦେଇ ନାହିଁ ବୋଲି ରୁଷ କହିଛି ।

# ଆମେରିକାରେ ଭାରତୀୟ ଛାତ୍ର ନିଖୋଜ

**ୱାଶିଂଟନ:** ଭାରତୀୟ ଛାତ୍ରଙ୍କ ପାଇଁ ଏକ ପ୍ରକାର ଅସୁରକ୍ଷିତ ହୋଇପଡିଛି ବିଦେଶ ମାଟି । ଦିନକୁ ଦିନ ଏଠାରେ ଭାରତୀୟ ଛାତ୍ର ନିଖୋଜ ଓ ହତ୍ୟା ଘଟଣା ବଢ଼ିବାରେ ଲାଗିଛି । ଏବେ ପୁଣି ଥରେ ଏଭଳି ଏକ ମାମଲା ସାମ୍ନାକୁ ଆସିଛି । ଆମେରିକାର ଚିକାଗେରେ ଜଣେ ଭାରତୀୟ ଛାତ୍ର ନିଖୋଜ ହୋଇଯାଇଛନ୍ତି । ଗଲା ୮ ଦିନ ହେବ ତାଙ୍କ ପତ୍ତା ମିଳୁନାହିଁ । ନିଖୋଜ ଭାରତୀୟ ଛାତ୍ର ହେଲେ ରୂପେଶ ଚନ୍ଦ୍ର ଚିନ୍ତାକିଣ୍ଡି । ସେ ହାଇଦ୍ରାବାସର ବାସିନ୍ଦା । ଗଲା ମେ' ୨ ତାରିଖରୁ ସେ ନିଖୋଜ ଅଛନ୍ତି । ତାଙ୍କୁ ଖୋଜିବା ପାଇଁ ବା ତାଙ୍କ ସହ ଯୋଗାଯୋଗ କରିବା ପାଇଁ ପୁଲିସ୍ ଚେଷ୍ଟା ଚଳାଇଛି । ଆମେରିକାରେ ରହୁଥିବା ଭାରତୀୟ ଛାତ୍ରଙ୍କ ସହ ଯୋଗାଯୋଗ ମଧ୍ୟ କରାଯାଇଥିବା ନେଇ ଚିକାଗୋରେ ଥିବା ଭାରତୀୟ ବାଣିଜ୍ୟ ଦୂତାବାସ କହିଛି । ଚିକାଗୋରେ ଥିବା ଭାରତର ବାଣିଜ୍ୟ ଦୂତାବାସ ପକ୍ଷରୁ ସୋଶାଲ ମିଡିଆରେ ପୋଷ୍ଟ କରି କୁହାଯାଇଛି ଯେ, 'ଭାରତୀୟ ଛାତ୍ର ରୂପେଶ ଚନ୍ଦ୍ର ଗତ ମେ ୨ ତାରିଖରୁ କେଉଁଆଡ଼େ ନିଖୋଜ ହୋଇ ଯାଇଛନ୍ତି । ଏହା ଗଭୀର ଚିନ୍ତାର ବିଷୟ । ତାଙ୍କୁ ଖୋଜିବା ପାଇଁ କନ୍ସୁଲେଟ୍ ପୁଲିସ୍ ସହ ଯୋଗାଯୋଗରେ ରହିଛି । ଖୁବ ଶୀଘ୍ର ତାଙ୍କ ପତ୍ତା ମିଳିଯିବ ବୋଲି ଆଶା କରାଯାଇଛି । ସେପଟେ ଚିକାଗୋ ପୁଲିସ ଲୋକଙ୍କୁ ନିବେଦନ କରିଛି ଯେ ଯଦି ସେମାନେ ରୂପେଶଙ୍କ ବିଷୟରେ କୌଣସି ସୂଚନା ପାଆନ୍ତି, ତେବେ ଏହାକୁ ପୁଲିସ ସହ ସେୟାର କରନ୍ତୁ ।

# ଚେକ୍ ପୋଷ୍ଟରେ ଟ୍ରକରୁ ୮ କୋଟି ଜବତ



**ହାଇଦ୍ରାବାଦ:** ଆନ୍ଧ୍ରପ୍ରଦେଶର ଏକ ଚେକ୍ ପୋଷ୍ଟରୁ ଜବତ ହେଲା ୮ କୋଟି ଟଙ୍କାର କ୍ୟାସ୍ । ଗରିକାପାଡୁ ଚେକ୍ ପୋଷ୍ଟରେ ଚେକିଂ ବେଳେ ଏନଟିଆର ଜିଲ୍ଲା ପୁଲିସ ବିଡ଼ା ବିଡ଼ା ଟଙ୍କା ବଣ୍ଡଲ ଜବତ କରିଛି । ପାଇପ୍ ଲୋଡ୍ ହୋଇ ଯାଉଥିବା ଟ୍ରକରେ ଏହି ଟଙ୍କା ସବୁ ଯାଉଥିଲା । ଟ୍ରକରେ ସ୍ୱତନ୍ତ୍ର କ୍ୟାବିନରେ ଟଙ୍କା ଭର୍ତ୍ତି କରି ହାଇଦ୍ରାବାଦରୁ ଗୁଣ୍ଟୁର ସହରକୁ ପଠାଯାଉଥିଲା । ଖବର ପାଇ ପୁଲିସ୍ ପହଞ୍ଚି ଟ୍ରକ୍କୁ ତନ ତନ କରି ଯାଞ୍ଚ କରିଥିଲା । ଏହାପରେ ଟ୍ରକ୍ରୁ ବିଡ଼ା ବିଡ଼ା ଟଙ୍କା ଜବତ ହୋଇଥିଲା । ଜବତ ସମସ୍ତ ଟଙ୍କାକୁ ଜିଲ୍ଲା ଯାଞ୍ଚ ଟିମକୁ ହସ୍ତାନ୍ତର କରାଯାଇଛି । କଡ଼ା ସୁରକ୍ଷା ବଳୟ ମଧ୍ୟରେ ତାହାକୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି । ଏହି ଟଙ୍କା କାହାର, କେଉଁଠୁ ଆସିଲା ତାହା ସ୍ପଷ୍ଟ ହୋଇ ନାହିଁ । ପୁଲିସ୍ ଏହାର ଛାନଭିନ ଆରମ୍ଭ କରିଛି । ପରବର୍ତ୍ତୀ ସମୟରେ ନିର୍ବାଚନ କମିଶନ ଅଧିକାରୀ ଏବଂ ଫ୍ଲାଇଂ ସ୍କ୍ୱାର୍ଡ ଟିମ୍ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦେଇଛନ୍ତି ଜଗେଆପେଟ୍ ସର୍କଲ ଇନସ୍ପେକ୍ଟର । ଆସନ୍ତା ୧୩ ତାରିଖରେ ଦେଶରେ ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହେବ । ଉକ୍ତ ଦିନ ୧୦ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୯୬ଟି ଆସନ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ । ସେଥିମଧ୍ୟରେ ଆନ୍ଧ୍ରପ୍ରଦେଶର ୨୫ଟି ସିଟ୍ ପାଇଁ ମଧ୍ୟ ର୍ନିବାଚନ ଅନୁଷ୍ଠିତ ହେବ ।

# ୟୁ-ଟର୍ଣ୍ଣ ନେଲା ସନ୍ଦେଶଖାଲି ମାମଲା: ଦୁଷ୍କର୍ମ ଅଭିଯୋଗ ଫେରାଇ ନେଲେ ମହିଳା

**କୋଲକାତା:** ପଶ୍ଚିମବଙ୍ଗର ବହୁ ଚର୍ଚ୍ଚିତ ସନ୍ଦେଶଖାଲି ମାମଲା ଏବେ ୟୁ-ଟର୍ଣ୍ଣ ନେଇଛି । ଟିଏମସି ନେତା ଶେଖ ଶାହଜାହାଁଙ୍କ ବିରୋଧରେ ଦୁଷ୍କର୍ମ ଅଭିଯୋଗ ଫେରାଇ ନେଇଛନ୍ତି ଦୁଇ ଜଣ ମହିଳା । ମିଛ ଅଭିଯୋଗ କରିବା ପାଇଁ ସେମାନଙ୍କୁ ଧମକ ମିଳିଥିବା ମହିଳାମାନେ ଅଭିଯୋଗ ଆଣିଛନ୍ତି । ଟାଇମ୍ସ ଅଫ୍ ଇଣ୍ଡିଆର ରିପୋର୍ଟ ମୁତାବକ, ଅଭିଯୋଗ ଫେରାଇ ନେଇଥିବା ଦୁଇ ଜଣ ମହିଳା ସେମାନଙ୍କର ଯୌନ ଉତ୍ପୀଡନ ହୋଇନଥିବା ନେଇ ଖୁଲାସା କରିଛନ୍ତି । ବିଜେପି ମହିଳା ମୋର୍ଚ୍ଚାର କିଛି ସ୍ଥାନୀୟ ନେତା ତାଙ୍କ ଘରକୁ ଆସିଥିଲେ । ଏମାନେ ଧଳା କାଗଜରେ ସେମାଙ୍କର ହସ୍ତାକ୍ଷର ନେଇଥିଲେ । ଏହାପରେ ଥାନାରେ ମିଛ ଦୁଷ୍କର୍ମ ଅଭିଯୋଗ କରାଯାଇଥିଲା । ସନ୍ଦେଶଖାଲିର ଏହି ଦୁଇ ମହିଳାଙ୍କ କହିବା ମୁତାବକ, ବିଜେପି ନେତାମାନେ ସେମାନଙ୍କର ଧଳା କାଗଜରେ ହସ୍ତାକ୍ଷର ନେବା ପରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଲାଭ ମିଳିବ ବୋଲି କହିଥିଲେ ।



ଏହାପରେ ସେମାନଙ୍କୁ ଥାନାକୁ ନେଇ ଯାଇଥିଲେ । ସେଠାରେ ମିଛ ଯୌନ ଉତ୍ପୀଡନ ମାମଲା ରୁଜୁ କରାଯାଇଥିଲା ।

ଆମେ ଏହି ମାମଲା ବିଷୟରେ କିଛି ଜାଣିନଥିଲୁ । ଟିଏମସି ନେତାଙ୍କ ଯୌନ ଉତ୍ପୀଡିନର ଶିକାର ହୋଇଥିବା ମହିଳାଙ୍କ ତାଲିକା ପ୍ରକାଶ ପାଇବା ପରେ ସେଥିରେ ଆମ ନାଁ ଥିବା ଦେଖି ଏ ବିଷୟରେ ଜାଣିବାକୁ ପାଇଥିଲୁ । ଏହା ଏକ ପୂର୍ବ ଯୋଜନାବଦ୍ଧ ଓ ମିଛ ଅଭିଯୋଗ । ଆମେ ଏହି ମିଛ ଅଭିଯୋଗର ଭାଗିଦାରୀ ହେବୁ ନାହିଁ ବୋଲି ସନ୍ଦେଶଖାଲିର ଏହି ଦୁଇ ମହିଳା କହିଛନ୍ତି ।

କେବଳ ସେତିକି ନୁହେଁ ଅଭିଯୋଗ ଫେରାଇ ନେଇଥିବା ମହିଳାମାନେ ସନ୍ଦେଶଖାଲି ପୁଲିସ ଷ୍ଟେସନରେ ଏକ ଏଫ୍ଆଇଆର୍ ମଧ୍ୟ ରୁଜୁ କରିଛନ୍ତି । ଦୁଷ୍କର୍ମ ଅଭିଯୋଗ ଫେରାଇ ନେଇଥିବା ଯୋଗୁ ସେମାନଙ୍କୁ ଧମକ ଦିଆଯାଉଛି । ସେମାନଙ୍କୁ ବାସନ୍ଦ କରିବା ପାଇଁ ଚେଷ୍ଟା କରାଯାଉଥିବା ଉକ୍ତ ଦୁଇ ମହିଳା ନିଜ ଏଫ୍ଆଇଆର୍ କହିଛନ୍ତି ।

କହିରଖୁ ଯେ, ସନ୍ଦେଶଖାଲି ମାମଲା ସାମ୍ନାକୁ ଆସିବା ପଶ୍ଚିମବଙ୍ଗ ରାଜନୀତିରେ ହଇଚଇ ସୃଷ୍ଟି ହୋଇଥିଲା । ଉତ୍ତର ପରାଗଣ୨୪ ଜିଲ୍ଲାର ଟିଏମ୍ସି ନେତା ଶେଖ ଶାହଜାହାଁ ଓ ତାଙ୍କର କିଛି କର୍ମୀ ଏଠାକାର ଲୋକଙ୍କ ଜମି ହଡପ କରିବା ସହ ମହିଳାଙ୍କ ଯୌନ ଉତ୍ପୀଡନ କରିଥିବା ଅଭିଯୋଗ ହୋଇଥିଲା । ଏହି ମାମଲାରେ ପୁଲିସ ଶେଖ ଶାହଜାହାଁଙ୍କୁ ଗିରଫ ମଧ୍ୟ କରିଛି ।

# ବେଙ୍ଗାଲୁରୁର ପଞ୍ଚମ ବିଜୟ



ଆଇପିଏଲ୍ ମହାସମର

ଧର୍ମଶାଳା,୯।୫(ଏଜେନ୍ସି): ଆଇପିଏଲ୍‌ର ୫୮ତମ ମ୍ୟାଚରେ ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁ ୬୦ ରନ୍ ବ୍ୟବଧାନରେ ପଞ୍ଜାବ କିଙ୍ଗ୍ସକୁ ଧରାଶାୟୀ କରିଛି । ଏହି ଜମାଣିଆ ବିଜୟ ସହ ବେଙ୍ଗାଲୁରୁ ୧୨ ମ୍ୟାଚରୁ ୧୦ ପଏଣ୍ଟ ହାସଲ କରି ଟେବୁଲର ସପ୍ତମ ସ୍ଥାନରେ ରହିଛି । ପରାଜିତ ପଞ୍ଜାବ କିଙ୍ଗ୍ସର ପ୍ଲେ ଅଫ୍ ଆଶା ଶେଷ ହୋଇଛି । କାରଣ ଦଳ ୧୨ ମ୍ୟାଚରୁ ୮ ପଏଣ୍ଟ ହାସଲ କରିଥିବାରୁ ପ୍ଲେ ଅଫ୍ସ ଯୋଗ୍ୟତା ହାତେଇବା ଆଉ ସମ୍ଭବ ନୁହେଁ । ଧର୍ମଶାଳାରେ ଅନୁଷ୍ଠିତ ମ୍ୟାଚରେ ବେଙ୍ଗାଲୁରୁ ଦଳ ବିରାଟ କୋହଲିଙ୍କ ୯୨ ରନ୍ ଓ ରଜତ ପଟିଦାରଙ୍କ ୫୫ ରନ୍ ସହାୟତାରେ ୨୦ ଓଭରରେ ୭ ୱିକେଟ୍ ହରାଇ ୨୪୧ ରନ୍ କରିଥିଲା । ଜବାବରେ ପଞ୍ଜାବ କିଙ୍ଗ୍ସ ୧୭ ଓଭରରେ ୧୮୧ ରନ୍ କରିବାକୁ ସକ୍ଷମ ହୋଇଥିଲା । ଟସ୍ ଜିତି ପଞ୍ଜାବ କିଙ୍ଗ୍ସ ହିମାଚଳପ୍ରଦେଶ କ୍ରିକେଟ୍ ଆସୋସିଏସନ୍ ଷ୍ଟାଡିୟମ୍‌ରେ ବେଙ୍ଗାଲୁରୁକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା । ପ୍ଲେ ଅଫ୍ ଦୌଡ଼ରୁ ଏକବାଦ ପଡିସାରିଥିବା ବେଙ୍ଗାଲୁରୁ କେବଳ ସୁଖଦ ବିଜୟ ସହ ଆଇପିଏଲ୍ ଅଭିଯାନ ଶେଷ କରିବାକୁ ଲକ୍ଷ୍ୟ ରଖିଛି । କୋହଲିଙ୍କ ସହ ଫାଫ ଡୁପ୍ଲେସିସ୍ ପାଳି ଆରମ୍ଭ କରିଥିଲେ । ଡୁପ୍ଲେସିସ୍ ୭ ବଲ୍‌ରୁ ୯ ରନ୍ କରି ଆଉଟ୍ ହୋଇଥିବା ବେଳେ କୋହଲିଙ୍କ ବ୍ୟାଟରୁ ଚୌକା ଓ ଛକା ବର୍ଷା ଦେଖିବାକୁ ମିଳିଥିଲା । କୋହଲି ୪୭ ବଲ୍‌ର ସମ୍ମୁଖୀନ ହୋଇ ୭ଟି ଚୌକା ଓ ୬ଟି ଛକା ସହାୟତାରେ ୯୨ ରନ୍ କରିଥିଲେ । ଅନ୍ୟ ଖେଳାଳିଙ୍କ ମଧ୍ୟରେ ୱିଲ ଜ୍ୟାକ୍ସ ୧୨ ରନ୍ ତଥା ରଜତ ପଟିଦାର ବିସ୍ଫୋରକ ଇନିଂସ ଖେଳି ଦଳୀୟ ସ୍କୋରକୁ ୧୧୯ରେ ପହଞ୍ଚାଇଥିଲେ । ପଟିଦାର ୨୩ ବଲ୍‌ର ସମ୍ମୁଖୀନ ହୋଇ ୩ ଚୌକା ଓ ୬ ଛକା ସହାୟତାରେ ୫୫ ରନ୍ କରିଥିଲେ । କାମେରନ୍ ଗ୍ରୀନ୍ ୨୭ ବଲ୍‌ରୁ ୪୬ ଓ ଦିନେଶ କାର୍ତ୍ତିକ ୭ ବଲ୍‌ରୁ ୧୮ ରନ୍ କରିବାରୁ ଦଳୀୟ ସ୍କୋର ୨୦ ଓଭରରେ ୨୪୧/୭ରେ ପହଞ୍ଚିଥିଲା । ବୋଲିଂରେ ପଞ୍ଜାବ କିଙ୍ଗ୍ସର ହର୍ଷାଲ ପଟେଲଙ୍କୁ ସର୍ବାଧିକ ୩ ୱିକେଟ୍, ବିଦ୍ୱତ କାଭେରାପ୍ପା ୨ଟି, ଅର୍ଶଦୀପ ସିଂ ଓ ସାମ କୁରନ୍ ଗୋଟିଏ କରି ୱିକେଟ୍ ସଫଳତା ପାଇଥିଲେ । ୨୪୨ ରନ୍‌ର ବିଜୟଲକ୍ଷ୍ୟ ପଞ୍ଜାବ ପାଇଁ ଅପହଞ୍ଚ ମନେ ହେଉଥିଲା । କାରଣ ଦଳୀୟ ସ୍କୋର ୬ ରନ୍ ବେଳେ ଓପନର ପ୍ରଭସିମରନ୍ ସିଂ ଏଲବିଡବ୍ଲ୍ୟୁ ହୋଇ ପାଭିଲିୟନ୍ ଫେରିଥିଲେ । ୱିକେଟ୍‌ପତନ ସତ୍ତ୍ୱେ ପଞ୍ଜାବର ରଣନୀତି ବଦଳି ନଥିଲା । ଜନୀ ବେୟାରଷ୍ଟୋ ୨୭ ବଲ୍‌ରୁ ୬୧ ରନ୍ କରିବାରୁ ଦଳୀୟ ସ୍କୋର ୧୦୦ ଟପି ଥିଲା । ଶଶାଙ୍କ ସିଂ ଏକାକୀ ଲଢ଼େଇ ଜାରି ରଖିଥିଲେ । ସେ ୩୭ ରନ୍ କରି ଆଉଟ୍ ହେବା ସହ ଦଳର ବିଜୟ ଆଶା ମଉଳି ଯାଇଥିଲା । ଅଧିନାୟକ ସାମ କୁରନ୍ ୧୬ ବଲ୍‌ରୁ ୨୨ ରନ୍ କରିଥିବାରୁ ଦଳର ଅନ୍ୟ ୭ ଜଣ ବ୍ୟାଟର ୨ ଅଙ୍କ ଛୁଇଁ ପାରିନଥିଲେ । ବୋଲିଂରେ ବେଙ୍ଗାଲୁରୁର ମହମ୍ମଦ ସିରାଜ ୩ଟି ସ୍ୱପ୍ନିଲ ସିଂ, ଲକି ଫର୍ଗୁସନ୍ ଓ କର୍ଣ୍ଣ ଶର୍ମା ପ୍ରତ୍ୟେକ ଦୁଇଟି ଲେଖାଏଁ ସଫଳତା ହାସଲ କରିଥିଲେ ।

**ପଏଣ୍ଟ ଟେବୁଲ**

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ |
|---|---|---|---|---|
| କୋଲକାତା | ୧୧ | ୮ | ୩ | ୧୬ |
| ରାଜସ୍ଥାନ | ୧୧ | ୮ | ୩ | ୧୬ |
| ସନ୍‌ରାଇଜର୍ସ | ୧୨ | ୭ | ୫ | ୧୪ |
| ଚେନ୍ନାଇ | ୧୧ | ୬ | ୫ | ୧୨ |
| ଦିଲ୍ଲୀ | ୧୨ | ୬ | ୬ | ୧୨ |
| ଲକ୍ଷ୍ନୌ | ୧୨ | ୬ | ୬ | ୧୨ |
| ବେଙ୍ଗାଲୁରୁ | ୧୨ | ୫ | ୭ | ୧୦ |
| ମୁମ୍ବାଇ | ୧୨ | ୪ | ୮ | ୮ |
| ପଞ୍ଜାବ | ୧୨ | ୪ | ୮ | ୮ |
| ଗୁଜରାଟ | ୧୧ | ୪ | ୭ | ୮ |

**ଆଜିର ମ୍ୟାଚ**

ଗୁଜରାଟ–ଚେନ୍ନାଇ
ସମୟ: ରାତି ୭.୩୦
ସ୍ଥାନ: ଅହମ୍ମଦାବାଦ
ପ୍ରସାରଣ: ଷ୍ଟାରନେଟୱର୍କ, ଜିଓ ସିନେମା

## ମହିଳା ଟି–୨୦

# ଶୃଙ୍ଖଳା କ୍ଲିନ୍ ସୁଇପ୍ କଲା ଭାରତ



ସିଲହଟ୍,୯।୫(ଏଜେନ୍ସି): ବାଂଲାଦେଶ ବିପକ୍ଷ ମହିଳା ଟି–୨୦ ଶୃଙ୍ଖଳାକୁ ଟିମ୍ ଇଣ୍ଡିଆ ୫–୦ରେ କ୍ଲିନ୍ ସୁଇପ୍ କରିଛି। ଗୁରୁବାର ଅନୁଷ୍ଠିତ ମ୍ୟାଚରେ ଭାରତୀୟ ମହିଳା ଦଳ ୨୧ରନ୍‌ରେ ବିଜୟ ଲାଭ କରିଥିଲା। ଏଥିସହ ଘରୋଇ ଦଳ ୫ ମ୍ୟାଚ ବିଶିଷ୍ଟ ଶୃଙ୍ଖଳାରେ ଗୋଟିଏ ମଧ୍ୟ ମ୍ୟାଚ ଜିତିବାକୁ ସକ୍ଷମ ହୋଇପାରି ନାହିଁ । ଶେଷ ମ୍ୟାଚରେ ହରମନପ୍ରୀତ କୌରଙ୍କ ନେତୃତ୍ୱାଧିନ ଭାରତ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୫ ୱିକେଟ ହରାଇ ୧୫୬ରନ କରିଥିଲା। ଏହାର ଜବାବରେ ବାଂଲାଦେଶ ୨୦ ଓଭରରେ ୬ ୱିକେଟ ହରାଇ୧୩୫ରନ କରିବାକୁ ସକ୍ଷମ ହୋଇଥିଲା । ୨୪ରନ୍ ବିନିମୟରେ ୩ ୱିକେଟ ଦଖଲ କରିଥିବା ରାଧା ଯାଦବଙ୍କୁ ପ୍ଲେୟାର ଅଫ୍ ଦ ମ୍ୟାଚ୍ ବିବେଚିତ କରାଯାଇଥିଲା।

ଭାରତ ପକ୍ଷରୁ ସାଫଳ ବର୍ମା ୧୪ରନ୍, ସ୍ମୃତି ମନ୍ଧାନା ୩୩ରନ୍, ଦୟାଲାନ୍ ହେମଲତା ୩୭ରନ୍, ହରମନପ୍ରୀତ କୌର ୩୦ରନ୍, ରିଚା ଘୋଷ ଅପରାଜିତ ୨୮ରନ୍, ଦୀପ୍ତି ଶର୍ମା ଅପରାଜିତ ୫ରନ କରିଥିଲେ । ତେଣୁ ଭାରତ ୨୦ ଓଭରରେ ୧୫୬/୫ରନ କରିବାକୁ ସକ୍ଷମ ହୋଇଥିଲା। ଜବାବରେ ବାଂଲାଦେଶ ପକ୍ଷରୁ ଦିଲାରା ଅଖତାର ୪ରନ୍, ସୋଭନା ମହାନ୍ତି ୧୩ରନ୍, ରୁବିଆ ହାଇଦର ୨୦ରନ୍, ନିଗାର ସୁଲତାନା ୭ରନ୍, ରିତୁ ମୋନି ୩୭ରନ୍, ସୋଫିଆ ଖାତୁନ୍ ଅପରାଜିତ ୨୮ନର୍ ଓ ରାବିୟା ଖାନ୍୧୪ରନ୍ କରିଥିଲେ। ଏହାସତ୍ତ୍ୱେ ବାଂଲାଦେଶ ବିଜୟ ଲକ୍ଷ୍ୟ ଠାରୁ ୨୧ରନ୍ ପଛରେ ରହିଯାଇଥିଲା। ଭାରତର ରାଧା ଯାଦବ ୩ଟି, ଆଶା ସୋଭନା ୨ଟି ଓ ତିତାସ୍ ସାଧୁ ଗୋଟିଏ ୱିକେଟ୍ ସଫଳତା ହାସଲ କରିଥିଲେ ।

## ରାଜମାତା ଜିଜାବାଇ ଟ୍ରଫି

# ମଣିପୁରଠାରୁ ହାରିଲା ଓଡ଼ିଶା

ଭୁବନେଶ୍ୱର,୯।୫(ସବ୍ୟୁ): ୨୮ତମ ସିନିୟର ମହିଳା ଫୁଟବଲ ଚାମ୍ପିଅନସିପ୍ ରାଜମାତା ଜିଜାବାଇ ଟ୍ରଫିର ଫାଇନାଲ ରାଉଣ୍ଡ ମ୍ୟାଚରେ ଓଡ଼ିଶା ଦଳ ୧–୩ ଗୋଲରେ ମଣିପୁର ନିକଟରୁ ପରାଜିତ ହୋଇଛି । ମଣିପୁର ଏପରି ଖେଳିଥିଲା ଯେ, ଦଳ ୬୬ ମିନିଟ ସୁଧା ୩–୦ ଗୋଲରେ ଅଗ୍ରଣୀ ହାସଲ କରିଥିଲା। ୧୭ତମ ଓ ୬୬ତମ ମିନିଟରେ ନାଗାନଗମ୍ ବାଲାଦେବୀ ଡବଲ ଗୋଲ ସ୍କୋର କରିଥିଲେ। ପୁଣି ୨୬ତମ ମିନିଟରେ ଡାଙ୍ଗମେୟୀ ଗ୍ରେସ୍ ଗୋଲ ଦେଇଥିଲେ। ଏହାର ଜବାବରେ ଓଡ଼ିଶା ପକ୍ଷରୁ ୮୭ତମ ମିନିଟରେ ମନିଶା ନାଏକ୍ ଏକମାତ୍ର ଗୋଲ ପରିଶୋଧ କରିଥିଲେ। ଏହା ସତ୍ତ୍ୱେ ଦଳ ପରାଜୟ ଟାଳିବାକୁ ସକ୍ଷମ ହୋଇପାରିନଥିଲା ।

SALE SALE SALE
Flex Printing Machine (10 feet)
As on Where Basis.
Company Name:
"MONOTECH"
Systems PVT.LTD.
For Contact : 8917518606

# ଅଧିନାୟକ ପଦ ଛାଡିବେ କି ରାହୁଲ

ନୂଆଦିଲ୍ଲୀ,୯।୫(ଏଜେନ୍ସି): ଚଳିତ ଆଇପିଏଲ୍‌ରେ ଏକାଧିକ ହଟଚମଟ ଦେଖିବାକୁ ମିଳିଛି । ଆଇପିଏଲ୍ ଆରମ୍ଭ ପୂର୍ବରୁ ମୁମ୍ବାଇ ଇଣ୍ଡିଆନ୍ସ ନେତୃତ୍ୱ ପରିବର୍ତ୍ତନ କରିଥିଲା । ରୋହିତ ଶର୍ମାଙ୍କ ସ୍ଥାନରେ ହାର୍ଦ୍ଦିକ ପାଣ୍ଡ୍ୟା ଦଳର ଅଧିନାୟକ ହୋଇଥିଲେ । ତେଣୁ ଦଳରେ ଦଳୀୟ ଖେଳାଳିଙ୍କ ମଧ୍ୟରେ ମତଭେଦ ଓ ପ୍ରଦର୍ଶନ ରସାତଳଗାମୀ ହେବାରୁ ବିଧିବଦ୍ଧ ଭାବେ ମୁମ୍ବାଇ ଆଇପିଏଲ୍ ପ୍ଲେ ଅଫ୍ସରୁ ବାଦ ପଡିସାରିଛି । ପୁଣି ଆଉ ସମସ୍ୟା ମୁଣ୍ଡ ଟେକିଛି ଲକ୍ଷ୍ନୌ ସୁପରଜ୍ୟାଣ୍ଟସ । ଟି–୨୦ ବିଶ୍ୱକପ୍ ଦଳରେ ସ୍ଥାନ ପାଇନଥିବା ଲୋକେଶ ରାହୁଲ ଲକ୍ଷ୍ନୌର ନେତୃତ୍ୱ ନେଉଛନ୍ତି । ଗତ ସନରାଇଜର୍ସ ହାଇଦ୍ରାବାଦ ବିପକ୍ଷ ମ୍ୟାଚରେ ଦଳର ଶୋଚନୀୟ ପରାଜୟ ପରେ ଫ୍ରାଞ୍ଚାଇଜ ମାଲିକ ରାଜୀବ ଗୋଏଙ୍କା ଅଧିନାୟକ ଲୋକେଶ ରାହୁଲଙ୍କୁ କଡ଼ା ଭାଷାରେ ତାଗିଦ କରୁଥିବା ନଜର ଆସିଥିଲା । ଏହାପରେ ଲକ୍ଷ୍ନୌ ସୁପରଜ୍ୟାଣ୍ଟସରେ ରାହୁଲଙ୍କ ଅଧିନାୟକ ପଦ ଶଙ୍କଟରେ ପଡ଼ିଯାଇଛି । ଏପରିକି ଆଗାମୀ ଦୁଇଟି ମ୍ୟାଚରେ ରାହୁଲ ଲକ୍ଷ୍ନୌର ଅଧିନାୟକ ରହିବେ କି ନାହିଁ ତାକୁ ନେଇ ଅନିଶ୍ଚିତତା ଦେଖାଯାଇଛି ।

ରାହୁଲଙ୍କୁ ଲକ୍ଷ୍ନୌ ଦଳ ୨୦୨୨ ଖେଳାଳି ନିଲାମରେ ୧୭ କୋଟି ଟଙ୍କାରେ କିଣି ଥିଲା । ୨୦୨୪ ଶେଷ ଆଡକୁ ଆଇପିଏଲ୍ ମେଗା ଖେଳାଳି ନିଲାମ ହେବାକୁ ଯାଉଛି । ରାହୁଲଙ୍କ ପ୍ରଦର୍ଶନ ଖରାପ ଥିବାରୁ ଦଳ ତାଙ୍କୁ ରିଟେନ ଖେଳାଳି ଭାବେ ରଖିବ କି ନାହିଁ ତାହା ମଧ୍ୟ ସନ୍ଦେହ ଘେରରେ । ଯାହା ଶୁଣିବାକୁ ମିଳୁଛି ଲୋକେଶ ରାହୁଲ ଶେଷ ଦୁଇଟି ମ୍ୟାଚ ପାଇଁ ଅଧିନାୟକ ପଦରୁ ଓହରିଯିବେ ।

ଆଗକୁ ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ୧୩ତମ ମ୍ୟାଚ ଖେଳିବ ଲକ୍ଷ୍ନୌ । ହାଇଦ୍ରାବାଦ ମ୍ୟାଚ ଓ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ୫ ଦିନର ବିରତୀ ରହିଛି । ଏହି ସମୟ ମଧ୍ୟରେ ରାହୁଲ ଅଧିନାୟକ ପଦ ଛାଡିବା ନେଇ ନିଷ୍ପତ୍ତି ନେଇପାରନ୍ତି । ଯଦି ସେ ଅଧିନାୟକ ପଦ ଛାଡିବେ ତା'ହେଲେ ଦଳରେ ଜଣେ ସାଧାରଣ ୱିକେଟ୍ ରକ୍ଷକ ବ୍ୟାଟର ଭାବେ ଖେଳିବେ ।

ବୁଧବାର ଅନୁଷ୍ଠିତ ସନ୍‌ରାଇଜର୍ସ ହାଇଦ୍ରାବାଦ ଓ ଲକ୍ଷ୍ନୌ ମ୍ୟାଚରେ ହଟଚମଟ ଦେଖିବାକୁ ମିଳିଥିଲା । ଲକ୍ଷ୍ନୌ ମାତ୍ର ୧୬୫ ରନ୍ କରିଥିବା ବେଳେ ହାଇଦ୍ରାବାଦ ୧୦ ଓଭର ପୂର୍ବରୁ (୯.୪ ଓଭର) ୧୬୭ ରନ୍ କରି ଲକ୍ଷ୍ୟସ୍ଥଳରେ ପହଞ୍ଚିଯାଇଥିଲା । ଆଇପିଏଲ୍ ଇତିହାସରେ ପ୍ରଥମ ଘଟଣା ଭାବେ ସନ୍‌ରାଇଜର୍ସ ୧୦ ଓଭରରୁ କମ୍‌ରେ ୧୬୭ ରନ୍ କରି





୧୦ ୱିକେଟ୍‌ରେ ବିଜୟୀ ହୋଇଥିଲା । ଏଭଳି ପ୍ରଦର୍ଶନ ଅନ୍ୟ କୌଣସି ଦଳ ଦେଖାଇନାହାନ୍ତି । ଏହି ମ୍ୟାଚରେ ହାଇଦ୍ରାବାଦର ଟ୍ରେଭିସ୍ ହେଡ ୩୦ ବଲ୍‌ରୁ ୮୯ ରନ୍ ତଥା ଇମ୍ପାକ୍ଟ ଖେଳାଳି ଅଭିଶେକ ଶର୍ମା ୨୮ ବଲ୍‌ରୁ ୭୫ ରନ୍ କରି ଲକ୍ଷ୍ନୌର ସବୁ ବୋଲରଙ୍କୁ ନିସ୍ତୁକ ପହାର କରିଥିଲେ । ଏହି ମ୍ୟାଚରେ ଲକ୍ଷ୍ନୌ ଖେଳାଳିଙ୍କ ଅସହାୟତା ତଥା ଅଧିନାୟକ ଲୋକେଶ ରାହୁଲଙ୍କ ପରିଚାଳନାଗତ ତ୍ରୁଟି ପାଇଁ ମାଲିକ ରାଜୀବ ଗୋଏଙ୍କା ଅସନ୍ତୋଷ ପ୍ରକାଶ କରିଥିଲେ । ଏହି ମ୍ୟାଚରେ ରାହୁଲ ୩୩ ବଲ୍‌ରୁ ୨୯ ରନ୍‌ର ଧିମା ଇନିଂସ ଖେଳିଥିଲେ । ଟି–୨୦ ମ୍ୟାଚରେ ଏଭଳି ପ୍ରଦର୍ଶନ ଗ୍ରହଣ ନୁହେଁ । ତେଣୁ ଫ୍ରାଞ୍ଚାଇଜ୍ ମାଲିକ ଗୋଏଙ୍କା ନିଜ ଧର୍ଯ୍ୟ ହରାଇ ଲୋକେଶ ରାହୁଲଙ୍କୁ ତାଗିଦ କରିଥିଲେ । ଏପର୍ଯ୍ୟନ୍ତ ୧୨ଟି ମ୍ୟାଚ ଖେଳି ରାହୁଲ ୪୬୦ ରନ୍ କରିଛି । ଲିଗ୍ ପର୍ଯ୍ୟାୟରେ ଲକ୍ଷ୍ନୌ ଆଉ ଦୁଇଟି ମ୍ୟାଚ ଖେଳିବ । ଆଗାମୀ ୧୪ ତାରିଖରେ ଦିଲ୍ଲୀ କ୍ୟାପିଟାଲ୍ସ ଓ ୧୭ ତାରିଖରେ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ମ୍ୟାଚ ଖେଳିବ ଲକ୍ଷ୍ନୌ । ଏହି ଦୁଇଟି ମ୍ୟାଚ ଜିତି ପାରିଲେ ଲକ୍ଷ୍ନୌ ୧୬ ପଏଣ୍ଟ ହାସଲ କରିବ । ଯଦି ରାହୁଲ ଅଧିନାୟକ ପଦ ଛାଡନ୍ତି ତେବେ ଉପଅଧିନାୟକ ଦାୟିତ୍ୱରେ ଥିବା ନିକୋଲାସ୍ ପୁରନଙ୍କୁ ଗୁରୁଦାୟିତ୍ୱ ମିଳିପାରେ ।




# ମୁମ୍ବାଇ ଇଣ୍ଡିଆନ୍ସରେ ଫାଟ

ନୂଆଦିଲ୍ଲୀ,୯।୫(ଏଜେନ୍ସି): ଆଇପିଏଲ୍ ପ୍ଲେ ଅଫ୍ ଦୌଡ଼ରୁ ବିଧିବଦ୍ଧ ଭାବେ ବାଦ ପଡିଥିବା ୫ଥର ଚାମ୍ପିଅନ୍ ମୁମ୍ବାଇ ଇଣ୍ଡିଆନ୍ସରେ ଉତ୍ତେଜନା ଲାଗି ରହିଛି । ସିଜନ୍ ଆରମ୍ଭରୁ ରୋହିତଙ୍କ ସ୍ଥାନରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଅଧିନାୟକ ଦାୟିତ୍ୱ ଦିଆଯାଇଥିଲା । କିନ୍ତୁ ଦଳ କ୍ରମାଗତ ଭାବେ ମ୍ୟାଚ ହାରିବା ସହ ପ୍ଲେ ଅଫ୍‌ରୁ ବାଦ ପଡିଛି । ଏନେଇ ପାଣ୍ଡ୍ୟାଙ୍କ ବିରୋଧରେ ମେଳି କରିଛନ୍ତି ରୋହିତ ଶର୍ମା । ସୂର୍ଯ୍ୟକୁମାର ଯାଦବ ଓ ଯଶପ୍ରୀତ ବୁମରା । ୩ ଜଣ ଯାକ ଏକାଠି ହୋଇ ଗୁପ୍ତ ବୈଠକ କରିଛନ୍ତି । ରିପୋର୍ଟ ଅନୁଯାୟୀ ମୁମ୍ବାଇ ମ୍ୟାଚ ହାରିବା ପରେ ରୋହିତ, ବୁମରା ଓ ସୂର୍ଯ୍ୟଙ୍କ ଭଳି ଆଉ କିଛି ବରିଷ୍ଠ ଖେଳାଳି ବୈଠକ କରିଥିଲେ । ଏଥିରେ ଖେଳାଳିମାନେ ସେମାନଙ୍କ ସମସ୍ୟା ସମ୍ପର୍କରେ ମତ ରଖିଥିଲେ । ପାଣ୍ଡ୍ୟାଙ୍କ ନେତୃତ୍ୱକୁ ନେଇ ପ୍ରଶ୍ନ ଉଠିଥିଲା । ସେହିପରି ସମସ୍ୟା ସମ୍ପର୍କରେ ଜଣିକିଆ ମିଟିଂ ମଧ୍ୟ ହୋଇଥିଲା ।

ରୋହିତ ଶର୍ମା ଏକ ଦଶନ୍ଧି ଧରି ମୁମ୍ବାଇ ଇଣ୍ଡିଆନ୍ସର ଅଧିନାୟକ ରହିଥିଲେ । ତାଙ୍କ ଅଧିନରେ ମୁମ୍ବାଇ ୫ ଥର ଚାମ୍ପିଅନ୍ ହୋଇଥିଲା । ହେଲେ ୨୦୨୪ ଆଇପିଏଲ୍ ଠିକ୍ ପୂର୍ବରୁ ରୋହିତଙ୍କୁ ହଟାଇ ପାଣ୍ଡ୍ୟାଙ୍କୁ ଅଧିନାୟକ ପଦ ଦିଆଯାଇଥିଲା । ହଠାତ ନେତୃତ୍ୱ ପରିବର୍ତ୍ତନ ଡ୍ରେସିଂ ରୁମ୍ ପରିବେଶକୁ ତିକ୍ତ କରିଦେଇଛି । ଦଳର ଜଣେ ଅଧିନାୟକ ନାମ ଗୋପନ ରଖି କହିଛନ୍ତି ନେତୃତ୍ୱ ପରିବର୍ତ୍ତନ ଯୋଗୁଁ ଏପରି ସମସ୍ୟା ଦେଖାଯିବା ସ୍ୱାଭାବିକ । ଖେଳରେ ସବୁ ବେଳେ ଏମିତି ଘଟିଥାଏ ତେଣୁ ବ୍ୟସ୍ତ ହେବାରେ କିଛି କାରଣ ନାହିଁ । ଦିଲ୍ଲୀ କ୍ୟାପିଟାଲ୍ସ ମ୍ୟାଚ ହାରିବା ପରେ ପାଣ୍ଡ୍ୟା ସିଧାସଳଖ ଯୁବ ବ୍ୟାଟର ତିଳକ ବର୍ମାଙ୍କୁ ଦୋଷ ଦେଇଥିଲେ ଏହି ମ୍ୟାଚରେ ତିଳକ ୩୨ ବଲ୍‌ରୁ ୬୩ ରନ୍‌ର ଇନିଂସ ଖେଳିଥିଲେ । ତିଳକ ଚଳିତ ସିଜନ୍‌ରେ ମୁମ୍ବାଇ ପାଇଁ ସର୍ବାଧିକ ରନ୍ କରିଛନ୍ତି । ତଥାପି ପାଣ୍ଡ୍ୟାଙ୍କ ବୟାନ ସମସ୍ତଙ୍କୁ ଚକିତ କରିଥିଲା । ଏହାକୁ ନେଇ ଦଳରେ ମତଭେଦ ବଢ଼ିବାରେ ଲାଗିଛି ।

## ଅରବିନ୍ଦ ସ୍ମାରକୀ କ୍ରିକେଟ୍
## ଟାଉନ୍ କ୍ଲବ୍‌କୁ ହରାଇଲା ପ୍ରଗତୀ ସ୍ପୋର୍ଟିଂ

ଭୁବନେଶ୍ୱର,୯।୫(ସବ୍ୟୁ): ଷଷ୍ଠ ଅରବିନ୍ଦ ସ୍ମାରକୀ କ୍ରିକେଟ୍‌ରେ ଗୁରୁବାର ଅନୁଷ୍ଠିତ ଚତୁର୍ଥ ପ୍ରି–କ୍ୱାର୍ଟର ମ୍ୟାଚରେ ପ୍ରଗତୀ ସ୍ପୋର୍ଟିଂ ୭ ୱିକେଟ୍‌ରେ ଟାଉନ୍ କ୍ଲବ୍‌କୁ ହରାଇଛି । ଏହି ମ୍ୟାଚରେ ଟାଉନ୍ କ୍ଲବ୍ ୩୦ ଓଭରରେ ୯୧ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା । ଆୟୁଷ ଅମଲାନ୍ ସର୍ବାଧିକ ୨୭ ରନ୍ କରିଥିଲେ । ଜବାବରେ ପ୍ରଗତୀ ସ୍ପୋର୍ଟିଂ ୧୬.୩ ଓଭରରେ ୩ ୱିକେଟ୍ ହରାଇ ୯୨ ରନ୍ କରିବା ସହ ବିଜୟୀ ହୋଇଥିଲା । ଦଳ ପକ୍ଷରୁ ପ୍ରଦ୍ୟୁଷ ଖଣ୍ଡାୟତରାୟ ୨୮, ଆଦିତ୍ୟ ଷଡଙ୍ଗୀ ୧୫ ଓ ଅସୀମ ବରାଡ ୨୧ ରନ କରିଥିଲେ । ଅଲ୍‌ରାଉଣ୍ଡ ପ୍ରଦର୍ଶନ ପାଇଁ ଆଦିତ୍ୟ ଷଡଙ୍ଗୀଙ୍କୁ ପ୍ଲେୟାର ଅଫ୍ ଦ ମ୍ୟାଚ ବିବେଚିତ କରାଯାଇଥିଲା । ପାରାମାଉଣ୍ଟ ସ୍ପୋର୍ଟିଂ ପ୍ରତିଷ୍ଠାତା ସଦସ୍ୟ ବିବେକାନନ୍ଦ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ । ଜମାଣିଆ ବିଜୟ ସହ ପ୍ରଗତୀ ସ୍ପୋର୍ଟିଂ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛି ।

## ଆଇପିଏଲ୍ ମ୍ୟାଚରେ କେଜରିୱାଲଙ୍କ ସମର୍ଥନରେ ନାରାବାଜି

ନୂଆଦିଲ୍ଲୀ,୯।୫(ଏଜେନ୍ସି): ଆଇପିଏଲ୍ ମ୍ୟାଚ ବେଳେ ଅଜବ ଘଟଣା ସାମ୍ନାକୁ ଆସିଛି । ଗତ ମଙ୍ଗଳବାର ଦିଲ୍ଲୀର ଅରୁଣ ଜେଟଲୀ ଷ୍ଟାଡିୟମ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ଓ ରାଜସ୍ଥାନ ରୟାଲ୍ସ ମଧ୍ୟରେ ମ୍ୟାଚ ଖେଳାଯାଇଥିଲା । ସେହିଦିନ ଲୋକସଭା ନିର୍ବାଚନ ପାଇଁ ତୃତୀୟ ପର୍ଯ୍ୟାୟ ମତଦାନ ହୋଇଥିଲା । ଦିଲ୍ଲୀରେ ଖେଳାଯାଇଥିବା ମ୍ୟାଚ ବେଳେ କିଛି ଦର୍ଶକ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କ ସମର୍ଥନରେ ନାରାବାଜି କରିଥିଲେ । ସେମାନେ ସ୍ୱତନ୍ତ୍ର ଟି–ସାର୍ଟ ପିନ୍ଧି ଥିଲେ ଯେଉଁ ଥିରେ କେଜରିୱାଲଙ୍କ ସମର୍ଥନରେ କିଛି ସ୍ଲୋଗାନ ଲେଖା ହୋଇଥିଲା । ଜେଲର ଜବାବ ଭୋଟ୍‌ରେ । ଷ୍ଟାଡିୟମ୍‌ରେ ସୁରକ୍ଷା ବ୍ୟବସ୍ଥା କଡାକଡି ଥିବାରୁ ତୁରନ୍ତ ଦିଲ୍ଲୀ ପୋଲିସ୍ ଉକ୍ତ ଦର୍ଶକଙ୍କୁ ବୁଝାଇଥିଲେ । ଏହାପରେ ଅଧିକାଂଶ ଲୋକ ଫେରି ଯାଇଥିଲେ ହେଁ ଦିଲ୍ଲୀ ପୋଲିସ୍ ୩ ଜଣଙ୍କୁ ଅଟକ ରଖିଛି । ଷ୍ଟାଡିୟମ୍‌ରେ ମ୍ୟାଚ ଦେଖିବାକୁ ଆସି ଏଭଳି ବ୍ୟବହାର କରନ୍ତୁ ନାହିଁ ବୋଲି ଦିଲ୍ଲୀ ପୋଲିସ ଦର୍ଶକଙ୍କୁ ବୁଝାସୁଝା କରିଥିଲେ ।

**ସୂଚନା**

ସମୟ
BHIM BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ।

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541